

ସୁଖ ସମୟରେ ଭଗବାନଙ୍କୁ ସ୍ମରଣ କଲେ, ଦୁଃଖ କେବେ ମନୁଷ୍ୟ ପାଖକୁ ଆସେ ନାହିଁ। ଯଦିବା ଆସେ ତେବେ ସୁଖ ଦୁଃଖର ତଫାତ୍ ତାକୁ ଜଣାପଡ଼େ ନାହିଁ।
-ସନ୍ଥ କବୀର ଦାସ

## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ନାବାଳକ ଅଟକ

**ବରଗଡ଼ ଅଫିସ/ପଦ୍ମପୁର,୧୪।୬:** ବରଗଡ଼ ଜିଲା ପଦ୍ମପୁର ଥାନା ଅଞ୍ଚଳରେ ଗୁରୁବାର ଜଣେ ନାବାଳିକା (୩ବର୍ଷ)ଙ୍କୁ ସେହି ଗ୍ରାମର ଅନ୍ୟ ଜଣେ ନାବାଳକ (୧୫ବର୍ଷ) ବଳାତ୍କାର କରିଥିବା ଅଭିଯୋଗ ହୋଇଛି । ଅଭିଯୋଗ ପାଇବା ପରେ ପଦ୍ମପୁର ଥାନା ପୋଲିସ ଦଫା ୩୭୬, ୬ ପକ୍‌ସୋ ଆକ୍ଟରେ ଏକ ମାମଲା (ନଂ.୧୧୬/୧୯) ରୁଜୁ କରିଛି। ଶୁକ୍ରବାର ପଦ୍ମପୁର ଉପଖଣ୍ଡ ଡାକ୍ତରଖାନାରେ ପୀଡ଼ିତା ଏବଂ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି । ଶନିବାର ଅଭିଯୁକ୍ତ ନାବାଳକଙ୍କୁ ରାଉରକେଲା ଜୁଭେନାଇଲ କୋର୍ଟକୁ ପଠାଯିବ ବୋଲି ପଦ୍ମପୁର ଥାନା ଆଇଆଇସି ମାନସ ପ୍ରଧାନ କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ପୀଡ଼ିତା ନାବାଳିକା ପଡ଼ୋଶୀ ଘରକୁ ଟିଭି ଦେଖିବାକୁ ଯାଇଥିଲେ । ଏହି ସମୟରେ ସଂପୃକ୍ତ ନାବାଳକ ତାଙ୍କୁ କୌଣସି ପ୍ରଲୋଭନ ଦେଖାଇ ଡାକି ନେଇ ଏକ ନିଛାଟିଆ ସ୍ଥାନରେ ବଳାତ୍କାର କରିଥିଲେ । ନାବାଳିକା ଜଣକ ଘରକୁ ଫେରି ପରିବାର ଲୋକଙ୍କୁ ସବୁକଥା କହିବା ପରେ ଏ ଘଟଣା ଥାନାକୁ ଆସିଥିଲା ।

### ଦୁର୍ଘଟଣାରେ ୩ ଗୁରୁତର

**ବାଲେଶ୍ୱର ଅଫିସ, ୧୪।୬:** ବାଲେଶ୍ୱର ସହରର ମୁଖ୍ୟ ଓଟି ରାସ୍ତାରେ ତାମୁଲିଆ ନିକଟସ୍ଥ ଓଭରବ୍ରିଜରେ ଗୋଟିଏ ବୁଲେଟ୍ ଏବଂ ପଲସର ମଧରେ ଧକ୍କା ହେବା ଯୋଗୁ ୩ଜଣ ଗୁରୁତର ହୋଇଛନ୍ତି। ପ୍ରଥମେ ଆହତମାନଙ୍କୁ ଜିଲା ଚିକିତ୍ସାଳୟ ପରେ କଟକ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଟାଉନ ଥାନା ଅଧୀନ ମାନସିଂ ବଜାରର ସଞ୍ଜୟ ରଣା (୩୮) ବୁଲେଟ୍‌ରେ ଯାଉଥିଲା ବେଳେ ପଲସରରେ ଆସୁଥିବା ଖନ୍ତାପଡା ଥାନା ବିକାଶ ପ୍ରଧାନ (୨୯) ଏବଂ ତାଙ୍କ ସାଙ୍ଗଙ୍କୁ ଧକ୍କା ହୋଇଥିଲା।

ଶ୍ରୀସାଇ ଆସୋସିଏଟ୍ସ
ଜଳ ହିଁ ଜୀବନ
ଧରିତ୍ରୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ କୁଆଁରମୁଣ୍ଡା ସମେତ ପାନପୋଷ ଉପଖଣ୍ଡର ଅଗଣିତ ପାଠିକା/ ପାଠକଙ୍କୁ ଧନ୍ୟବାଦ ।
ଶୈଳେଶ ତିୱାରୀ (ରାଜୁ ଭାଇ)
ସମାଜସେବୀ, କୁଆଁରମୁଣ୍ଡା

■ ସରକାରୀ ଯୋଜନାରୁ ବଁଚିତ୍ ଭିନ୍ନକ୍ଷମ ଦମ୍ପତି

# ଗରିବୀରେ ସଁଥିଲି ହେଉଛେ ନିଷ୍ପାପ ଛୁଆ

**ସଞ୍ଜିବ କୁମାର ଯୋଷୀ**
**ଭବାନୀପାଟଣା, ୧୪।୬ :**

ଦିନ୍‌ଥିଲା କଳାହାଣ୍ଡି ଜିଲା ଭୁଖମରି ଆର ପିଲାବିକ୍ରି ଲାଗି ବଦ୍‌ନାମ ଥିଲା। ଏହେଦେ ସାରା ରାଏଜେ ଭାତହାଁଡ଼ି ହିସାବେ ନାଁ କମେଇଛେ। ହେଲେ ଆଏଜ୍ ବି ଜିଲାରେ ଅନେକ ଜାଗାରେ ଲୋକ୍ ଭୋକ୍ ଉପାସରେ ଦିନ୍ ବିତଉଥିବାର ଦେଖିବାକେ ମିଳୁଛେ। ବହୁତ ଲୋକ୍ ଫିଦିନ ଦୁଇବେଲା ଦୁଇମୁଠା ଖାଏବାକେ ନାଇଁ ପାଏବାର। ଝନେ ଭିନ୍ନକ୍ଷମ ବାପ୍ ତା'ର ୪ ବଛର୍‌ର ଛୁଆକେ ଧରି ଖରା, ବରଷା, ଶୀତ କାକରରେ ଘର ଘର ବୁଲି ଭିଖ୍ ମାଗୁଥିବାର ଦୁରୁଶ୍ ଇଥିର ଗୁଟେ ଉଦାହରନ୍ ଆଏ। ସୂଚନା ଅନ୍‌ସାରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଧାମନପୁର ପଁଚେତ୍ ଅଧୀନ ମକୁନ୍ଦପୁର ସାଲେପଡ଼ାର ଦିବ୍ୟାଙ୍ଗ ତ୍ରିବନ ବାଗ(୪୯)। ତାକର ପରିବାର କହେଲେ ମାନସିକ ଭିନ୍ନକ୍ଷମ ମାଏକିନା ପୁଷ୍ପା(୩୬) ଆର ୪ ବଛର୍‌ର ଝି'। ତ୍ରିବନକଁର ଝାଟି ମାଟିର ଘର ଖଁଡେକେ ଛାଡ଼ିଦେଲେ ଜମିବାଡ଼ି ବଲି କିଛି ନାଇଁ। ଏହେଦ୍‌କା ତ୍ରିବନକଁର ପାସେ ଖାଏବାକେ ଦାନା ଆର ପିଁଧବାକେ କପଡ଼ାର ବଡ଼ଭାରି ଅଭାବ ରହିଛେ। କହେବାକେ ଗଲେ ଭଗବାନ ଭରସାରେ ଚାଲିଛେ ତାକର ପରିବାର। ସେ ବିପିଏଲ ଶ୍ରେଣୀର ହେଇଥିଲାବେଲେ ତାହାକୁ ପଁଚେତ୍‌ରୁ ଚାଉଲ ଆର ୩ଶହ ଟଁକା ଭିନ୍ନକ୍ଷମ ଭତା ମିଳୁଛେ। ହେଲେ ମାଏକିନା ପୁଷ୍ପା ମାନସିକ ଭିନ୍ନକ୍ଷମ ହେଇଥିଲେ ବି ଭତା ପାଏବାରୁ ବଁଚିତ୍ ହେଇ ରହିଛନ୍। ତ୍ରିବନ ପାଉଥିବାର ସରକାରୀ ସାହାଯ୍ ପରିବାରକେ ନିଅଁଟ୍ ହେଉଛେ। ଇଆଡ଼େ ଦୁଇ ମାଏଝି ମୁନୁଷ୍ କାମ୍‌ଧଁଦା କରବାକେ ସକ୍ଷମ ନୁହଁନ୍। ସେଥିରଲାଗି ଘଏତାମାଏପୋ ଛୁଆକେ ଧରି ଗୁଟେ ତିନ୍ ଚକିଆ ସାଇକେଲରେ ଘରର ବୁଲି ଭିଖ୍ ମାଗି ପେଟ ପାଲୁଛନ୍। ସରକାର ଗରିବ୍ ଦୁଖି, ଭିନ୍ନକ୍ଷମମାନକର ଲାଗି ଯୋଜନା ଉପରେ ଯୋଜନା ତିଆର କଲାବେଲେ ତ୍ରିବନକଁର ଲାଗି ସରକାରୀ ଯୋଜନା ସାତ୍‌ସପନ ହେଇଛେ। ମୋର ୪ ବଛରିଆ ଛୁଆର ଗୁଲ୍‌ଗୁଲା ଦେଖି ଲୋକ୍ ଭିଖ୍ ଦେଉଛନ୍ ସତ୍, ହେଲେ ଝନକର ଘରକେ ସବୁଦିନ ମାଗିଗଲେ ସେ କେତେ ଦିନ୍ ଭିଖ୍ ଦେବା ବଲି ତ୍ରିବନ କହିଛନ୍। ସେନ୍‌ତା ଦୁଇ ମାଏଝିମୁନୁଷ୍ ଭିନ୍ନକ୍ଷମ ହେଇଥିଲାବେଲେ ଗୁଟେ ଭଂଗା ଦଦ୍‌ରା ଘରେ ଜୀବନ୍‌କେ ପାଏନ୍‌ଛଡ଼େଇ ରହୁଛନ୍। ହେଲେ ଇ ଦୁଖି ପରିବାର ଉପରେ ଆଏଜ୍‌ତକ ଥାନୀୟ ପରଶାସନର ଦୁରୁଷ୍ଟି ନାଇଁପଡ଼ି। ଯେନ୍‌ଥିରଲାଗି ପରିବାରଟା ଆବାସ ଯୋଜନାରେ ପକା ଘରଖଁଡ଼େ ପାଏବାରୁ ବି ବଁଚିତ୍ ହେଇ ରହିଛନ୍। ଯେତେ ଜଲଦି ହେବା ଜିଲା ଆର ଥାନୀୟ ପରଶାସନ ଇ ଦୁଖି ପରିବାର ଉପରେ ଦୁରୁଷ୍ଟି ଦେଇ ସବୁ ପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଜନସାଧାରନରେ ଦାବି ହେଉଛେ। ନାଇଁହେଲେ ଇ ଦୁଖି ପରିବାରର କାହାର କେତେବେଲେ ଅଭାବ ଅନାଟନ ଲାଗି ଅନାହାର ମୁରତ୍ତୁ ହେବା କିଛି କହି ନାଇଁହୁଏ।



ତିନ୍ ଚକିଆ ସାଇକେଲରେ ବସି କୁଟୁମବସିଅ ଭିଖ୍ ମାଗିଯାଉଛନ୍।

# ଗାଡ଼ିରେ ପ୍ରସବ କଲେ ମହିଳା

**ଲାଠୋର,୧୪।୬(ଡି.ଏନ.ଏ)**

### ସରକାରୀ ଯୋଜନା ଫେଲ

ମହିଳାମାନଙ୍କୁ ହସ୍ପିଟାଲରେ ସୁରକ୍ଷିତ ପ୍ରସବ କରାଇବା ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ସାଙ୍ଗକୁ ସଚେତନତା ଅଭାବରୁ ଲୋକେ ଯୋଜନାରୁ ସୁଫଳ ପାଇ ପାରୁ ନାହାନ୍ତି। ଏଭଳି ଏକ ଘଟଣା ଘଟିଛି ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗ୍ରାମରେ। ଗ୍ରାମର ଗର୍ଭବତୀ ମହିଳା ଚନ୍ଦା ସାହୁ ଡାକ୍ତରଖାନା ଯାଉଥିବା ବେଳେ ବାଟରେ ବିପଦପୂର୍ଣ୍ଣ ଅବସ୍ଥାରେ ଗାଡ଼ିରେ ପ୍ରସବ କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମିଳିଥିବା ସୂଚନା ମୁତାବକ, ଛତିଶଗଡ଼ ରାଜନାନ୍ଦଗାଓଁ ଅଞ୍ଚଳର ଉଦ୍ଧବ ସାହୁ ଜଣେ ଗରିବ ଲୋକ ହୋଇଥିବାରୁ ପେଟ ପାଟଣା ପାଇଁ ଲାଠୋର ଚାଲି ଆସିଥିଲେ। ସ୍ୱାମୀ ସ୍ତ୍ରୀ ଏକ କୁଡିଆ ଘରେ ରହି ବିଭିନ୍ନ କାମ କରି ଚଳୁଥିଲେ। ଉଦ୍ଧବଙ୍କ ସ୍ତ୍ରୀ ଚନ୍ଦା ଗର୍ଭବତୀ ହୋଇଥିଲେ। ଗତ ଦୁଇଦିନ ହେଲା ସେ ପ୍ରସବ ବେଦନାରେ ଛଟପଟ ହେଉଥିଲେ ହେଁ ତାଙ୍କ ଉପରରେ କାହାର ନଜର ପଡି ନ ଥିଲା। ଶୁକ୍ରବାର ସକାଳେ ପ୍ରସବ ବେଦନ ଅଧିକ ହେବାରୁ ସେ ଚିତ୍କାର କରୁଥିଲେ। ଗ୍ରାମର ଜିତେନ ବଗା ଏ କଥା ଜାଣିବା ପରେ ତୁରନ୍ତ ସହାୟତାର ହାତ ବଢାଇଥିଲେ। ସେ ଉଦ୍ଧବଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ସହ ଏକ ଗାଡିର ବନ୍ଦୋବସ୍ତ କରିଥିଲେ। ଉକ୍ତ ଗାଡିରେ ଚନ୍ଦାଙ୍କୁ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଉଥିଲା। ହେଲେ ବାଟରେ ଲଖନାଠାରେ ଗାଡିରେ ଚନ୍ଦା ଏକ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ। ପରେ ମା' ଓ ଶିଶୁଙ୍କୁ ନୂଆପଡ଼ା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସା ପରେ ତାଙ୍କୁ ଛାଡି ଦିଆଯାଇଛି। ବର୍ତ୍ତମାନ ମା' ଓ ଶିଶୁ ଲାଠୋରରେ ପହଞ୍ଚି କୁଡିଆ ଘରେ ରହିଛନ୍ତି। ହେଲେ ମା' ଓ ଶିଶୁଙ୍କ ଔଷଧ ସହ ଖାଦ୍ୟପେୟର ଆବଶ୍ୟକତା ଥିବା ବେଳେ ଉଦ୍ଧବ ଚିନ୍ତିତ ହୋଇପଡିଛନ୍ତି।



ମା'ଙ୍କ ସହ ଶିଶୁ କନ୍ୟା।

# ପ୍ରେମୀଯୁଗଳଙ୍କ ମୃତଦେହ ଠାବ

**କୋକସରା,୧୪।୬(ଡି.ଏନ.ଏ.)**

### ହତ୍ୟା ଅଭିଯୋଗ ଆଣିଲେ ଗ୍ରାମବାସୀ

କଳାହାଣ୍ଡି ଜିଲା କୋକସରା ବ୍ଲକ ଅନ୍ତର୍ଗତ ଆମପାଣି ଥାନା ଡୁଡୁକାଠେଙ୍ଗା ଗାଁ ପାଖ ଏକ ବିଲ ନିକଟରୁ ପ୍ରେମିଯୁଗଳଙ୍କ ମୃତଦେହ ଶୁକ୍ରବାର ଠାବ କରାଯାଇଛି। ପାରିପାର୍ଶ୍ୱିକ ଅବସ୍ଥାକୁ ଅନୁଧ୍ୟାନ କଲେ ଏହି ପ୍ରେମୀଯୁଗଳ ଆତ୍ମହତ୍ୟା କରିନାହାନ୍ତି ବରଂ ସେମାନଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇ ଆତ୍ମହତ୍ୟାର ରୂପ ଦିଆଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଡୁଡୁକାଠେଙ୍ଗା ଗ୍ରାମର ନିରଞ୍ଜନ ଲହଜଲ (୨୨)ଙ୍କ ସହ ସେହି ଗ୍ରାମର ଶକୁନ୍ତଳା ପୂଜାରୀ (୧୮)ଙ୍କ ପ୍ରେମ ସମ୍ପର୍କ ରହିଥିଲା। ଉଭୟେ ଭିନ୍ନ ଜାତିର ହୋଇଥିବାରୁ ସେମାନଙ୍କ ସମ୍ପର୍କକୁ ପରିବାର ଲୋକେ ବିରୋଧ କରି ଆସୁଥିଲେ । ଗୁରୁବାର ରାତିରେ କୁଆଡ଼େ ନିରଞ୍ଜନ ଓ ଶକୁନ୍ତଳା ଆତ୍ମହତ୍ୟା କରିଥିଲେ। ଶୁକ୍ରବାର ସକାଳୁ ଗାଁ ପାଖ ଏକ ଅଁଳାଗଛରେ ନିରଞ୍ଜନଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଥିଲା। ତାର ଅଳ୍ପ ଦୂର ବିଲହୁଡାରେ ଶକୁନ୍ତଳାଙ୍କ ମୃତଦେହ ପଡିଥିବା ଦେଖିବାକୁ ମିଳିଥିଲା। ପାରିପାର୍ଶ୍ୱିକ ଅବସ୍ଥାକୁ ଦେଖି ଗ୍ରାମବାସୀ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି କହିଛନ୍ତି । ଆମପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଜାରି ରଖିଛି। ଉଭୟଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନା ପଠାଇଛି। ଏ ନେଇ ଆମପାଣି ଥାନାରେ ୨ଟି ପୃଥକ୍ ମାମଲା (ନଂ. ୩/୧୯ ଓ ୪/୧୯) ରୁଜୁ ହୋଇଛି । ଏହା ଆତ୍ମହତ୍ୟା ନା ହତ୍ୟା ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡ଼ିବ ବୋଲି ଥାନା ଅଧିକାରୀ କହିଛନ୍ତି ।

# ହରିଶଙ୍କରରେ ମାଓବାଦୀ ବ୍ୟାନର

**ଖପ୍ରାଖୋଲ ୧୪।୬ (ଡି.ଏନ.ଏ.)**

### ଲୋକେଆତଙ୍କିତ, ପୋଲିସ ସଜାଗ

କିଛିଦିନର ନୀରବତା ପରେ ପୁଣି ମାଓବାଦୀମାନେ ବଲାଙ୍ଗୀର ଜିଲା ଖପ୍ରାଖୋଲ ଅଞ୍ଚଳରେ ନିଜ ଉପସ୍ଥିତି ଜାହିର କରିଛନ୍ତି। ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ଶୁକ୍ରବାର ମାଓବାଦୀମାନେ ବ୍ୟାନର ଲଗାଇ ଜନଆନ୍ଦୋଳନ ଉପରେ ଫାସିବାଦୀ ଦମନକୁ ବିରୋଧ କରିବାକୁ ଆହ୍ୱାନ ଦେବା ସହ ଅନ୍ୟ ଏକ ବ୍ୟାନରରେ ପୋଲିସକୁ କଡ଼ା ଚେତାବନୀ ଦେଇଛନ୍ତି। ଗୁରୁବାର ବିଳମ୍ବିତ ରାତିରେ ଏହି ବ୍ୟାନର ଲାଗିଥିବା ଜଣାପଡିଛି। ଶୁକ୍ରବାର ସକାଳେ ଖପ୍ରାଖୋଲ ଥାନା ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ସେହି ବ୍ୟାନର ଜବତ କରିଛି। ହରିଶଙ୍କର ମନ୍ଦିର ତଳି ଏକ ଦୋକାନରେ ଗୋଟିଏ ବ୍ୟାନର ଲଗାଯାଇଥିବା ବେଳେ ଅନ୍ୟଟି ଡିଅର ପାର୍କ ପାଖରେ ଲଗାଯାଇଥିଲା। ଲାଲ କପଡ଼ା ଉପରେ ଧଳା ହିନ୍ଦୀ ଅକ୍ଷରରେ ଏହି ବ୍ୟାନର ଲେଖାଯାଇଥିଲା। ତଳେ ବିବିଏମ୍ ଡିଭିଜନାଲ କମିଟି ଭା.କ.ପା.(ମାଓବାଦୀ) ଲେଖା ରହିଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ପ୍ରକାଶ ପାଇଛି । ହରିଶଙ୍କରଠାରେ ଅବସ୍ଥାପିତ ସିଆରପିଏଫ୍ କ୍ୟାମ୍ପର ଅନତି ଦୂରରେ ଏଭଳି ବ୍ୟାନର ପୋଷ୍ଟର ଲାଗିବା ପୋଲିସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏପ୍ରିଲ ୧୧ ତାରିଖରେ ହରିଶଙ୍କରଠାରେ ମାଓବାଦୀମାନେ ବ୍ୟାନର ଓ ପୋଷ୍ଟର ଲଗାଇଥିଲା। ଏ ନେଇ ଖପ୍ରାଖୋଲ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତିଙ୍କୁ ପଚାରିବାରୁ ପୋଲିସ ମାଓବାଦୀ ବ୍ୟାନର ଜବତ କରିଛି। ଏନେଇ ଅଧିକ ତଦନ୍ତ ଚାଲିଛି ବୋଲି କହିଛନ୍ତି ।




ହରିଶଙ୍କରରେ ଲାଗିଥିବା ମାଓବାଦୀ ବ୍ୟାନର ।

### କାଣୀଗୁମାରେ ମାଓବାଦୀ ପୋଷ୍ଟର

**ଭବାନୀପାଟଣା, ୧୪।୬(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୁଣପୁର ପଞ୍ଚାୟତର କାଣୀଗୁମା ଗ୍ରାମରେ ଗୁରୁବାର ମାଓବାଦୀ ପୋଷ୍ଟର ମରାଯାଇଥିବା ଦେଖିବାକୁ ମିଳିଛି। ଏହି ପୋଷ୍ଟରରେ ଏସଓଜି ଅପରେଶନ ବନ୍ଦ କରିବା, ମୋବାଇଲ ଟାୱାର ଉଠାଇବା, ପୋଲିସ ଇନଫର୍ମର ବନ୍ଦ କରିବା, କାଣୀଗୁମାଠାରୁ ତରାଗାଁ ରାସ୍ତା ବନ୍ଦ କରିବା, ସରକାରୀ କର୍ମଚାରୀଙ୍କୁ ଲାଞ୍ଚ ନ ଦେବା, ଆଦିବାସୀ ଝିଅଙ୍କ ଉପରେ ଅତ୍ୟାଚାର ବନ୍ଦ କରିବାକୁ ଉଲ୍ଲେଖ ରହିଛି। ପୋଷ୍ଟର ତଳେ ସିପିଆଇ ମାଓବାଦୀ ବୋଲି ଲେଖାଯାଇଛି। ଏହି ଘଟଣା ପରେ ଅଞ୍ଚଳବାସୀ ଆତଙ୍କିତ ହୋଇ ପଡିଛନ୍ତି ।

ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ପଦ୍ମପୁର ପଞ୍ଚାୟତ ତଥା କୁଆଁରମୁଣ୍ଡା ବ୍ଲକବାସୀଙ୍କୁ ଧନ୍ୟବଦ ।
ଦେବବ୍ରତ ଦାସ (ରାନୁ ଭାଇ)
ପିଇଓ, ପଦ୍ମପୁର ଗ୍ରାମ ପଞ୍ଚାୟତ
ବିଜୟଲକ୍ଷ୍ମୀ କାଲୋ
ସରପଞ୍ଚ ପଦ୍ମପୁର ଗ୍ରାମପଞ୍ଚାୟତ

ଧରିତ୍ରୀର ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ତୁମେରଯୋର ପଞ୍ଚାୟତବାସୀଙ୍କୁ ଅଶେଷ ଧନ୍ୟବାଦ ।
ସନ୍ଧ୍ୟାରାଣୀ ବେହେରା
ପିଇଓ, ତୁମେରଯୋଗର, ଗ୍ରାମ ପଞ୍ଚାୟତ
ଶୁକରାମ ଓରାମ
ସରପଞ୍ଚ, ତୁମେରଯୋର ଗ୍ରାମ ପଞ୍ଚାୟତ

ସଚେତନତା ଦୁର୍ଘଟଣା ରୋକିବା ମାଧ୍ୟମ
୧. ୫ଟି ଜିଲାରେ ୨୦୧୪ ମସିହାଠାରୁ ଟ୍ରାଫିକ ସଚେତନତା କାର୍ଯ୍ୟକ୍ରମ ଚାଲିଆସୁଛି । ୨. ବରଗଡ ଜିଲା ୫ଟି ଥାନା, ଝାରସୁଗୁଡା ଜିଲା ସମସ୍ତ ଥାନା, ସମ୍ବଲପୁର ୮ଟି ଥାନା, ବଲାଙ୍ଗିର ୩ଟି ଥାନା, ସୋନପୁର ଜିଲା ୬ଟି ଥାନାରେ ଟ୍ରାଫିକ ସଚେତନତା ଶିବିର ଆୟୋଜିତ କରାଯାଇଅଛି । ୩. ବର୍ତ୍ତମାନ ସୁଦ୍ଧା ୨୦୧୪ ମସିହାଠାରୁ ୨୦୧୯ ମେ ମାସ ସୁଦ୍ଧା ୩୦୦ଟି ସ୍କୁଲ, ୧୫୦ଟି କଲେଜ ଓ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଛକ ଗୁଡିକରେ ଜନସାଧାରଣ, ଚାଳକଙ୍କୁ ଟ୍ରାଫିକ ନିୟମ କାନୁନ୍ ଉପରେ ସଚେତନ କରାଯାଇଛି । ୪. ପଶ୍ଚିମ ଓଡିଶା ଟ୍ରାଫିକ ସଚେତନତା ସଂଯୋଜକ ଓ ସ୍ୱେଚ୍ଛାସେବୀ ୫୦ଟି ଦୁର୍ଘଟଣା ଆହାତଙ୍କୁ ଚିକିତ୍ସା ପାଇଁ ମେଡିକାଲ ପଠାଯାଇଛି ଏବଂ ଜୀବନ ବଞ୍ଚା ଯାଇଛି । ୫. ଚାଳକ ଓ ପଥଚାରୀ ଯାତ୍ରୀମାନେ ସଚେତନତାକୁ ଗୁରୁତ୍ୱ ଦେବା ଆବଶ୍ୟକ ।
ପଦ୍ମଲୋଚନ ଭୋଇସାଗର
ଟ୍ରାଫିକ ସଚେତନତା ସଂଯୋଜକ
ମୋ:– ୯୩୩୭୬୦୩୫୫୯
୭୬୦୯୦୯୯୨୫୬

ଧରିତ୍ରୀ ସ୍ୱନକ୍ଷତ୍ର ଉପଲକ୍ଷେ ବନାଞ୍ଚଳବାସୀଙ୍କୁ ଧନ୍ୟବାଦ ।
ସୁଧାଂଶୁ ଚନ୍ଦ୍ର ସାହାଣୀ
କୁଆଁରମୁଣ୍ଡା
ବନ ରେଞ୍ଜ ଅଧିକାରୀ ।

ମା ସେଚ୍ଛାସେବୀ ସଂଗଠନ
ଆଗ୍ରୁ ଭବିଷ୍ୟତକୁ ଚିନ୍ତା କରି ଜୀବନରେ ଯଦି ବଞ୍ଚିବାକୁ ହେବ ତେବେ କୌଣସି ମହତ କାର୍ଯ୍ୟକୁ ଆପଣାଇବା ହେଉଛି ମା ଅନୁଷ୍ଠାନର ଲକ୍ଷ୍ୟ ।
ହାତୀ– ମଣିଷ ଲଢ଼େଇ ସମସ୍ୟା ସମାଧାନ ବାଟ ସହ ପରିବେଶ ସୁରକ୍ଷାରେ ସମସ୍ତଙ୍କର ସହଯୋଗ ଏକାନ୍ତ ଆବଶ୍ୟକ ।
ଶ୍ରୀମତୀ ସୁରମା ସାହାଣୀ
ସମ୍ପାଦିକା, ମା ସ୍ୱେଚ୍ଛାସେବୀ ସଂଗଠନ

# ପ୍ରଥମ ସ୍ତ୍ରୀଙ୍କୁ ହତ୍ୟା ଅଭିଯୋଗ: ସ୍ୱାମୀ ଅଟକ

**ଜଳେଶ୍ୱର, ୧୪।୬(ଡି.ଏନ.ଏ.)**

ଜଳେଶ୍ୱର ଥାନା ଆରୁହା ପଞ୍ଚାୟତ ଶାଳିକୋଠା ଗ୍ରାମର ଲିଲି ରାଣୀ ଜେନା(୪୦) ନାମ୍ନୀ ମହିଳାଙ୍କୁ ଅଧିକ ଯୌତୁକ ଦାବି କରି ହତ୍ୟା କରାଯାଇଥିବା ତାଙ୍କ ଭାଇ ଜୟନ୍ତ ଜେନା ଶୁକ୍ରବାର ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ଯୌତୁକଜନିତ ବଧୂହତ୍ୟା ମାମଲା(ନଂ.୧୨୫/୧୯) ରୁଜୁ କରି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ କରାଇଛି। ପ୍ରାରମ୍ଭିକ ତଦନ୍ତ ସ୍ୱରୂପ ତାଙ୍କ ସ୍ୱାମୀଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଇଛି। ୨୧ ବର୍ଷ ପୂର୍ବେ ଲିଲି ତାଙ୍କ ନିଜ ଗ୍ରାମର ଜଣେ ଯୁବକଙ୍କୁ ବିବାହ କରିଥିଲେ। ଉକ୍ତ ଯୁବକ ୨ୟ ବିବାହ କରିବା ପରଠୁଁ ଲିଲିଙ୍କ ସହିତ ମନୋମାଳିନ୍ୟ ଆରମ୍ଭ ହୋଇଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି।

■ ଖାଉଟି ଅଦାଳତ ଆଦେଶ ଅବମାନନା ମାମଲା

# ବଲାଙ୍ଗୀର ଡାକ ଅଧୀକ୍ଷକ ଗିରଫ

**ବଲାଙ୍ଗୀର ଅଫିସ,୧୪।୬**

- ୧ ମାସ ଜେଲ ଦଣ୍ଡାଦେଶ
- ମାମଲାକାରୀଙ୍କୁ ଦିଆଗଲା ୪ ଲକ୍ଷ ଟଙ୍କାର ଚେକ୍
- ବ୍ୟକ୍ତିଗତ ମୁଚାଲିକାରେ ଗଲେ ଗିରଫ ଡାକ ଅଧୀକ୍ଷକ

ବଲାଙ୍ଗୀର ଖାଉଟି ଅଦାଲତଙ୍କ ଆଦେଶ ଅବମାନନା ମାମଲାରେ ଶୁକ୍ରବାର ବଲାଙ୍ଗୀର ଡାକ ବିଭାଗ ଅଧୀକ୍ଷକଙ୍କୁ ସ୍ଥାନୀୟ ଟାଉନ ଥାନା ପୋଲିସ ଗିରଫ କରିଥିଲା । ଗିରଫ ପରେ ଡାକ ଅଧୀକ୍ଷକ ଦେବୀପ୍ରସାଦ ନାଏକଙ୍କୁ ପୋଲିସ ବଲାଙ୍ଗୀର ଜିଲା ଖାଉଟି ଅଦାଲତରେ ହାଜର କରିଥିଲା। ଖାଉଟି ଅଦାଲତ ସଭାପତି ଅକ୍ଷୟ କୁମାର ପୁରୋହିତ ମାମଲାର ଶୁଣାଣି କରି ବଲାଙ୍ଗୀର ଡାକ ଅଧୀକ୍ଷକଙ୍କୁ ୧ ମାସ ଜେଲ ଦଣ୍ଡାଦେଶ ଶୁଣାଇଥିଲେ। ତେବେ ଡାକ ବିଭାଗ ପକ୍ଷରୁ ମାମଲାକାରୀଙ୍କୁ ୪ ଲକ୍ଷ ଟଙ୍କାର ଚେକ୍ ଦିଆଯିବା ପରେ ବ୍ୟକ୍ତିଗତ ମୁଚାଲିକାରେ ଡାକ ଅଧୀକ୍ଷକ ନାଏକଙ୍କୁ ଛାଡି ଦିଆଯାଇଥିବା ଜଣାପଡିଛି । ତୁଷରାର ରାମଚନ୍ଦ୍ର ଜୈନ୍ ୧୯୯୮ରେ ବଲାଙ୍ଗୀର ଡାକଘରୁ ସ୍ୱଳ୍ପସଞ୍ଚୟ ଯୋଜନାରୁ ଇନ୍ଦିରା ବିକାଶ ପତ୍ର(ଆଇଭିପି) କିଣିଥିଲେ। ତେବେ ପରବର୍ତ୍ତୀ ସମୟରେ ଏହି ଇନ୍ଦିରା ବିକାଶ ପତ୍ର ହଜି ଯାଇଥିଲା । ଏ ସଂକ୍ରାନ୍ତରେ ବଲାଙ୍ଗୀର ଡାକବିଭାଗ ଓ ତୁଷରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ଆଇଭିପି ମ୍ୟାଚ୍ୟୁରିଟି ହେବା ମାମଲାକାରୀ ମ୍ୟାଚ୍ୟୁରିଟି ଟଙ୍କା ଦାବି କରିଥିଲେ । ତେବେ ଡାକ ବିଭାଗ ପକ୍ଷରୁ ତାଙ୍କୁ ମ୍ୟାଚ୍ୟୁରିଟି ଟଙ୍କା ଦେବାକୁ ମନା କରାଯାଇଥିଲା । ଏନେଇ ରାମଚନ୍ଦ୍ର ଜୈନ୍‌ଙ୍କ ପୁଅ ଜମ୍ବୁକୁମାର ଜୈନ୍ ବଲାଙ୍ଗୀର ଜିଲା ଖାଉଟି ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଖାଉଟି ଅଦାଲତରେ ଏହି ମାମଲାର ଫଇସଲା ପରେ ଆଇଭିପି ମ୍ୟାଚ୍ୟୁରିଟି ଟଙ୍କା ତୁରନ୍ତ ମାମଲାକାରୀଙ୍କୁ ଦିଆଯିବାକୁ ଆଦେଶ ଦିଆଯାଇଥିଲା । ମାତ୍ର ଡାକ ଅଧୀକ୍ଷକ ଏହି ଆଦେଶକୁ ମାନି ନ ଥିଲେ। ପରେ ଡାକ ଅଧୀକ୍ଷକ ରାଜ୍ୟ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ତେବେ ରାଜ୍ୟ ଖାଉଟି ଅଦାଲତ ମାମଲାର ଶୁଣାଣି କରି ଜିଲା ଖାଉଟି ଅଦାଲତଙ୍କ ଆଦେଶ ମୁତାବକ ମାମଲାକାରୀଙ୍କୁ ମ୍ୟାଚ୍ୟୁରିଟି ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ତେବେ ଖାଉଟି ଅଦାଲତଙ୍କ ଏହି ଆଦେଶକୁ ମଧ କାର୍ଯ୍ୟକାରୀ କରିବା ଦିଗରେ ଡାକ ଅଧୀକ୍ଷକ ଅବହେଳା କରିଥିଲେ । ଫଳରେ ଜିଲା ଖାଉଟି ଅଦାଲତ ସଭାପତି ବଲାଙ୍ଗୀର ଡାକ ଅଧୀକ୍ଷକଙ୍କ ବିରୋଧରେ ୱାରେଣ୍ଟ ଇସ୍ୟୁ କରି ତାଙ୍କୁ ଗିରଫ କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପୋଲିସ ଏହି ୱାରେଣ୍ଟକୁ କାର୍ଯ୍ୟକାରୀ କରି ନ ଥିଲେ । ଏହା ବିରୋଧରେ ମାମଲାକାରୀ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଖାଉଟି ଅଦାଲତଙ୍କ ୱାରେଣ୍ଟକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେବା ପରେ ଶୁକ୍ରବାର ଟାଉନ ପୋଲିସ ବର୍ତ୍ତମାନ ଅବସ୍ଥାପିତ ଥିବା ବଲାଙ୍ଗୀର ଡାକ ଅଧୀକ୍ଷକ ଦେବୀପ୍ରସାଦ ନାଏକଙ୍କୁ ଗିରଫ କରି ଖାଉଟି ଅଦାଲତରେ ହାଜର କରିଥିବା ଟାଉନ୍ ଥାନା ଆଇଆଇସି ତୋଫାନ୍ ବାଗ କହିଛନ୍ତି। ଖାଉଟି ଅଦାଲତ ସଭାପତି ପୁରୋହିତ ଏହି ମାମଲାର ଶୁଣାଣି କରି ବଲାଙ୍ଗୀର ଡାକ ଅଧୀକ୍ଷକଙ୍କୁ ୧ ମାସ ଜେଲ ଦଣ୍ଡାଦେଶ ଶୁଣାଣି କରି ତୁରନ୍ତ ମାମଲାକାରୀଙ୍କୁ ୪ ଲକ୍ଷ ଟଙ୍କା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଡାକ ବିଭାଗ ପକ୍ଷରୁ ୪ ଲକ୍ଷ ଟଙ୍କାର ଚେକ୍ ଦେବା ପରେ ବ୍ୟକ୍ତିଗତ ମୁଚାଲିକାରେ ଡାକ ଅଧୀକ୍ଷକ ନାଏକଙ୍କୁ ଛଡା ଯାଇଥିବା ଜଣାପଡିଛି । ଖାଉଟି ଅଦାଲତରେ ମାମଲା ପରିଚାଳନା କରୁଥିବା ଆଡଭୋକେଟ ଭବାନୀ ଶଙ୍କର ଶତପଥୀ ଏନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଘଟଣା ନେଇ ଗିରଫ ଡାକ ଅଧୀକ୍ଷକ ନାଏକଙ୍କୁ ପଚାରିବାରୁ ପୁରୁଣା ମାମଲାରେ ଡାକ ବିଭାଗ ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଥିବା ସୂଚନା ଦେଇଛନ୍ତି। ୨୦୧୫ରେ ଏହି ମାମଲା ପାଇଁ ବର୍ତ୍ତମାନର ଡାକ ଅଧୀକ୍ଷକ ନାଏକ ଗିରଫ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା।



ବଲାଙ୍ଗୀର ଡାକ ଅଧୀକ୍ଷକଙ୍କୁ ଟାଉନ୍ ଥାନା ପୋଲିସ ଗିରଫ କରିଛି ।

# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଜୁନ୍ ୧୫/୨୦୧୯ | Sambalpur, Saturday, June 15 / 2019 | ପୃଷ୍ଠା-୧




## ହଲିଉଡ୍ ଅଭିନେତ୍ରୀଙ୍କ ପାଇଁ ଭଏସ୍ ଦେଇଛନ୍ତି ସାନ୍ୟା

'ମେନ୍ ଇନ୍ ବ୍ଲାକ୍: ଇଣ୍ଟରନ୍ୟାଶନାଲ୍'ର ହିନ୍ଦୀ ଭର୍ସନରେ ହଲିଉଡ୍ ଅଭିନେତ୍ରୀ ଟେସା ଥମ୍ପସନ୍‌ଙ୍କ ପାଇଁ ଭଏସ୍ ଦେଇଛନ୍ତି ବଲିଉଡ୍ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା । ୦୯

୧୬ 

## ଭାରତ ଫାଇନାଲରେ

ରମଣଦୀପ ସିଂଙ୍କ ଡବଲ ଗୋଲ ବଳରେ ଭାରତ ୭-୨ ଗୋଲରେ ଜାପାନକୁ ହରାଇ ଏଫଆଇଏଚ୍ ସିରିଜ ଫାଇନାଲରେ ପ୍ରବେଶ କରିଛି।








### ପଶ୍ଚିମବଙ୍ଗ ଡାକ୍ତରଙ୍କୁ ଆଇଏମ୍ଏର ସମର୍ଥନ

# ୧୭ରେ କାର୍ଯ୍ୟବନ୍ଦ ଆନ୍ଦୋଳନ




କୋଲକାତାସ୍ଥିତ ନୀଳରତନ ସିରକାର ମେଡିକାଲ କଲେଜ ଓ ହସ୍ପିଟାଲରେ ବିକ୍ଷୋଭରତ କନିଷ୍ଠ ଡାକ୍ତର।

ନୂଆଦିଲ୍ଲୀ,୧୪।୬(ପି.ଟି.)

କୋଲକାତାରେ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ୪ ଦିନ ଧରି ଚାଲିଥିବା ଆନ୍ଦୋଳନ ବ୍ୟାପକ ହୋଇଛି। ଡାକ୍ତରମାନଙ୍କ ଆନ୍ଦୋଳନକୁ ବିଭିନ୍ନ ମହଲରୁ ସମର୍ଥନ ମିଳିଛି। ଭାରତୀୟ ଡାକ୍ତରୀ ମହାସଂଘ (ଆଇଏମ୍ଏ) ଶୁକ୍ରବାରଠାରୁ ତିନିଦିନିଆ ବିକ୍ଷୋଭ ଆରମ୍ଭ କରିବା ସହ ୧୭ ତାରିଖରେ କାର୍ଯ୍ୟବନ୍ଦ ଆନ୍ଦୋଳନର ଡାକରା

### ଦେଶବ୍ୟାପୀ ୩ଦିନିଆ ବିକ୍ଷୋଭ

ଦେଇଛି। ସେଦିନ ଓପିଡି ସମେତ ସମସ୍ତ ଅଣଅତ୍ୟାବଶ୍ୟକ ସେବା ସକାଳ ୬ରୁ ୨୪ ଘଣ୍ଟା ପାଇଁ ବନ୍ଦ ରହିବ। ତେବେ ଜରୁରୀ ଓ ଆଶୁଚିକିତ୍ସା ସେବା ସ୍ୱାଭାବିକ ଚାଲିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ହସ୍ପିଟାଲରେ କାର୍ଯ୍ୟରତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କ ପ୍ରତି ହେଉଥିବା ହିଂସା

☞ପୃଷ୍ଠା-୨

### ■ ଷଢ଼େଇକଳାରେ ମାଓବାଦୀ ଆକ୍ରମଣ

# ୫ ପୋଲିସ ଶହୀଦ

ରାଞ୍ଚି,୧୪।୬



ଝାଡ଼ଖଣ୍ଡର ଷଢ଼େଇକଳା ଜିଲାରେ ମାଓବାଦୀଙ୍କ ଅତର୍କିତ ଆକ୍ରମଣରେ ୫ ପୋଲିସ ଶହୀଦ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ସବ୍‌ଇନ୍ସପେକ୍ଟର ଓ ୩ କନ୍‌ଷ୍ଟେବଲ ଅଛନ୍ତି। ଶୁକ୍ରବାର ସନ୍ଧ୍ୟା ୬ଟା ୩୦ ମିନିଟ ସମୟରେ ପୋଲିସ ପାଟ୍ରୋଲିଂ ଟିମ୍ ଜିଲାର ତିରୁଲଡିହ ଥାନା ଅନ୍ତର୍ଗତ କୁକ୍‌ଡୁ ବଜାର ସାପ୍ତାହିକ ହାଟରେ ପହଞ୍ଚିବା କ୍ଷଣି ସେଠାରେ ଛକି ରହିଥିବା ମାଓବାଦୀମାନେ ଆକ୍ରମଣ କରିଥିଲେ। ସେମାନେ ଅତି ନିକଟରୁ ଗୁଳି କରି ନିର୍ମମ ଭାବେ ହତ୍ୟା କରିଥିବା ଜଣାପଡିଛି। ଆକ୍ରମଣରେ ଅନ୍ୟ କେତେଜଣ ପୋଲିସ ଆହତ ହୋଇଛନ୍ତି। ୮ରୁ ୧୦ ଜଣ ମାଓବାଦୀ ବାଇକରେ ଆସିଥିଲେ। ସେମାନେ ପୋଲିସଙ୍କଠାରୁ ଅସ୍ତ୍ରଶସ୍ତ୍ର ମଧ୍ୟ ଲୁଟି ନେଇଛନ୍ତି। ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ପୋଲିସ ଏଡିଜି ଏମ୍.ଏଲ୍ ମୀନା ସୂଚନା ଦେଇଛନ୍ତି। ପଶ୍ଚିମବଙ୍ଗ-ଝାଡ଼ଖଣ୍ଡ ସୀମାବର୍ତ୍ତୀ ଆକ୍ରମଣସ୍ଥଳକୁ ଏସ୍‌ପି ଓ ଅନ୍ୟ ପୋଲିସ ପଦାଧିକାରୀମାନେ ଯାଇଛନ୍ତି। ଝାଡ଼ଖଣ୍ଡ ମୁଖ୍ୟମନ୍ତ୍ରୀ ରଘୁବର ଦାସ ଆକ୍ରମଣକୁ ନିନ୍ଦା କରିଛନ୍ତି। ପୋଲିସଙ୍କ ବଳିଦାନ ବ୍ୟର୍ଥ ଯିବନାହିଁ। ମାଓବାଦୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ମେ ୨୮ରେ ଝାଡ଼ଖଣ୍ଡରେ ମାଓବାଦୀମାନଙ୍କ ସିରିଜ୍ ଆଇଇଡି ବିସ୍ଫୋରଣରେ କେନ୍ଦ୍ରୀୟ ପୋଲିସ ବଳ ଓ ରାଜ୍ୟ ପୋଲିସର ୨୬ ଜଣ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଗୁରୁତର ଆହତ ସିଆରପିଏଫ୍ କମାଣ୍ଡୋଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଚଳିତ ମାସ ଆରମ୍ଭରେ ଦୁମ୍‌କା ଜିଲାର ତଲଡଙ୍ଗଲ ଜଙ୍ଗଲରେ ମାଓବାଦୀ ଓ ସଶସ୍ତ୍ର ସୀମା ବଳ (ଏସ୍ଏସ୍‌ବି) ମଧ୍ୟରେ ଗୁଳି ବିନିମୟ ଘଟି ଜଣେ ଯବାନ ଶହୀଦ ହେବା ସହ ଅନ୍ୟ ୪ ଜଣ ଆହତ ହୋଇଥିଲେ।

# ୩ ଝିଅଙ୍କୁ ହତ୍ୟା କରି ବାପାଙ୍କ ଆତ୍ମହତ୍ୟା

- ■ ବନ୍ଦ ଘରୁ ମିଳିଲା ୪ ମୃତଦେହ
- ■ ଅଭାବ ଅନଟନ ହୋଇପାରେ ହତ୍ୟାର କାରଣ
- ■ ଦୁର୍ଗାଙ୍କ ମାନସିକ ସ୍ଥିତି ଭଲ ନ ଥିଲା: ପୋଲିସ

କେନ୍ଦୁଝର/ ଆନନ୍ଦପୁର, ୧୪।୬ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଥାନାଠାରୁ ୪୦ କି.ମି. ଦୂର ଉଲିବସା ଗ୍ରାମର ଏକ ଘରୁ ଶୁକ୍ରବାର ୩ରୁ ୯ ବର୍ଷ ବୟସର ମା' ଛେଉଣ୍ଡ ୩ ଶିଶୁକନ୍ୟାଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ଏହି ୩ ଝିଅଙ୍କୁ ନିର୍ମମ ଭାବେ ହତ୍ୟା କରିବା ପରେ ତାଙ୍କ ବାପା ଦୁର୍ଗା ସିଦ୍ଧୁ ନିଜେ ଆତ୍ମହତ୍ୟା କରିଛନ୍ତି। ଏଭଳି ଲୋମହର୍ଷଣକାରୀ ହତ୍ୟା ଘଟଣା ପଦାକୁ ଆସିବା ପରେ ସମଗ୍ର ଅଞ୍ଚଳ ସ୍ତବ୍ଧ ହୋଇପଡିଛି। ଜିଲାରେ ସମସ୍ତେ ଧୁମ୍‌ଧାମରେ ରଜପର୍ବ ପାଳନ କରୁଥିବା ବେଳେ ଏଭଳି ଦୁଃଖଦ ଘଟଣା ସବୁଠି ଶୋକର ଛାୟା ଖେଳାଇ ଦେଇଛି।



ମୃତଦେହ ମିଳିଥିବା ଘର।

ଆନନ୍ଦପୁର ପୋଲିସ ଅପରାହ୍ନ ୪ଟାରେ ପହଞ୍ଚି ୩ ଝିଅ ଓ

☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

## ବିବାଦୀୟ ଟୁଇଟ

### କିଛି ତଥ୍ୟ

❝ ଚଳିତ ବର୍ଷ ଏପ୍ରିଲ ମାସରେ ଦେଶର ସେବା କ୍ଷେତ୍ର ରପ୍ତାନି ୨.୮% ବୃଦ୍ଧି ଘଟି ୧୮.୦୬ ବିଲିୟନ ଡଲାର ଛୁଇଁଛି।

– ରିଜର୍ଭ ବ୍ୟାଙ୍କ








NATIONAL EGG CO-ORDINATION COMMITTEE | 14.06.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 122 | 187 | 197 |
| CTC | 122 | 187 | 197 |
| DKL | 119 | 183 | 193 |
| BDK | 120 | 184 | 194 |
| BLS | 117 | 180 | 190 |
| ANG | 119 | 183 | 193 |

*Conditions Apply

Eggs Retail Price- 47/-Dozen
Issued in the Interest of Consumers


### ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

### ଆଜିର ମନ୍ତବ୍ୟ

❝ ଆତଙ୍କବାଦକୁ ପ୍ରୋତ୍ସାହିତ କରୁଥିବା ଦେଶଗୁଡ଼ିକୁ ଉତ୍ତରଦାୟୀ କରାଯିବା ଜରୁରୀ।

–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ

### ■ ଜେଇଇ ଆଡ୍‌ଭାନ୍ସ

# ଦେଶରେ କାର୍ତ୍ତିକେୟ, ରାଜ୍ୟରେ ସାୟନ୍ତନ ଟପ୍ପର



କାର୍ତ୍ତିକେୟ ଚନ୍ଦ୍ରେଶ ଗୁପ୍ତା



ସାୟନ୍ତନ ଧର



ସମ୍ବିତ୍ ବେହେରା

ଭୁବନେଶ୍ୱର,୧୪।୬(ବ୍ୟୁରୋ)

ଜେଇଇ ଆଡ୍‌ଭାନ୍ସ ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ଆଇଆଇଟି ରୁର୍କି ପକ୍ଷରୁ ପରୀକ୍ଷାଫଳ ଘୋଷଣା କରାଯାଇଛି। ସର୍ବଭାରତୀୟ ସ୍ତରରେ ମହାରାଷ୍ଟ୍ର ବଲାରପୁରର କାର୍ତ୍ତିକେୟ ଚନ୍ଦ୍ରେଶ ଗୁପ୍ତା ଟପ୍ପର ହୋଇଛନ୍ତି। ସେ ମୋଟ ୩୭୨ରୁ ୩୪୬ ମାର୍କ ରଖି ସାମଗ୍ରିକ ଭାବେ ଶୀର୍ଷ ର୍‍ୟାଙ୍କ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଗୁଜରାଟ ଅହମଦାବାଦର ଶବ୍‌ନମ ସହାୟ ଛାତ୍ରୀଙ୍କ ମଧ୍ୟରେ ଶୀର୍ଷ ର୍‍ୟାଙ୍କ ପାଇଛନ୍ତି। ସେ ସାମଗ୍ରିକ ଭାବେ ଦଶମ ର୍‍ୟାଙ୍କ ସହିତ ମୋଟ ୩୭୨ରୁ

### ଏସ୍‌ସି ବର୍ଗରେ ଓଡ଼ିଶାର ସମ୍ବିତ୍ ବେହେରା ସର୍ବଭାରତୀୟରେ ପ୍ରଥମ

୩୦୮ ମାର୍କ ପାଇଛନ୍ତି। ଅନୁସୂଚିତ ଜାତି(ଏସ୍‌ସି) ବର୍ଗରେ ଭୁବନେଶ୍ୱରର ସମ୍ବିତ ବେହେରା ସର୍ବଭାରତୀୟ ସ୍ତରରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଅନ୍ୟପଟେ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ଦ୍ୱାଦଶ ଶ୍ରେଣୀ ଛାତ୍ର ସାୟନ୍ତନ ଧର୍ ଓଡ଼ିଶା ଟପ୍ପର ହୋଇଛନ୍ତି। ସେ ମୋଟ ୯୯.୯ ପ୍ରତିଶତ ରଖି ସର୍ବଭାରତୀୟ ସ୍ତରରେ ୫୧ତମ ର୍‍ୟାଙ୍କ ହାସଲ କରିବା ସହିତ ରାଜ୍ୟରେ ଶୀର୍ଷରେ ରହିଛନ୍ତି। ଏହାସହ

☞ପୃଷ୍ଠା-୨

### ■ ବେଆଇନ ଟିକେଟ କାରବାର

# ନକଲି ରେଳ ଅଧିକାରୀ ଗିରଫ

ବଲାଙ୍ଗୀର ଅଫିସ, ୧୪।୬

ବେଆଇନ ଟିକଟ କାରବାର ଅଭିଯୋଗରେ ବଲାଙ୍ଗୀର ରେଳପଥ ସୁରକ୍ଷା ବଳ ଥାନା ପୋଲିସ ଶୁକ୍ରବାର ଜଣେ ନକଲି ରେଳ କର୍ମଚାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେ ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଧୀନ ବାଦିବାହାଲ ଗ୍ରାମର ହୃଷୀକେଶ ଦାଶ (୩୩)। ରେଲବାଇ ପୋଲିସ ବଲାଙ୍ଗୀର ରେଳଷ୍ଟେଶନ୍ ଟିକଟ କାଉଣ୍ଟରରୁ ତାଙ୍କୁ ଗିରଫ କରିଛି । ଗିରଫ ହୃଷୀକେଶଙ୍କ ବ୍ୟାଗ୍‌ରୁ ଦୁଇଟି ନକଲି ପରିଚୟ ପତ୍ର,



ଗିରଫ ହୃଷୀକେଶ ଦାଶ।

୩ଟି ମୋବାଇଲ, ୧୩ଟି ଟିକେଟ ଆବେଦନ ସ୍ଲିପ୍, ଗୋଟିଏ ତତ୍କାଳ ଟିକେଟ, ୮ ଶହ ଟଙ୍କା, ଗୋଟିଏ ହିସାବ୍ ଖାତା ଜବତ କରାଯାଇଛି । ଜବତ ହୋଇଥିବା ୨ଟି ନକଲି ପରିଚୟର ଗୋଟିଏରେ ଆସିଷ୍ଟାଣ୍ଟ ଷ୍ଟେଶନ୍ ମାଷ୍ଟର ହରିଶଙ୍କର ରୋଡ ଲେଖାଥିବାବେଳେ ଅନ୍ୟ ପରିଚୟପତ୍ରରେ ସ୍ପେଶାଲ ଅଡିଟ ଅଫିସର ଲେଖା ହୋଇଛି । ବେଆଇନ ଟିକଟ କାରବାରକୁ ନେଇ ରେଳପଥ ସୁରକ୍ଷା ପୋଲିସ କିଛିଦିନ ହେଲା ଏକ ଅଭିଯାନ ଚଲାଇଥିଲା ହୃଷୀକେଶ

☞ପୃଷ୍ଠା-୨




ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ଜୁନ୍ ୧୫/୨୦୧୯




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: .............................


ଶ୍ରୀବତ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


■ ପାରିବାରିକ କଳହର କରୁଣ ପରିଣତି

# ୨ ଭଉଣୀଙ୍କ ଆତ୍ମହତ୍ୟା, ବାପା ଅଟକ

**କବିସୂର୍ଯ୍ୟନଗର,୧୪।୬**

ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ଥାନା ଗୁଡିଆଳି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହ ଓ ବାପାଙ୍କ ମାଡଗାଳି ଅସହ୍ୟ ହେବାରୁ ୨ ଭଉଣୀ ମୂଷାମରା ବିଷ ଖାଇ ଆତ୍ମହତ୍ୟା କରିଛନ୍ତି। ସେମାନେ ହେଲେ ଦୀପା ଭୂୟାଁ (୧୭) ଓ ଜିତା ଭୂୟାଁ (୧୧)। ପୋଲିସ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ନଂ.୭/୧୯ରେ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ନାବାଳିକାଙ୍କ ବାପା ପଦ୍ମନାଭ ଭୂୟାଁଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି।

ପ୍ରକାଶ ଯେ, ପଦ୍ମନାଭ ଶେରଗଡ ବ୍ଲକ ଡିଙ୍ଗିଶାଳ ଗ୍ରାମର ରୀତା ଭୂୟାଁଙ୍କୁ ବିବାହ କରିଥିଲେ। ସେମାନଙ୍କର ୨ ଝିଅ ଦୀପା ଓ ଜିତା ଏବଂ ପୁଅ ଅଂଶୁ। ୪ବର୍ଷ ତଳେ କୌଣସି ଏକ ରୋଗରେ ରୀତାଙ୍କ ମୃତ୍ୟୁ ଘଟିଥିଲା। ମା'ଙ୍କ ମୃତ୍ୟୁପରେ ବଡଝିଅ ଦୀପା ନବମରୁ ପାଠ ଛାଡି ନିକଟରେ ଥିବା ଏକ ମିକ୍ସଚର ଫ୍ୟାକ୍ଟ୍ରିରେ କାମ କରୁଥିଲେ। ସାନଝିଅ ଜିତା ନିକଟସ୍ଥ ଏକ ସ୍କୁଲରେ ୫ମ ଶ୍ରେଣୀରେ ପଢୁଥିଲେ। ପ୍ରଥମ ସ୍ତ୍ରୀଙ୍କ ମୃତ୍ୟୁର ବର୍ଷକ ପରେ ପଦ୍ମନାଭ ଶେରଗଡ଼ ପଞ୍ଚାୟତ ଖମାର ଗ୍ରାମର ନମିତା ଭୂୟାଁ (୩୫)ଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଅନ୍ୟ ରାଜ୍ୟରେ ଶ୍ରମିକ ଭାବେ କାମ କରୁଥିବାରୁ ଅଧିକାଂଶ ସମୟ ସେ ବାହାରେ ରୁହନ୍ତି। ଯାହା ରୋଜଗାର କରନ୍ତି ନିଶା ସେବନରେ ଚାଲିଯାଏ ବୋଲି କୁହନ୍ତି ସ୍ତ୍ରୀ ନମିତା। ଘରକୁ ଆସିଲେ ପିଲାମାନଙ୍କୁ ମାରଧର କରନ୍ତି। ସପ୍ତାହକ ତଳେ ପଦ୍ମନାଭ ସୁରଟରୁ ଘରକୁ ଆସିଥିଲେ। କୌଣସି ଏକ ସାମାନ୍ୟ କଥାକୁ ନେଇ ସେ ପିଲାମାନଙ୍କ ସହ ନମିତାଙ୍କୁ ମାର୍‌ପିଟ କରିଥିଲେ। ସାହିଲୋକେ ମିଶି ବୁଧବାର ଗ୍ରାମରେ ସଭା କରି ଶାନ୍ତିରେ ରହିବାକୁ ପଦ୍ମନାଭଙ୍କୁ ତାଗିଦ୍ କରିଥିଲେ। ମାତ୍ର ଗୁରୁବାର ପୁଣି ପଦ୍ମନାଭ ସ୍ତ୍ରୀ ଓ ୨ ଝିଅଙ୍କୁ ମାରଧର କରିଥିଲେ। ଏଥିରେ ଅତିଷ୍ଠ ହୋଇ ସନ୍ଧ୍ୟାରେ ୨ଝିଅ ଦୀପା ଓ ଜିତା ମୂଷାମରା ବିଷ ଖାଇ ଦେଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଗ୍ରାମବାସୀ କବିସୂର୍ଯ୍ୟନଗର ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଜିତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଦୀପାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ବ୍ରହ୍ମପୁର ବଡ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କୁ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ।

୨ ଭଉଣୀ ବିଷ ଖାଇବା ଘଟଣାରେ ପଦ୍ମନାଭଙ୍କୁ ଦାୟୀ କରି ଗୁରୁବାର ରାତିରେ ଗ୍ରାମବାସୀ ତାଙ୍କ ଘର ଆଗରେ ପାଟିତୁଣ୍ଡ କରିଥିଲେ। ଖବର ପାଇ ଆଇଆଇସି ତପନ କୁମାର ପତି ସଦଳବଳ ଗାଁରେ ପହଞ୍ଚି ପଦ୍ମନାଭଙ୍କୁ ଧରି ଥାନାକୁ ନେଇଛନ୍ତି। ତଦନ୍ତକାରୀ ଅଧିକାରୀ ଏସ. ଏନ. ପଟ୍ଟନାୟକ ମୃତଦେହ ବ୍ୟବଚ୍ଛେଦ ପରେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି କହିଛନ୍ତି। ଶୁକ୍ରବାର ୨ ଭଉଣୀଙ୍କ ମୃତଦେହ ବ୍ୟବଚ୍ଛେଦ ହୋଇ ସନ୍ଧ୍ୟାରେ ଗାଁରେ ପହଞ୍ଚିବା ପରେ ଗ୍ରାମବାସୀ ସତ୍କାର କରିଛନ୍ତି।

■ ଦ୍ରୁତଗତିରେ ଗାଡ଼ି ଚାଳନା କାଳ ହେଲା

# ଦୁର୍ଘଟଣାରେ ଚାଲିଗଲା ୩ ଜୀବନ

**ବାଲେଶ୍ୱର ଅଫିସ/ ରସାଳପୁର (ଡି.ଏନ.ଏ), ୧୪।୬**

ବାଲେଶ୍ୱର ସହର ନିକଟସ୍ଥ ଚାନ୍ଦିପୁର ରାସ୍ତାରେ ଶୁକ୍ରବାର ଅପରାହ୍ନ ସାଢେ ୨ଟା ବେଳେ ଏକ ସଡକ ଦୁର୍ଘଟଣା ଘଟି ୩ଜଣଙ୍କର ମୃତ୍ୟୁ ହୋଇଛି। ମୃତକମାନେ ହେଲେ ରୂପସା ଥାନା କେନ୍ଦୁଦାଙ୍ଗୀରି ଗ୍ରାମର ଭକ୍ତବନ୍ଧୁ ସିଂ (୨୬), ନୀଳଗିରି ବରହମପୁର ଥାନା ଅଶ୍ୱନବଣୀ ଗ୍ରାମର ପପୁ ସିଂ (୨୦) ଏବଂ ବ୍ରହ୍ମାନନ୍ଦ ସିଂ (୨୬)। ଚାନ୍ଦିପୁର ଥାନା ପୋଲିସ ଉଭୟ ଗାଡିକୁ ଜବତ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

ଭକ୍ତବନ୍ଧୁ ସ୍କୁଟି ଯୋଗେ ଚାନ୍ଦିପୁରରୁ ଫେରୁଥିବା ବେଳେ ପପୁ ଏବଂ ବ୍ରହ୍ମାନନ୍ଦ ଜଣେ ମହିଳାଙ୍କୁ ବସାଇ ଗୋଟିଏ ପଲ୍‌ସରରେ ଚାନ୍ଦିପୁରସ୍ଥିତ ତାଙ୍କ ସମ୍ପର୍କୀୟଙ୍କ ଘରକୁ ଯାଉଥିଲେ। ଗାଡିଟି ଦ୍ରୁତଗତିରେ ଯାଉଥିବାରୁ ଗଛମାଳିଆ ନିକଟରେ ନିୟନ୍ତ୍ରଣ ହରାଇ ସ୍କୁଟି ସହିତ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ପଲ୍‌ସରରେ ଥିବା ୨ ଯୁବକ ଓ ସ୍କୁଟିରେ ଥିବା ଜଣେ ଯୁବକ ରକ୍ତ ଜୁଡୁବୁଡୁ ହୋଇ ଅଚେତ ହୋଇପଡିଥିଲେ। ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ଯୋଗେ ସମସ୍ତଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ୩ଜଣଙ୍କୁ ମୃତ ଘୋଷଣା କରିଥିଲେ। ବାଇକ୍ ପଛରେ ବସିଥିବା ମହିଳାଙ୍କ ସମ୍ପର୍କରେ କିଛି ଖବର ମିଳିନାହିଁ।

## ପ୍ରଥମ ପୃଷ୍ଠାରୁ...

### ୩ ଝିଅଙ୍କୁ ହତ୍ୟା କରି ...

ବାପା ଦୁର୍ଗାଙ୍କ ମୃତଦେହ ଉଦ୍ଧାର କରି ତଦନ୍ତ ଜାରି ରଖିଛି। ୩ ଶିଶୁକନ୍ୟାଙ୍କୁ ଗୋଟିଏ ଘରେ ବନ୍ଦ କରି ନିଜେ ବାପା ଦୁର୍ଗା କିଭଳି ପରିସ୍ଥିତିରେ ସେମାନଙ୍କ ବେକକୁ ଟାଙ୍ଗିଆରେ କାଟି ବୀଭତ୍ସ ଭାବେ ହତ୍ୟା କଲେ ପୋଲିସ ତାହାର କୌଣସି ଟେର୍ ପାଇପାରି ନାହିଁ। ଖବର ଲେଖା ହେବା ଯାଏ ଘଟଣା ସମ୍ପୂର୍ଣ୍ଣ ରହସ୍ୟ ଘେରରେ ରହିଛି। ତେବେ ପରିବାରରେ ଅଭାବ ଅନଟନ ଓ ଅନିଶ୍ଚିତ ଭବିଷ୍ୟତ ଏଭଳି ହତ୍ୟାକାଣ୍ଡର କାରଣ ହୋଇପାରେ ଚର୍ଚ୍ଚା ହେଉଛି।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ଉଲିବସା ଗ୍ରାମରେ ଦୁର୍ଗା ସିଦ୍ଧୁ ୩ ଝିଅ ଓ ନିଜ ବୃଦ୍ଧା ମା'ଙ୍କ ସହ ଗୋଟିଏ ବଖୁରା ଛାଳଛପର ଘରେ ରହୁଥିଲେ। ୩ ବର୍ଷ ତଳେ ତାଙ୍କ ସ୍ତ୍ରୀଙ୍କର ମୃତ୍ୟୁ ଘଟିଥିଲା। ସେବେଠାରୁ ତାଙ୍କ ମାନସିକ ସ୍ଥିତି କୁଆଡେ ଭଲ ନ ଥିଲା। ମୂଲ ମଜୁରୀ ଲାଗି ଦୁର୍ଗା ପରିବାର ଚଳାଇ ୩ ଝିଅଙ୍କୁ ପାଠ ପଢାଉଥିଲେ। ବଡଝିଅ ଗୁରୁବାରୀ (୯) ଗାଁ ସ୍କୁଲରେ ୪ର୍ଥ ଶ୍ରେଣୀରେ ପଢୁଥିବା ବେଳେ ମଝିଆ ଝିଅ ମାମିନା(୮) ତୃତୀୟ ଶ୍ରେଣୀରେ ଏବଂ ସବା ସାନଝିଅ ମୁକ୍ତା(ସାଢେ ୩) ଗାଁର ଅଙ୍ଗନୱାଡି କେନ୍ଦ୍ରକୁ ପାଠ ପଢିବାକୁ ଯାଉଥିଲେ। ଶୁକ୍ରବାର ମଧ୍ୟାହ୍ନ ସମୟରେ ଦୁର୍ଗା ନିଜ ବୃଦ୍ଧା ମା' ଗୁରୁବାରୀଙ୍କୁ ନିକଟସ୍ଥ ସାପ୍ତାହିକ ଗାଁ ହାଟକୁ ପଠାଇ ଦେଇ ୩ ଝିଅଙ୍କୁ ଘର ଭିତରେ ପୂରାଇ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଭିତର ପଟୁ କବାଟ ବନ୍ଦ କରି ସେ ନିଜେ ବେକରେ ଦଉଡି ଲଗାଇ ଆତ୍ମହତ୍ୟା କରିଥିଲେ। ବୃଦ୍ଧା ମା' ଅପରାହ୍ନରେ ହାଟରୁ ଫେରି ଘର ଭିତର ପଟୁ କବାଟ ବନ୍ଦ ଥିବା ଦେଖି ଡାକ ପକାଇଥିଲେ। କେହି କିଛି ନ ଶୁଣିବାରୁ ସେ ଯାଇ ପଡିଶାଙ୍କୁ ଡାକିଥିଲେ। ଗାଁ ଲୋକେ ଆସି କବାଟ ଭାଙ୍ଗି ଘର ଭିତରର ଯେଉଁ ବୀଭତ୍ସ ଦୃଶ୍ୟ ଦେଖିଲେ ତାହା ସମସ୍ତଙ୍କୁ ହତଚକିତ କରିଦେଇଥିଲା। ୩ ଶିଶୁକନ୍ୟାଙ୍କ ରକ୍ତରେ ଭିଜିଥିଲା ଘରତଳ ମାଟି। ପାଖାପାଖି ହୋଇ ୩ ଝିଅଙ୍କ ମୃତଦେହ ପଡିରହିଥିଲା। ଥାନାରୁ ଘଟଣାସ୍ଥଳକୁ ଯାଇଥିବା ସ୍ୱତନ୍ତ୍ର ଟିମ୍ ପାରିପାର୍ଶ୍ୱିକ ସ୍ଥିତି ଦେଖିବା ପରେ ପାଖପଡୋଶୀ ଓ ଦୁର୍ଗାଙ୍କ ବୃଦ୍ଧା ମା'ଙ୍କୁ ପଚରାଉଚୁରା କରିଥିଲା। କେବଳ ଉଲିବସା ନୁହେଁ ଆଖପାଖ ଅଞ୍ଚଳର ଶତାଧିକ ଲୋକ ଆସି ଘଟଣାସ୍ଥଳରେ ରୁଣ୍ଡ ହୋଇ ଯାଇଥିଲେ। କାହାରି ମୁହଁରେ ନ ଥିଲା କିଛି ଭାଷା। ହତ୍ୟାକାଣ୍ଡର କାରଣ ପୋଲିସ ଖୋଜୁଥିବା ବେଳେ ଏ ନେଇ ସ୍ଥାନୀୟ ଲୋକେ ନାନା ଚର୍ଚ୍ଚା କରୁଛନ୍ତି। କୌଣସି ସରକାରୀ ସୁବିଧା ପାଇ ନ ଥିବା ଦୁର୍ଗା ହତାଶ ହୋଇ ଅଭାବ ଅନଟନ କାରଣରୁ ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି। କିନ୍ତୁ ଦୁର୍ଗାଙ୍କ ମାନସିକ ସ୍ଥିତି ଭଲ ନ ଥିବାରୁ ଏହା ହତ୍ୟାର କାରଣ ହୋଇ ପାରେ ବୋଲି ପ୍ରାଥମିକ ତଦନ୍ତ ପରେ ପୋଲିସ କହିଛି। ୩ ଝିଅ ଓ ବାପାଙ୍କ ମୃତଦେହକୁ ସନ୍ଧ୍ୟାରେ ପୋଲିସ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ଲାଗି ପଠାଇଛି। ସବିଶେଷ ତଦନ୍ତ ପରେ ସବୁ ତଥ୍ୟ ପଦାକୁ ଆସିବ ବୋଲି ଥାନା ଅଧିକାରୀ ଗଗନ ବିଶ୍ୱାଳ କହିଛନ୍ତି।

### ଦେଶରେ କାର୍ତ୍ତିକେୟ...

ସେ ଖଡ଼ଗପୁର ଜୋନ୍‌ରେ ୫ମ ର୍‌ୟାଙ୍କରେ ସ୍ଥାନ ପାଇଛନ୍ତି। ଆଇଆଇଟି ମୁମ୍ବାଇରେ କମ୍ପ୍ୟୁଟର ସାଇନ୍ସ ଇଞ୍ଜିନିୟରିଂ କରିବାକୁ ଇଚ୍ଛା ରଖିଥିବା ସାୟନ୍ତନ ନିଜର ଲକ୍ଷ୍ୟକୁ ସାମ୍ନାରେ ରଖି ପ୍ରସ୍ତୁତ ହେବାରେ ବିଶ୍ୱାସ ରଖନ୍ତି।

ଚଳିତ ବର୍ଷ ଜେଇଇ ଆଡଭାନ୍ସରେ ମୋଟ ୧,୬୧,୩୧୯ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩୮,୭୦୫ଜଣ କୃତକାର୍ଯ୍ୟ ହୋଇଛନ୍ତି। କୃତୀ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୩୫୬ଜଣ ଛାତ୍ରୀ ରହିଥିବା ବେଳେ ୩୩,୩୪୯ଜଣ ଛାତ୍ର ରହିଛନ୍ତି। ସାଧାରଣ ବର୍ଗରେ ୧୫,୫୬୬, ସାଧାରଣ ଆର୍ଥିକ ଦୁର୍ବଳ ବର୍ଗରେ ୩୬୩୬, ଓବିସି ବର୍ଗରେ ୭୬୫୧ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇଛନ୍ତି। ସେହିପରି ଏସ୍‌ସି ବର୍ଗରେ ୮୭୫୮ ଏବଂ ଏସ୍‌ଟି ବର୍ଗରେ ୩୦୯୪ଜଣ କୃତକାର୍ଯ୍ୟ ହୋଇଛନ୍ତି।

### ନକଲି ରେଳ ଅଧିକାରୀ...

ଶୁକ୍ରବାର ସକାଳେ ରେଲୱେ ଟିକଟ କାଉଣ୍ଟରରେ ଟିକେଟ କାଟୁଥିବା ଦେଖି ସାଧା ପୋଷାକରେ ଥିବା ରେଳପଥ ସୁରକ୍ଷା ପୋଲିସ ତାଙ୍କୁ ସନ୍ଦେହ କରି ପଚରାଉଚୁରା କରିଥିଲା। ପରେ ସେ ନିଜକୁ ହରିଶଙ୍କର ରୋଡ ରେଳଷ୍ଟେଶନ୍‌ର ଆସିଷ୍ଟାଣ୍ଟ ଷ୍ଟେଶନ୍ ମାଷ୍ଟର ବୋଲି ପରିଚୟ ଦେଇ ତାଙ୍କ ପରିଚୟପତ୍ର ଦେଖାଇଥିଲେ। ତେବେ ପୋଲିସ ସନ୍ଦେହ କରି ତାଙ୍କ ବ୍ୟାଗ ଯାଞ୍ଚ କରିବାରୁ ବ୍ୟାଗ୍ ଭିତରୁ ସ୍ପେଶାଲ ରେଲୱେ ଅଡିଟ ଅଫିସର ପରିଚୟ ପତ୍ର ମିଳିଥିଲା। ଏନେଇ ପୋଲିସ ତାଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଥିଲା। ପରେ ହୃଷୀକେଶ ନକଲି ରେଳ ଅଧିକାରୀ ଭାବେ ବେଆଇନ ଟିକେଟ କାରବାର କରୁଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ବଲାଙ୍ଗୀର ରେଳପଥ ସୁରକ୍ଷା ବଳ ଥାନାରେ ଏକ ମାମଲା (ନଂ.ସିଆସି ୩୪୫/୨୦୧୯) ରୁଜୁ କରି ହୃଷୀକେଶଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଇନ୍ସପେକ୍ଟର ହେମରାଜ ମୀନା ସୂଚନା ଦେଇଛନ୍ତି।

### ୧୭ରେ କାର୍ଯ୍ୟବନ୍ଦ ...

ବନ୍ଦକରିବା ଲାଗି ଏକ କେନ୍ଦ୍ରୀୟ ଆଇନ ପ୍ରଣୟନ ଲାଗି ଦାବି କରିଛି। ଆଇନ ଉଲ୍ଲଂଘନକାରୀଙ୍କ ପାଇଁ ଅନ୍ୟୂନ ୭ ବର୍ଷ ଜେଲ୍‌ଦଣ୍ଡ ବ୍ୟବସ୍ଥା ରହିବା ଉଚିତ ବୋଲି ମହାସଂଘ କହିଛି।

ଡାକ୍ତରମାନେ କ୍ରମାଗତ ଭାବେ ହିଂସାର ଶିକାର ହେଉଥିବାବେଳେ ଏହାର କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ। ଏହାର ପ୍ରତିବାଦରେ ଆଇଏମ୍‌ଏ ତିନିଦିନିଆ ବିକ୍ଷୋଭ ନିଷ୍ପତ୍ତି ନେଇଛି। ଏଥିରେ ଡାକ୍ତରମାନେ କଳାବ୍ୟାଜ୍ ପିନ୍ଧିବା ସହ ଧାରଣାରେ ବସିବେ, ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା କରିବେ। ଏହି ଆନ୍ଦୋଳନକୁ ଅନ୍ୟ ସହଯୋଗୀ ସଂଗଠନଗୁଡ଼ିକ ସମର୍ଥନ କରିବାକୁ ଆଇଏମ୍‌ଏ ପକ୍ଷରୁ ଅନୁରୋଧ କରାଯାଇଛି। କୋଲକାତାର ଏନ୍‌ଆର୍‌ଏସ୍ ମେଡିକାଲ କଲେଜରେ ୨ ଜଣ ଡାକ୍ତରଙ୍କୁ ହୋଇଥିବା ମରଣାନ୍ତକ ଆକ୍ରମଣକୁ ଆଇଏମ୍‌ଏ ନିନ୍ଦାକରିବା ସହ ପଶ୍ଚିମବଙ୍ଗ ସରକାର ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଦାବି କରିଛି। ଏହା ବ୍ୟତୀତ ପଶ୍ଚିମବଙ୍ଗର ସମସ୍ତ ଘରୋଇ ଡାକ୍ତରମାନଙ୍କ ଦାବିକୁ ସରକାର ନିଃସର୍ତ୍ତ ମାନିନେବାକୁ ଆଇଏମ୍‌ଏ ମହାସଚିବ ଆର୍.ଭି. ଅଶୋକନ୍ କହିଛନ୍ତି। ଡାକ୍ତରଙ୍କୁ ରୋଗୀଙ୍କ ସମ୍ପର୍କୀୟମାନେ ଆକ୍ରମଣ କରିବା ପ୍ରତିବାଦରେ ପଶ୍ଚିମବଙ୍ଗର କନିଷ୍ଠ ଡାକ୍ତରମାନେ ମଙ୍ଗଳବାରଠାରୁ ଆନ୍ଦୋଳନ ଜାରି ରଖିଛନ୍ତି। ହସ୍ପିଟାଲରେ ନିରାପତ୍ତା ଓ ସୁରକ୍ଷା ସବୁଠୁ ବଡ଼ ଚିନ୍ତାର ବିଷୟ ଏବଂ ତାହାର ସମାଧାନ ଜରୁରୀ। ଡାକ୍ତର ଏବଂ ହସ୍ପିଟାଲଗୁଡିକରେ ହିଂସାକୁ ଆଦୌ ବରଦାସ୍ତ କରାଯାଇପାରିବ ନାହିଁ ଘୋଷଣା କରାଯାଉ ବୋଲି ମହାସଂଘ କହିଛି। ବିଶ୍ୱ ମେଡିକାଲ୍ ସଂଘ ମଧ୍ୟ ଏନେଇ ଏକ ପ୍ରସ୍ତାବକୁ ଅନୁମୋଦନ କରି କଠୋର ଆଇନ ପ୍ରଣୟନ ଲାଗି ଆହ୍ୱାନ ଦେଇଥିବା ଅଶୋକନ୍ କହିଛନ୍ତି।

ପଶ୍ଚିମବଙ୍ଗରେ ଡାକ୍ତରଙ୍କ ଆନ୍ଦୋଳନକୁ ସାରା ଦେଶରେ ସମର୍ଥନ ମିଳିଛି। ଦିଲ୍ଲୀର ବିଭିନ୍ନ ସରକାରୀ ଓ ଘରୋଇ ହସ୍ପିଟାଲର ଡାକ୍ତରମାନେ ଶୁକ୍ରବାର କାର୍ଯ୍ୟବନ୍ଦ କରିବା ସହ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନଙ୍କୁ ଭେଟି ସୁରକ୍ଷା ସୁନିଶ୍ଚିତ କରିବା ଲାଗି ଦାବି କରିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ମର୍ଯ୍ୟାଦା ପ୍ରସଙ୍ଗ ନ କରିବାକୁ ହର୍ଷବର୍ଦ୍ଧନ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ କହିବା ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ମଧ୍ୟରେ ଡାକ୍ତରମାନଙ୍କ ଆନ୍ଦୋଳନର ପରିସମାପ୍ତି କରିବା ଲାଗି ପରାମର୍ଶ ଦେଇଛନ୍ତି। ଏଥିସହିତ ରୋଗୀମାନେ ଯେପରି ଅସୁବିଧାରେ ନ ପଡ଼ିବେ ସେଥିପାଇଁ ପଶ୍ଚିମବଙ୍ଗର ଡାକ୍ତରମାନେ ପ୍ରତୀକାତ୍ମକ ପ୍ରତିବାଦ କରିବା ସହ କାର୍ଯ୍ୟ ଜାରି ରଖିବାକୁ କେନ୍ଦ୍ରମନ୍ତ୍ରୀ ଅନୁରୋଧ କରିଛନ୍ତି। କୋଲକାତାର କେତେଜଣ ଖ୍ୟାତନାମା ବ୍ୟକ୍ତି ଶୁକ୍ରବାର ଆନ୍ଦୋଳନରତ ଡାକ୍ତରଙ୍କୁ ଭେଟିବା ସହ ଅଚଳାବସ୍ଥା ଦୂର ଲାଗି ମମତାଙ୍କୁ ଅନୁରୋଧ କରିଥିବା ଜଣାପଡିଛି। ସେମାନଙ୍କ ମଧ୍ୟରେ ଅଛନ୍ତି ଚଳଚ୍ଚିତ୍ର ନିର୍ମାତା ଅପର୍ଣ୍ଣା ସେନ୍, ଅଭିନେତା କୌଶିକ୍ ସେନ୍, ସଙ୍ଗୀତକାର ଦେବୋଜ୍ୟୋତି ମିଶ୍ର ଏବଂ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ବରିଷ୍ଠ ଡାକ୍ତର। ମମତାଙ୍କୁ ମାଆ ଓ ସମସ୍ତଙ୍କର ଅଭିଭାବକ ବୋଲି ସମ୍ବୋଧନ କରି ଅପର୍ଣ୍ଣା କନିଷ୍ଠ ଡାକ୍ତରମାନଙ୍କ ସମସ୍ୟା ବୁଝିବା ଲାଗି ତାଙ୍କୁ ନିବେଦନ କରିଛନ୍ତି। ଟିଏମ୍‌ସି ସୁପ୍ରିମୋ ଡାକ୍ତରମାନଙ୍କୁ ଧମକ ନ ଦେଇ ସେମାନଙ୍କ କଥା ଧୈର୍ଯ୍ୟର ସହ ଶୁଣିବା ଉଚିତ। କ୍ଷମା ମାଗିବା କୌଣସି ଲଜ୍ଜାକର କଥା ନୁହେଁ ବୋଲି ସେ କହିଛନ୍ତି।

କୋଲକାତା ଡାକ୍ତର ଆନ୍ଦୋଳନକୁ ଭୁବନେଶ୍ୱର ଏମସ୍ ଡାକ୍ତରମାନେ ସମର୍ଥନ କରିଛନ୍ତି। ଶୁକ୍ରବାର ଏମସ୍ ପରିସରରେ ୫୦୦ରୁ ଊର୍ଦ୍ଧ୍ୱ କନିଷ୍ଠ ଡାକ୍ତର ଏକତ୍ର ହୋଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏହି ଆନ୍ଦୋଳନ ଯୋଗୁ ବହିର୍ବିଭାଗରେ ରୋଗୀ ସେବା ବ୍ୟାହତ ହୋଇଛି। ରୋଗୀ ଓ ତାଙ୍କ ସମ୍ପର୍କୀୟ ହସ୍ପିଟାଲ୍ ବାହାରେ ବହୁ ସମୟ ଧରି ଅପେକ୍ଷା କରି ରହିଥିବା ଦେଖିବାକୁ ମିଳିଥିଲା। ତେବେ ଜରୁରୀକାଳୀନ ସେବା ସ୍ୱାଭାବିକ ରହିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଶୁକ୍ର ମୁଖ ଭାବରେ ରହି ଏକାଧାରରେ ଅର୍ଥ, ବସ୍ତ୍ରଭୂଷଣ, ବନ୍ଧୁଙ୍କ ଆତିଥ୍ୟଯୋଗ ଲାଭକରି ଖୁସିହେବେ। ଅଫିସରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟ ମଧ୍ୟରେ ନୂତନ ଯୋଜନା ପ୍ରଣୟନ କରିପାରନ୍ତି। ଅଷ୍ଟମସ୍ଥ ଚନ୍ଦ୍ର ଯୋଗୁ ପରିବହନ ବ୍ୟବସାୟରେ ଶିଥିଳତା ଦେଖାଦେଇପାରେ। ପାରିବାରିକ କ୍ଷେତ୍ରରେ ଅଷ୍ଟମସ୍ଥ ଚନ୍ଦ୍ର ବୁଝାମଣାର ଅଭାବ ସୃଷ୍ଟି କରିପାରେ।

**ବୃଷ**
ମଙ୍ଗଳ ଓ ବୁଧ ଦ୍ୱିତୀୟଭାବରେ ଆପଣଙ୍କ ଅପ୍ରିୟ ସତ୍ୟର କଠୋର ବାକ୍ୟାଳାପ ବନ୍ଧୁ ସମ୍ପର୍କକୁ ତିକ୍ତ କରିଦେଇପାରେ। ଯାହା କରିବା ପାଇଁ ଭାବୁଥିବେ ନିର୍ଦ୍ଦିଷ୍ଟ ସମୟର କିଛି ପୂର୍ବରୁ ପରିସ୍ଥିତି ବଦଳିଯିବାର ସୂଚନା ରହିଛି। କିନ୍ତୁ ପାରିବାରିକ କ୍ଷେତ୍ରରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ।

**ମିଥୁନ**
ଧନାଧିପ ଷଷ୍ଠସ୍ଥ ଯୋଗୁ ଆପଣଙ୍କ ନିର୍ଦ୍ଦିଷ୍ଟ ସ୍ଥାନରୁ ଅର୍ଥପ୍ରାପ୍ତିର ଆଶା ମଉଳିଯାଇପାରେ। ବାରମ୍ବାର ପ୍ରତିବନ୍ଧକ ଲାଗି ରହିବା କାରଣରୁ କର୍ମକ୍ଷେତ୍ରରେ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡ଼ିବେ। ପରିବାର ଭିତରେ ମନର ଭାବକୁ ପ୍ରକାଶ କରିବାରେ ପଛେଇଯିବେ। ମାଲିମକଦ୍ଦମା କ୍ଷେତ୍ରରେ ସମସ୍ୟା ସମାଧାନର କ୍ଷୀଣ ଆଶା ରହିଛି।

**କର୍କଟ**
ଲାଭଭାବରେ ରବି ଅର୍ଥନୈତିକ ଅଭିବୃଦ୍ଧି କରାଇବା ସହ ବିଶିଷ୍ଟ ବ୍ୟକ୍ତିଙ୍କ ଅନୁକମ୍ପା ପ୍ରାପ୍ତ କରାଇପାରେ ; ଯାହା ବହୁଦିନ ହେଲା ମନେ ମନେ ଭାବୁଥିଲେ ଆଜି ତାହା ବାସ୍ତବରେ ପରିଣତ ହେବ। କର୍ମକ୍ଷେତ୍ରରେ ଦୀର୍ଘଦିନରୁ ରହିଆସୁଥିବା ବିବାଦର ଅନ୍ତ ଘଟିବ। ସରକାରୀ ସ୍ତରରୁ କିମ୍ବା ଆଇନର ସହାୟତାରୁ ଉପକୃତ ହେବେ।

**ସିଂହ**
ଧନାଧିପ କର୍ମଭାବରେ ପ୍ରବଳ ଧନଯୋଗ ସୃଷ୍ଟିକରି ଅଭିଳଷିତ ଆର୍ଥିକ ସାହାଯ୍ୟ ନିଶ୍ଚିତ ପାଇବେ। ଏକ ଆନନ୍ଦଦାୟକ ପରିବେଶରେ ନୂତନ ବନ୍ଧୁଙ୍କ ସହ ସମ୍ପର୍କ ବୃଦ୍ଧି ପାଇବ। ପାରିବାରିକ ଅସ୍ଥିରତା କେତେକାଂଶରେ ଦୂରୀଭୂତ ହେବା ସାଙ୍ଗକୁ କର୍ମକ୍ଷେତ୍ରରେ ସମସ୍ୟା ମଧ୍ୟ ଦୂରେଇଯିବ। ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ।

**କନ୍ୟା**
ବିଳାସବ୍ୟସନକାରକ ଶୁକ୍ର ଧନଭାବକୁ ଦେଖୁଥିବାରୁ ଆଜି ଅର୍ଥଲାଭ,ନୂତନ ବସ୍ତ୍ରାଳଙ୍କାର ପ୍ରାପ୍ତି ଓ ବନ୍ଧୁଗହଣରେ ମିଷ୍ଟାନ୍ନଭୋଜନ ଯୋଗ ରହିଛି। ପାରିବାରିକ ଖର୍ଚ୍ଚଭାର କ୍ରମଶଃ ବୃଦ୍ଧି ପାଉଥିବା ଯୋଗୁ ଚିନ୍ତାପ୍ରକଟ କରିବେ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ କିମ୍ବା ମରାମତିରେ ବ୍ୟସ୍ତ ରହିପାରନ୍ତି।

**ତୁଳା**
ଅଷ୍ଟମଭାବରୁ ରାହୁ ସହ ମଙ୍ଗଳ ଧନଭାବକୁ ଦୃଷ୍ଟି ଦେଉଥିବାରୁ ସତର୍କତା ଅଭାବରୁ ଧନହାନିର ପୂର୍ଣ୍ଣ ସୂଚନା ରହିଛି। ଆଜି ଦିନଟିରେ ସଭାସମିତିରୁ ସମ୍ମାନିତ ହେବେ। ପରିବାରରେ ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ, କିନ୍ତୁ ବ୍ୟବସାୟ ପାଇଁ ଦିନଟି ମନ୍ଦ ନୁହେଁ। ପ୍ରଶାସନିକ ସ୍ତରରେ,ରାଜନୈତିକ କ୍ଷେତ୍ରରେ,ଆଇନ ଅଦାଲତରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିବେ।

**ବିଛା**
ଆଜି ଆପଣଙ୍କ ରାଶିରେ ଗୁରୁଚାନ୍ଦ୍ରୀ ଯୋଗ ସୃଷ୍ଟିହୋଇ ଅର୍ଥ, ଉଚ୍ଚସମ୍ମାନ,ବନ୍ଧୁପ୍ରୀତି ମାଧ୍ୟମରେ ଆନନ୍ଦ ପ୍ରାପ୍ତ କରାଇବ। ସମସ୍ୟା ଆସିଲେ ମଧ୍ୟ ସମାଧାନର ଉପାୟ ବାହାର କରିବାରେ ସଫଳ ହେବେ। ବ୍ୟବସାୟିକ କାରବାର ବୃଦ୍ଧି ପାଇବ ଏବଂ ଆର୍ଥିକ ସ୍ୱଚ୍ଛଳତା ଫେରି ପାଇବେ। ଚେଷ୍ଟା କରୁଥିବା କାମରେ ଉତ୍ସାହ ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ।

**ଧନୁ**
ଧନାଧିପ ରାଶିରେ ପାପଗ୍ରହ ଯୁକ୍ତ ହେତୁ ଆପଣଙ୍କୁ ବିଭିନ୍ନ ଦିଗରେ ଖର୍ଚ୍ଚାନ୍ତ କରାଇ ଋଣଗ୍ରସ୍ତ କରାଇପାରନ୍ତି। ଅନ୍ୟମାନଙ୍କ ଉପରେ ଅଭିମାନ କରି ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିବା ହେତୁ ଅନୁତାପ କରିବାକୁ ପଡ଼ିପାରେ। ତଥାପି କର୍ମକ୍ଷେତ୍ର ସଙ୍ଗଠନ, ପ୍ରଶାସନ ଓ ପାଖପଡ଼ୋଶୀଙ୍କ ଆଦର ଗୌରବରୁ ଖୁସି ରହିବେ।

**ମକର**
ଏକାଦଶରେ ଶନି ଆପଣଙ୍କୁ ବିଜାତୀୟ ବ୍ୟକ୍ତିଙ୍କ ମାଧ୍ୟମରେ ଆର୍ଥିକ, ସାଙ୍ଗଠନିକ ସହାୟତା ପ୍ରଦାନ କରିବେ। ଆର୍ଥିକ ଦିଗରୁ ଆଜି ଦିନଟି ବହୁତ ଭଲ। ଫଳରେ ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ଲୋକସମ୍ପର୍କ ବୃଦ୍ଧି ପାଇବ, କିନ୍ତୁ କେତେକ ଈର୍ଷାପରାୟଣ ବ୍ୟକ୍ତିଙ୍କ ସକାଶେ ଟେନ୍‌ସନ ବଢ଼ିଯିବ।

**କୁମ୍ଭ**
ଷଷ୍ଠାଧିପଙ୍କ ସହ କର୍ମସ୍ଥ ଧନାଧିପ ଆପଣଙ୍କୁ ବ୍ୟାଙ୍କ, ଲଟେରି, ସଞ୍ଚୟ ଜମାରୁ ଅର୍ଥପ୍ରାପ୍ତ କରାଇପାରେ। ଚିନ୍ତା ନ କରି କାମ କରି ଚାଲନ୍ତୁ, ଅବଶ୍ୟ ସଫଳତା ହାସଲ କରିବାରେ କୌଣସି ଅସୁବିଧା ରହିବ ନାହିଁ। କେତୁଯୁକ୍ତ ରାଶ୍ୟାଧିପତି ଯୋଗୁ ରୋଗ, ଋଣ ଓ ଶତ୍ରୁତା ଚିନ୍ତାର ମୁଖ୍ୟ କାରଣ ହେବା ସମ୍ଭାବନା ରହିଛି।

**ମୀନ**
ଚତୁର୍ଥ ଭାବରେ ଧନାଧିପ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବ୍ୟୟବହୁଳତା ସୃଷ୍ଟି କରିବ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ପରିବାରରେ,ବନ୍ଧୁମାନଙ୍କ ମଧ୍ୟରେ କିମ୍ବା ସାମାଜିକ ସ୍ତରରେ ବିବାଦ ବୃଦ୍ଧି ଘଟିପାରେ। କିନ୍ତୁ ପୂର୍ବଭାଦ୍ରପଦ୍ ନକ୍ଷତ୍ର ପାଇଁ ଯାତ୍ରା ଓ ବାଣିଜ୍ୟ ସକାଶେ ଦିନଟି ବହୁତ ଭଲ ଏବଂ ବନ୍ଧୁମିଳନରୁ ଖୁସି ରହିପାରନ୍ତି।

ଆଜି ରଜ ସଂକ୍ରାନ୍ତି, ଜ୍ୟେଷ୍ଠ ଶୁକ୍ଳ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ଶନିବାର, ଶ୍ରୀମନ୍ଦିରରେ ଦଇତାପତିଙ୍କ ପ୍ରବେଶ, ଜୁନ୍ ୧୫ ତାରିଖ, ରାଶି ନକ୍ଷତ୍ର– ଦିବା ଘ୨ ।୫୬ମି. ପର୍ଯ୍ୟନ୍ତ ବିଶାଖା/ବିଛା, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା। ଦିବା ଘ୧୧ ।୪୫ମି. ଗତେ ଘ୧ ।୨୬ମି. ମଧ୍ୟେ, ଘ୨ ।୫୮ମି. ଗତେ ଘ୪ ।୩୫ମି. ମଧ୍ୟେ ଅମୃତବେଳା। ସକାଳ ଘ୬ ।୫୦ମି. ଗତେ ଘ୮ ।୨୭ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮ ।୨୯ମି. ଗତେ ଘ୧୦ ।୦୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302




**SALE**

Ready 2BHK/3BHK flats sales at Chandrasekharpur, Patia- 7008346486, 9437192512. D-66565

**Plot @ 120/- per sqft with road 20km from Cuttack, Bhubaneswar 7809525452, 8249851363.** D-66902

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୦୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) x ୫ସେମି. (W) ହେବା ଆବଶ୍ୟକ।

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32lakhs. Contact - 9937059891, 8908292617.** D-12977

ଭୁବନେଶ୍ୱର ପିତାପଲ୍ଲୀ ଛକଠାରେ possession/ ପାଚେରି ଥାଇ sqft.550/-, Xavier University- 250/-, 6371922931 D-66705

Book 3BHK flat at GGP Colony, Rasulgarh, near Palasuni canal road, 9439716901. D-66571

Land/plots available just 3km from Hi-tech square near Rajadhani Engineering College. Contact: 9040686695. D-62188

**3BHK ready to move Premium Duplex at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-12979

**30 ଫୁଟ୍ ସରକାରୀ ପିଚୁ ରୋଡ୍‌କୁ ଲାଗି Direct ownerଙ୍କ ଠାରୁ 17,500 sqft ସ୍ଥିତିବାନ plot ପଟ୍ଟା ଓ ପାଚେରି ସହିତ IIT Jatni, BBSR ରେ ବିକ୍ରି କରାଯିବ। Cost @ 30 lakh, Mob- 9938867397 (Only buyer contact).** D-12976

Booking simplex BJEM-(2) 1200 sqft land 7,20,000/- monthly installment 5,000/-, Badagada Canalroad, Tankapani road, Saitemple, plots available: 7735738102. D-12972




**Built your Residential & Commercial Project with best quality Material @ 1349/- Onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-12978

**AFFIDAVIT**

ମୁଁ ନମିତା ରଥ ୮/୨୭୦୧ ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର ୧୪।୦୬।୨୦୧୯ରେ ଭୁବନେଶ୍ୱର କୋର୍ଟରେ affidavit କରି ନିଜ ନାମ ନମିତା ମହାପାତ୍ରରୁ ନମିତା ରଥ ରଖିଛି। ତେଣୁ ନମିତା ମହାପାତ୍ର ଏବଂ ନମିତା ରଥ ଏକ ଏବଂ ଅଭିନ୍ନ। ଧ-୧୨୯୮୦

**LOST**

My pension P.P. Order Book No. 12020067104 is lost. Anybody found P.P.O. Book please contact: 8895896802. D-64070

**ପାଠକଙ୍କ ପାଇଁ ସୂଚନା–** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

I, Nilamani Mahananda, S/o- Late Danda Mahananda declared that the ROR, M.S. Khata No.34, Mouza: Larasara, P.S.- Dhama, Tahasil- Maneswar, Dist.- Sambalpur which is recorded in the name of Danda Mahananda, S/o- Janama Mahananda bearing plot No.396, area Ac.1.30dec. and M.S. Khata No.64 consisting of three plots, total area Ac.1.90dec. recorded in the name of Banka Ganda, W/o- Janama Ganda and Danda Ganda, S/o- Janama Ganda. The said RORs have been completely damaged by White Ants and it is beyond recovery. D-12981




■ଆଜି ନୀତି ଆୟୋଗ ବୈଠକ: ଯୋଗ ଦେବେ ମୁଖ୍ୟମନ୍ତ୍ରୀ

# ଫନୀ ପରବର୍ତ୍ତୀ ପୁନରୁଦ୍ଧାରକୁ ମିଳିପାରେ ପ୍ରାଥମିକତା

ଭୁବନେଶ୍ୱର,୧୪।୬(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ନୂଆଦିଲ୍ଲୀରେ ଶନିବାର ନୀତି ଆୟୋଗ ବୈଠକ ଅନୁଷ୍ଠିତ ହେଉଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ଦୀର୍ଘଦିନର ବ୍ୟବଧାନ ପରେ ପ୍ରଧାନମନ୍ତ୍ରୀ ମୋଦି ଅଧକ୍ଷତା କରୁଥିବା କୌଣସି ଏକ ବୈଠକରେ ନବୀନ ଯୋଗ ଦେଉଛନ୍ତି। ତେଣୁ ରାଜ୍ୟ ସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗ ସେ ଉପସ୍ଥାପନ କରିବେ ବୋଲି ଆଶା କରାଯାଉଛି। ସାମୁଦ୍ରିକ ଝଡ ଫନୀ ଦ୍ୱାରା କ୍ଷତିଗ୍ରସ୍ତ ଉପକୂଳ ଜିଲାର ପୁନରୁଦ୍ଧାର ମୁଖ୍ୟମନ୍ତ୍ରୀଙ୍କ ପ୍ରାଥମିକତା ହୋଇପାରେ। ସେହିପରି ଓଡ଼ିଶା ସମେତ କେତେକ ରାଜ୍ୟରେ ଆୟୁଷ୍ମାନ ଯୋଜନା ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ। ତେଣୁ କେନ୍ଦ୍ର ସରକାର ଏହି ଯୋଜନା ଲାଗୁ କରିବା ପାଇଁ ବିଭିନ୍ନ ରାଜ୍ୟକୁ ଅନୁରୋଧ କରିପାରନ୍ତି ବୋଲି ସମୀକ୍ଷକମାନେ ମତ ଦେଉଛନ୍ତି।

ଦୀର୍ଘଦିନର ଦାବି ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା ଏବଂ କୋଇଲା ରୟାଲ୍‌ଟି ସଂଶୋଧନ ପ୍ରସଙ୍ଗକୁ ମୁଖ୍ୟମନ୍ତ୍ରୀ ଲିଖିତ ଭାବେ ପୁନର୍ବାର ଉପସ୍ଥାପନ କରିବେ। ସେହିଭଳି ଭୌଗୋଳିକ ଅବସ୍ଥିତି କାରଣରୁ ଓଡ଼ିଶା ଅଧିକାଂଶ ସମୟରେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ୧୯୦୦ ରୁ ୨୦୧୯ ମଧ୍ୟରେ ପୂର୍ବ-ଭାରତରେ ସୃଷ୍ଟି ହୋଇଥିବା ମୋଟ ସାମୁଦ୍ରିକ ଝଡରୁ ପ୍ରାୟ ୩୫ ପ୍ରତିଶତ ଦ୍ୱାରା ରାଜ୍ୟ ସିଧାସଳଖ ପ୍ରଭାବିତ ହୋଇଛି। ତେଣୁ ପ୍ରାକୃତିକ ବିପର୍ଯ୍ୟୟକୁ ଏକକ ଭାବେ ଗ୍ରହଣ କରାଯାଇ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଆଯିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏହା ହୋଇପାରିଲେ ରାଜ୍ୟର ସର୍ବାଙ୍ଗୀନ ବିକାଶ ଓ ଅଭିବୃଦ୍ଧି ହୋଇପାରିବ। କେନ୍ଦ୍ର ଦ୍ୱାରା ଲାଗୁ କରାଯାଇଥିବା ଯୋଜନାଗୁଡିକରେ କେନ୍ଦ୍ର-ରାଜ୍ୟ ଅନୁପାତ

## ସ୍ୱତନ୍ତ୍ର ପାହ୍ୟା, କୋଇଲା ରୟାଲ୍‌ଟି ଦାବିକୁ ଗୁରୁତ୍ୱ

୯୦:୧୦ ରଖିବାକୁ ମୁଖ୍ୟମନ୍ତ୍ରୀ ନିଜ ଦାବିପତ୍ରରେ ଜଣାଇଛନ୍ତି। ଓଡ଼ିଶାକୁ 'ସ୍ପେଶାଲ ଫୋକସ୍ ଷ୍ଟେଟ(ସ୍ୱତନ୍ତ୍ର ଧାନକେନ୍ଦ୍ରିତ ରାଜ୍ୟ)' ଭାବେ ଘୋଷଣା କରାଯାଇ ନିର୍ଦ୍ଦିଷ୍ଟ ସମୟସୀମା ପାଇଁ ସ୍ୱତନ୍ତ୍ର ରାଜ୍ୟଗୁଡିକ ପାଉଥିବା ସୁବିଧା ପ୍ରଦାନ କରିବା ଲାଗି ମୁଖ୍ୟମନ୍ତ୍ରୀ ଦୃଢ ଦାବି କରିପାରନ୍ତି ବୋଲି କୁହାଯାଉଛି। ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଓଡ଼ିଶା ଭଳି ଆନ୍ଧ୍ରପ୍ରଦେଶ ଏବଂ ବିହାର ମଧ ଦାବି କରିଆସୁଛି। ହେଲେ ନିକଟରେ ନବୀନ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସାକ୍ଷାତ କରି ସ୍ୱତନ୍ତ୍ର ଫୋକସ୍ ଷ୍ଟେଟ୍ କରିବା ନେଇ ଦାବି ରଖିଛନ୍ତି। ତେଣୁ ରାଜ୍ୟର ଏହି ପରିବର୍ତ୍ତିତ ଆଭିମୁଖ୍ୟକୁ ନେଇ କେନ୍ଦ୍ରର ପ୍ରତିକ୍ରିୟା ଉପରେ ସମସ୍ତଙ୍କ ନଜର ରହିବ। ସାରା ଭାରତରେ ଉତ୍ପାଦିତ ହେଉଥିବା କୋଇଲାର ଏକପଞ୍ଚମାଂଶ ଓଡ଼ିଶାରୁ ମିଳିଥାଏ। ହେଲେ କୋଇଲା ରୟାଲ୍‌ଟିର ଉପଯୁକ୍ତ ସଂଶୋଧନ ହୋଇ ନ ଥିବାରୁ ରାଜ୍ୟ ବହୁ ପରିମାଣର ରାଜସ୍ୱ ହରାଉଛି। ଶେଷଥର ପାଇଁ ୨୦୧୨ ମେ ୧୦ରେ କୋଇଲା ରୟାଲ୍‌ଟି ସଂଶୋଧନ କରାଯାଇଥିଲା। ତେଣୁ ପ୍ରଚଳିତ ୧୪ ପ୍ରତିଶତ ରୟାଲ୍‌ଟିକୁ ୨୦ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଓଡ଼ିଶା ଦାବି କରିବ ବୋଲି ଜଣାପଡିଛି।

# ଦିଲ୍ଲୀରେ ନବୀନ-ଧର୍ମେନ୍ଦ୍ର ଭେଟ

ଭୁବନେଶ୍ୱର, ୧୪।୬(ବ୍ୟୁରୋ)

୨୦୧୯ ସାଧାରଣ ନିର୍ବାଚନ ଶେଷ ହେବାପରେ ଶାସକ ବିଜେଡି ଏବଂ ଭାଜପା ମଧ୍ୟରେ ଥିବା ଦୂରତା କମିବାରେ ଲାଗିଥିବା ଆଲୋଚନା ହେଉଛି। ବାତ୍ୟା ଫନୀ ପରେ ରାଜ୍ୟ ସରକାରଙ୍କ ପୁନରୁଦ୍ଧାର କାର୍ଯ୍ୟକୁ କେନ୍ଦ୍ରୀୟ ନେତା ଏବଂ ଅଧିକାରୀମାନେ ଯେଉଁଭଳି ପ୍ରଶଂସା କରିଚାଲିଛନ୍ତି ଏହାକୁ ଲକ୍ଷ୍ୟ କରି ସାଧାରଣରେ ସେ ସମ୍ପର୍କିତ ଚର୍ଚ୍ଚା ଆହୁରି ବଢ଼ିଯାଇଛି। ଏପରିସ୍ଥିତିରେ ନୀତିଆୟୋଗ ବୈଠକ ବସିବାର ଦିନକ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭେଟିଛନ୍ତି। ଉଭୟ ନେତାଙ୍କ ସାକ୍ଷାତ ରାଜନୈତିକ ମହଲରେ ବେଶ୍ ଗୁରୁତ୍ୱ ବହନ କରୁଥିବା କୁହାଯାଉଛି। ମାତ୍ର ଉଭୟ ନେତା ରାଜ୍ୟର ବିକାଶ ସମ୍ପର୍କିତ ଆଲୋଚନା ପାଇଁ ଭେଟ ହୋଇଥିଲେ ବୋଲି ମତ ରଖିଛନ୍ତି। ରାଜନୈତିକ ସମୀକ୍ଷକମାନେ କିନ୍ତୁ ଦୁହିଁଙ୍କ ଏଭଳି ପ୍ରତିକ୍ରିୟାକୁ ଏତେ ହାଲୁକାଭାବେ ଗ୍ରହଣ କରିପାରୁନାହାନ୍ତି। ଚଳିତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନବୀନ ଭେଟିବାପରେ ଧର୍ମେନ୍ଦ୍ରଙ୍କ ସହ ସାକ୍ଷାତ ଜାତୀୟ ରାଜନୀତିକୁ ଉଷ୍ମ କରିଛି।

ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀସ୍ଥିତ ଓଡିଶା ଭବନଠାରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କିଛି ସମୟ ଆଲୋଚନା କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପେଟ୍ରୋଲିୟମ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସହ ଅଣରାଜନୈତିକ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ହୋଇଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିଭିନ୍ନ ଯୋଜନା ମାଧମରେ କିଭଳି ଓଡିଶାରେ ନିଯୁକ୍ତି ଓ ବିକାଶ ପ୍ରକ୍ରିୟାକୁ ଗତିଶୀଳ କରାଯାଇପାରିବ ସେନେଇ

## ଓଡ଼ିଶାର ବିକାଶ ଉପରେ ଆଲୋଚନା

ଆଲୋଚନା ହୋଇଛି। ଏହି ଆଲୋଚନାରୁ ଅନେକ ସୁଫଳ ମିଳିବ ବୋଲି ଆଶାବାଦୀ ଅଛି। ଏହାସହ କେନ୍ଦ୍ର ସରକାରଙ୍କୁ ଗଠନମୂଳକ ସହଯୋଗ ଯୋଗାଇ ଦେବାରେ ସେ ବିଶ୍ୱାସ କରନ୍ତି ବୋଲି ନବୀନ କହିଛନ୍ତି। ଧର୍ମେନ୍ଦ୍ର ଗଣମାଧମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଓଡିଶାରେ ହୋଇଥିବା ବାତ୍ୟା ଫନୀର କ୍ଷୟକ୍ଷତି ସମ୍ପର୍କରେ ରାଜ୍ୟ ସରକାରଙ୍କ ଅପେକ୍ଷା ଏବଂ କେନ୍ଦ୍ରର ଯେଉଁ ଦାୟିତ୍ୱ ରହିଛି ସେ ବିଷୟରେ ଆଲୋଚନା ହୋଇଛି। ଓଡିଶା ପାଇଁ ଆଗାମୀ ଦିନରେ ଯେଉଁ ବିକାଶର ଆବଶ୍ୟକତା ରହିଛି ସେ ଦିଗରେ ରାଜ୍ୟ ଓ କେନ୍ଦ୍ର ସରକାର କିପରି ମିଶିକି କାର୍ଯ୍ୟ କରିବେ ଏବଂ ସାଢେ ୪ କୋଟି ଲୋକଙ୍କୁ ତା'ର ଲାଭ ମିଳିବ ସେ ଦିଗରେ ମଧ ଆଲୋଚନା ହେଲା। ଆଗାମୀ ଦିନରେ ସମନ୍ୱୟ ରଖି ରାଜ୍ୟବାସୀଙ୍କୁ ପ୍ରଭାବଶାଳୀ ଭାବେ ସେବା ଯୋଗାଇବୁ। ରାଜନୈତିକ ଆଲୋଚନା ହୋଇଛି କି ବୋଲି ପ୍ରଶ୍ନରେ ଧର୍ମେନ୍ଦ୍ର କହିଛନ୍ତି, ୨୦୧୯ ନିର୍ବାଚନରେ ରାଜ୍ୟରେ ନବୀନ ଏବଂ କେନ୍ଦ୍ରରେ ମୋଦିଙ୍କୁ ଲୋକେ ଭରସା କରିଛନ୍ତି। ସବୁବେଳେ ରାଜନୀତି କଥା ବିଚାର ହୁଏନାହିଁ। ବେକାରି ସମସ୍ୟା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏହି ଅବସରରେ ଷ୍ଟିଲ୍ ଅଥୋରିଟି ଅଫ୍ ଇଣ୍ଡିଆ(ସେଲ୍)ପକ୍ଷରୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ୩ କୋଟି ଟଙ୍କା ପ୍ରଦାନ କରାଯାଇଛି।



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସେଲ୍ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୩ କୋଟି ଟଙ୍କାର ଚେକ୍ ପ୍ରଦାନ କରୁଛନ୍ତି।


## ଇ-ନିଲାମ - କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ପରିସମାପନରେ)

ଇନ୍‌ସଲଭେନ୍ସି ଆଣ୍ଡ ବ୍ୟାଙ୍କ୍ରପ୍ସି କୋଡ୍, ୨୦୧୬ ଅଧୀନରେ ପରିସମ୍ପତ୍ତି ବିକ୍ରୟ

ମାନବ୍ୟର ଜାତୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ, କୋଲକାତା ଖଣ୍ଡପୀଠଙ୍କ ୨୬ ସେପ୍ଟେମ୍ବର, ୨୦୧୮ର ଆଦେଶ ଦ୍ୱାରା ନିଯୁକ୍ତ ପରିସମାପକଙ୍କ ଦ୍ୱାରା ଗଠିତ ଲିକ୍ୱିଡେସନ୍ ଇଷ୍ଟେଟ୍‌ର ଅଂଶରେ ପରିଣତ ହୋଇଥିବା କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର୍ ଲିମିଟେଡ୍ (ପରିସମାପନରେ) ମାଲିକାନାରେ ଥିବା ପରିସମ୍ପତ୍ତି ଓ ସମ୍ପତ୍ତିଗୁଡ଼ିକର ବିକ୍ରୟ।

ଆଗ୍ରହୀ ଆବେଦନକାରୀମାନେ କର୍ପୋରେଟ୍ ଋଣୀଙ୍କ ୱେବ୍‌ସାଇଟ୍ http://concastispat.com/nclt.html ଏବଂ ଇ-ନିଲାମ ୱେବ୍‌ସାଇଟ୍ https://ncltauction.auctiontiger.netରେ ଅପ୍‌ଲୋଡ୍ ହୋଇଥିବା ବିସ୍ତୃତ ଇଓଆଇ ପ୍ରକ୍ରିୟା ଦସ୍ତାବିଜ ଏବଂ ପରିସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ସ୍ମାରକ ଦେଖିପାରନ୍ତି।

ନିଲାମ ବିକ୍ରୟ ଇ-ନିଲାମ ପ୍ଲାଟ୍‌ଫର୍ମ ମାଧ୍ୟମରେ (ପ୍ରତ୍ୟେକ ୧୫ ମିନିଟର ଅସୀମିତ ସମୟବୃଦ୍ଧି ସହିତ) କରାଯିବ: https://ncltauction.auctiontiger.net

| ପରିସମ୍ପତ୍ତି ଲଟ୍ | ବିକ୍ରୟ ପଦ୍ଧତି | ନିରୀକ୍ଷଣ ତାରିଖ | ନିଲାମର ତାରିଖ ଓ ସମୟ | ସଂରକ୍ଷିତ ମୂଲ୍ୟ (ଆଇଏନ୍‌ଆର୍) | ଇଏମ୍‌ଡି ପରିମାଣ ଏବଂ ଦାଖଲର ଅନ୍ତିମ ତିଥି |
|---|---|---|---|---|---|
| ପରିସମ୍ପତ୍ତି ଲଟ୍ ନଂ.୧- ବାଙ୍କୁରା ୟୁନିଟ୍ | ଚାଲୁ ବ୍ୟବସାୟ ଭାବେ | ୫ ଜୁଲାଇ ୨୦୧୯ ପୂର୍ବରୁ | ୧୬ ଜୁଲାଇ ୨୦୧୯ ୧୩.୦୧ ଘ. ରୁ ୧୭ ଜୁଲାଇ ୨୦୧୯ ୧୩.୦୦ ଘ. | ୨୫୩.୩୭ କୋଟି | ୧୧ ଜୁଲାଇ ୨୦୧୯ କିମ୍ବା ତାହା ପୂର୍ବରୁ ୨୫ କୋଟି |
| ପରିସମ୍ପତ୍ତି ଲଟ୍ ନଂ.୪- ଝାରସୁଗୁଡ଼ା ୟୁନିଟ୍ | ମିଳିତ ଭାବେ- ବନ୍ଦ ୟୁନିଟ୍ | ୫ ଜୁଲାଇ ୨୦୧୯ ପୂର୍ବରୁ | ୧୫ ଜୁଲାଇ ୨୦୧୯ ୧୨.୦୧ ଘ. ରୁ ୧୬ ଜୁଲାଇ ୨୦୧୯ ୧୨.୦୦ ଘ. | ୩୦୨.୬୮ କୋଟି | ୧୦ ଜୁଲାଇ ୨୦୧୯ କିମ୍ବା ତାହା ପୂର୍ବରୁ ୩୦ କୋଟି |

ଇ-ନିଲାମ ସମ୍ପର୍କିତ ପ୍ରଶ୍ନ ପାଇଁ, ଯୋଗାଯୋଗ କରନ୍ତୁ: ଗ୍ରାଣ୍ଟ ଥର୍ନଟନ୍‌ର ଶ୍ରୀଯୁକ୍ତ ନଓନୀତ କୁମାର / ଶ୍ରୀଯୁକ୍ତ ସପ୍ତର୍ଷି ବୈଦ୍ୟଙ୍କ ସହିତ +୯୧ ୭୯୦୩୫ ୭୫୦୯୫/ ୯୮୩୬୦ ୭୦୯୯୨, ଇମେଲ୍: LQ.Concast@in.gt.com

**କ୍ଷୀତିଜ ଛାଓଛାରିଆ**
**କନକାଷ୍ଟ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ପରିସମାପନରେ)ର ପରିସମାପକ**
ଆଇବିବିଆଇ ପଞ୍ଜୀକରଣ ନଂ.- ଆଇବିବିଆଇ/ଆଇପିଏ-୦୦୧/ଆଇପି-ପି୦୦୩୫୮/୨୦୧୭-୧୮/୧୦୬୧୬
ପଞ୍ଜୀକୃତ ଠିକଣା: ମାର୍ଫତ୍ ବି. ଛାଓଛାରିଆ ଆଣ୍ଡ କୋ
୮ଏ ଏବଂ ବି, ସତ୍ୟମ ଟାୱାର୍, ୩, ଆଲିପୁର ରୋଡ୍, କୋଲକାତା - ୭୦୦୦୨୭ । ଇମେଲ୍: Kshitiz@bccoindia.com



## ଆବଶ୍ୟକ

**ରୋଷେୟା (ଶେଫ୍) - ୧**
ପ୍ରତିଷ୍ଠିତ ହୋଟେଲରେ ରୋଷେୟା ଭାବେ ପ୍ରାର୍ଥୀଙ୍କର ଅନ୍ୟୂନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। କଣ୍ଟିନେଣ୍ଟାଲ, ଇଣ୍ଡିଆନ୍ ଓ ଚାଇନିଜ୍ ଖାଦ୍ୟ ପ୍ରସ୍ତୁତ କରିପାରୁଥିବା ଦକ୍ଷ ପ୍ରାର୍ଥୀ ଆବଶ୍ୟକ।

**କିଚେନ ଆସିଷ୍ଟାଣ୍ଟ - ୨**
ପ୍ରତିଷ୍ଠିତ ହୋଟେଲରେ ପ୍ରାର୍ଥୀଙ୍କର ଅନ୍ୟୂନ ୨ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ ଏବଂ ସମସ୍ତ ସାମଗ୍ରୀ ପ୍ରସ୍ତୁତ କରିବାରେ ସେ ପାରଙ୍ଗମ ହୋଇଥିବା ଜରୁରୀ।

**ବାର୍ ଟେଣ୍ଡର - ୧**
ପ୍ରତିଷ୍ଠିତ ହୋଟେଲ ବା ବାର୍‌ରେ ପ୍ରାର୍ଥୀଙ୍କର ୨ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ।

**ବି.ଦ୍ର.:** ଇଚ୍ଛୁକ ପ୍ରାର୍ଥୀମାନେ ନିମ୍ନଲିଖିତ ଇ-ମେଲ୍ ଆଇଡି ଓ ଠିକଣାରେ ଆସନ୍ତା ୭ଦିନ ମଧ୍ୟରେ ଦରଖାସ୍ତ ପଠାଇବେ।

**PRESS CLUB OF ODISHA**
Master Canteen Chhak, Unit - 3, BBSR
E-mail: tatzaudi@yahoo.com



## DAYANAND INSTITUTE

Dhanupali,Sambalpur-768005
Helpline-8763032587[O] 9938895475, 9437158817[Principal]

**ADMISSION NOTICE**

NTT - 1year regular and correspondence course
Eligibility- +2 & Above (Only Ladies)
B.Ed- NCTE Approved (2years ,4 semester)
Equivalent to Sambalpur university B.Ed degree.
Eligibility- BA, BSc, B.Com, B.Tech, BBA .

Dayanand Institute is the oldest and trusted institute of Western Odisha, which provided expert guidance, placement assistance, vast library facility, latest method & techniques of teaching, hostel facility, transport, free stationery etc.

PLEASE VISIT US- 8 TO 11AM (OFFICE) EVERYDAY




ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ଠାପର ଭାବେ ଛୋଟ ଛୋଟ ବିଜୟଗୁଡିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ।

-ଶ୍ରୀମା



# ବିବାଦୀୟ ଟୁଇଟ୍



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଦାୟିତ୍ୱହୀନ ଭାବେ ଟୁଇଟ୍ କରି ଏବେ ମହାରାଷ୍ଟ୍ର ଆଇଏଏସ୍ ଅଫିସର ନିଧି ଚୌଧରୀଙ୍କ କ୍ୟାରିୟର ବିପଦରେ ପଡ଼ିଛି। ଏହି କାରଣରୁ ବୃହନ୍‌ମୁମ୍ବାଇ ପୌର ନିଗମର ଯୁଗ୍ମ ପୌର ଆୟୁକ୍ତ ଭାବେ ନିଯୁକ୍ତ ଥିବା ନିଧିଙ୍କୁ ଜଳଯୋଗାଣ ବିଭାଗର ଉପସଚିବ ଭାବେ ବଦଳି କରାଯାଇଛି। ଉଗ୍ର ଜାତୀୟତାବାଦକୁ ନେଇ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମବାର୍ଷିକୀ ପାଳନ ସମ୍ବନ୍ଧରେ ସେ ଉକ୍ତ ବିବାଦୀୟ ଟୁଇଟ କରିଥିଲେ। ଏଥିରେ ସେ ବାପୁଜୀଙ୍କ ସମ୍ପର୍କରେ ଏପରି କିଛି କଥା ଲେଖିଥିଲେ, ଯାହାକୁ ତାଙ୍କ ପ୍ରତି ଅପମାନଜନକ ମନେକରାଯାଇଛି। ସେଥିପାଇଁ ତାଙ୍କୁ ସାମାଜିକ ଗଣମାଧ୍ୟମରେ ପ୍ରବଳ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା। ଏପରି କି ବିରୋଧୀ ଦଳଗୁଡ଼ିକ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ତାଙ୍କ କଥାକୁ ଭୁଲ ଅର୍ଥ କରାଯାଉଛି ଏବଂ ସେ ବାପୁଜୀଙ୍କ ବିରୋଧରେ ଆପତ୍ତିଜନକ କିଛି ଲେଖିନାହାନ୍ତି ବୋଲି ଯେତେ ସଫେଇ ଦେଲେ ମଧ୍ୟ ତାହାକୁ ଗ୍ରହଣ କରାଗଲା ନାହିଁ। ବିଶେଷତଃ ସାମାଜିକ ଗଣମାଧ୍ୟମରେ ତାଙ୍କ ସଫେଇକୁ କେହି ଗ୍ରହଣ କଲେ ନାହିଁ। ନିଧି ଉକ୍ତ ବିବାଦୀୟ ଟୁଇଟକୁ ତୁରନ୍ତ ହଟେଇ ଦେଇଥିଲେ ମଧ୍ୟ ରାଜ୍ୟ ସରକାର ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରିକଲେ। କେତେକ ଆଇଏଏସ୍ ଅଫିସର ତାଙ୍କ ସପକ୍ଷରେ ବାହାରି ସେ ଗାନ୍ଧିଜୀଙ୍କୁ ଅପମାନିତ କରିନାହାନ୍ତି ବୋଲି ଯୁକ୍ତି ଦର୍ଶାଇଲେ ମଧ୍ୟ ତାହା ରାଜ୍ୟ ସରକାରଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣରୁ ନିବୃତ୍ତ କରିପାରିଲା ନାହିଁ।

### ବଞ୍ଚିତ ଜଙ୍ଗଲ ବାବୁ

ମୋଦି ୨.୦ ସରକାରର ପ୍ରଥମ ନିଷ୍ପତ୍ତି ଅନୁସାରେ ମାଓବାଦୀ ବା ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ପୋଲିସ କର୍ମଚାରୀଙ୍କ ପିଲାମାନଙ୍କୁ ପ୍ରଧାନମନ୍ତ୍ରୀଙ୍କ ମେଧାବୃତ୍ତି ଯୋଜନାରେ ସାମିଲ କରାଯିବ। ପୂର୍ବରୁ ସାମରିକ, ଅର୍ଦ୍ଧସାମରିକ ଓ ରେଲୱେ ବାହିନୀ କର୍ମଚାରୀଙ୍କ ପିଲାମାନଙ୍କ ଭିତରେ ଏହାକୁ ସୀମିତ ରଖାଯାଇଥିଲା। ଆଇପିଏସ୍ ସଙ୍ଘ ସରକାରଙ୍କ ନୂତନ ନିଷ୍ପତ୍ତିକୁ ସ୍ୱାଗତ କରିଥିବା ବେଳେ ଭାରତୀୟ ବନସେବାର ବାବୁମାନେ ଏଥିରୁ ନିଜକୁ ବଞ୍ଚିତ କରାଯାଇଥିବା ଅନୁଭବ କରୁଛନ୍ତି। କର୍ତ୍ତବ୍ୟରତ ବନସେବା ବାବୁମାନେ ଯଦି ଆତଙ୍କବାଦୀ ବା ମାଓବାଦୀ ବା ଜଙ୍ଗଲ ମାଫିଆଙ୍କ ଆକ୍ରମଣରେ ଶହୀଦ ହୁଅନ୍ତି, ତେବେ ସେମାନଙ୍କ ପିଲାଙ୍କୁ ମଧ୍ୟ ଏହି ମେଧାବୃତ୍ତି ପ୍ରଦାନ କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ସେମାନଙ୍କର ଏହି ଦାବିକୁ ସାମାଜିକ ଗଣମାଧ୍ୟମରେ ବେଶ୍ ସମର୍ଥନ ମିଳିଛି। ଜଙ୍ଗଲ ବାବୁମାନଙ୍କ କହିବା ଅନୁସାରେ ସେମାନଙ୍କ ଚାକିରିରେ ମଧ୍ୟ ବହୁ ବିପଦ ରହିଛି। ଜଙ୍ଗଲକୁ ରକ୍ଷା କରିବାକୁ ଯାଇ ସେମାନଙ୍କୁ ଅନେକ ସମୟରେ ଜୀବନ ହରାଇବାକୁ ପଡ଼େ। ଅନ୍ତର୍ଜାତୀୟ ରେଞ୍ଜର ସଂଘର ଏକ ଅନୁଧ୍ୟାନ ଅନୁସାରେ ଜଙ୍ଗଲ ରେଞ୍ଜରମାନଙ୍କ ପାଇଁ ଭାରତ ହେଉଛି ସବୁଠାରୁ ବିପଜ୍ଜନକ ଦେଶ। ଜଙ୍ଗଲକୁ ରକ୍ଷା କରିବାକୁ ଯାଇ ସାରା ବିଶ୍ୱରେ ଯେତେ ରେଞ୍ଜର ହତ୍ୟାର ଶିକାର ହୁଅନ୍ତି, ତା'ର ୩୦ ପ୍ରତିଶତ ମୃତ୍ୟୁ ଘଟେ ଭାରତରେ। ଜଙ୍ଗଲ ବାବୁମାନେ ଆଶା କରୁଛନ୍ତି ସରକାର ସେମାନଙ୍କୁ ମଧ୍ୟ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ ବିଚାର କରିବେ।

### ଗେହଲଟଙ୍କ ଉପରେ ଚାପ

ମାତ୍ର ଛଅମାସ ତଳେ ରାଜସ୍ଥାନରେ କଂଗ୍ରେସ କ୍ଷମତାକୁ ଆସିଥିବା ବେଳେ ନିକଟରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନ ସେମାନଙ୍କୁ ସ୍ତମ୍ଭିତ କରିଦେଇଛି। କିନ୍ତୁ ସୂଚନାରୁ ଜଣାପଡ଼ିଛି ଯେ ରାଜ୍ୟରେ ଦଳର ଏପରି ଶୋଚନୀୟ ପରାଜୟକୁ ନେଇ ଦଳ କେବଳ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିନାହିଁ, ବରଂ ରାଜ୍ୟର ମୁଖ୍ୟ ଶାସନ ସଚିବ ଦେବେନ୍ଦ୍ର ଭୂଷଣ ଗୁପ୍ତ ମଧ୍ୟ ଏହି ଅସନ୍ତୋଷର ଶିକାର ହୋଇଛନ୍ତି। କୁହାଯାଉଛି ଯେ, ଗତ ବିଧାନସଭା ନିର୍ବାଚନରେ ଭାଜପା ଓ ତାହାର ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଙ୍କୁ ହରାଇବା ପରେ ଗେହଲଟ ପ୍ରଶାସନିକ ଢାଞ୍ଚାରେ ସଂସ୍କାର ନ ଆଣି ଭୁଲ କରିଥିଲେ। ବସୁନ୍ଧରା ରାଜେଙ୍କ ବିଶ୍ୱସ୍ତ ଥିବା ଗୁପ୍ତଙ୍କୁ ମୁଖ୍ୟ ଶାସନ ସଚିବ ପଦରେ ରଖିବା ତାଙ୍କର ଏକ ବଡ଼ ଭୁଲ ଥିଲା ବୋଲି ମତ ପ୍ରକାଶ ପାଉଛି। ପୂର୍ବ ସରକାର ଅମଳର ବାବୁମାନଙ୍କୁ ନ ବଦଳାଇବାରୁ ମୁଖ୍ୟମନ୍ତ୍ରୀ ପ୍ରଶାସନ ଉପରେ ଠିକ୍ ନିୟନ୍ତ୍ରଣ ରଖିପାରି ନ ଥିଲେ। ଜାଣିବା ଶୁଣିବା ଲୋକଙ୍କ କହିବା ଅନୁସାରେ ଗେହଲଟ କାହିଁକି ଅବସରପ୍ରାପ୍ତ ବରିଷ୍ଠ ବାବୁ ଅରବିନ୍ଦ ମାୟାରାମ ଓ ଗୋବିନ୍ଦ ଶର୍ମାଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଉପଦେଷ୍ଟା ଭାବେ ନିଯୁକ୍ତ କଲେ ସେ ସମ୍ପର୍କରେ ଦଳ ପକ୍ଷରୁ ତାଙ୍କୁ ପ୍ରଶ୍ନ କରାଯାଇଛି। ଯାହା ଜଣାପଡୁଛି, ବରିଷ୍ଠ ସ୍ତରରେ ଅମଲାତନ୍ତ୍ରରେ ଅଦଳବଦଳ କରିବାକୁ ଗେହଲଟଙ୍କ ଉପରେ ପ୍ରବଳ ଚାପ ପଡୁଛି।

Email: dilipcherian@gmail.com

# ଆଚରଣବିଧିର ପ୍ରହସନ



ତୁଷାରକାନ୍ତ

୧୯୭୧ ମସିହା ସଂସଦୀୟ ନିର୍ବାଚନରେ ଉତ୍ତରପ୍ରଦେଶର ରାଏବରେଲି ଲୋକ ସଭା ଆସନରୁ ଇନ୍ଦିରା ଗାନ୍ଧୀ ବହୁ ବ୍ୟବଧାନରେ ସମାଜବାଦୀ ନେତା ରାଜନାରାୟଣଙ୍କୁ ହରାଇବା ପରେ ରାଜନାରାୟଣଜୀ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟରେ ମକଦ୍ଦମା କରି ପ୍ରାର୍ଥନା କରିଥିଲେ ଯେ, 'ଇନ୍ଦିରା ଗାନ୍ଧୀ ନିର୍ବାଚନରେ ସରକାରୀ କଳର ଅପବ୍ୟବହାର କରି ଜିତିଥିବାରୁ ତାଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରାଯାଉ'। ସେହି ସରକାରୀ କଳ ଅପବ୍ୟବହାର 'ଭୋଟରଙ୍କୁ ଲାଞ୍ଚଦିଆ, ଅନ୍ୟାୟପଣିଆ ଆପଣେଇ ତଥା ଧର୍ମକୁ ବ୍ୟବହାର କରି ଭୋଟମାଗିବା' ଉପରେ ପର୍ଯ୍ୟବସିତ ଥିବା ପ୍ରମାଣିତ ହୋଇ ନ ଥିଲା। ଏବର ନିର୍ବାଚନରେ ନିର୍ବାଚନୀ ଆଚରଣବିଧିର ଘୋର ଉଲ୍ଲଂଘନ ପରିପ୍ରେକ୍ଷୀରେ ସେତେବେଳେ ଯେଉଁ ସାମାନ୍ୟ ଉଲ୍ଲଂଘନଗୁଡ଼ିକ ପ୍ରମାଣିତ ହୋଇଥିଲା, ସେଗୁଡ଼ିକ ଥିଲା (୧) ସରକାରୀ ଚାକିରିଆ ଯଶପାଲ କପୁରଙ୍କ ଇସ୍ତଫା ରାଷ୍ଟ୍ରପତିଙ୍କ ଦ୍ୱାରା ଗୃହୀତ ହୋଇ ନ ଥିଲେ ମଧ୍ୟ ସେ ଇନ୍ଦିରା ଗାନ୍ଧୀଙ୍କ ପାଇଁ ନିର୍ବାଚନ କାମ କରିବା, (୨) ପୋଲିସ ଦ୍ୱାରା ଇନ୍ଦିରା ଗାନ୍ଧୀଙ୍କ ନିର୍ବାଚନୀ ପ୍ରଚାରସଭାର ପେଣ୍ଡାଲ ତିଆରି ହେବା ଓ (୩) ସେଠାକୁ ବିଦ୍ୟୁତ୍ ସଂଯୋଗ କରାଯିବା। ଏହି ତିନୋଟି ବେଆଇନ କାମକୁ ଗ୍ରହଣ କରି ଆଲ୍ଲାହାବାଦ ଉଚ୍ଚନ୍ୟାୟାଳୟର ତତ୍କାଳୀନ ବିଚାରପତି ଜଗମୋହନଲାଲ ସିହ୍ନା ତା୧୨।୦୬।୧୯୭୫ରିଖରେ ଇନ୍ଦିରା ଗାନ୍ଧୀଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରି ସେ ଛଅ ବର୍ଷ ପାଇଁ ନିର୍ବାଚନ ଲଢ଼ିପାରିବେ ନାହିଁ ବୋଲି ଦଣ୍ଡାଦେଶ ଶୁଣାଇଥିଲେ। ଏପରି ଦଣ୍ଡାଦେଶକୁ ସେତେବେଳେ 'ଜଣେ ପ୍ରଧାନମନ୍ତ୍ରୀ ଟ୍ରାଫିକ୍ ନିୟମ ଭଙ୍ଗକରି ପଦବୀରୁ ଗଲେ' ରୂପକ କଟାକ୍ଷ କରାଯାଇଥିଲା। ତା'ପରେ ସର୍ବୋଚ୍ଚ ନ୍ୟାୟାଳୟରୁ ଇନ୍ଦିରା ଗାନ୍ଧୀ ଛାଡ଼ ପାଇବା, ଜରୁରିକାଳୀନ ପରିସ୍ଥିତି ଘୋଷଣା ହେବା ଇତ୍ୟାଦି ଇତିହାସର କଥା।

ଅଥଚ ୨୦୧୯ ମସିହା ନିର୍ବାଚନ ବେଳକୁ ଅବସ୍ଥା ସଙ୍ଗିନ। ୩୮ ବର୍ଷ ତଳର ଅସୁବିଧା ସୁଧୁରା ନ ଯାଇ ସରକାରୀ କଳକୁ ଖୋଲାଖୋଲି ଭାବେ ବ୍ୟବହାର କରାଯାଉଛି ଓ ନିର୍ବାଚନ କମିଶନର ମୁଖିଆମାନଙ୍କ ସମେତ ନ୍ୟାୟପାଳିକା ବି ଚୁପ୍, ଯଦିଓ ଅନେକ ଅତି ସାଧାରଣ କଥାରେ ନ୍ୟାୟପାଳିକା ନିଜଆଡ଼ୁ ହସ୍ତକ୍ଷେପ କରିଥାନ୍ତି।

ଇଣ୍ଟରନେଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ, ଏବର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ 'ନୀତି ଆୟୋଗ'କୁ ଇ-ମେଲ୍ କରାଯାଇ ବିଭିନ୍ନ ସରକାରୀ ତଥ୍ୟ ମଗାଯାଉଛି, ଯାହାକୁ ପ୍ରଧାନମନ୍ତ୍ରୀ ନିଜ ନିର୍ବାଚନୀ ଭାଷଣରେ ବ୍ୟବହାର କରୁଛନ୍ତି। ଇଣ୍ଟରନେଟ୍‌ରୁ ଉପଲବ୍ଧ ତଥ୍ୟ ଆଧାରରେ ସେଇ ବାବଦରେ କେତୋଟି ଉଦାହରଣ ନିମ୍ନରେ:

୧.'ନୀତି ଆୟୋଗ' ଗୋଟିଏ ଇ-ମେଲ ଜରିଆରେ କେନ୍ଦ୍ରଶାସିତ ଅଞ୍ଚଳ ତଥା ଗୋଟିଏ ଭାଜପା ଶାସିତ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ସେହିସବୁ ଅଞ୍ଚଳ, ରାଜ୍ୟର ଯେଉଁଠି ପ୍ରଧାନମନ୍ତ୍ରୀଙ୍କ ସଭା ଓ ରାଲି ହେବାର ଥିଲା, ସେହି ସ୍ଥାନର ସବିଶେଷ ତଥ୍ୟ ଦେବାକୁ କୁହାଯାଇଥିଲା ଓ ସେମାନେ ବି ଦେଇଥିଲେ, ଯାହା ପ୍ରଧାନମନ୍ତ୍ରୀଙ୍କ ଭାଷଣରେ କୁହାଯାଇଥିଲା। ନୀତି ଆୟୋଗର ଅର୍ଥନୈତିକ ଅଧିକାରୀ ପିଙ୍କୁ କପୁର ଏଭଳି ତଥ୍ୟ ଯୋଗାଡ଼ ଦାୟିତ୍ୱରେ ଥିଲେ। ସଭା ହେବାକୁ ଥିବା ସ୍ଥାନ ତଥା ଅଞ୍ଚଳର ସାଂସ୍କୃତିକ, ଧାର୍ମିକ ପରମ୍ପରା, ପର୍ଯ୍ୟଟନର ସୁବିଧା, ଚାଷ, ରୋଜଗାର ଇତ୍ୟାଦି ଉପରେ ତଥ୍ୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଦିଆଯାଉଛି, ଯାହା ଉପରେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଆଧାରିତ ରହୁଛି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟର ନିର୍ଦ୍ଦେଶନାମାରେ କେଉଁ ତାରିଖ ଓ କେତେବେଳ ସୁଦ୍ଧା ଉତ୍ତର ଦେବାକୁ ହେବ, ସେ ନିର୍ଦ୍ଦେଶ ବି ରହୁଛି। ଇନ୍ଦିରା ଗାନ୍ଧୀ ଯେଉଁ କାରଣରୁ ଦଣ୍ଡିତ ହୋଇଥିଲେ (ସରକାରୀ କଳର ଅପବ୍ୟବହାର), ଏ ପଦକ୍ଷେପ ସେହି ଅପବ୍ୟବହାରଠାରୁ ଅଧିକ ଗର୍ହିତ, ଅଥଚ ସମସ୍ତେ ଚୁପ୍।

୨. 'ସ୍କ୍ରୋଲ୍' ନାମକ ସଂସ୍ଥା ଗୋଟିଏ ଇ-ମେଲ୍‌ର ନକଲ ପାଇ ତାକୁ ତର୍ଜମା କରି ଜଣାଇଛି ଯେ, 'ଏପ୍ରିଲ ମାସ ଆଠ ତାରିଖରେ' ନୀତି ଆୟୋଗ ଦ୍ୱାରା ସବୁ କେନ୍ଦ୍ରଶାସିତ ଅଞ୍ଚଳର ବାବୁମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା, ସେହିସବୁ ଅଞ୍ଚଳର ଐତିହାସିକ ପରମ୍ପରା, ବରପୁତ୍ର, ସଂସ୍କୃତି, ଧାର୍ମିକ ପରମ୍ପରା, ଅର୍ଥନୈତିକ ସ୍ଥିତି, ଚାଷବାସର ବିବରଣୀ ଉପରେ ତଥ୍ୟ ଦେବାକୁ, ଯେହେତୁ ପ୍ରଧାନମନ୍ତ୍ରୀଙ୍କର ସେଇସବୁ ଅଞ୍ଚଳକୁ ଯିବାର ଥିଲା, ଦଳୀୟ ନିର୍ବାଚନ ପ୍ରଚାରରେ।

୩. ଭାଜପାଶାସିତ ମହାରାଷ୍ଟ୍ରର ଗୋଣ୍ଡିଆ ଜିଲାର ଜିଲାପାଳ କାଦମ୍ବିନୀ ବାଲ୍‌ୱାର୍ଡ ତା୩୧।୦୩।୨୦୧୯ରିଖରେ 'ନୀତି ଆୟୋଗ'କୁ ଗୋଟିଏ ବିବରଣୀ ପଠାଇଥିଲେ, ଯାହାର ଶୀର୍ଷକ ଥିଲା, 'ଗୋଣ୍ଡିଆ ଜିଲାରେ ସବିଶେଷ ତଥ୍ୟ- ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପାଇଁ'। ଏହା ଏକ ବିସ୍ତୃତ ରିପୋର୍ଟ ଥିଲା, ଯେଉଁଥିରେ ସେହି ଜିଲାର ସମ୍ପୂର୍ଣ୍ଣ ଇତିହାସ ଓ ବିଭିନ୍ନ ପରିସଂଖ୍ୟାନ ରହିଥିଲା। ଲାଟୁର ଓ ୱାର୍ଦ୍ଧା ଜିଲାର ଜିଲାପାଳମାନେ ବି ଏପରି ତଥ୍ୟ ଯୋଗାଇଛନ୍ତି। ଏହା ସ୍ଥାନୀୟ ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟିକୁ ଅଣାଯାଆନ୍ତେ, ମହାରାଷ୍ଟ୍ରରେ ଉପମୁଖ୍ୟ ନିର୍ବାଚନ ଅଧିକାରୀ ଦିଲୀପ ସିନ୍ଧେ କହିଥିଲେ, 'ଆମେ କିଛି ଜାଣିନୁ' ଅର୍ଥାତ୍ 'ସବ୍‌ସେ ଭଲା ଚୁପ୍'।

୪. ନିର୍ବାଚନ କମିଶନଙ୍କ ତରଫରୁ ସ୍ପଷ୍ଟ କରାଯାଇଛି ଯେ, 'ନୀତି ଆୟୋଗ'ର ଉପାଧ୍ୟକ୍ଷ ରାଜୀବ କୁମାର ତା୨୫।୦୩।୨୦୧୯ରିଖରେ କଂଗ୍ରେସ ଦଳର 'ନ୍ୟୂନତମ ଆୟ ଯୋଜନା' (ଗରିବମାନଙ୍କୁ ବର୍ଷକୁ ୭୨,୦୦୦ ଟଙ୍କାର ଅନୁଦାନ)କୁ ଆକ୍ଷେପ କରି ନିର୍ବାଚନ ଆଚରଣବିଧିର ଉଲ୍ଲଂଘନ କରିଛନ୍ତି ଅଥଚ ସେ ମହାଶୟ ସେହି ପଦବୀରେ ଅଦ୍ୟାବଧି ବିଦ୍ୟମାନ।

୫. ପ୍ରଧାନମନ୍ତ୍ରୀ, ଭାଜପା ଅଧ୍ୟକ୍ଷ ବହୁବାର 'ନିର୍ବାଚନ ଆଚରଣ ବିଧି'ର ଉଲ୍ଲଂଘନ କରିଥିବା ସତ୍ତ୍ୱେ ନିର୍ବାଚନ କମିଶନ ଚୁପ୍ ବସିଥିଲେ। କଂଗ୍ରେସ ଦଳ ତରଫରୁ ନିର୍ବାଚନ କମିଶନଙ୍କୁ ବାରମ୍ବାର ଚିଠି ଦିଆଗଲେ ମଧ୍ୟ ସେ ଚିଠି ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ତଥା ଗୋଟିଏ ଆରୋପପତ୍ର କମିଶନଙ୍କ ୱେବ୍‌ସାଇଟ୍‌ରୁ ହଟିଯିବାରୁ କଂଗ୍ରେସ ତରଫରୁ ସୁପ୍ରିମକୋର୍ଟରେ ତା୨୯।୦୪।୨୦୧୯ରିଖରେ ଅପିଲ କରାଯାଆନ୍ତେ, ନିର୍ବାଚନ କମିଶନର ୩ ପ୍ରମୁଖ ହଠାତ୍ ତା୩୦।୦୪।୨୦୧୯ରିଖରେ ବୈଠକ କରି ପ୍ରଧାନମନ୍ତ୍ରୀଙ୍କୁ ଗୋଟିଏ ଆରୋପରୁ ମୁକ୍ତ କରିଥିଲେ। ସର୍ବୋଚ୍ଚ ନ୍ୟାୟାଳୟଙ୍କ ତରଫରୁ ନିର୍ବାଚନ କମିଶନଙ୍କୁ 'ତା୦୬।୦୫।୨୦୧୯ରିଖ ଭିତରେ ସବୁ ଆରୋପର ବିଚାର କରିବାକୁ ନିର୍ଦ୍ଦେଶ ଦିଆଯାନ୍ତେ, କମିଶନ୍‌ର ତିନି ପ୍ରମୁଖ ବସି ସବୁ ଆରୋପରୁ ମୋଦିଜୀଙ୍କୁ ମୁକ୍ତ କରିଦେଲେ'। ଭାଜପା ସଭାପତିଙ୍କ 'ନିର୍ବାଚନୀ ଆଚରଣ ବିଧି' ଉଲ୍ଲଂଘନ ଉପରେ ବି ସେମାନେ ଚୁପ୍, ଯେହେତୁ ସେଇମାନଙ୍କ ଯୋଗୁ ଏଡେ ବଡ଼ ବଡ଼ ପଦବୀ ମିଳିଛି ଓ ମିଳି ଚାଲୁଥିବ। ଦୀର୍ଘଦିନ ବଞ୍ଚିରହି ଏପରି ପଦବୀରେ ଅଧିଷ୍ଠିତ ହେବାକୁ କିଏ ବା ଲୋଭୀ ନୁହନ୍ତି ଯେ?

ନିର୍ବାଚନ ଆଚରଣବିଧିରେ ଥିବା ଅନ୍ତର୍ନିହିତ ସନ୍ଦେଶଟି ହେଉଛି ସମସ୍ତ ରାଜନେତା, ସରକାରୀ କର୍ମଚାରୀ ଏଗୁଡ଼ିକୁ ସମ୍ମାନ ପ୍ରଦର୍ଶନ କରିବା ଉଚିତ। ନିର୍ବାଚନ ପ୍ରଣାଳୀରେ ଏମାନଙ୍କ ଦ୍ୱାରା କୌଣସି ପକ୍ଷପାତିତାମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଯିବା ଉଚିତ ନୁହେଁ। ସରକାରୀ କର୍ମଚାରୀମାନେ କେବଳ କାର୍ଯ୍ୟରେ ନୁହେଁ, ବକ୍ତବ୍ୟରେ ମଧ୍ୟ ପକ୍ଷପାତିତା କରିବା ଉଚିତ ନୁହେଁ ବୋଲି ନିର୍ବାଚନ କମିଶନଙ୍କ ତରଫରୁ ଏହାର ପ୍ରମୁଖ ସଚିବ ନରେନ୍ଦ୍ର ବୁଟୋଲିଆ, ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାରଙ୍କୁ ଜଣାଇଥିଲେ। ତେବେ ଆଜିକାଲି 'ମୁଁ ଜନତାଙ୍କ ପାଖରେ ଉତ୍ତରଦାୟୀ ନୁହେଁ, ମୋତେ ଯିଏ ଉଚ୍ଚ ପଦବୀରେ ବସେଇଛନ୍ତି ଓ ପୁଣି ବସେଇ ଚାଲିଥିବେ, ତାଙ୍କ ପ୍ରତି ଅଙ୍ଗୀକାରବଦ୍ଧ' କଥାଟି ସବୁଠେଇଁ ବାସ୍ତବତାର ରୂପ ନେଇସାରିଛି। ତେଣୁ ସିବିଆଇ, ସିଭିସି, ନିର୍ବାଚନ କମିଶନ, ସିଏଜି, ଇଡି ଇତ୍ୟାଦିର ସବୁ ବଡ଼ବଡ଼ିଆ 'ତବ ପଦପଲ୍ଲବମୁଦାରଂ' ଗାଇବାକୁ ଓ ସେ ଅନୁସାରେ କାମ କରିବାକୁ ଅନୁଚିତ ଭାବେ ବିବଶ ମନେହୁଅନ୍ତି।

ମୋ : ୮୮୯୫୮୫୭୩୧୮

# ଭାଷାପ୍ରାଣ ଫକୀରମୋହନ



ଡା. ସୁରେନ୍ଦ୍ର ନାଥ ପତି

ସଂକ୍ରାନ୍ତିପୁରୁଷ ରୂପେ ଖ୍ୟାତ ବ୍ୟାସକବି ଫକୀରମୋହନଙ୍କ ଜନ୍ମ ହୋଇଥିଲା ୧୮୪୩ ମସିହା ଜାନୁୟାରୀ ୧୩ ତାରିଖ ମକରସଂକ୍ରାନ୍ତିରେ ଏବଂ ସେ ଦେହତ୍ୟାଗ କରିଥିଲେ ୧୯୧୮ ମସିହା ଜୁନ୍ ୧୪ ତାରିଖ ରଜସଂକ୍ରାନ୍ତି ଦିନ। ବାଲ୍ୟକାଳରୁ ମାତୃପିତୃହୀନ ହୋଇ ଜେଜେମା'ଙ୍କ ଦ୍ୱାରା ଲାଳିତପାଳିତ ହେଲେ। ଗ୍ରାମ ଚାଟଶାଳୀର ଅବଧାନଙ୍କଠାରୁ ଯତ୍‌କିଞ୍ଚିତ୍ ଶିକ୍ଷା ଲାଭ କରି ଦାରିଦ୍ର୍ୟ ମୋଚନ ଅର୍ଥେ ଅଖାଲ (ପାଲଟଣା ପୋତର ପାଲ) ସିଲାଇ କାମ କରି କିଛି ଅର୍ଥ ରୋଜଗାର କଲେ। ବିଦ୍ୟା ପ୍ରତି ପ୍ରବଳ ଆକର୍ଷଣ ଥିବାରୁ ବାରବାଟୀ ସ୍କୁଲରେ ଅଳ୍ପକାଳ ଅଧ୍ୟୟନ, ତା' ମଧ୍ୟରେ ଗୀତା, ଭାଗବତ, ରାମାୟଣ, ମହାଭାରତ ଆଦି ଅନ୍ୟ ଭାଷାରୁ ପଢ଼ି ମନେ ରଖୁଥିଲେ। ପାର୍ସୀ, ବଙ୍ଗଳା, ହିନ୍ଦୀ ଆଦି ପଢ଼ି କହିପାରୁଥିଲେ। ଯୁବାବସ୍ଥାରେ ୧୮୬୬ ମସିହାରେ ଘଟିଥିବା ଭୟଙ୍କର ନ'ଅଙ୍କ ଦୁର୍ଭିକ୍ଷକୁ ସେ ପ୍ରତ୍ୟକ୍ଷ କରିଛନ୍ତି। ଓଡ଼ିଆମାନଙ୍କର କ୍ଷୁଧା, ଦୈନ୍ୟ, ଦୁଃଖ, ବହୁ ସଂଖ୍ୟାରେ ଅପମୃତ୍ୟୁ ସ୍ୱଚକ୍ଷୁରେ ଦେଖି ତାଙ୍କ ପ୍ରାଣ କାନ୍ଦିଉଠିଥିଲା। ସେତେବେଳେ ଏକତ୍ର ସ୍ୱର ଉଠାଇବା ପାଇଁ କୌଣସି ସଙ୍ଗଠନ, ସାମାଜିକ ଅନୁଷ୍ଠାନ ନ ଥିଲା। ଇଂଲିଶ ଶିକ୍ଷାର କୁପ୍ରଭାବରେ ନବ୍ୟ ଶିକ୍ଷିତ ଯୁବକମାନେ ସ୍ଥାନୀୟ ଲୋକଙ୍କୁ ଘୃଣା କରିବା, ମିଳାମିଶା ନ କରିବା, ଅଲଗା ବାସକରି ମାତାପିତାଙ୍କୁ ହତାଦର କରିବା ଏକ ସାଧାରଣ ଘଟଣା ହୋଇଯାଇଥିଲା ସମାଜରେ। ତେଣୁ ଫକୀରମୋହନ ଚିନ୍ତାକଲେ, ସର୍ବପ୍ରଥମେ ଓଡ଼ିଆ ଭାଷାର ଉତ୍ଥାନ କରି ଓଡ଼ିଶାରୁ ବଙ୍ଗୀୟ ଭାଷାକୁ ହଟାଇବାକୁ ପଡ଼ିବ।

ସେତେବେଳେ ଓଡ଼ିଆ ଛାପାଖାନା ଏଠାରେ ନ ଥିଲା। ଧାରକରଜ କରି ଫକୀରମୋହନ କଲିକତାରୁ ଏକ ପୁରୁଣା ଓଡ଼ିଆ ପ୍ରିଣ୍ଟିଂ ମେଶିନ ଖର୍ଦ୍ଦିକରି ନିଜେ ଶଗଡ଼ରେ ବାଲେଶ୍ୱର ଆଣିଲେ। ସ୍ଥାନୀୟ କିଛି ଲୋକଙ୍କୁ ନେଇ ପତ୍ରିକା ଛପାଇଲେ। ସର୍ବପ୍ରଥମେ 'ବୋଧଦାୟିନୀ' ସୂର୍ଯ୍ୟାଲୋକ ଦେଖିଲା, ତା'ପରେ ନବସମ୍ବାଦ, ସମ୍ବାଦବାହିକା ଆଦି ପତ୍ରପତ୍ରିକା। ପ୍ରେସର ନାମ ରଖିଲେ ଉତ୍କଳ ପ୍ରେସ। ଏସବୁ ହେବାରୁ ଅଦ୍ଭୁତ ଜନଜାଗରଣ ଦେଖାଗଲା। ଲୋକମାନେ ସେହିସବୁ ପତ୍ରପତ୍ରିକା ପାଠକରି ମାତୃଭାଷାର ବନ୍ଦନା ଗାନ କଲେ, ଭୂମିରେ ମୁଣ୍ଡିଆ ମାରିଲେ। କ୍ରମେ କଟକ, ଭଦ୍ରକ,



ତିରୋଭାବ ଦିବସ ଉପଲକ୍ଷେ

ସମ୍ବଲପୁର, ବାମଣ୍ଡା, କଲିକତାର ଓଡ଼ିଆମାନଙ୍କୁ ବିନା ମୂଲ୍ୟରେ ବଣ୍ଟା ହେଲା। ନିଜ ସ୍ୱଳ୍ପ ସମ୍ବଳରୁ ଫକୀରମୋହନ ଏସବୁ କରୁଥିଲେ। କତିପୟ ଧନୀ ବ୍ୟକ୍ତି ସାହାଯ୍ୟ ମଧ୍ୟ ଦେଉଥିଲେ। ସେତେବେଳେ କଟକରେ ଗୌରୀଶଙ୍କର ରାୟ 'ଉତ୍କଳ ଦୀପିକା' ସାପ୍ତାହିକ ବାହାର କରୁଥିଲେ। ଫକୀରମୋହନ ନିଜର ଲେଖାମାନ ଏଠାକୁ ପ୍ରେରଣ କରୁଥିଲେ। ଗବେଷଣାମୂଳକ ଅଧ୍ୟୟନରୁ ଜନମାନସରେ ଆନ୍ଦୋଳନ ସୃଷ୍ଟିକାରୀ ରଚନାଗୁଡ଼ିକ ଅର୍ଦ୍ଧଶିକ୍ଷିତ, ଶିକ୍ଷିତ, ସରକାରୀ କାର୍ଯ୍ୟରେ ନିଯୁକ୍ତ ଓଡ଼ିଆମାନଙ୍କୁ ଭାଷା ମାଧ୍ୟମରେ ଏକତ୍ରିତ କରାଇଲା, ମାତୃଭାଷାର ସୁରକ୍ଷା ହୋଇପାରିଲା।

ଫକୀର ମୋହନ ନିଜେ ବିଭିନ୍ନ ସ୍ଥାନ ଭ୍ରମଣ କରି ସଭା ସମିତି, ଆଲୋଚନାଚକ୍ର, ସାହିତ୍ୟ ସଭା କରି ସମସ୍ତେ ଓଡ଼ିଆ କହିବା, ପଢ଼ିବା, ଲେଖିବା ପାଇଁ ଜନସାଧାରଣଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି କରିଥିଲେ। ଓଡ଼ିଆ ଭାଷାରେ ପ୍ରଥମ ଗଳ୍ପ 'ରେବତୀ' ଫକୀରମୋହନ ଲେଖିଥିଲେ। ଏତଦ୍‌ବ୍ୟତୀତ ଡାକମୁନ୍‌ସୀ, ପେଟେଣ୍ଟ ମେଡିସିନ, ରାଣ୍ଡିପୁଅ ଅନନ୍ତା, ଅଧର୍ମବିତ୍ତ, ସଭ୍ୟ ଜମିଦାର ଆଦି ଗଳ୍ପ ଗଳ୍ପସଳ୍ପ ପୁସ୍ତକରେ ସ୍ଥାନ ପାଇଛି। ତାଙ୍କର ଚାରିଗୋଟି ଉପନ୍ୟାସ- ଛଅମାଣ ଆଠଗୁଣ୍ଠ, ମାମୁଁ, ଲଛମା, ପ୍ରାୟଶ୍ଚିତ୍ତ ପ୍ରକାଶ ପାଇଛି।

ଫକୀରମୋହନ ସେନାପତି ବାଲେଶ୍ୱର ମିଶନ୍ ସ୍କୁଲରେ ଶିକ୍ଷକତା କଲାବେଳେ ତତ୍କାଳୀନ ଶିକ୍ଷା ବିଭାଗର କର୍ମକର୍ତ୍ତା ତଥା ବିଶିଷ୍ଟ କବି ରାଧାନାଥ ରାୟଙ୍କ ସଂସ୍ପର୍ଶରେ ଆସିଥିଲେ। ଦୁଇ ଭାଷାପ୍ରେମୀ ମୃତପ୍ରାୟ ଓଡ଼ିଆ ଭାଷାକୁ ନବଜୀବନ ଦେବା ପାଇଁ ମିଳିତ ଉଦ୍ୟମ କରିଥିଲେ। ଅନ୍ୟ ଏକ ଦିଗରେ ଇଂରେଜ ସାହେବଙ୍କ ସହ ସମ୍ପର୍କ ରଖୁଥିଲେ। ତତ୍କାଳୀନ ବାଲେଶ୍ୱର ଜିଲା କଲେକ୍ଟର ଜନ୍ ବିମ୍‌ସ ବିଭିନ୍ନ ଭାରତୀୟ ଭାଷାରେ ବ୍ୟାକରଣ ପୁସ୍ତକ ରଚନା କରୁଥିଲେ। ଫକୀରମୋହନ ତାଙ୍କୁ ଓଡ଼ିଆ ଶିକ୍ଷା ଦେଲେ। ମହାନ୍‌ହୃଦୟ ଉତ୍କଳପ୍ରେମୀ ବିମ୍‌ସ ସାହେବ ଏହି ଅଳ୍ପଶିକ୍ଷିତ ଓଡ଼ିଆଙ୍କର ପାଣ୍ଡିତ୍ୟ, ଜାତିପ୍ରୀତି, ଉପସ୍ଥିତ ବୁଦ୍ଧି ଲକ୍ଷ୍ୟକରି ତାଙ୍କୁ ଗଡଜାତ ରାଜ୍ୟ ନୀଳଗିରିର ଦେୱାନ ରୂପେ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟଦକ୍ଷତା ଦେଖି ପରେ ପରେ ଡମପଡା (ଦୁଇଥର), ଢେଙ୍କାନାଳ, ପାଲଲହଡା, ଦଶପଲ୍ଲା, କେନ୍ଦୁଝର ଆଦି ଦେଶୀୟ ରାଜ୍ୟର ଦେୱାନ ରୂପେ ବ୍ରିଟିଶ ସରକାର ନିଯୁକ୍ତ କରିଥିଲେ। କେନ୍ଦୁଝରର ପ୍ରଜାମେଳି କାଳରେ ଚତୁରତାର ସହ ସେ ବିଦ୍ରୋହ ଦମନ କରି ହାତୀ ପିଠିରେ କଟକ ଚାଲି ଆସିଥିଲେ।

ପୁରୀ, ମୋ- ୯୪୩୭୪୯୪୭୭୬

## ଏଇ ଭାରତରେ

ଉତ୍ତରପ୍ରଦେଶ ଗୋରଖପୁର ଅନ୍ତର୍ଗତ ଘିସାପୁର ଖଜୁର ଗାଁରେ ୨ଟି ଘୋଡ଼ୀ ଓ ଗୋଟିଏ ଘୋଡ଼ାକୁ ଇଚ୍ଛାମୃତ୍ୟୁ ଅନୁମତି ମିଳିଛି। ଘଟଣା ହେଲା ଏହି ତିନୋଟି ପାଳିତ ପଶୁ ଗ୍ଲାଣ୍ଡର୍ସ ଆଣ୍ଡ ଫାର୍ସି ରୋଗରେ ପୀଡ଼ିତ ଥିଲେ, ଯେଉଁଥିରେ ମୃତ୍ୟୁ ସୁନିଶ୍ଚିତ ବୋଲି କୁହାଯାଏ। ପଶୁପାଳନ ବିଭାଗର ଜିଲା ଅଧିକାରୀଙ୍କ କହିବା କଥା ହେଲା ଏହା ମନୁଷ୍ୟ ପାଇଁ ମଧ୍ୟ ପ୍ରାଣଘାତକ। ଏହି ରିପୋର୍ଟ ପ୍ରକାଶ ପାଇବା ପରେ ଜିଲା ମାଜିଷ୍ଟ୍ରେଟ୍ ଘୋଡ଼ା ଓ ଘୋଡୀଙ୍କୁ ଇଚ୍ଛାମୃତ୍ୟୁ ଅନୁମତି ଦେଇଥିବା ଜଣାପଡିଛି। ଘୋଡ଼ାଙ୍କ ମୃତ୍ୟୁ ପରେ ପଶୁପାଳନ ବିଭାଗ ତରଫରୁ ଏହାର ମାଲିକଙ୍କୁ ୭୫ ହଜାର ଟଙ୍କା କ୍ଷତିପୂରଣ ଦିଆଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ପଶୁପାଳକ ରାଜେଶ ମୌର୍ଯ୍ୟଙ୍କର ଚମ୍ପା, ଚମେଲି ନାମକ ୨ ଘୋଡ଼ୀ ଓ ବାଦଲ ନାମକ ଗୋଟିଏ ଘୋଡ଼ା ଥିଲେ। କିଛିଦିନ ହେବ ଏହି ୩ଟି ଜୀବ ଅସୁସ୍ଥ ଥିବାରୁ ସେମାନଙ୍କର ରକ୍ତ ନମୁନା ପରୀକ୍ଷା କରାଯାଇଥଲା। ଏମାନଙ୍କଠାରେ ଗ୍ଲାଣ୍ଡର୍ସ ଆଣ୍ଡ ଫାର୍ସି ରୋଗର ଲକ୍ଷଣ ଥିବା ଜଣାପଡ଼ିଥିଲା। ଦୁଇଥର ପରୀକ୍ଷା ପରେ ଏହା ପଜିଟିଭ୍ ଆସିବାରୁ ଜିଲା ମାଜିଷ୍ଟ୍ରେଟଙ୍କ ପାଖରେ କରାଯାଇଥିବା ଇଚ୍ଛାମୃତ୍ୟୁ ଆବେଦନକୁ ସେ ଅନୁମତି ପ୍ରଦାନ କରିଛନ୍ତି।

### ଚିରନ୍ତନୀ

ଭୁବନ ଭରି ଆଜି ପ୍ରେୟସୀ ମୋର ଚଳେ
ଭୁବନ ଭରି ସେ ଗୋ କାନ୍ଦେ ମୋ ବିରହରେ।
(ଆଶ୍ୱାସନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୧୫ ଜୁନ୍ ୧୯୯୪

- ଉତ୍ତରକୋରିଆ ଜାତିସଂଘର ଅନ୍ତର୍ଜାତୀୟ ଆଣବିକ ଶକ୍ତି ସଂସ୍କାର ସଦସ୍ୟ ପଦରୁ ଓହରିଯାଇଛି।
- ସମ୍ପ୍ରତି ଶେଷ ହୋଇଥିବା ୟୁରୋପୀୟ ପାର୍ଲାମେଣ୍ଟ ନିର୍ବାଚନରେ ରକ୍ଷଣପନ୍ଥୀ ଗୋଷ୍ଠୀର ବିପୁଳ ବିଜୟ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | 0 | | | C | | | | |
| | | | | | A | 2 | 5 | | 3 | | 9 | | | D |
| | | | | 6 | B | | | | | | | | 9 | |
| A | | | 8 | C | 5 | | | B | | | | | 0 | |
| 9 | | C | | E | | 3 | | | D | 4 | 8 | | | 2 |
| | | | | | | A | | | | | B | 5 | 7 | |
| 4 | 9 | | 6 | | | 0 | E | | C | | | | | |
| | | | | | | | | 2 | | D | 7 | | | 6 |
| | 2 | 8 | 9 | | | D | | | | | E | | B | C |
| | | A | 1 | 7 | | 5 | | 8 | | 9 | | 4 | | |
| | C | | 0 | | | | | | 6 | | | | E | 4 |
| D | | | E | 5 | 7 | | 1 | | 2 | | | | C | 0 |
| E | B | 5 | | | | | | | | 7 | | | | |
| | A | 6 | | | | 9 | | | | | | | | 1 |
| | 1 | | C | | | | A | | | | | D | 2 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | D | 8 | 0 | E | 3 | 4 | 9 | B | 1 | A | 7 | 6 | C | 2 |
| 9 | 7 | E | C | 2 | 4 | 8 | 0 | A | B | 6 | D | 3 | 5 | 1 |
| 2 | A | 1 | D | B | 9 | 5 | E | 6 | 0 | C | 3 | 8 | 4 | 7 |
| 6 | 4 | 3 | A | 7 | 8 | 2 | C | 1 | 5 | E | 9 | 0 | B | D |
| C | B | 0 | 5 | 1 | 6 | 3 | D | 7 | 8 | 2 | 4 | A | E | 9 |
| 7 | 9 | 4 | 1 | A | B | E | 2 | 3 | C | 0 | 8 | 5 | D | 6 |
| 3 | C | B | 4 | D | 2 | 9 | 7 | 8 | A | 5 | 6 | E | 1 | 0 |
| 8 | 1 | A | E | 0 | 5 | B | 6 | C | 9 | D | 2 | 4 | 7 | 3 |
| E | 5 | D | 9 | 6 | C | 1 | 4 | 0 | 7 | 3 | B | 2 | 8 | A |
| 0 | 2 | 6 | 8 | 3 | 7 | D | A | 5 | 4 | 1 | E | B | 9 | C |
| 4 | E | 5 | 6 | C | D | 7 | 3 | 9 | 2 | B | A | 1 | 0 | 8 |
| D | 6 | C | 7 | 8 | E | 0 | 1 | 2 | 3 | 4 | 5 | 9 | A | B |
| A | 3 | 2 | B | 9 | 0 | C | 5 | E | D | 8 | 1 | 7 | 6 | 4 |
| 1 | 8 | 9 | 2 | 4 | A | 6 | B | D | E | 7 | 0 | C | 3 | 5 |
| B | 0 | 7 | 3 | 5 | 1 | A | 8 | 4 | 6 | 9 | C | D | 2 | E |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଆସନ୍ନ ବେକାରି ବିସ୍ଫୋରଣ

ମହାଶୟ,

ଭାରତରେ ବେକାରି ସମସ୍ୟା ଉଗ୍ର ରୂପ ଧାରଣ କଲାଣି। ଓଡ଼ିଶା ପରି ଏକ କୃଷିପ୍ରଧାନ ରାଜ୍ୟରେ ବେକାରଙ୍କ ସଂଖ୍ୟା ୧୨ ଲକ୍ଷରୁ ଅଧିକ। ଓଡ଼ିଶା ପ୍ରାକୃତିକ ସମ୍ପଦରେ ଭରପୂର ଥିଲେ ମଧ୍ୟ ସରକାରଙ୍କ ଆନ୍ତରିକତା ଅଭାବରୁ ତାହାର ଠିକ୍ ବିନିଯୋଗ ହୋଇପାରୁନି। ଫଳରେ ବେକାରି ବଢୁଛି। ଏହି ପରିପ୍ରେକ୍ଷୀରେ ଧରିତ୍ରୀ(୧୬।୫)ରେ ପ୍ରକାଶିତ ବିମଳ ପ୍ରସନ୍ନ ଦାସଙ୍କ ଆଲେଖ୍ୟଟି ଖୁବ୍ ଚମତ୍କାର ତଥା ତଥ୍ୟଭିତ୍ତିକ ହୋଇଛି।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଗୁଣାତ୍ମକ ଶିକ୍ଷା

ରାଜୀବ କର୍ମୀଙ୍କ 'ଶିକ୍ଷାର ଗୁଣାତ୍ମକ ଭେଳିକି' ଯାହା ଧରିତ୍ରୀରେ ପ୍ରକାଶ ପାଇଛି ତାହା ଶିକ୍ଷାର ସାଧାରଣ କଥା। ବାସ୍ତବରେ ଶିକ୍ଷା ଗୃହରୁ ଆରମ୍ଭ ହେବା କଥା। ପିଲାର ପ୍ରଥମ ଶିକ୍ଷକ ତା'ର ମା'। ମା'ର ନଖଦର୍ପଣରେ ରହିବା ଦରକାର ପିଲାର ବୋଧର ସୀମା, କ'ଣ ସେ ପସନ୍ଦ କରେ, କିପରି କଥାକୁ ଭୟକରେ, କେଉଁ କଥାରେ ସନ୍ଦେହ ଓ ବିଶ୍ୱାସ ସୃଷ୍ଟି ହୁଏ ଇତ୍ୟାଦି। ପ୍ରତ୍ୟେକ ପିଲାର ଏକ ବିଶିଷ୍ଟ ଗୁଣ ଅଛି, ଶିକ୍ଷା ସେହି ବୈଶିଷ୍ଟ୍ୟକୁ ପରିପୁଷ୍ଟ କରିବା ଉଚିତ। ଅର୍ଥାତ୍ ବୈଶିଷ୍ଟ୍ୟ ମାଫିକ ଶିକ୍ଷା। ଆଜିକାର ବିଦ୍ୟାଳୟରେ ବୈଶିଷ୍ଟ୍ୟ ମାଫିକ ଶିକ୍ଷା ନାହିଁ। ଜଣେ ଝିଅର ବୈଶିଷ୍ଟ୍ୟ ଓ ଜଣେ ପୁଅର ବୈଶିଷ୍ଟ୍ୟ ଅଲଗା। ତେଣୁ ସେମାନଙ୍କ ପାଠ୍ୟକ୍ରମ ସେହି ଅନୁଯାୟୀ ଭିନ୍ନ ହେବା ଉଚିତ। ତେବେ ପ୍ରଥମେ ଗୃହ ଶିକ୍ଷା ଠିକ୍ ନ ହେଲେ ସ୍କୁଲରେ ଯେତେ ଶିକ୍ଷା ଦେଲେ ତାହା ମୂଲ୍ୟହୀନ। ଖିଆଲ ମାଫିକ ଆମେ ଶିକ୍ଷାର ଅବତାରଣା କରୁଛେ, ତେଣୁ ଫଳ ସେହିପରି ହେଉଛି।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



## ଜିଲ୍ଲା ଚିଠି ସମ୍ବଲପୁର

# ଫ୍ଲାଏଓଭର ଚିନ୍ତା

ସମ୍ବଲପୁର ସହରରେ ଫ୍ଲାଏଓଭର ନିର୍ମାଣ ହେବ ବୋଲି ପ୍ରଶାସନ ନିଷ୍ପତ୍ତି ନେବା ପରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିଭିନ୍ନ ସଙ୍ଗଠନ, ରାଜନୈତିକ ଦଳ ଓ ଜନସାଧାରଣ ଏହାକୁ ବିରୋଧ କରିଥିଲେ। ଏହାର ପ୍ରତିବାଦରେ ଆନ୍ଦୋଳନ, ରାଲି,ଧାରଣା ଅନୁଷ୍ଠିତ ହୋଇଥିଲା । ଏପରି କି ପୋଲିସ ସହ ଆନ୍ଦୋଳନକାରୀଙ୍କ ଧସ୍ତାଧସ୍ତି ହୋଇଥିଲା। ତଥାପି ଜିଲା ପ୍ରଶାସନ ନିଜ ନିଷ୍ପତ୍ତିରେ ଅଟଳ ରହିଥିଲା। ଶେଷରେ ୨୦୧୬ ଫେବୃୟାରୀ ୧୨ରେ ଫ୍ଲାଏଓଭର ନିର୍ମାଣ କାମ ଆରମ୍ଭ ହୋଇଥିଲା। ବିକାଶ ନାମରେ ଏଥିରେ ରାଜନୈତିକ ଫାଇଦା ସହ ଠିକାଦାର ପୋଷା ନୀତି ରହିଥିବା ଅଭିଯୋଗ ହୋଇଥିଲା। ଯାହା ପରବର୍ତ୍ତୀ ସମୟରେ ଏବେ ପ୍ରମାଣିତ ହୋଇ ସାରିଛି। ପୂର୍ତ୍ତ ବିଭାଗ ପକ୍ଷରୁ ଟେଣ୍ଡର ପ୍ରକ୍ରିୟାରେ ଏହି କାମ ଆରମ୍ଭ ହୋଇଥିଲା। ହେଲେ କାମ ଶେଷ ହେବା ଅବଧିଠାରୁ ଢେ଼ର ଦିନ ବିତିଥିଲେ ମଧ୍ୟ ଫ୍ଲାଏଓଭର ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରିନାହିଁ। ତେଣୁ ଫ୍ଲାଇଓଭର ଏବେ ସହରବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଫ୍ଲାଏଓଭର ନିର୍ମାଣ ଦିନରୁ ସହରବାସୀ ନାନା ସମସ୍ୟାର ସମ୍ମୁଖୀନ ହୋଇଛନ୍ତି। ପ୍ରତିଦିନ ଟ୍ରାଫିକ ସମସ୍ୟା ଜଟିଳ ହୋଇପଡିଛି। ଭୁବନେଶ୍ୱର ବମିଖାଲ ଫ୍ଲାଏଓଭର ଦୁର୍ଘଟଣା ଭଳି ଏଠାରେ ଠିକା କମ୍ପାନୀର ଅବହେଳା ଯୋଗୁ ୪ ଥର ଦୁର୍ଘଟଣା ଘଟିଛି। ଜଣେ ସ୍କୁଲ ଛାତ୍ରୀଙ୍କ ସମେତ ୪ ଜଣ ଆହତ ହୋଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିଛି । ଏପରି କି କିଛିଦିନ ଠିକା କମ୍ପାନୀକୁ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପରିସ୍ଥିତି ଶାନ୍ତ ହେବା ପରେ ପୁଣି ଥରେ ସେହି କାମ ଚାଲିଛି । ଏଣେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଠିକା କମ୍ପାନୀ କାମରେ ବିଳମ୍ବ କରୁଛି। ଏଥିରେ ଠିକା କମ୍ପାନୀକୁ ଅଧିକ ଲାଭ ହେଉଛି ଓ ସରକାରଙ୍କ ରାଜସ୍ୱ କ୍ଷତି ହେଉଛି। ବିଭାଗ ପକ୍ଷରୁ ଠିକା କମ୍ପାନୀକୁ ସୁହାଇଲା ଭଳି ବାରମ୍ବାର ବ୍ୟୟ ଅଟକଳ ବୃଦ୍ଧି କରାଯାଉଛି। ପ୍ରଥମେ ୬୬.୩୮ କୋଟି ଟଙ୍କାର ଟେଣ୍ଡର ଡକାଯାଇଥିଲା। ଏବେ ତାହା ବୃଦ୍ଧି ହୋଇ ପ୍ରାୟ ୯୮ କୋଟି ଟଙ୍କାରେ ପହଞ୍ଚିଛି। ଫ୍ଲାଏଓଭର ନିର୍ମାଣ ହେବା ଫଳରେ ଗୋଲବଜାର ସମେତ ଧୁଚୁରାପଡା ଛକରୁ ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ଥିବା ମଲ, ଛୋଟ ବଡ ଦୋକାନୀଙ୍କ ବେପାର ମାନ୍ଦା ପଡିଛି। ଏହାକୁ ଭୟ କରି ପୂର୍ବରୁ ଦୋକାନୀମାନେ ଧୁଚୁରାପଡା ଛକରୁ ଜିଲାପାଳ ଅଫିସ ପର୍ଯ୍ୟନ୍ତ ଫ୍ଲାଏଓଭର ନିର୍ମାଣ ନ କରି ରାସ୍ତା ପ୍ରଶସ୍ତୀକରଣ କରାଯାଉ ବୋଲି ଦାବି କରିଥିଲେ। ହେଲେ ଜିଲା ପ୍ରଶାସନ ସେଥିରେ ରାଜି ହୋଇ ନ ଥିଲା । ଅନ୍ୟପକ୍ଷେ ଯେଉଁ ସଙ୍ଗଠନ, ରାଜନୈତିକ ଦଳ ଓ ଜନସାଧାରଣ ଉକ୍ତ ଫ୍ଲାଏଓଭର ନିର୍ମାଣକୁ ବିରୋଧ କରୁଥିଲେ ଏବେ ସମସ୍ତେ ଚୁପ୍ ହୋଇ ବସିଛନ୍ତି । ସେମାନଙ୍କ ନୀରବ ସମ୍ମତି ଠିକା କମ୍ପାନୀକୁ ସୁହାଇଛି ।

– ଶୁଭାଶିଷ ପାଢୀ

## ■ ମହିଳା ଖବରଦାତାଙ୍କୁ ଦୁର୍ବ୍ୟବହାର

# ଏମ୍‌ପି ଅନୁଭବ, ଭାଇ ଅନୁପ୍ରାସଙ୍କ ନାଁରେ ମାମଲା ରୁଜୁ

■ ଦୁଇ ବର୍ଷ ଧରି ଭାଇ କମେଣ୍ଟ ମାରୁଥିବା ଅଭିଯୋଗ

■ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ:ଅନୁଭବ

କଟକ ଅଫିସ,୧୪।୬: କେନ୍ଦ୍ରାପଡା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ଭାଇ ଅନୁପ୍ରାସ ମହାନ୍ତି ଏକ ଗଣମାଧ୍ୟମ ସଂସ୍ଥାର ଜଣେ ମହିଳା ଖବରଦାତାଙ୍କୁ ଦୁର୍ବ୍ୟବହାର କରିଥିବା ଶୁକ୍ରବାର ପୁରୀଘାଟ ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତା ଖବରଦାତାଙ୍କ ଅଭିଯୋଗକ୍ରମେ ପୋଲିସ ଆଇପିସି ଦଫା ୨୯୪, ୩୨୩, ୩୫୪ଏ, ୩୪ ଅନୁଯାୟୀ ଏକ ମାମଲା(ନଂ.୧୧୩/୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ମହିଳା ଖବରଦାତା ଜଣକ ପୁରୀଘାଟ ଥାନା ଅନ୍ତର୍ଗତ ଝାଞ୍ଜିରିମଙ୍ଗଳା ନିକଟରେ ରହୁଥିବାବେଳେ ଏକ ଗଣମାଧମ ସଂସ୍ଥାରେ କାର୍ଯ୍ୟ କରିବାକୁ ପ୍ରତିଦିନ ଯାଉଥିଲେ। ହେଲେ ନନ୍ଦୀସାହି ନିକଟରେ ଅନୁପ୍ରାସ ଏବଂ ତାଙ୍କର ସାଙ୍ଗମାନେ ତାଙ୍କୁ କମେଣ୍ଟ କରୁଥିଲେ। ୨୦୧୭ରୁ ଏଭଳି କମେଣ୍ଟ କରିଆସୁଥିବା ବେଳେ ଗତ ୧୨ ତାରିଖରେ ମଧ ସେଭଳି ଘଟଣା ଘଟିଥିଲା। ତେବେ ଏ ସମ୍ପର୍କରେ ଅନୁଭବଙ୍କୁ ଜଣାଇବାକୁ ମହିଳା ଖବରଦାତା ଜଣକ ତାଙ୍କର ଜଣେ ସାଙ୍ଗଙ୍କୁ ନେଇ ଗତ ୧୨ ତାରିଖ ରାତି ୧୦ଟାରେ କଟକ ନନ୍ଦୀସାହିସ୍ଥିତ ତାଙ୍କ ବାସଭବନକୁ ଯାଇଥିଲେ। ସେ ସେଠାରେ ପହଞ୍ଚି ନିଜର ଅଭିଯୋଗ କହିବା ପୂର୍ବରୁ ଅନୁଭବ ତାଙ୍କୁ ଗାଳିଗୁଲଜ କରିଥିଲେ। ସେହି ସମୟରେ ସେଠାରେ ଉପସ୍ଥିତ ଥିବା ଅନୁଭବଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶନୀ ମଧ ତାଙ୍କୁ ଗାଳିଗୁଲଜ କରିଥିଲେ। ଏପରି କି ଅନୁଭବ ତାଙ୍କ ଉପରକୁ ଛେପ ପକାଇଥିବା ନେଇ ସେ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି।



ଅନୁଭବ ମହାନ୍ତି।

ଏ ସମ୍ପର୍କରେ ଅନୁଭବ ତାଙ୍କ ବାସଭବନରେ ଶୁକ୍ରବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀ ଡାକି କହିଛନ୍ତି, ଏଭଳି ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ମହିଳା ଜଣକ କାହା ଇଙ୍ଗିତରେ ଅବା କୌଣସି ଖରାପ ମନୋଭାବ ନେଇ ଏଭଳି ଅଭିଯୋଗ କରିଛନ୍ତି। ଗତ ୧୨ ତାରିଖ ରାତି ସାଢେ ୯ଟା ବେଳେ ମହିଳା ଜଣଙ୍କ ତାଙ୍କ ଘର ଆଗରେ ପାଟିତୁଣ୍ଡ କରିଥିଲେ। ଫଳରେ ସେ ପିସିଆର ଭ୍ୟାନକୁ ଡକାଇଥିଲେ। ପୋଲିସ ପହଞ୍ଚି ମହିଳାଙ୍କୁ ସାଙ୍ଗରେ ନେଇ ଯାଇଥିଲା। ତେବେ ପୋଲିସକୁ ତଦନ୍ତ କ୍ଷେତ୍ରରେ ଆମେ ସମ୍ପୂର୍ଣ୍ଣ ସହଯୋଗ କରିବୁ। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ସେ କହିଛନ୍ତି।

ଏ ନେଇ ପୁରୀଘାଟ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁ କହିଛନ୍ତି, ଅଭିଯୋଗ ଆଧାରରେ ଆମେ ମାମଲା ରୁଜୁ କରିଛୁ। ଅନୁଭବଙ୍କ ଘର ପାଖରେ ଥିବା ଲୋକମାନଙ୍କୁ ଆମେ ପଚରାଉଚରା କରିବୁ। ଏଥିସହ ଅନୁଭବଙ୍କ ଘରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବୁ। ତଦନ୍ତ ପରେ ଯିଏ ଦୋଷୀ ତାଙ୍କ ଉପରେ ଆମେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ।

# ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ ପାଇଲେ ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର




ଏକାଡ଼େମୀ ସଭାପତି ଚନ୍ଦ୍ରଶେଖର କମ୍ବରଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ।

ଭୁବନେଶ୍ୱର,୧୪।୬(ବ୍ୟୁରୋ)

୨୦୧୮ ବର୍ଷ ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ଗ୍ରହଣ କରିଛନ୍ତି ଓଡ଼ିଆ ଅନୁବାଦିକା ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ। ଶୁକ୍ରବାର ସନ୍ଧ୍ୟାରେ ତ୍ରିପୁରା ରାଜଧାନୀ ଅଗରତାଲାର ସୁକାନ୍ତ ଏକାଡେମୀ ସଭାକକ୍ଷରେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବରେ ସେ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ଖ୍ୟାତନାମା ବଙ୍ଗଳା ଔପନ୍ୟାସିକ ନବକୁମାର ବସୁଙ୍କ ଯୁଗ୍ମ ଉପନ୍ୟାସ 'ଶ୍ରୀମୟୀ ମା'ର ଅନୁବାଦ ପାଇଁ କାନୁନ୍‌ଗୋ ଏହି ପୁରସ୍କାର ପାଇଛନ୍ତି। ଓଡ଼ିଆ ସହ ଅନ୍ୟ ୨୩ ଭାଷାରେ ଏକାଡେମୀ ଅନୁବାଦ ପୁରସ୍କାର ଏହି ଅବସରରେ ପ୍ରଦାନ କରାଯାଇଛି। ପୁରସ୍କାର ପ୍ରଦାନ ଉତ୍ସବରେ ଓଡ଼ିଆ କବି ହରପ୍ରସାଦ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ସ୍ତରରେ ଏକ ଅନୁବାଦ ଅନୁଷ୍ଠାନ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରିଥିଲେ। ଏକାଡେମୀ ସଚିବ କେ. ଶ୍ରୀନିବାସ ରାଓ ସ୍ୱାଗତଭାଷଣ ଦେଇଥିବା ବେଳେ ସଭାପତି ଚନ୍ଦ୍ରଶେଖର କମ୍ବର କୃତୀ ଅନୁବାଦକମାନଙ୍କୁ ତାମ୍ରଫଳକ ଓ ୫୦ ହଜାର ଟଙ୍କା ସମ୍ବଳିତ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏକାଡେମୀ ଉପସଭାପତି ମାଧବ କୌଶିକ ନିଜ ଅଭିଭାଷଣରେ ଉତ୍ସବର ସଫଳତା ପାଇଁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଭାରତ ସରକାର
ବୟନଶିଳ୍ପ ମନ୍ତ୍ରଣାଳୟ
भारतीय handicrafts हस्तशिल्प continuing tradition
ଜାତୀୟ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ସଂଗ୍ରହାଳୟ

**କଳାକୃତି ପ୍ରଦର୍ଶନୀ କାର୍ଯ୍ୟକ୍ରମ ନିମନ୍ତେ ଆମନ୍ତ୍ରଣ**

୧. ଶିଳ୍ପ ସଂଗ୍ରହାଳୟ (ଜାତୀୟ ହସ୍ତଶିଳ୍ପ ଏବଂ ହସ୍ତତନ୍ତ ସଂଗ୍ରହାଳୟ) ଶିଳ୍ପ ପ୍ରଦର୍ଶନ ବର୍ଷସାରା ଏକ ମାସିକ କଳାକୃତି ପ୍ରଦର୍ଶନୀ କାର୍ଯ୍ୟକ୍ରମ ଆୟୋଜନ କରିଥାଏ ଯେଉଁଠି ସାରା ଭାରତରୁ ଶିଳ୍ପୀ (ବୁଣାକାର, କାରିଗର, ଗୀତ/ନୃତ୍ୟ/ସଙ୍ଗୀତ ଲୋକ କଳାକାର)ମାନଙ୍କୁ ଶିଳ୍ପ ସଂଗ୍ରହାଳୟ, ନୂଆଦିଲ୍ଲୀଠାରେ ସେମାନଙ୍କ ଦକ୍ଷତାକୁ ପ୍ରଦର୍ଶନ କରିବା ଲାଗି ଆମନ୍ତ୍ରଣ କରାଯାଇଥାଏ।

୨. କାର୍ଯ୍ୟକ୍ରମରେ ଅଂଶଗ୍ରହଣ ପାଇଁ ଶିଳ୍ପୀମାନଙ୍କଠାରୁ ଶିଳ୍ପୀ ପରିଚୟ ପତ୍ର ତଥା ପୂର୍ବବର୍ତ୍ତୀ ଅଂଶଗ୍ରହଣ ବିବରଣୀ ଓ ଶିଳ୍ପର ପ୍ରକାର ଦର୍ଶାଇ ସାଦା କାଗଜରେ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି। କାର୍ଯ୍ୟକ୍ରମର ମାନଦଣ୍ଡ ନିମ୍ନ ଅନୁଯାୟୀ ହେବ:
i. ଶିଳ୍ପୀଙ୍କ ନିକଟରେ ବିକାଶ ଆୟୁକ୍ତ (ହସ୍ତଶିଳ୍ପ/ହସ୍ତତନ୍ତ)ଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି ପରିଚୟ ପତ୍ର ରହିଥିବା ଆବଶ୍ୟକ।
ii. ମନୋନୀତ ଶିଳ୍ପୀ/ବୁଣାକାରଙ୍କୁ ନିର୍ଦ୍ଧାରିତ ମାନଦେୟ, ଯାତ୍ରା ଭତ୍ତା, ସ୍ଥାନୀୟ ବାହନ ଓ ପରିବହନ ଖର୍ଚ୍ଚ ଦିଆଯିବ।
iii. ରହିବା ପାଇଁ ମୌଳିକ ଶୟନାଗାର ମାଗଣାରେ ଯୋଗାଇଦିଆଯିବ।
iv. ପ୍ରତ୍ୟେକ କାର୍ଯ୍ୟକ୍ରମ ଏକ କ୍ୟାଲେଣ୍ଡର ମାସ ପାଇଁ ହେବ।
v. ପୂର୍ବବର୍ତ୍ତୀ ଅଂଶଗ୍ରହଣକାରୀମାନେ ଅଂଶଗ୍ରହଣର ଶେଷ ତାରିଖରୁ ୩ ବର୍ଷ ପର୍ଯ୍ୟନ୍ତ ଯୋଗ୍ୟ ହେବେନାହିଁ ।

୩. ଦରଖାସ୍ତଗୁଡ଼ିକୁ ଡାକ/ଇମେଲ୍ ଯୋଗେ ନିମ୍ନଲିଖିତ ଠିକଣାରେ ପଠାଯିବା ଆବଶ୍ୟକ:
ଉପ ନିର୍ଦ୍ଦେଶକ
ଜାତୀୟ ହସ୍ତଶିଳ୍ପ ଓ ହସ୍ତତନ୍ତ
ସଂଗ୍ରହାଳୟ (ଶିଳ୍ପ ସଂଗ୍ରହାଳୟ)
ପ୍ରଗତି ମଇଦାନ, ଭୈରୋଁ ରୋଡ୍,
ନୂଆଦିଲ୍ଲୀ–୧୧୦୦୦୧
ଫାକ୍ସ: ୦୧୧–୨୩୩୭୧୫୧୫

ଯୋଗାଯୋଗ ନମ୍ବର
ଉପ ନିର୍ଦ୍ଦେଶକ: ୦୧୧–୨୩୩୭୦୨୬୫
craftsmuseumindia@gmail.com
ବରିଷ୍ଠ ନିର୍ଦ୍ଦେଶକ: ୦୧୧ ୨୩୩୭୧୬୪୧
ଇମେଲ୍ ଆଇଡି: SohanJha1989@gmail.com

୪. ଶିଳ୍ପୀମାନଙ୍କର ଅଂଶଗ୍ରହଣକୁ ସୁନିଶ୍ଚିତ କରିବା ପାଇଁ ଯୋଜନା ସର୍ବଦା ଉନ୍ମୁକ୍ତ ଏବଂ ଏହାର କୌଣସି ଶେଷ ତାରିଖ ନାହିଁ।

davp 41103/11/0001/1920

# ବୀରେନ୍ଦ୍ର, ଶିଶିରଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର

■ ସାମଗ୍ରିକ କୃତିତ୍ୱ ପାଇଁ ବାଲ୍ ପୁରସ୍କାର ପାଇବେ ବୀରେନ୍ଦ୍ର ସାମନ୍ତରାୟ

■ 'ବିମୁଗ୍ଧ ଉଚ୍ଚାରଣ' ଲାଗି ଶିଶିର ବେହେରାଙ୍କୁ ଯୁବ ପୁରସ୍କାର

ଭୁବନେଶ୍ୱର,୧୪।୬(ବ୍ୟୁରୋ)



ବୀରେନ୍ଦ୍ର କୁମାର ସାମନ୍ତରାୟ



ଶିଶିର ବେହେରା

୨୦୧୯ ମସିହା ପାଇଁ ଘୋଷଣା ହୋଇଛି କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ଓ ବାଲ୍ ସାହିତ୍ୟ ପୁରସ୍କାର। ଭାରତବର୍ଷର ମୋଟ ୨୨ ଭାଷାରେ ଚଳିତବର୍ଷ ଏହି ସମ୍ମାନଜନକ ପୁରସ୍କାର ଦିଆଯିବାକୁ ଘୋଷଣା ହୋଇଥିବା ବେଳେ ଓଡ଼ିଶାରୁ ଦୁଇଜଣ ଏହି ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି। ବରିଷ୍ଠ ସାହିତ୍ୟ ସାଧକ ତଥା ଓଡ଼ିଶାର ଲୋକପ୍ରିୟ ଓ ଜଣାଶୁଣା ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ସାମନ୍ତରାୟ ଚଳିତବର୍ଷ ଲାଗି ସମ୍ମାନଜନକ ବାଲ୍ ସାହିତ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଶିଶୁସାହିତ୍ୟ କ୍ଷେତ୍ରରେ ସାମଗ୍ରିକ କୃତିତ୍ୱ ପାଇଁ ସେ ଏହି ସମ୍ମାନ ପାଇବେ। ସେହିଭଳି ଯୁବ ସାହିତ୍ୟିକ ତଥା ଆଲୋଚକ ଶିଶିର ବେହେରା ଓଡ଼ିଶାରୁ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ସାହିତ୍ୟ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ତାଙ୍କ ରଚିତ ସମାଲୋଚନାଧର୍ମୀ ପୁସ୍ତକ 'ବିମୁଗ୍ଧ ଉଚ୍ଚାରଣ' ପାଇଁ ସେ ଏହି ପୁରସ୍କାର ପାଇବେ। ଏ ନେଇ ଶୁକ୍ରବାର ଏକାଡେମୀ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ କରାଯାଇଛି।

୧୯୪୭ ମସିହା ଜୁଲାଇ ୧୧ରେ ଖୋର୍ଦ୍ଧା ଜିଲା ବାଲିପାଟଣା ଅନ୍ତର୍ଗତ ବାଲିସାହିରେ ଜନ୍ମିତ ବୀରେନ୍ଦ୍ର ସାମନ୍ତରାୟ ପ୍ରାୟ ୫୦ଖଣ୍ଡ ପୁସ୍ତକର ରଚୟିତା। ତାଙ୍କର ଅନନ୍ୟ କୃତି ମଧ୍ୟରେ ରହିଛି 'ପିଲାଙ୍କ ବିଶ୍ୱକୋଷ' ଓ 'ଉତ୍କଳ ପ୍ରଦୀପ' ଜ୍ଞାନକୋଷ ଭଳି ବହୁ ଶିଶୁ ଉପାଦେୟ ପୁସ୍ତକ। 'ରାଜାର ସ୍ୱପ୍ନ' ପାଇଁ ୧୯୯୦ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଥିବା ସାମନ୍ତରାୟ 'ଟୁଉକୁମୁଷି' ପତ୍ରିକା ସମ୍ପାଦକ ଭାବେ ମଧ ଦାୟିତ୍ୱ ତୁଲାଇଛନ୍ତି। କେବଳ ଏତିକି ନୁହେଁ, ନିଜ ଗ୍ରାମରେ ସ୍ୱଉଦ୍ୟମରେ ଏକ ବ୍ୟକ୍ତିଗତ ସଂଗ୍ରହାଳୟ ମଧ ପ୍ରତିଷ୍ଠା କରିଛନ୍ତି। ତାଙ୍କ ସରଳ ଆଶ୍ରମ ଜୀବନ ଓ ନିଷ୍ଠାପର ନିରଳସ ବ୍ୟକ୍ତିତ୍ୱ ପାଇଁ ସେ ଓଡ଼ିଆ ସାହିତ୍ୟ ଜଗତର ଜଣେ ଲୋକପ୍ରିୟ ବ୍ୟକ୍ତିତ୍ୱ। ସେହିଭଳି ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଅଧାପକ ଭାବେ କାର୍ଯ୍ୟ କରୁଥିବା ଡ. ଶିଶିର ବେହେରା ଜଣେ ଯୁବ ସମାଲୋଚକ ତଥା ସମୀକ୍ଷକ। ୧୯୮୭ ମସିହାରେ କଟକ ଜିଲାରେ ଜନ୍ମଗ୍ରହଣ କରିଥିବା ଶିଶିର ଓଡ଼ିଆ ସମାଲୋଚନା ସାହିତ୍ୟ ଜଗତରେ ଜଣେ ଉଦୀୟମାନ ଲେଖକ ଭାବେ ପରିଚିତି ଲାଭ କରିଛନ୍ତି। ଖୁବ୍‌ଶୀଘ୍ର ଏକାଡେମୀ ତରଫରୁ ସ୍ୱତନ୍ତ୍ର ଉତ୍ସବର ଆୟୋଜନ କରାଯାଇ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ। ଉଭୟଙ୍କୁ ମାନପତ୍ର ସହ ୫୦ ହଜାର ଟଙ୍କା ପ୍ରଦାନ କରାଯିବ।

ଚଳିତବର୍ଷ ୧୧ କବିତା ପୁସ୍ତକ, ୬ କ୍ଷୁଦ୍ର ଗଳ୍ପ, ୫ ଉପନ୍ୟାସ ଏବଂ ଗୋଟିଏ ସାହିତ୍ୟ ସମାଲୋଚନା ପୁସ୍ତକକୁ ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ପାଇଁ ଚୟନ କରାଯାଇଛି। ସାହିତ୍ୟ ଏକାଡେମୀ ବାଲ୍ ପୁରସ୍କାର ନିମନ୍ତେ ମୋଟ ୨୨ଜଣ ଏବଂ ଯୁବ ପୁରସ୍କାର ଲାଗି ୨୩ଜଣ ଲେଖକଙ୍କ ନାମ ଘୋଷଣା କରାଯାଇଛି। କେବଳ ମୈଥିଳୀ ଭାଷାରେ ପୁରସ୍କାର ଘୋଷଣା ପରବର୍ତ୍ତୀ ତାରିଖରେ କରାଯିବ। କେନ୍ଦ୍ର ସାହିତ୍ୟ ଏକାଡେମୀ ସଭାପତି ଡ. ଚନ୍ଦ୍ରଶେଖର କମ୍ବରଙ୍କ ସଭାପତିତ୍ୱରେ ଅଗରତାଲାଠାରେ ଅନୁଷ୍ଠିତ ଏକାଡେମୀ ବୈଠକରେ ବିଜେତାମାନଙ୍କ ନାମକୁ ଅନୁମୋଦନ କରାଯାଇଛି। କେନ୍ଦ୍ର ପର୍ଯ୍ୟଟନ ଏବଂ ସଂସ୍କୃତି ମନ୍ତ୍ରୀ ପ୍ରହ୍ଲାଦ ସିଂ ପଟେଲ ସମସ୍ତ ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି। ବିଭିନ୍ନ ଭାଷାରେ ତିନି ଜଣିଆ ବିଚାରକ ମଣ୍ଡଳୀ ପୁରସ୍କାର ବିଜେତାମାନଙ୍କ ନାମ ଚୟନ କରିଥିବା ବେଳେ ଓଡ଼ିଆ ଭାଷା ଜୁରୀ କମିଟିରେ ଅରବିନ୍ଦ ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ତ୍ରିପାଠୀ ଓ ଦାଶ ବେନହୁର ରହିଥିଲେ।

# ସ୍ତ୍ରୀଙ୍କ ତଣ୍ଟି ଚିପି ଗଛରେ ଟାଙ୍ଗି ହତ୍ୟା ଉଦ୍ୟମ

ଆନନ୍ଦପୁର,୧୪।୬(ସ୍ୱ.ପ୍ର.)

ପାରିବାରିକ ହିଂସାର ବିଷମ ପରିଣତି । ଜଣେ ବ୍ୟକ୍ତି ନିଜ ଝିଅ ଲାଗି ରଜ ଡ୍ରେସ କିଣିଦେବା ବାହାନାରେ ସ୍ତ୍ରୀଙ୍କୁ ହାଟକୁ ଡାକି ନେଇ ବାଟରେ ଏକ କାଜୁ ଜଙ୍ଗଲ ଭିତରେ ହତ୍ୟା ଉଦ୍ୟମ କରିବା ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଏହି ମହିଳାଙ୍କୁ ତାଙ୍କ ସ୍ୱାମୀ ସେଠାରେ ମାଡ ମାରି ତଣ୍ଟିଚିପି ଦେଇଥିଲେ। ସେ ବେହୋସ ହୋଇପଡିବାରୁ ମରିଯାଇଥିବା ଭାବି ଏହାକୁ ଆତ୍ମହତ୍ୟା ରୂପ ଦେବା ସକାଶେ ତାଙ୍କ ପିନ୍ଧା ଓଢଣୀରେ ଏକ ଗଛରେ ଟାଙ୍ଗିଦେଇ ପଳାଇଯାଇଥିଲେ। ପରେ ଗଛର ଡାଳ ଭାଙ୍ଗି ପଡିବାରୁ ମହିଳା ଜଣଙ୍କ ତଳେ ପଡି ଯାଇଥିଲେ । ମୁମୂର୍ଷୁ ଅବସ୍ଥାରେ ଜଙ୍ଗଲରେ ସେ ସାରାରାତି ପଡିରହିଥିଲେ। ଶୁକ୍ରବାର ସକାଳୁ ହୋସ ଆସିବାରୁ ସେ ବହୁ କଷ୍ଟରେ ଘୁଷୁରି ଘୁଷୁରି ଗାଁ ନିକଟକୁ ଆସିଥିଲେ। ଗାଁ ଲୋକଙ୍କଠାରୁ ଖବର ପାଇ ବାପଘର ଲୋକେ ଆସି ତାଙ୍କୁ ଉଦ୍ଧାର କରି ପ୍ରଥମେ ଆନନ୍ଦପୁର ଡାକ୍ତରଖାନା ନେଇ ପରେ ଆଗରପଡା ଡାକ୍ତରଖାନାକୁ ନେଇ ଯାଇଛନ୍ତି। ଅଭିଯୁକ୍ତ ସ୍ୱାମୀ ଫେରାର ରହିଛନ୍ତି। ନିର୍ଯାତିତା ମହିଳାଙ୍କ ମା' ତାଙ୍କ ଝିଅଙ୍କୁ ଜୀବନରୁ ମାରି ଦେବା ଲାଗି ଜ୍ୱାଇଁ କିଭଳି ବର୍ବରୋଚିତ କାଣ୍ଡ ଘଟାଇଛନ୍ତି, ଏ ନେଇ ଗଣମାଧ୍ୟମ ଆଗରେ ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ । ଘଟଣାଟି ସମ୍ବେଦନଶୀଳ ହୋଇ ଥିବାରୁ ପୋଲିସ ନିଜ ଆଡୁ ତଦନ୍ତ ଆରମ୍ଭ କରିଛି।

ହତ୍ୟା ଉଦ୍ୟମର ଶିକାର ହୋଇଥିବା ମହିଳାଙ୍କ ବାପଘର ଭଦ୍ରକ ଜିଲା ଅଗରପଡା ଥାନା ଅନ୍ତର୍ଗତ ଘଣ୍ଟଗଡିଆ ଗାଁରେ । ୭ ବର୍ଷ ତଳେ ସେ କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘସିପୁରା ଥାନା ନଦୂଆଁ ଗ୍ରାମରେ ବିବାହ କରିଥିଲେ। ପରେ ଏକ କନ୍ୟା ସନ୍ତାନର ଜନନୀ ହୋଇଥିଲେ । ସ୍ୱାମୀ ବିଭିନ୍ନ ସମୟରେ ତାଙ୍କୁ ମାରଧର କରି ନିର୍ଯାତନା ଦେଇ ଆସୁଥିଲେ। ଥାନା ଯାଏ ବହୁବାର କଥା ଯାଇଥିଲା। ଗତ ଗୁରୁବାର ସନ୍ଧ୍ୟାରେ ଅଭିଯୁକ୍ତ ସ୍ୱାମୀ ଝିଅର ଡ୍ରେସ୍ କିଣି ଦେବାକୁ କହି ତାଙ୍କୁ ଦେଓଗାଁ ବଜାରକୁ ଡାକି ନେଇଥିଲେ। ଦେଓଗାଁ ନେବା ପରିବର୍ତ୍ତେ ଝାଡକୁଣ୍ଡି ନିକଟସ୍ଥ କାଜୁ ଜଙ୍ଗଲକୁ ନେଇଯାଇ ହତ୍ୟା ଉଦ୍ୟମ କରିଥିଲେ। ନିର୍ଯାତିତା ମହିଳାଙ୍କ ମା' ଏହି ଅଭିଯୋଗ କରି କହିଛନ୍ତି, ସେ ପୂର୍ବରୁ ବହୁବାର ଘସିପୁରା ଓ ଅଗରପଡା ଥାନାର ଦ୍ୱାରସ୍ଥ ହୋଇ ନ୍ୟାୟ ମାଗିଥିଲେ। ପୋଲିସ ମଧ୍ୟସ୍ଥତାରେ ଏହାର ଆପୋସ ସମାଧାନ କରାଯାଇଥିଲା। ଏହାର ଫଳସ୍ୱରୂପ ତାଙ୍କ ଝିଅଙ୍କୁ ହତ୍ୟା ଉଦ୍ୟମର ଶିକାର ହେବାକୁ ପଡିଛି। ଭାଗ୍ୟ ବଳରୁ ସେ ବଞ୍ଚି ଯାଇଥିଲେ ମଧ ବର୍ତ୍ତମାନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏ ସମ୍ପର୍କରେ ଘସିପୁରା ଥାନା ଅଧିକାରୀ ବିରଞ୍ଚି ବାଗଙ୍କୁ ପଚାରିବାରୁ ପୋଲିସ ନିଜଆଡୁ ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତଙ୍କୁ ଖୋଜୁଥିବା କହିଛନ୍ତି। ଘଟଣାର ଅନୁସନ୍ଧାନ ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ସେ ପ୍ରକାଶ କରିଛନ୍ତି।

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ
ODISHA STATE OPEN UNIVERSITY
ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ଥାପିତ * ୟୁ.ଜି.ସି ଦ୍ୱାରା ମାନ୍ୟତା ପ୍ରାପ୍ତ

**ADMISSION ANNOUNCEMENT 2019-20**

PROGRAMMES ON OFFER

**MASTER DEGREE PROGRAMMES**
Eligibility: +3 Pass — Duration: 24 Months

MA in Political Science (MAPS)
MA in Sociology (MASO)
MA in History (MAHI)
MA in Public Administration (MAPA)
MA in English (MAEG)
MA in Odia (MAOD)
MA in Hindi (MAHD)
MA in Rural Development (MARD)
Master of Commerce (MCOM)
MA in Journalism and Mass Com. (MJMC)
MSc. in Cyber Security (MSCS)
MA in Public Policy (MAPP)
MA in Economics (MAEC)

**BACHELOR DEGREE PROGRAMME**
Eligibility: +2 Pass — Duration: 36 Months

BA (Honours) in History
BA (Honours) in English
BA (Honours) in Odia
BA (Honours) in Political Science
BA (Honours) in Sociology
BA (Honours) in Hindi
BBA (Bachelor of Business Administration)
BA (Honours) in Economics
B Com. (Honours)
BA (Honours) in Journalism & Mass Com.

**POST GRADUATE DIPLOMA PROGRAMMES**
Eligibility: +3 Pass — Duration: 18 Months

Journalism and Mass Com. (PGDJMC)
Rural Development (PGDRD)
Media Management (PGDMM)
Rural Management (PGDRM)
Computer Applications (PGDCA)
Cyber Security (PGDCS)
Management (PGDIM)
Disaster Management (PGDDM)

**DIPLOMA PROGRAMMES**
Eligibility: +2 Pass — Duration: 12 Months

Disaster Management (DDM)
Functional Hindi & Translation (DFHT)
Accounting (DIA)
Journalism and Mass Com. (DJMC)
Odia Language and Com. (DOLC)
Rural Development (DRD)
Entrepreneurship Development (DED)
Media Management (DMM)
Rural Management (DRM)
Computer Applications (DCA)
Cyber Security (DCS)
Management (DIM)
Office Management (DOM)
Multimedia & Animation (DMA)

**POST GRADUATE CERTIFICATE PROGRAMME**
Eligibility: +3 Pass — Duration: 6 Months

Reasearch Methodology (PGCRSM)

**CERTIFICATE PROGRAMMES**
Eligibility: +2 Pass — Duration: 6 Months

Communication Skills (CCS)
Translation (English-Odia) (CIT)
Journalism & Mass Com. (CJMC)
Rural Development (CRD)
e-Commerce (CEC)
Media Management (CMM)
Rural Management (CRM)
Soft Skill and IT Skill (CSSITS)
Geriatric Care (CGC)
Fuctional Sanskrit (CFS)
Legal Awareness (CLA)
*Digital Library (CDL)

**Students Handbooks & Prospectus can be downloaded from website: www.osou.ac.in**
Admission form is to be submitted through the online portal of the Odisha State Open University, Sambalpur
website: **www.osou.ac.in**



GET IT ON Google Play
DOWNLOAD 'OSOU' MOBILE APP
* Eligibility: +3 Pass

*Contact Address:*
Odisha State Open University, Sambalpur
Phone: 0663-2521600, 0663-2521700
TOLL FREE No: 1800 34567 58
Email: info@osou.ac.in

Regional Centres
BJB (Auto) College, Bhubaneswar (0674-2970779)
S.B.R. Govt. Women's College, Berhampur (0680-2222169)
Vikram Deb (Auto) College, Jeypore (06854-230213)
Fakir Mohan (Auto) College, Balasore (06782-263871)

Last date for submission of online admission form is
**Monday, the 15th July 2019**



ଯେଉଁ ଲୋକ ନିଜ ପରି ଅନ୍ୟମାନଙ୍କୁ ଦେଖେ ଏବଂ ଅନ୍ୟର ଅନିଷ୍ଟ ଚିନ୍ତା କରେ ନାହିଁ, ତା'ର କେବେହେଲେ ଅନିଷ୍ଟ ହୁଏ ନାହିଁ।
- ମହର୍ଷି ପରାଶର



## ସଂକ୍ଷେପରେ

### କଥା ସମ୍ରାଟଙ୍କ ତିରୋଧାନ ଦିବସ

**ରାଉରକେଲା ଅଫିସ,୧୪।୬**-ଭାଷା ସାହିତ୍ୟ ପ୍ରତି ପ୍ରତିବଦ୍ଧତା ଥିବା ସାହିତ୍ୟାନୁଷ୍ଠାନ ଓଡିଆ ଭାଷା ବିକାଶ ମଞ୍ଚ ପକ୍ଷରୁ କଥା ସମ୍ରାଟ ଫକୀର ମୋହନଙ୍କ ତିରୋଧାନ ଦିବସ ପାଳିତ ହୋଇ ଯାଇଛି। ମଞ୍ଚ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଶିକ୍ଷକ ଚନ୍ଦ୍ରଶେଖର ପାଇକରାୟ, ଚିତ୍ରଶିଳ୍ପୀ ରମେଶ ମାଝି, ବନୋଜ ମହାନ୍ତି, ଅଧ୍ୟାପକ ବିଜୟ ରାୟ, କୁଞ୍ଜବିହାରୀ ରାଉତ, ପଞ୍ଚାନନ ପ୍ରଧାନ, ଚରଖୁ ଲାଖୁଆ, କୈଳାସ ଖଟେଇ ଓ ଛାତ୍ର ପ୍ରତିନିଧି ଶଙ୍କର ନାରାୟଣ ସାହୁ ପ୍ରମୁଖ ସେକ୍ଟର-୭ ଠାରେ ଥିବା ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଓଡିଆ ଭାଷା ସାହିତ୍ୟକୁ କଥା ସମ୍ରାଟ ଫକୀରମୋହନ ଅବଦାନ ନେଇ ଆଲୋଚନା କରିଥିଲେ ମଞ୍ଚାସୀନ ଅତିଥି। ତାଙ୍କ ରଚନା କିପରି ଓଡିଆ ଭାଷାକୁ ସମୃଦ୍ଧ କରିଛି ସେନେଇ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ଆଲୋକପାତ କରିଥିଲେ। ପ୍ରତ୍ୟେକ ଓଡିଆଙ୍କ ମନ ପ୍ରାଣରେ ଫକୀରମୋହନଙ୍କ କାବ୍ୟ କବିତା ସର୍ବଦା ପ୍ରତିଫଳିତ ହେଉଥିବ ବୋଲି ଏଥିରେ ମତ ପ୍ରକାଶ ପାଇଥିଲା।



### ଶିକ୍ଷାବିତ୍ ବିପିନ ବିହାରୀ ଦ୍ୱିବେଦୀଙ୍କ ପରଲୋକ

**ଦେବଗଡ଼,୧୪।୬ (ଡି.ଏନ.ଏ.)**- ଦେବଗଡର ବର୍ଷୀୟାନ ସାହିତ୍ୟିକ ତଥା ଶିକ୍ଷାବିତ ଶିକ୍ଷକ ଅବସରପ୍ରାପ୍ତ ଡି.ଆଇ ବିପିନ ବିହାରୀ ଦ୍ୱିବେଦୀ(୭୫)ଙ୍କ ଦେବଗଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ସନ୍ଧ୍ୟାରେ ପରଲୋକ ଘଟିଛି। ସେ ଗତ କିଛି ଦିନ ଧରି ଅସୁସ୍ଥ ଥିବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କର ବିୟୋଗରେ ଦେବଗଡ ତଥା ଜିଲାରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ କଚେରୀ ସାହିସ୍ଥିତ ନିଜ ବାସଭବନରେ ତାଙ୍କ ଅନ୍ତିମ ଶଯ୍ୟା ନିକଟରେ ସହଧର୍ମିଣୀ ଅବନୀ ଦ୍ୱିବେଦୀ, ବଡପୁଅ ପିଣ୍ଟୁ ଦ୍ୱିବେଦୀ, ସାନ ପୁଅ ମଣ୍ଟୁ, ବୋହୂ, ନାତୁଣୀଙ୍କ ସମେତ ବହୁ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ତାଙ୍କ ଶେଷ ଦର୍ଶନ ପାଇଁ ସହରର ଶିକ୍ଷାବିତ, ବୁଦ୍ଧିଜୀବୀ, ଆଇନଜୀବୀ, ଖବରଦାତା ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନପାଟସ୍ଥିତ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ପିଣ୍ଟୁ ମୁଖାଗ୍ନି ଦେଇଥିଲେ। ସେ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଏବଂ ସାମାଜିକ ସଙ୍ଗଠନ ସହ ଜଡିତ ଥିବାବେଳେ ଜଣେ ଲେଖକ, କବି, ମିଷ୍ଟଭାଷୀ, ପ୍ରାବନ୍ଧିକ, ସାହିତ୍ୟିକ, ମେଳାପି ଏବଂ ପରୋପକାରୀ ବ୍ୟକ୍ତି ଭାବେ ତାଙ୍କର ବେଶ୍ ସୁନାମ ରହିଥିଲା।

# ଧୁମ୍‌ଧାମ୍‌ରେ ପାଳିତ ହେଲା ପହିଲି ରଜ

## ■ ଘରେ ଘରେ ପିଠାପଣାର ମହକ, ଦୋଳି ଖେଳ

**ରାଉରକେଲା ଅଫିସ, ୧୪।୬**

ଷ୍ଟିଲ ସିଟିରେ ପହିଲି ରଜ ବେଶ ଧୂମଧାମରେ ପାଳନ କରାଯାଇଛି। ସେଥିପାଇଁ ଘରେ ଘରେ ପିଠାପଣାର ତିଆରି ହେବା ସହିତ ଦୋଳି ଖେଳ ବେଶ୍ ଜମିଛି । ବନ୍ଧୁ ପରିଜନଙ୍କ ମେଳରେ ଯୁବତୀମାନେ ରଜ ବୁଲିବାକୁ ଯାଇଛନ୍ତି । କେବଳ ପିଠା ନୁହେଁ, ଭଳିକି ଭଳି ମିଠା ସାଙ୍ଗକୁ ରଜ ପାନ ବି ଏହି ମହୋତ୍ସବର ସ୍ୱତନ୍ତ୍ରତାକୁ ପ୍ରତିପାଦିତ କରିଛି। କେତେକ ସ୍ଥାନରେ ଏହି ଉତ୍ସବକୁ ସାମୁହିକ ଭାବେ ପାଳନ କରାଯାଇଛି। ଏନେଇ ବିଭିନ୍ନ ସଂଘ, ସଙ୍ଗଠନ ପକ୍ଷରୁ ନାନା ପ୍ରତିଯୋଗିତାର ଆୟୋଜନ କରାଯାଇ ଥିଲା। ବିଶେଷ କରି ବାଳିକାଙ୍କ ମଧ୍ୟରେ ଦୋଳି, ପୁଚି ଓ ବିଭିନ୍ନ କିସମର ପିଠା ପ୍ରସ୍ତୁତି ନେଇ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ସମାନ ଢଙ୍ଗରେ କେତେକ ନାମୀଦାମି ହୋଟେଲ ପକ୍ଷରୁ ରଜ ପର୍ବକୁ ଆଖି ଆଗରେ ରଖି ବିଭିନ୍ନ ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଗ୍ରାହକଙ୍କୁ ଆକର୍ଷିତ କରାଯାଇଥିଲା।



ସମ୍ଭାବନା ପକ୍ଷରୁ ଛେଣ୍ଡ କଲୋନୀଠାରେ ଆୟୋଜିତ ରଜ ମହୋତ୍ସବ।

ହୋଟେଲ ମାନଙ୍କରେ ସଂଭ୍ରାନ୍ତ ପରିବାରଙ୍କ ସମାଗମ ପରିଲକ୍ଷିତ ହୋଇଥିଲା। ସହରର କେତେକ ସ୍ଥାନରେ ତାସ ଓ ଲୁଡୁ ପ୍ରତିଯୋଗିତା ଚାଲିଥିଲା । ଏଥିରେ ଯୁବ ପିଢିଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଥିଲା। ରଜ ୩ ଦିନକୁ କିପରି ଧୂମଧାମରେ ପାଳନ କରାଯିବ ସେ ନେଇ ଷ୍ଟିଲ ସିଟିର ଓଡ଼ିଆ ଲୋକ ରହୁଥିବା ବସ୍ତି,କଲୋନୀ ଚଳଚଞ୍ଚଳ ହୋଇ ଉଠିଛି। ବଡ ବଡ ଗଛରେ ଅତି ସୁନ୍ଦର ଭାବେ ଦୋଳି ବନ୍ଧା ଯାଇଛି। ଏଥିରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଦୋଳି ଖେଳ ଚାଲିଛି। ବିଶେଷ କରି ଛେଣ୍ଡ, ବାସନ୍ତୀ କଲୋନୀ, କୋଏଲନଗର, ଶକ୍ତିନଗର, ସିଭିଲ ଟାଉନସିପ, ଫର୍ଟିଲାଇଜର ଟାଉନସିପ ଓ ବନ୍ଧମୁଣ୍ଡା ଆଦି ଅଞ୍ଚଳ ରଜ ପାଇଁ ଚଳଚଞ୍ଚଳ ରହିଛି।

# ବେଲପାହାଡ଼ ପୌର ପରିଷଦ ପକ୍ଷରୁ ଡଷ୍ଟବିନ ବଣ୍ଟନ

## ଘରୁ ଅଳିଆ ସଂଗ୍ରହ ହେବ, ୫୦ ଟଙ୍କା ସର୍ଭିସ ଫି ଆଦାୟ ହେବ

**ବେଲପାହାଡ଼,୧୪।୬ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌରପରିଷଦ ପକ୍ଷରୁ ସହରାଞ୍ଚଳର ଗୃହଧାରକ ମାନଙ୍କୁ ୨ଟି ଲେଖାଏଁ ଡଷ୍ଟବିନ ବଣ୍ଟନ କାର୍ଯ୍ୟ ଆରମ୍ଭ ହୋଇଛି । ଏହି ଡଷ୍ଟବିନରେ ପ୍ରତ୍ୟେକ ଘରୁ ବର୍ଜ୍ୟବସ୍ତୁ ସଂଗ୍ରହ କରାଯିବ । ବାସିନ୍ଦାମାନେ ଘରୁ ବାହାରୁ ଥିବା କଞ୍ଚା ଓ ଶୁଖିଲା ବର୍ଜ୍ୟବସ୍ତୁକୁ ଅଲଗା ଅଲଗା ଭାବେ ଡଷ୍ଟବିନରେ ଠୁଳ କରିବେ ଏବଂ ପୌର ସଫେଇ କର୍ମଚାରୀମାନେ ପ୍ରତିଦିନ ଘରକୁ ଘର ବୁଲି ସେହି ବର୍ଜ୍ୟବସ୍ତୁ ସଂଗ୍ରହ କରିବେ। ଏଭଳି ଅଭିଯାନକୁ ସଫଳ କରିବା ପାଇଁ ପୌରପରିଷଦ ପକ୍ଷରୁ ଗତ ୬ ତାରିଖରୁ ୧୧ ତାରିଖ ପର୍ଯ୍ୟନ୍ତ ପୌର ସଭାଗୃହରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ପୌର ସଫେଇ କର୍ମଚାରୀ,ଏସ୍ଏସ୍‌ଜି ଗ୍ରୁପ ଓ ବିଜୁ ଯୁବ ବାହିନୀର କର୍ମୀମାନେ ଯୋଗ ଦେଇଥିଲେ । ପ୍ରଥମ ପର୍ଯ୍ୟାୟରେ ଏବେ ଚାରୋଟି ୱାର୍ଡ଼ର ୩ ହଜାର ଘରକୁ ୨ଟି ଲେଖାଏଁ ଡ଼ଷ୍ଟବିନ



ଡଷ୍ଟବିନ୍ ବଣ୍ଟନ କରାଯାଉଛି।

ଯୋଗାଇ ଦିଆଯିବ ଏବଂ ପରବର୍ତ୍ତି ସମୟରେ ପର୍ଯ୍ୟାୟ କ୍ରମେ ସମୁଦାୟ ୮ ହଜାର ୮୪୭ ଘରକୁ ଡଷ୍ଟବିନ ଯୋଗାଇବା ପାଇଁ ପୌରପରିଷଦ ପକ୍ଷରୁ ନିଷ୍ପତି ନିଆଯାଇଛି। ଏତାଦୃଶ ସେବା ପାଇଁ ପ୍ରତିମାସରେ ଗୃହ ମୁଖ୍ୟଙ୍କ ଠାରୁ ୫୦ ଟଙ୍କା ଲେଖାଏଁ ସର୍ଭିସ ଫି ଆଦାୟ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ଲୋକନାଥ କୁମାର ତିୱାରୀ ପ୍ରକାଶ କରିଛନ୍ତି । ଗତ ଗୁରୁବାର ପୌରପରିଷଦ ଅଧ୍ୟକ୍ଷ ପର୍ଶୁରାମ ସାହୁ ପତାକା ଦେଖାଇ ଉକ୍ତ ସଫେଇ ଅଭିଯାନର ଶୁଭାରମ୍ଭ କରିଥିଲେ ।

### ଯୁବକଙ୍କ ମୃତଦେହ ଉଦ୍ଧାର

# ଅଂଶୁଘାତରେ ମୃତ୍ୟୁ ଆଶଙ୍କା

**ବେଲପାହାଡ଼,୧୪।୬ (ଡି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ଥାନା ପୋଲିସ ଗତ ଗୁରୁବାର ଜାମକାନି ଗାଁରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ମୃତ ଯୁବକଙ୍କ ନାମ ସୁରୁ ଖଡ଼ିଆ (୪୫) । ଯୁବକଙ୍କ ମୃତ୍ୟୁ ଅଂଶୁଘାତ ଯୋଗୁ ହୋଇଥାଇପାରେ ବୋଲି ପୋଲିସ ଆଶଙ୍କା କରୁଛି । ଗତ ସୋମବାର ଯୁବକ ଜଣକ ଘରୁ ବାହାରିଥିଲେ ଏବଂ ଦୁଇ ଦିନ ପର୍ଯ୍ୟନ୍ତ ଘରକୁ ଆସି ନ ଥିଲେ । ଗୁରୁବାର ପୂର୍ବାହ୍ନରେ ଗାଁ ଲୋକେ ବନ୍ଧ ନିକଟ ଏକ ଗଛ ତଳେ ଏକ ମୃତଦେହ ପଡ଼ିଥିବା ଦେଖିଲା ପରେ ପୋଲିସକୁ ସୂଚନା ଦେଇଥିଲେ । ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ କରିଥିଲା ଏବଂ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଯୁବକଙ୍କ ମୃତ୍ୟୁ ଦୁଇ ଦିନ ପୂର୍ବରୁ ଘଟିଥିବା ପୋଲିସ ଅନୁମାନ କରିବା ସହିତ ମୃତ୍ୟୁର କାରଣ ଅଂଶୁଘାତ ହୋଇଥାଇପାରେ ବୋଲି ଆଶଙ୍କା କରୁଛି । ଯୁବକ ଜଣକ ବିବାହିତ । କିଛି ବର୍ଷ ପୂର୍ବରୁ ତାଙ୍କ ସ୍ତ୍ରୀ ତାଙ୍କୁ ଛାଡ଼ି ବାପ ଘରକୁ ପଳାଇଯାଇଥିଲେ । ସେହିଦିନ ଠାରୁ ସେ ଘରେ ପ୍ରାୟତଃ ରହୁ ନ ଥିଲେ । ବାହାରେ କୁଲି ମଜୁରି କାମ କରି ବୁଲୁ ଥିଲେ । ଏସଂକ୍ରାନ୍ତରେ ବେଲପାହାଡ଼ ଥାନାରେ ଏକ ଅପମୃତ୍ୟୁ ମାମଲା (୬/୨୦୧୯) ରୁଜୁ ହୋଇଛି ।

# କୋଲକାତାରେ ଡାକ୍ତରଙ୍କୁ ଆକ୍ରମଣ ନେଇ ପ୍ରତିକ୍ରିୟା

**ରାଉରକେଲା ଅଫିସ,୧୪।୬**

କୋଲକାତାରେ ଡାକ୍ତରଙ୍କ ଉପରେ ସଂଘବଦ୍ଧ ଆକ୍ରମଣ ନେଇ ଶୁକ୍ରବାର ଷ୍ଟିଲ ସିଟି ରାଉରକେଲାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ରାଉରକେଲା ଇସ୍ପାତ୍ କାରଖାନା ପରିଚାଳିତ ଇସ୍ପାତ୍ ଜେନେରାଲ ହସ୍ପିଟାଲ (ଆଇଜିଏଚ୍), ରାଉରକେଲା ସରକାରୀ ମେଡିକାଲ (ଆରଜିଏଚ୍) ଡାକ୍ତରମାନେ ପ୍ରତୀକ ଆନ୍ଦୋଳନ କରିଥିଲେ। କେହି ମୁଣ୍ଡରେ ପଟିବାନ୍ଧି ତ ଆଉ କିଏ କଳା ବ୍ୟାଚ ପରିଧାନ କରି ଏହାର ପ୍ରତିବାଦ କରିଥିଲେ। ସେମାନଙ୍କ ଅଭିଯୋଗ ଥିଲା ଯେ, ପଶ୍ଚିମବଙ୍ଗ ସରକାର ଜାଣିଶୁଣି ଡାକ୍ତରଙ୍କ ଆନ୍ଦୋଳନକୁ ବେଖାତିର କରିଛନ୍ତି। ସଂପ୍ରତିକ ପରିସ୍ଥିତିରେ





ରାଉରକେଲା ସରକାରୀ ମେଡ଼ିକାଲ ଜୁନିୟର ଡାକ୍ତରମାନଙ୍କ ପ୍ରତୀକ ଆନ୍ଦୋଳନ।

ଡାକ୍ତରମାନେ ଆଉ ସୁରକ୍ଷିତ ମଣୁ ନାହାଁନ୍ତି ବୋଲି ଆନ୍ଦୋଳନକାରୀ ଡାକ୍ତର ପ୍ରକାଶ କରିଥିଲେ। ଏନେଇ ସହରର ଡାକ୍ତର ସଂଘ ପକ୍ଷରୁ ମଧ ଏହି ଆନ୍ଦୋଳନକୁ ସମର୍ଥନ ଘୋଷଣା କରାଯାଇଛି। ଦୀର୍ଘ ୪ ଦିନ ଧରି କୋଲକାତା ଡାକ୍ତର ଏନେଇ ଆନ୍ଦୋଳନ କରିବା ପରେ ମଧ ସେଠାକାର ସରକାର ନିଦା ବିଷ୍ଣୁ ସାଜିଛି। ଏଣୁ ସମଗ୍ର ଦେଶରେ ପଶ୍ଚିମବଙ୍ଗ ସରକାରଙ୍କ ଏଭଳି ଅମାନବୀୟ ପଦକ୍ଷେପକୁ ବିରୋଧ କରାଯିବ ବୋଲି ଡାକ୍ତର ସଂଘ ପକ୍ଷରୁ କୁହାଯାଇଛି।

# ମଧୁସୂଦନପାଲିରେ ଗ୍ୟାସ୍ ଲିକ୍‌ରୁ ଅଗ୍ନିକାଣ୍ଡ

**ରାଉରକେଲା ଅଫିସ,୧୪।୬**

ମଧୁସୂଦନପାଲି ଅଞ୍ଚଳରେ ଶୁକ୍ରବାର ମଧ୍ୟାହ୍ନ ସମୟରେ ଅଗ୍ନିକାଣ୍ଡ ଘଟିଛି। ନଗେନ୍ଦ୍ର ପ୍ରସାଦଙ୍କ ଘରର ସମସ୍ତ ଆସବାସ ଜଳି ଯାଇଛି। ଖବରପାଇ ଅଗ୍ନିଶମ ବିଭାଗ ଗାଡ଼ି ପହଞ୍ଚି ନିଆଁକୁ ଆୟତ କରିଥିଲା। ସୂଚନାନୁସାରେ ନଗେନ୍ଦ୍ରଙ୍କ ସ୍ତ୍ରୀ ଦୈବନ୍ତୀ ମଧ୍ୟାହ୍ନରେ ଗ୍ୟାସ ଚୁଲାରେ ରୋଷେଇ କରୁଥିବା ବେଳେ ପାଇପ ଲିକ କାରଣରୁ ନିଆଁ ଘର ଭିତରକୁ ମାଡି ଯାଇଥଲା। ଫଳରେ ଦୈବନ୍ତୀ ଓ ସ୍ୱାମୀ ନଗେନ୍ଦ୍ର ବାହାରକୁ ପଳାଇଆସି ରକ୍ଷା ପାଇଥିଲେ। ତେବେ ଅଗ୍ନିକାଣ୍ଡରେ ଆସବାସ ଜଳି ଯାଇଥିବା ସୂଚନା ମିଳିଛି ।





ଅଗ୍ନିଶମ ବାହିନୀ ପକ୍ଷରୁ ନିଆଁକୁ ଆୟତ୍ତ କରାଯାଉଛି।

# ଧନୁପାଲି ରଥଯାତ୍ରା କମିଟି ଗଠିତ

**ସମ୍ବଲପୁର, ୧୪।୬ (ବ୍ୟୁରୋ)**

ଧନୁପାଲି ରଥଯାତ୍ରା କମିଟି ଶୁକ୍ରବାର ଗଠନ କରାଯାଇଛି । ଧନୁପାଲି ଗୋପାଳଜୀ ମନ୍ଦିର ପ୍ରାଙ୍ଗଣରେ ସଭା ହୋଇଥିଲା । ଏହାପରେ ଦେବସ୍ନାନ ପୂର୍ଣ୍ଣମାଠାରୁ ରଥଯାତ୍ରା, ବାହୁଡା ଯାତ୍ରା ବିଷୟରେ ଆଲୋଚନା ହୋଇଥିଲା। ସେହିପରି ଚଳିତ ବର୍ଷ ଯାତ୍ରା କମିଟି କର୍ମକର୍ତ୍ତା ଚୟନ କରାଯାଇଥିଲା । ଏଥିରେ ଚୈତନ୍ୟ କୁମାର ନାୟକ ସଭାପତି, ସୁରଜ ଗୁରୁ ଉପସଭାପତି, ବିକ୍ରମ ଗୁରୁ ସମ୍ପାଦକ, ସୁନୀଲ ସାନବଡ ସହସମ୍ପାଦକ ଓ ଦିଲୀପ କୁମାର ମହାପାତ୍ର କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି । ସେହିପରି ଉପଦେଷ୍ଟା ମଣ୍ଡଳୀ ସଭ୍ୟ ଭାବେ ପ୍ରଫୁଲ୍ଲ କୁମାର ଗୁରୁ, ବିଷ୍ଣୁ ଗୁରୁ, ଗୋପାଳ ବାବୁ, ତପନ ଗୁରୁ, ରାମ ପ୍ରସାଦ ନାୟକ, ସୁଧାଂଶୁ ଗୁରୁ, ସରୋଜ ଚନ୍ଦ୍ର ପାଢ଼ୀ, ବିଦେଶୀ ସାନବଡ, ସିଦ୍ଧେଶ ଅଗ୍ରୱାଲ ଓ ସୌରଭ ମହାପାତ୍ର ରହିଛନ୍ତି ।

### ରାଉରକେଲାରେ ରକ୍ତଦାତା ଦିବସ ପାଳିତ

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରକ୍ତଦାନ ଶିବିର

**ରାଉରକେଲା ଅଫିସ, ୧୪।୬**

ବିଶ୍ୱ ରକ୍ତଦାତା ଦିବସ ଅବସରରେ ଶୁକ୍ରବାର ରାଉରକେଲା ମାରୱାଡି ଯୁବ ମଞ୍ଚ ପକ୍ଷରୁ ଆରଜିଏଚ ବ୍ଲଡ ବ୍ୟାଙ୍କ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଜୀବନ ବିନ୍ଦୁ ସଂଯୋଜକ ସୁଶାନ୍ତ ପରିଡାଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ ରକ୍ତଦାନ ଶିବିରରେ ୬୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ରୂପେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଓ ସମ୍ମାନୀତ ଅତିଥି ରୂପେ ମେଡିକାଲ ଡାଇରେକ୍ଟର ଦୀନବନ୍ଧୁ ପଣ୍ଡା ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଜେଡି ଯୁବ ସଭାପତି ସୁବାସ ସ୍ୱାଇଁ, ମାରୱାଡି ଯୁବ ମଞ୍ଚ ପକ୍ଷରୁ ଶାଖା ସମ୍ପାଦକ ଅଜୟ ଶର୍ମା, ଉପାଧ୍ୟକ୍ଷ ନରେଶ ଅଗ୍ରୱାଲ, ପ୍ରବୀଣ ଗର୍ଗ, ଜିତେନ୍ଦ୍ର ଅଗ୍ରୱାଲ, ବବଲ ଗୋୟଲ ଓ ବିକାଶ ଶର୍ମା ପ୍ରମୁଖ ପରିଚାଳନା କରିଥିଲେ। ଏହି ଅବସରରେ ରକ୍ତଦାନ ଭଳି ମହତ କାର୍ଯ୍ୟରେ ଆଜିର ଯୁବ ପିଢି ଆଗ୍ରହ ପ୍ରକାଶ କରିବା ଏକ ଶୁଭ ଲକ୍ଷଣ ବୋଲି କୁହାଯାଇଥିଲା। ଏ ଦିଗରେ ଅନ୍ୟମାନଙ୍କୁ କିଭଳି ସଚେତନ କରାଯାଇ ପାରିବ ସେନେଇ ସଙ୍ଗଠନ ପକ୍ଷରୁ ପ୍ରୟାସ କରାଯିବ ବୋଲି ମତପ୍ରକାଶ ପାଇଥିଲା । ଜୀବନ ବିନ୍ଦୁ ସଙ୍ଗଠନ ପକ୍ଷରୁ ଅନୀଲ ମଲ୍ଲିକ, ଭଗବାନ ପରିଡା, ପ୍ରଫୁଲ୍ଲ ନାଥ, ସଚିନ ନାୟକ, ସନ୍ତୋଷ ନାୟକ, ଭରତ ଦାସ, ନୀରଞ୍ଜନ ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ମାରୱାଡି ଯୁବ ମଞ୍ଚ ପକ୍ଷରୁ ଅନୁପ ମୋଦି, ରୋହିତ କାବରା, ବିଜୟ ଗୋୟଲ ଓ ମୋହିତ ଗୁପ୍ତା ପ୍ରମୁଖ ସହଯୋଗ କରିଥିଲେ ।

**ଆଇଜିଏଚ୍:** ଇସ୍ପାତ୍ ଜେନେରାଲ ହସ୍ପିଟାଲ(ଆଇଜିଏଚ) ବ୍ଲଡ ଟ୍ରାନ୍ସଫ୍ୟୁଜନ ସେଣ୍ଟର ଠାରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଥିଲା। ଏଥିରେ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗ ଭାରପ୍ରାପ୍ତ ନିର୍ଦ୍ଦେଶକ ଡାକ୍ତର ଏସ୍.ଏସ୍. ପତି ମୁଖ୍ୟଅତିଥି ରୂପେ ଯୋଗ ଦେଇ ଉକ୍ତ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଡକ୍ଟର କାର୍ଲ ଲେଣ୍ଡେଷ୍ଟନରଙ୍କ ଜନ୍ମ ତିଥିକୁ ସାରା ବିଶ୍ୱ ରକ୍ତଦାତା ଦିବସ ରୂପେ ପାଳନ କରୁଛି। ଆଧୁନିକ ଚିକିତ୍ସା ବିଜ୍ଞାନରେ ରକ୍ତ ବର୍ଗୀକରଣର ବିକାଶ ସାଧନ କରିଥିବା କାର୍ଲଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ପରେ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏଥିରେ ଯୁଗ୍ମ ନିର୍ଦ୍ଦେଶକ ଡାକ୍ତର ସଂଘମିତ୍ରା ଶତପଥୀ, ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା ବିଭାଗ ବରିଷ୍ଠ ଉପ ନିର୍ଦ୍ଦେଶକ ଡାକ୍ତର ଏମ୍.ସୋରେନ, ମୋତିଲାଲ ମହାନ୍ତ, ଆଲୋକ ଜେନାଙ୍କ ସମେତ ଆଇଜିଏଚ୍‌ର ବରିଷ୍ଠ ଡାକ୍ତର ଓ ଷ୍ଟାଫ ଉପସ୍ଥିତ ଥିଲେ। ଏହି ଅବସରରେ ୫୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଶେଷରେ ରକ୍ତଦାତାଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡାକ୍ତର ସୋରେନ ସଂଯୋଜନା କରିଥିଲେ।





ଆଇଜିଏଚ ପକ୍ଷରୁ ଆୟୋଜିତ ବିଶ୍ୱ ରକ୍ତଦାତା ଦିବସ ଅବସରରେ ଜଣେ ବ୍ୟକ୍ତି ରକ୍ତଦାନ କରୁଛନ୍ତି।

# ଜିଲାସ୍ତରୀୟ ଲୋକକଳା ଦିବସ

**ଦେବଗଡ଼,୧୪।୬ (ଡ଼ି.ଏନ୍.ଏ.)**

ଜିଲା ସଂସ୍କୃତି କଳା ସଂଘ ଓ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ଜିଲା ସୂଚନା କେନ୍ଦ୍ରଠାରେ ଶୁକ୍ରବାର ପ୍ରଥମ କରି ଜିଲାସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି । ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି ଲୋକକଳା ଦିବସରେ ଜିଲା ସଂସ୍କୃତି ପରିଷଦର ସଂଯୋଜକ ଦିଲୀପ କୁମାର ଗୁରୁ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଓ ଜିଲା ସଂସ୍କୃତି ଅଧିକାରୀ ବିଜୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ଲୋକକଳାଦିବସ ପାଳନ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଗୌଡ଼ନାଳିର ବୀଣାପାଣି କଳାପରିଷଦ,ଭେରୁବଣିର ରାଣୀ ମା'କୀର୍ତ୍ତନ ମଣ୍ଡଳୀ,ଦଣ୍ଡାସିଂହାର ରାଧାକୃଷ୍ଣ କୀର୍ତ୍ତନ ମଣ୍ଡଳୀ ଏବଂ ଗୌଡ଼ନାଳିର ରାଧାମାଧବ ସଂକୀର୍ତ୍ତନ ମଣ୍ଡଳୀର କଳାକାରମାନେ ଯୋଗ ଦେଇ ପାଲା ଓ ସଂକୀର୍ତ୍ତନ ପରିବେଷଣ କରିଥିଲେ । ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ପ୍ରତିବର୍ଷ ଜୁନ ୧୪ ତାରିଖକୁ ଲୋକକଳା ଦିବସ ଭାବରେ ପାଳନ କରାଯାଉଛି ।



କଳାକାରମାନେ ସଂକୀର୍ତ୍ତନ ପରିବେଷଣ କରୁଛନ୍ତି।

# ବୋଝ ପାଲଟିଛି ବରିଷ୍ଠ ନାଗରିକଙ୍କ ସେବାଯତ୍ନ



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**ଭୁବନେଶ୍ୱର, ୧୪।୬(ବ୍ୟୁରୋ)**

ସମାଜରେ ବରିଷ୍ଠ ନାଗରିକଙ୍କ ଉପରେ ଦୁର୍ବ୍ୟବହାର ବଢ଼ିଚାଲିଥିବାବେଳେ ସାମାଜିକ ଅନୁଷ୍ଠାନ ହେଲ୍ପ ଏଜ୍ ଇଣ୍ଡିଆ ପକ୍ଷରୁ ଏନେଇ ଏକ ସର୍ଭେ ରିପୋର୍ଟ ପ୍ରକାଶ କରାଯାଇଛି। ବିଶ୍ୱ ବରିଷ୍ଠ ନାଗରିକ ଦୁର୍ବ୍ୟବହାର ସଚେତନତା ଦିବସ ଅବସରରେ ଭୁବନେଶ୍ୱର ରୋଟାରୀ ଭବନରେ ଶୁକ୍ରବାର ଆୟୋଜିତ ଏକ କାର୍ଯ୍ୟକ୍ରମରେ ଉକ୍ତ ରିପୋର୍ଟ ପ୍ରକାଶ ପାଇଛି। ତଦନୁଯାୟୀ ପ୍ରାୟତଃ ୩୦ରୁ ୫୦ବର୍ଷ ବୟସ୍କର ଲୋକେ ବରିଷ୍ଠ ନାଗରିକଙ୍କ ପ୍ରତି ଦୁର୍ବ୍ୟବହାର ପ୍ରଦର୍ଶନ କରନ୍ତି। ଅଧିକାଂଶ କ୍ଷେତ୍ରରେ ଏହି ଦୁର୍ବ୍ୟବହାର ନିଜ ପୁଅବୋହୂଙ୍କ ଦ୍ୱାରା କରାଯାଇଥାଏ।

ଭାରତରେ ବରିଷ୍ଠ ନାଗରିକମାନେ କିଭଳି ଏବଂ କାହାଠାରୁ ଦୁର୍ବ୍ୟବହାରର ଶିକାର ହୁଅନ୍ତି, ସେମାନଙ୍କୁ ଯତ୍ନ ଯୋଗାଇବାରେ ପରିବାରର ଭୂମିକା, ପ୍ରତିବନ୍ଧକ ଆଦି ବିଷୟରେ ଅନୁଧ୍ୟାନ ପାଇଁ ହେଲ୍ପ ଏଜ୍ ଇଣ୍ଡିଆ ପକ୍ଷରୁ ୨୦ ସହରର ୩୦ରୁ ୫୦ ବର୍ଷ ବୟସ୍କଙ୍କୁ ନେଇ ସର୍ଭେ କରାଯାଇଥିଲା। ଉକ୍ତ ବୟସର ପିଢ଼ି ଉପରେ ନିଜ ପିଲାଙ୍କ ଦାୟିତ୍ୱ ସହିତ ବୟସ୍କ ମା'ବାପାଙ୍କ ସେବାଯତ୍ନର ଦାୟିତ୍ୱ ମଧ୍ୟ ଥାଏ। ସର୍ଭେ ଅନୁଯାୟୀ, ବରିଷ୍ଠ ନାଗରିକଙ୍କ ଯତ୍ନ ତଥା ସେବା ପ୍ରଦାନ କରିବାରେ ୨୯ ଭାଗ ଲୋକଙ୍କୁ ମଧ୍ୟଧରଣର ବୋଝ ଲାଗୁଥିବାବେଳେ ୧୫ ଭାଗ ଲୋକଙ୍କ ଲାଗି ତାହା ଏକ ଭୀଷଣ ବୋଝ। ୨୫.୭ ଭାଗ ଯତ୍ନପ୍ରଦାନକାରୀ ଅନୁଭବ କରନ୍ତି ଯେ, ଥକ୍କାପଣ ତଥା କ୍ଷୋଭ ଯୋଗୁ ସେମାନେ ବୟସ୍କ ଲୋକଙ୍କ ପ୍ରତି କଠୋର ବ୍ୟବହାର ପ୍ରଦର୍ଶନ କରିଥାନ୍ତି। ୩୫ ଭାଗ ଲୋକ ନିଜ ଘରର ବୟସ୍କ ଲୋକଙ୍କ ଦେଖାଶୁଣା ପାଇଁ କେବେ ଖୁସି ଅନୁଭବ କରନ୍ତିନାହିଁ। ୨୯ ଭାଗ ଲୋକ ଭାବନ୍ତି, ଟଙ୍କା ଖର୍ଚ୍ଚ କରି ବରିଷ୍ଠ ନାଗରିକଙ୍କୁ ବୃଦ୍ଧାଶ୍ରମରେ ରଖି ସେମାନଙ୍କୁ କେବେକେବେ ଭେଟିଆସିବା ଭଲ, ସେଠାରେ ସେମାନଙ୍କ ଠିକ୍ ଯତ୍ନ ନିଆଯାଇପାରିବ। ଏଭଳିସ୍ଥଳେ ବୋଝ ଲାଗୁଥିଲେ ମଧ୍ୟ ୩୨ ଭାଗ ଲୋକ ବରିଷ୍ଠ ନାଗରିକଙ୍କ ଯତ୍ନନେବାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରନ୍ତି ବୋଲି ସର୍ଭେରେ ଉଲ୍ଲେଖ ରହିଛି।

ସୂଚନାଯୋଗ୍ୟ, ହେଲ୍ପ ଏଜ୍ ଇଣ୍ଡିଆ ପକ୍ଷରୁ ରାଷ୍ଟ୍ରୀୟ ହେଲ୍ପଲାଇନ୍ ଆପ୍ 'ହେଲ୍ପ ଏଜ୍ ଏସ୍.ଓ.ଏସ୍ (ସେଭ୍ ଆୱାର ସିନିୟର୍ସ)'କୁ ଉନ୍ମୋଚିତ କରାଯାଇଛି। ଯେଉଁଥିରେ ଗୋଟିଏ କ୍ଲିକ୍‌ରେ ଅସୁବିଧାରେ ଥିବା ବରିଷ୍ଠ ନାଗରିକଙ୍କୁ ସହାୟତା ପ୍ରଦାନ କରାଯିବ। ଏହି ଅବସରରେ ହୋଇଥିବା ଆଲୋଚନାଚକ୍ରରେ ଟାଟା ଷ୍ଟିଲ ସିଏସ୍‌ଆର ମୁଖ୍ୟ ଡା. ଅମ୍ବିକା ପ୍ରସାଦ ନନ୍ଦ, ସିୱାଇଏସ୍‌ଡିର ପ୍ରତିଷ୍ଠାତା ଜଗଦାନନ୍ଦ, ଡା. ଅରୋ ପ୍ରସନ୍ନ ଦାସ, ଓଡିଏମ୍ ବିଦ୍ୟାଳୟ ସମୂହ ଚେୟାରମ୍ୟାନ୍ ଡା. ସତ୍ୟବ୍ରତ ମୀନକେତନ, ଓଡ଼ିଶା ହାଇକୋର୍ଟ ଆଡ୍‌ଭୋକେଟ୍ ସୁଧୀର ବେହେରା, ଏଡ୍ ଏଟ୍ ଆକ୍ସନ ସଂସ୍ଥାର ଉମି ଡାନିଏଲ, ଜିପିସିଏ ଏସିଆ ସଂଯୋଜକ ପ୍ରଦୀପ୍ ବୈଶାଖ, ପପୁ ମହାନ୍ତି, ହେଲ୍ପ ଏଜ୍ ଇଣ୍ଡିଆର ଓଡ଼ିଶା ଶାଖା ମୁଖ୍ୟ ଭାରତୀ ଚକ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ହେଲ୍ପ ଏଜ୍ ଇଣ୍ଡିଆ ସର୍ଭେ

- ପୁଅବୋହୂଙ୍କ ଦ୍ୱାରା ଅଧିକ ଦୁର୍ବ୍ୟବହାର ପାଆନ୍ତି
- ୨୯ ଭାଗ ଲୋକଙ୍କୁ ବୟସ୍କଙ୍କ ସେବାଯତ୍ନ ଲାଗେ ମଧ୍ୟମଧରଣର ବୋଝ
- ୧୫ ଭାଗ ଲୋକଙ୍କ ପାଇଁ ଭୀଷଣ ବୋଝ
- ୨୫.୭ ଭାଗ ଲୋକ ଥକ୍କାପଣ ଯୋଗୁ କଠୋର ପ୍ରଦର୍ଶନ କରନ୍ତି
- ୨୯ ଭାଗ ଲୋକ ବୃଦ୍ଧାଶ୍ରମରେ ରଖନ୍ତି
- ୩୨ ଭାଗ ଲୋକ କର୍ତ୍ତବ୍ୟ ସମ୍ପାଦନ କରନ୍ତି

# ଦୁର୍ଘଟଣାରେ ମା', ଝିଅ ମୃତ: ବାପ ଗୁରୁତର

**ବାଲିଆପାଳ, ୧୪।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ପଞ୍ଚୁପାଲିଠାରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏଥିରେ ମା', ଝିଅଙ୍କ ମୃତ୍ୟୁ ହୋଇଥିବା ବେଳେ ବାପା ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ଘର ବସ୍ତା ବ୍ଲକ କଦଳୀହଣ୍ଡା ଗ୍ରାମରେ। ମୃତ ମା' ହେଲେ ବାସନ୍ତୀ ଗିରି ଓ ୩ ବର୍ଷର ଝିଅ ମାମା। ଗୁରୁତର ଆହତ ବାପାଙ୍କ ନାମ ଜଗନ୍ନାଥ ଗିରି। ସେମାନେ ଚଉମୁଖରୁ ବାହାଘର ଭୋଜି ଖାଇ ବାଇକ୍‌ରେ ଫେରୁଥିଲେ। ପଞ୍ଚୁପାଲିଠାରେ ବିପରୀତ ଦିଗରୁ ଆସୁଥିବା ଏକ ଡମ୍ପର ସେମାନଙ୍କ ଉପରେ ମାଡିଯିବାରୁ ଘଟଣାସ୍ଥଳରେ ମା' ଓ ଝିଅଙ୍କର ମୃତ୍ୟୁ ହୋଇଛି । ଗୁରୁତର ଆହତ ବାପାଙ୍କୁ ସ୍ଥାନୀୟ ଲୋକ ବସ୍ତା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଡମ୍ପରକୁ ଜବତ କରିଛ। ସେଠାରେ ଉତ୍ତେଜନା ଦେଖାଦେଇଛି।

## ପୋଲିସ ସହ ଗୁଳି ବିନିମୟ

# ୨ ମାଓବାଦୀ ନିହତ

**ମାଲକାନଗିରି, ୧୪।୬ (ଡି.ଏନ.ଏ.)**

ମାଲକାନଗିରି ଜିଲା ସୀମାନ୍ତରେ ପୁଣି ଲାଲବାହିନୀ ଓ ପୋଲିସ ମଧ୍ୟରେ ଗୁଳିବିନିମୟ ହୋଇଛି। ଏଥିରେ ୨ କ୍ୟାଡର ମାଓବାଦୀ ନିହତ ହୋଇଛନ୍ତି। ଖବରରୁ ଜଣାପଡିଛି, କାଙ୍କେର ଜିଲା ପୋଲିସ କୋମ୍ବିଂ ଅପରେଶନ କରୁଥିବା ସମୟରେ ତଡକି ଥାନା ଅଞ୍ଚଳରେ ପୋଲିସ ସହ ମାଓବାଦୀଙ୍କ ଗୁଳି ବିନିମୟ ହୋଇଥିଲା । ପୋଲିସ ଗୁଳିରେ ୨ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ପରେ ଘଟଣାସ୍ଥଳରୁ ୨ଟି ଏସ.ଏଲ.ଆର, ୨ଟି ଥ୍ରୀ ନଟ୍ ଥ୍ରୀ ବନ୍ଧୁକ, ବିସ୍ଫୋରକ ସାମଗ୍ରୀ, କିଟ୍‌ବ୍ୟାଗ୍, ଲ୍ୟାଣ୍ଡ ମାଇନ୍ ଆଦି ପୋଲିସ ଜବତ କରିଛି । ଆଇ.ଜି ପି.ସୁନ୍ଦରରାଜ କହିଛନ୍ତି ଯେ, ତଡକି ଥାନା ଅଞ୍ଚଳରେ ମାଓବାଦୀମାନେ ଏକ ବଡଧରଣର ହିଂସା ଘଟାଇବାକୁ ଯୋଜନା କରିଥିବା ସୂଚନାପାଇ ପୋଲିସ ପକ୍ଷରୁ ଚଢାଉ କରାଯାଇଥିଲା । ମୃତ ମାଓବାଦୀଙ୍କ ପରିଚୟ ମିଳିନାହିଁ। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି ବୋଲି ସୁନ୍ଦରରାଜ କହିଛନ୍ତି।

# ଝାଡ଼ଖଣ୍ଡୀ ହାତୀପଲଙ୍କ ଉତ୍ପାତ

- ଭାଙ୍ଗିଲା ୬ ଘର, ୧ ଗାଈ ମୃତ
- ରାତିରେ ପାଳି କରି ଜଗୁଛନ୍ତି ଲୋକେ

**ସଜନାଗଡ଼, ୧୪।୬(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳର ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ୪ଦିନ ହେଲା ଝାଡ଼ଖଣ୍ଡ ହାତୀପଲ ଉତ୍ପାତ ଚଳାଇଛନ୍ତି। ଏହି ପଲରେ ୨୮ଟି ହାତୀ ରହିଛନ୍ତି। ଖାଦ୍ୟ ଅଭାବରୁ ହାତୀପଲ ଜନବସତିମୁହାଁ ହେଉଥିବା କୁହାଯାଉଛି। ଗୁରୁବାର ସନ୍ଧ୍ୟାରେ ଜଙ୍ଗଲକୁ ଲାଗି ରହିଥିବା ପାଖଗ୍ରାମ ଜାମୁଡ଼ିହା ପଞ୍ଚାୟତର ଗୋଡ଼ିଶୁଳ, ଜଡ଼ିଦା ପଞ୍ଚାୟତର ବାଉଁଶନାଳ ଓ ଜାମୁଡ଼ିହି ସାହିରେ ୬ଗୋଟି ଘରଭାଙ୍ଗିବା ସହ ଗୋଟିଏ ଗୋରୁକୁ ମଧ୍ୟ କଚାଡ଼ି ମାରିଥିବା ଜଣାପଡ଼ିଛି। ଯୁଗଳ ସିଂ, ଦୟାନିଧି ପ୍ରଧାନ, ଗୁରା ମୁର୍ମୁ, ସାବିତ୍ରୀ ସିଂ, ଗଦାଧର ମହାଳିକ, ନରହରି ଜେନାଙ୍କ ଘର ଭାଙ୍ଗିବା ସହ ଘରେ ଥିବା ଧାନ, ଚାଉଳ ଓ ବାଡ଼ିରେ ପଣସ, କଦଳୀ ଗଛକୁ ନଷ୍ଟ କରିଥିବା ସୂଚନା ମିଳିଛି। ଅନ୍ୟ ପକ୍ଷରେ ହାତୀ ଉପଦ୍ରବ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି। ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ସୌରବାଡ଼ ଅଚଳ ହୋଇ ପଡ଼ିଥିବା, ଟ୍ରେଞ୍ଚଗୁଡ଼ିକ ପୋତିଯାଇଥିବାରୁ ହାତୀମାନେ ସହଜରେ ଜଙ୍ଗଲ ପାର୍ଶ୍ୱରେ ଥିବା ଗ୍ରାମଗୁଡ଼ିକୁ ପଶିବାରେ ସଫଳ ହେଉଛନ୍ତି। ଏହାକୁ ନେଇ ବନାଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତିନିକୋଶିଆ ସଂରକ୍ଷିତ ଜଙ୍ଗଲକୁ ଲାଗି ରହିଥିବା ଗ୍ରାମ ସାତରାଣ୍ଡ, ତେରେଲଡିହି, ଧିରିଗୁଠ, ଭାଲୁକାଶୁଣି, ଆମ୍ବଝର, ଚେକାମରା ଆଦି ଗ୍ରାମରେ ଧନଜୀବନ ନଷ୍ଟ ହେବାର ଆଶଙ୍କା ରହିଛି। ଅଞ୍ଚଳବାସୀ ରାତ୍ରି ଅନିଦ୍ରା ହୋଇ ଗାଁ ମୁଣ୍ଡରେ ଅସୁରକ୍ଷିତ ଅବସ୍ଥାରେ ପାଳି କରି ଜଗି ରହୁଛନ୍ତି। ବନ ବିଭାଗ ପକ୍ଷରୁ ରେଞ୍ଜର, ଫରେଷ୍ଟର, ଗାର୍ଡ଼, ସବୁଜ ବାହିନୀ ଜଙ୍ଗଲରେ ହାତୀର ଗତିବିଧିକୁ ଲକ୍ଷ୍ୟ କରି ଜଙ୍ଗଲ ଚାରିପାର୍ଶ୍ୱରେ ରହି ଡାକବାଜି ଯନ୍ତ୍ର ଦ୍ୱାରା ଗ୍ରାମବାସୀଙ୍କୁ ସଚେତନ କରାଉଥିବା ଜଣାପଡ଼ିଛି।

OFFICE OF THE CHIEF DISTRICT MEDICAL & PUBLICH HEALTH OFFICER, KORAPUT

No.65-E:- Expression of Interest (EOI) is invited for empanelment of parttime specialist "O&G/ Paediatri/Medicine/EYE" to be engaged in Ama Clinic at Urban PHCs under NUHM Programme. The eligible candidates are requested to apply for the same on or before 26.06.2019 by 5 P.M through Speed Post / Registered Post / Courier to O/o Chief District medical & Public Health Officer, Koraput, Near Jail Road, Po/Dist: Koraput. For detail the District website www.koraput.nic.in may be visited.

10077/11/0001/1920 **Sd./- CDMO, Koraput**

e - Procurement Notice No.EE-CCD- 02 /2018-19
DEPARTMENT OF WATER RESOURCES
OFFICE OF THE EXECUTIVE ENGINEER,
CHHELIGADA CANAL DIVISION ,
**Digapahandi, Dist: Ganjam**
No.65-A **e -mail – ccddig@gmail.com**

Bid document consisting of work, estimated cost, cost of tender paper, EMD, time of completion, class of contractor, the set of terms and condition of contract and other necessary documents can be seen in e-procurement portal **http://tenderodisha.gov.in**

| | | | |
|---|---|---|---|
| 1. | Type of the work | : | C.D. & VRB Works. |
| 2. | No. of works | : | 02 Nos. |
| 3. | Class of contractor | : | ''C", '' B" & 'A' class |
| 4. | Bid identification No. | : | EE-CCD- No. 02 / 2018-19 |
| 5. | Estimated cost | : | Rs. 38.88 to Rs. 70.73 Lakh |
| 6. | Period of completion | : | 06 (Six) calendar months |
| 7. | Date & time of availability of bid documents in the portal. | : | From 27.06.2018 , 10.00 AM to 07.07.18, upto 5.00 P.M. |
| 8. | Last date / time for receipt of bids in the portal. | : | 07.07.2018 upto 5.00 P.M. |
| 9. | Name of the officer inviting Bid. | : | Executive Engineer, Chheligada Canal Division, Digapahandi, Ganjam, Odisha. |

Any addendum / corrigendum / cancelation of tender can also be seen in the said Website.

**Date of opening of the Technical Bid: 09.07.2018 at 11.30 A.M**

Further details can be seen from the Govt. website **www.tendersorissa.gov.in**

**Executive Engineer, Chheligada Canal Division**
32169/11/0001/1920 **Digapahandi, Dist:Ganjam**

BERHAMPUR MUNICIPAL CORPORATION, BERHAMPUR
Letter No.7069 Date:10.06.2019
F1-iv-92/17 Tender Call Notice

No.28-C:- Berhampur Municipal Corporation (BeMC) invites quotations from Individual, Sole Proprietorship concern, Partnership Firm, Registered Society/ Registered Co-operative Society, Public Limited Company or a Private Limited Company for supply of white Scented phenyl for office use.

The interested bidder should submit the Bid cost of Rs.1344/- (including GST) in shape of DD in favour of Commissioner, Berhampur Municipal Corporation.

The supply of the material will be for one year.

The quotation should be submitted in a sealed envelope with subject Supply of white scented phenyl addressed to the Commissioner, Berhampur Municipal Corporation in following format.

| Item | Quantity (In Ltrs) | Rate per unit (Including GST etc.) |
|---|---|---|
| White scented Phenyl for office use (Composition-Rosin, Caster Oil, Creosote Oil, Sodium Hydroxide, Monochloro Phenyl Carbolic acid perfumes etc. Pine oil | 1 liter | |

The last date of submission of quotations is 19.06.2019, Time 5.00 P.M by hand or registered post. Date of Opening of the Bid 20.06.2019 at 11.00 A.M.

**Sd./- Commissioner**
13035/11/0009/1920 **Berhampur Municipal Corporation**

# ଡବ୍ କରିବା ଚ୍ୟାଲେଞ୍ଜିଂ: ସାନ୍ୟା



**ମୁମ୍ବାଇ:** 'ମେନ୍ ଇନ୍ ବ୍ଲାକ୍: ଇଣ୍ଟରନ୍ୟାଶନାଲ୍'ର ହିନ୍ଦୀ ଭର୍ସନରେ ହଲିଉଡ୍ ଅଭିନେତ୍ରୀ ଟେସା ଥମ୍ପସନ୍‌ଙ୍କ ପାଇଁ ଭଏସ୍ ଦେଇଛନ୍ତି ବଲିଉଡ୍ ଅଭିନେତ୍ରୀ ସାନ୍ୟା ମାଲହୋତ୍ରା। ତେବେ ଅନ୍ୟ ଅଭିନେତ୍ରୀଙ୍କ ପାଇଁ ସ୍ୱର ଦେବା ପ୍ରତାରଣାପୂର୍ଣ୍ଣ ଏବଂ ଆହ୍ୱାନ ସୃଷ୍ଟିକାରୀ ବୋଲି ସେ ପ୍ରକାଶ କରିଛନ୍ତି। ଏଫ୍ ଗ୍ୟାରି ଗ୍ରେ ନିର୍ଦ୍ଦେଶିତ ଫିଲ୍ମର ହିନ୍ଦୀ ଭର୍ସନରେ ସାନ୍ୟା ଥମ୍ପସନ୍‌ଙ୍କ ଚରିତ୍ର ପାଇଁ ସ୍ୱର ଦେଇଥିବାବେଳେ 'ଗଲି ବଏ' ଷ୍ଟାର ସିଦ୍ଧାନ୍ତ ଚତୁର୍ବେଦୀ କ୍ରିସ୍ ହେମ୍‌ସୱର୍ଥଙ୍କ ପାଇଁ ଡବ୍ କରିଛନ୍ତି। ଏ ସମ୍ପର୍କରେ ସାନ୍ୟା ତାଙ୍କ ପ୍ରତିକ୍ରିୟାରେ କହନ୍ତି, କିଛି ନୂଆ କରିବା ଦ୍ୱାରା ଅନୁଭୂତି ହାସଲ ହୁଏ। ଜଣେ ଅଭିନେତ୍ରୀ ହୋଇଥିବାରୁ ଗର୍ବ ଅନୁଭବ କରିବା ସହ ଭଲ ସ୍କ୍ରିପ୍ଟକୁ ପସନ୍ଦ କରନ୍ତି। ଥମ୍ପସନ୍‌ଙ୍କ ଚରିତ୍ର ପାଇଁ ଡବ୍ କରିବାକୁ ପ୍ରସ୍ତାବ ଦିଆଯିବା ବେଳେ ସେ ଯେତିକି ବିସ୍ମିତ ସେତିକି ଖୁସି ହୋଇଥିଲେ ବୋଲି ପ୍ରକାଶ କରିଛନ୍ତି।

ସାନ୍ୟାଙ୍କ କହିବାନୁଯାୟୀ, ପ୍ରଥମେ ଚରିତ୍ରକୁ ଦେଖିବା ପରେ ସ୍ୱରଦେବା ପାଇଁ ପ୍ରସ୍ତୁତ ହେବାକୁ ପଡେ। ଅନ୍ୟ ଚରିତ୍ର ପାଇଁ ସ୍ୱର ଦେବାକୁ ହେଲେ ଜଣେ କଳାକାରଙ୍କ ଭାଷା ବୋଧଗମ୍ୟ ଏବଂ ଭାବାବେଗ ସହ ଜଡ଼ିତ ରହିବା ଆବଶ୍ୟକ। ସୋନି ପିକ୍ଚର୍ସ ଏଣ୍ଟରଟେନ୍‌ମେଣ୍ଟ ଇଣ୍ଡିଆ ଦ୍ୱାରା ଶୁକ୍ରବାର 'ମେନ ଇନ ବ୍ଲାକ୍: ଇଣ୍ଟରନ୍ୟାଶନାଲ' ହିନ୍ଦୀ, ଇଂଲିଶ, ତାମିଲ ଏବଂ ତେଲୁଗୁ ଭାଷାରେ ରିଲିଜ ହୋଇଛି।

**ODISHA UNIVERSITY OF AGRICULTURE AND TECHNOLOGY**
**DIRECTOR OF PHYSICAL PLANTS**
**SHORT QUOTATION CALL NOTICE-01**
No.1709 Date12.06.2019

1. The Director of Physical Plants, OUAT, Bhubaneswar invite sealed quotations in plain paper as per terms and conditions from registered Electrical agencies and farms for supply of following items as detailed below.

| Sl No. | Description | Qnty | Unit | Rate | | Guarantee/ Warranty period |
|---|---|---|---|---|---|---|
| | | | | (In fingure) | (In Word) | |
| 1. | 48" Ceiling Fan (Make-Crompton HS/Polycab Amaze HS/Similar superior HS Model) | 300.00 | No | | | |
| 2. | 2.5 Sq. mm Flexible Wire (make Anchore/SS) | 300.00 | Mtr | | | |
| 3. | Fan Regulator (make Anchore/ Cona/SS) | 150.00 | No | | | |

2. Sealed quotations in the letter head must be delivered to the Office of the Director of Physical Plants, OUAT, Bhubaneswar through registered post/speed post on or before 1.30 P.M. on dated 28.06.2019 and will be opened at 3.30 P.M. on the same day in presence of the quotationers or their authorized representatives. If the office happens to be closed on the date of receipt of the quotations as specified, the quotations will be received and opened on the next day of opening of the office at the same time and venue.
3. The quotationer shall have to furnish EMD in shape of NSC/KVP/POTD/FD in schedule bank for an amount @1% of total quoted value duly pledged in favour of DPP, OUAT payable at Bhubaneswar, Attested photo copies of Valid PAN Card, GSTIN and certificate of registered agency from OEM, failing which quotation will be liable for rejection.
4. The guarantee and warranty of the make should be mentioned clearly.

The authority reserves the right to accept or reject any or all the quotations without assigning any reason thereof.

**Sd./- Director of Physical Plant**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
**(ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର)**
**ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮**
**ଭୁବନେଶ୍ୱର – ୭୫୧୦୧୨**
**ସଂଖ୍ୟା: ୫୬୮୪/IND-II-PH-787** **ତାରିଖ: ୧୩।୦୬।୨୦୧୯**

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମେସର୍ସ ଭାରତ ପେଟ୍ରୋଲିୟମ କର୍ପୋରେସନ ଲିମିଟେଡ୍, ଓଡ଼ିଶାର ଜଗତ୍‌ସିଂହପୁର ଜିଲ୍ଲା, ପାରାଦୀପର ପାରାଦୀପ ଡିପୋ ଠାରେ ବର୍ତ୍ତମାନ ସ୍ଥିତ ପ୍ରକଳ୍ପ ମଧ୍ୟରେ ୨୫ ଏକର ପରିମିତ ଜାଗାରେ ଗ୍ରାଉଣ୍ଡ ଇଥାନଲ ଟ୍ୟାଙ୍କର ଉପର ୨ x ୨୫୦ କେ.ଏଲ୍. ସମ୍ପ୍ରସାରଣ, ବାୟୋଡିଜେଲ ଟ୍ୟାଙ୍କ ୧ x ୮୫୮ କେ.ଏଲ୍. ଏବଂ ଏଚ୍.ଏସ୍.ଡି. ଟ୍ୟାଙ୍କ ୨ x ୬୦୦୦ କେ.ଏଲ୍. ସ୍ଥାପନ କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ (State Environment Impact Assessment Authority), ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥି ନିମନ୍ତେ ବୋର୍ଡ଼, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥି ନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି।

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତି ବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇ ପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୬।୦୭।୨୦୧୯ରିଖ ଦିବା ୧୧.୦୦ ଘଟିକା ସମୟରେ ଜଗତ୍‌ସିଂହପୁର ଜିଲ୍ଲା, ପାରାଦୀପସ୍ଥିତ ବି.ପି.ସି.ଏଲ୍. ମୁଖ୍ୟ ଗେଟ୍ ସମ୍ମୁଖରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଜଗତ୍‌ସିଂହପୁର।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, ଜଗତ୍‌ସିଂହପୁର।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, ଜଗତ୍‌ସିଂହପୁର।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର – ୭୫୧୦୧୨।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶା, ପାରାଦୀପ।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର

ଏତଦ୍ ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ୱେବସାଇଟ୍ **www.ospcboard.org**ରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, ପାରାଦୀପସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**ସ୍ୱା./– ସଦସ୍ୟ ସଚିବ**

| | | | | | | |
|---|---|---|---|---|---|---|
| ୧୪୪ | ୨୨୬ | ୩୬୮ | ୦.୪୬ | ୦.୨୮ | ବାଞ୍ଛାନିଧି ପଣ୍ଡା ପିତା:ନାଣ୍ଟୁ ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୪୫ | | ୪୧୩ | ୦.୧୪ | ୦.୦୨ | ବାଞ୍ଛାନିଧି ପଣ୍ଡା ପିତା:ନାଣ୍ଟୁ ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୪୬ | ୨୨୬ | ୪୧୬ | ୦.୩୩ | ୦.୨୬ | ବାଞ୍ଛାନିଧି ପଣ୍ଡା ପିତା:ନାଣ୍ଟୁ ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୪୭ | | ୭୫୭ | ୦.୨୨ | ୦.୨୨ | ବାଞ୍ଛାନିଧି ପଣ୍ଡା ପିତା:ନାଣ୍ଟୁ ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୪୮ | ୨୩୦ | ୭୬୭ | ୦.୦୩ | ୦.୦୩ | ବେଣୁଧର ତ୍ରିପାଠୀ ପିତା:ଲକ୍ଷ୍ମଣ ତ୍ରିପାଠୀ, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୪୯ | | ୭୯୪ | ୦.୦୪ | ୦.୦୪ | ବେଣୁଧର ତ୍ରିପାଠୀ ପିତା:ଲକ୍ଷ୍ମଣ ତ୍ରିପାଠୀ , ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୦ | ୨୪୦ | ୮୧ | ୦.୫୨ | ୦.୦୧ | ରଙ୍ଗାଧର ପଣ୍ଡା ପିତା:ଲକ୍ଷ୍ମୀଧର ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୧ | | ୩୫୫ | ୦.୪୧ | ୦.୧୦ | ରଙ୍ଗାଧର ପଣ୍ଡା ପିତା:ଲକ୍ଷ୍ମୀଧର ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୨ | | ୪୧୪ | ୦.୨୧ | ୦.୨୧ | ରଙ୍ଗାଧର ପଣ୍ଡା ପିତା:ଲକ୍ଷ୍ମୀଧର ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୩ | | ୭୨୫ | ୦.୨୨ | ୦.୨୨ | ରଙ୍ଗାଧର ପଣ୍ଡା ପିତା:ଲକ୍ଷ୍ମୀଧର ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୪ | | ୭୫୪ | ୦.୨୮ | ୦.୨୩ | ରଙ୍ଗାଧର ପଣ୍ଡା ପିତା:ଲକ୍ଷ୍ମୀଧର ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୫ | ୨୪୦ | ୭୫୮ | ୦.୦୮ | ୦.୦୮ | ରଙ୍ଗାଧର ପଣ୍ଡା ପିତା:ଲକ୍ଷ୍ମୀଧର ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୬ | | ୭୯୯ | ୦.୦୫ | ୦.୦୫ | ରଙ୍ଗାଧର ପଣ୍ଡା ପିତା:ଲକ୍ଷ୍ମୀଧର ପଣ୍ଡା ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୫୭ | ୩୦ | ୬୫୯ | ୦.୨୩ | ୦.୦୨ | ଗିରିଧାରୀ ରଥ ପିତା:ଭରତ ରଥ ଜା:ବ୍ରାହ୍ମଣ, ବା:ନିଜଗାଁ | ଗୋଚର ବଦଳି |
| | | | ମୋଟ | ୧୪.୩୧ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା : ୧୫୭ (ଏକ ଶହ ସତାବନ), ମୋଟ ଅଧିଗୃହିତ ଜମି : ୧୪.୩୧ ଏକର।

24045/14/0004/1920

# ସରପଞ୍ଚଙ୍କୁ ଗିରଫ କରିବାକୁ ଆସି ପୋଲିସ ହଟହଟା

ଚିପିଲିମା, ୧୪।୬ (ଡି.ଏନ.ଏ.) ସମ୍ବଲପୁର ଜିଲା ଧନକଉଡା ବ୍ଲକ କଳାମାଟି ସରପଞ୍ଚ ଶ୍ରୀହରି ନାଗଙ୍କୁ ଗିରଫ କରିବା ପାଇଁ ଗୁରୁବାର ବିଳମ୍ବିତ ରାତିରେ ବରଗଡ ପୋଲିସ ସାଦା ପୋଷାକରେ ଆସିବା ମହଙ୍ଗା ପଡିଛି। ଏ ନେଇ ପୋଲିସକୁ ହଟହଟା ହେବାକୁ ପଡିଛି । ଏକ ପୁରୁଣା ମାମଲାକୁ ନେଇ ବରଗଡ ପୋଲିସ ସଦଳବଳେ ବୁର୍ଲା ଥାନା କଳାମାଟି ସରପଞ୍ଚ ଶ୍ରୀହରିଙ୍କ ଗାଁ ଅନ୍ଧାରୀପତ୍ରାକୁ ଗୁରୁବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୧୦ଟାରୁ ୧୧ଟା ମଧ୍ୟରେ ଆସିଥିଲା। ହେଲେ ସରପଞ୍ଚଙ୍କ ସ୍ତ୍ରୀ ବିରୋଧ କରିବାରୁ ବଚସା ହେବା ସହ ପାଟିତୁଣ୍ଡ ହୋଇଥିଲା । ପରେ ଗାଁ ଲୋକ ଜମା ହୋଇଯାଇଥିଲେ । ଗ୍ରାମବାସୀଙ୍କ ସହ ମଧ୍ୟ ପୋଲିସର ବଚସା ହୋଇଥିଲା। ସ୍ଥାନୀୟ ପୋଲିସକୁ ନ ଆଣି ବରଗଡ ପୋଲିସ ଆସିବାକୁ ଗ୍ରାମବାସୀ ସହଜେ ଗ୍ରହଣ କରି ନ ଥିଲେ । ପୋଲିସ ସହ ଧସ୍ତାଧସ୍ତି ପରିସ୍ଥିତି ଉପୁଜି ଥିଲା। ଖବର ପାଇ ବୁର୍ଲା ଥାନା ଆଇଆଇସି ବିଭୂତିଭୂଷଣ ଭୋଇ ଓ ଅତାବିରା ଥାନା ଆଇଆଇସି ପୁରୋଷତ୍ତମ ଭୋଇ ସଦଳବଳେ ପହଞ୍ଚି ସରପଞ୍ଚଙ୍କ ପରିବାର ଓ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ । ଏହାର ସୁଯୋଗରେ ସରପଞ୍ଚ ଶ୍ରୀହରି କିନ୍ତୁ ଫେରାର ହୋଇଯାଇଥିବଲେ। ଏମିତି ପରିସ୍ଥିତିରେ ପୋଲିସକୁ ଶେଷରେ ଫେରିଯିବାକୁ ପଡିଥିଲା। ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଅପର ପକ୍ଷରେ ସରପଞ୍ଚଙ୍କ ସ୍ତ୍ରୀ କିଛି ଗ୍ରାମବାସୀଙ୍କ ସହ ଶୁକ୍ରବାର ବୁର୍ଲା ଥାନାକୁ ଯାଇ କିଛି ଅଜଣା ଲୋକ ଗୁରୁବାର ବିଳମ୍ବିତ ରାତିରେ ଆସି ପୋଲିସ ପରିଚୟ ଦେଇ ହଇରାଣ ହରକତ କରିବା ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗ କରିଛନ୍ତି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଅତାବିରା, ୧୪।୬ (ଡି.ଏନ.ଏ) ଅତାବିରା ଥାନା ତଥା ଗୋଡଭଗା ଫାଣ୍ଡି ଅନ୍ତର୍ଗତ ତଲିଟାମ୍ପରସରା ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତକ ହେଲେ ବଳରାମ ସେଟ (୧୮)। ସେ ଗୁରୁବାର ସନ୍ଧ୍ୟାରେ ତଲିଟାମ୍ପରସରା ଗ୍ରାମର ଅଲିବ ବିଶ୍ୱାଳଙ୍କ ଲରମ୍ଭା ସ୍ଥିତ ଦୁଗ୍ଧ ଉତ୍ପାଦକ ସମିତିକୁ ଦୁଗ୍ଧ ନେଇ ଯାଇଥିଲେ। ବଳରାମ ଦୀର୍ଘ ସମୟ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ବଡବନ୍ଧ ନିକଟରେ ପଡିଥିବା ଦେଖିଥିଲେ । ସେଠାରୁ ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ବୁର୍ଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୪୩/୧୯) ରୁଜୁ ହୋଇଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ପୋଲିସ କହିଛି । ସୂଚନାଯୋଗ୍ୟ, ବଳରାମ ସେଠ ହେଉଛନ୍ତି ଟାମ୍ପରସର ପଞ୍ଚାୟତ ସମିତି ସଭ୍ୟା ରେଷ୍ମା ସେଟଙ୍କ ଭାଇ ଅଟନ୍ତି ।

## ବିଶ୍ୱ ଲୋକକଳା ଦିବସ


ଶୁକ୍ରବାର ସମ୍ବଲପୁର ସାଇଶିକ୍ଷା ପରିଷଦ ସଭା କକ୍ଷରେ ପ୍ରଶିକ୍ଷାର୍ଥୀମାନେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି ।

**ସମ୍ବଲପୁର, ୧୪।୬ (ବ୍ୟୁରୋ)** ବିଶ୍ୱ ଲୋକକଳା ଦିବସ ଶୁକ୍ରବାର ରାତିରେ ସାଇଶିକ୍ଷା ପରିଷଦ ସଭା କକ୍ଷରେ ପାଳିତ ହୋଇଯାଇଛି । ରାମାଶିଷ ତ୍ରିପାଠୀଙ୍କ ସଂଯୋଜନାରେ ଉତ୍ସବ ଆୟୋଜିତ ହୋଇଥିଲା। ଶିକ୍ଷାବିତ ଭକ୍ତ ପ୍ରସାଦ ନନ୍ଦ ମୁଖ୍ୟଅତିଥି, ଖବରଦାତା ପ୍ରଫୁଲ୍ଲ କୁମାର ଦାଶ ମୁଖ୍ୟବକ୍ତା, ସଂଗୀତଜ୍ଞ ଶଙ୍କର ପ୍ରସାଦ ପ୍ରଧାନ, ନୃତ୍ୟ ଗୁରୁ ଅସୀମ ପ୍ରଧାନ, ସଂଗୀତଜ୍ଞ ତ୍ରିଲୋଚନ ତ୍ରିପାଠୀ, ନିବେଦିତା ଦାଶ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଲୋକକଳାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହାପରେ ସାଇଶିକ୍ଷା ପରିଷଦ, ହମ୍ପ୍ଟି ଡମ୍ପ୍ଟି ସ୍କୁଲ ପ୍ରଶିକ୍ଷାର୍ଥୀମାନେ ଡାଲଖାଇ, ରସରକେଲି, ମାଇଲାଜଡ, ଚୁଟକୁଚୁଟା ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ । ରାଜକୁମାର ଜାଲ ଲୋକଗୀତ ପରିବେଷଣ କରିଥିଲେ । ସାଇଶିକ୍ଷା ପରିଷଦ ନିର୍ଦ୍ଦେଶକ ନନ୍ଦ କିଶୋର ସାହୁ ସୂଚନା ପ୍ରଦାନ କରିବା ସହ ଲୋକକଳା ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ କହିଥିଲେ । ଅଞ୍ଜଳି ପାତ୍ର, ଆକାଶ ପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

## କୋଶଳ ରାଜ୍ୟ ଦାବିରେ ସାଇକେଲ ଦିଲ୍ଲୀ ଯାତ୍ରା



ସମ୍ବଲପୁର ସମଲେଇ ମନ୍ଦିର ଦର୍ଶନ କରି ଦିଲୀ ଯାତ୍ରା ପାଇଁ ବାହାରିଛନ୍ତି ।

ସମ୍ବଲପୁର,୧୪।୬(ବ୍ୟୁରୋ) ପଶ୍ଚିମ ଓଡିଶାକୁ ସ୍ୱତନ୍ତ୍ର କୋଶଳ ରାଜ୍ୟର ମାନ୍ୟତା ଦେବାକୁ ଦାବି କରି ଦେବଗଡ ଜିଲା ବାରକୋଟର ପୁରୁଷୋତ୍ତମ ପାତ୍ର ସାଇକେଲରେ ଦିଲ୍ଲୀ ଯାତ୍ରା କରିଛନ୍ତି । ଶୁକ୍ରବାର ପୂର୍ବାହ୍ନରେ ସେ ସମଲେଇ ମନ୍ଦିର ନିକଟରେ ପୂଜା ଅର୍ଚ୍ଚନା କରି ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଦିଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସେ ସ୍ଥିର କରିଛନ୍ତି । ଦିନକୁ ପ୍ରାୟ ୫୦ କି.ମି. ରାସ୍ତା ସେ ସାଇକେଲରେ ଅତିକ୍ରମ କରିବେ। ୩୫ ଦିନରେ ସେ ପହଞ୍ଚିବାକୁ ଲକ୍ଷ୍ୟ ରଖିଛନ୍ତି। ତେବେ ରାଜ୍ୟରେ ପଶ୍ଚିମ ଓଡିଶାକୁ ସବୁବେଳେ ଅବହେଳା କରାଯାଉଛି । ପଶ୍ଚିମଓଡିଶାରେ ବିକାଶ ହୋଇ ପାରୁନାହିଁ । ବିଭିନ୍ନ ସମସ୍ୟା ରହିଛି । କୋଶଳ ରାଜ୍ୟ ଆନ୍ଦୋଳନ ବହୁ ପୁରୁଣା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଆନ୍ଦୋଳନ କରାଯାଉଛି । ଏହାକୁ ନେଇ ପ୍ରଧାନମନ୍ତ୍ରୀଙ୍କୁ ଜଣାଇବେ। କୋଶଳ ରାଜ୍ୟ ହୋଇଗଲେ ବିକାଶ ନିଶ୍ଚିତ ଭାବେ ହେବ ବୋଲି ସେ କହିଛନ୍ତି ।

## ଏମ୍‌ସିଏଲ୍‌ରେ ରକ୍ତଦାନ ଶିବିର


ଏମସିଏଲ ଚିକିତ୍ସାଳୟଠାରେ ରକ୍ତଦାନ ଶିବିର ।

**ସମ୍ବଲପୁର, ୧୪।୬ (ବ୍ୟୁରୋ)** ବିଶ୍ୱ ରକ୍ତଦାତା ଦିବସ ଉପଲକ୍ଷେ ମହାନଦୀ କୋଇଲା କମ୍ପାନୀ (ଏମସିଏଲ) ମୁଖ୍ୟାଳୟସ୍ଥିତ ଚିକିତ୍ସାଳୟରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଏମସିଏଲ ବୈଷୟିକ ଯୋଜନା ଓ ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରର ଉଦ୍‌ଘାଟନ କରିଥିଲେ । ଆନନ୍ଦବିହାର ଚିକିତ୍ସାଳୟ ଡା. ଦେବାଶିଷ ଗୁପ୍ତା, ଶିଶୁ ବିଶେଷଜ୍ଞ ଡା. ନିରା ଗୁପ୍ତା, ବରିଷ୍ଠ ଚିକିତ୍ସାଧିକାରୀ ଡା. ବି. ସାହୁ ଓ ଡା. ଜେ. ମିଶ୍ର ଉପସ୍ଥିତ ଥିଲେ ।

## ସମଲେଶ୍ୱରୀ ଯୁବକ ସଂଘଠାରେ ଶୋକସଭା


ଶୁକ୍ରବାର ସମଲେଶ୍ୱରୀ ଯୁବକ ସଂଘ ସଭା ଗୃହରେ ଶିକ୍ଷକ ଶଶିଭୂଷଣ ଦାନୀଙ୍କ ଫଟୋଚିତ୍ରରେ ମାଲ୍ୟାପର୍ଣ କରାଯାଉଛି ।

ସମ୍ବଲପୁର, ୧୪।୬ (ବ୍ୟୁରୋ)- ଆଦର୍ଶ ଶିକ୍ଷକ ଶଶିଭୂଷଣ ଦାନୀଙ୍କ ବିୟୋଗରେ ଶୁକ୍ରବାର ସମଲେଶ୍ୱରୀ ଯୁବକ ସଂଘ ସଭାଗୃହରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି । ମ୍ୟୁନିସିପାଲ ହାଇସ୍କୁଲ ପୁରାତନ ଛାତ୍ର ସଂଘ ଆୟୋଜିତ ଶୋକସଭାରେ ଆନନ୍ଦ ଜେନା ଅଧ୍ୟକ୍ଷତା କରିଥିଲେ । ସାହିତ୍ୟକ ଡ. ଶ୍ୟାମସୁନ୍ଦର ଧର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କବି ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ, ଭବାନୀଶଙ୍କର ବାବୁ, ତାପସ ସରକାର, ସୂର୍ଯ୍ୟନାରାୟଣ ପଟ୍ଟନାୟକ ଶିକ୍ଷକଙ୍କ ସ୍ମୃତିଚାରଣ କରିଥିଲେ ।

## ଫଟୋରେ ଖବର



ଶୁକ୍ରବାର ସମ୍ବଲପୁରରେ ଆୟୋଜିତ ବିଶ୍ୱ ରକ୍ତଦାତା ଦିବସରେ ବିଜେଡି ନେତ୍ରୀ କବିତା ପୁରୋହିତ ରକ୍ତଦାତାଙ୍କୁ ପୁରସ୍କୃତ କରୁଛନ୍ତି (ବାମ)। ଡାକ୍ତରଖାନା ପରିସରରେ ଆୟୋଜିତ ବିଶ୍ୱ ରକ୍ତଦାତା ଦିବସରେ ବିଧାୟକ ଜୟନାରାୟଣ ମିଶ୍ର ଜଣେ ରକ୍ତଦାତାଙ୍କୁ ପୁରସ୍କୃତ କରୁଛନ୍ତି ।

No.: 07-PP

**ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା**

**ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ବାରାକ ନଂ. ୧୨ (ଏ), ୟୁନିଟ୍-୫, ଭୁବନେଶ୍ୱର**

**ବାର୍ଷିକ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ କ୍ୟାଲେଣ୍ଡର ୨୦୧୯-୨୦**

| କ୍ର.ସଂ. | ପ୍ରଦର୍ଶନୀର ନାମ | ସ୍ଥାନ | ପ୍ରସ୍ତାବିତ ମାସ |
|---|---|---|---|
| ୧ | ବାର୍ଷିକ ମୃତ୍ତିକା ଶିଳ୍ପ ପ୍ରଦର୍ଶନୀ | ଭୁବନେଶ୍ୱର | ଅକ୍ଟୋବର ୨୦୧୯ |
| ୨ | କୋଣାର୍କ ମେଳା ପ୍ରଦର୍ଶନୀ | ଅର୍ବାନ ହାଟ, କୋଣାର୍କ | ଡିସେମ୍ବର ୨୦୧୯ |
| ୩ | ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା - ୨୦୧୯ | ଭୁବନେଶ୍ୱର | ଡିସେମ୍ବର ୨୦୧୯ |
| ୪ | ବାର୍ଷିକ ଆଦିବାସୀ ମେଳା (କେବଳ ତ.ଉପଜାତି ପ୍ରାର୍ଥୀଙ୍କ ନିମନ୍ତେ) | ଭୁବନେଶ୍ୱର | ଜାନୁଆରୀ ୨୦୨୦ |
| ୫ | ମୃତ୍ତିକା ଶିଳ୍ପ ପ୍ରଦର୍ଶନୀ | ଅନୁଗୁଳ | ଜାନୁଆରୀ ୨୦୨୦ |
| ୬ | ଥିମ୍ ଆଧାରିତ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ | ଭୁବନେଶ୍ୱର | ଜାନୁଆରୀ ୨୦୨୦ |
| ୭ | ଚାନ୍ଦୁଆ ପ୍ରଦର୍ଶନୀ | ଭୁବନେଶ୍ୱର | ଫେବୃଆରୀ ୨୦୨୦ |
| ୮ | ମୃତ୍ତିକା ଶିଳ୍ପ ପ୍ରଦର୍ଶନୀ | ରାଉରକେଲା | ଫେବୃଆରୀ ୨୦୨୦ |
| ୯ | ବିବିଧ ହସ୍ତଶିଳ୍ପ ପ୍ରଦର୍ଶନୀ | କଟକ | ଫେବୃଆରୀ ୨୦୨୦ |
| | **ଓରମାସ ଦ୍ୱାରା ଆୟୋଜିତ ପଲ୍ଲିଶ୍ରୀ ମେଳା** | | |
| ୧ | ରଥଯାତ୍ରା | ପୁରୀ | ଜୁଲାଇ ୨୦୧୯ |
| ୨ | ବିଶ୍ୱକର୍ମା ପୂଜା | ନାଲ୍‌କୋ ଟାଉନସିପ୍, ଅନୁଗୁଳ | ସେପ୍ଟେମ୍ବର ୨୦୧୯ |
| ୩ | ଦୁର୍ଗାପୂଜା | ରାଉରକେଲା | ଅକ୍ଟୋବର ୨୦୧୯ |
| ୪ | ଗଜଲକ୍ଷ୍ମୀ ପୂଜା | ଷ୍ଟାଡ଼ିୟମ, ଢେଙ୍କାନାଳ | ଅକ୍ଟୋବର ୨୦୧୯ |
| ୫ | ବାଲିଯାତ୍ରା | କଟକ | ନଭେମ୍ବର ୨୦୧୯ |
| ୬ | ଧନୁଯାତ୍ରା ଉତ୍ସବ | ଷ୍ଟାଡ଼ିୟମ, ବରଗଡ଼ | ଜାନୁଆରୀ ୨୦୨୦ |
| ୭ | ଶିଶିର ସାରସ | ଭୁବନେଶ୍ୱର | ଜାନୁଆରୀ ୨୦୨୦ |

ଉପରୋକ୍ତ ସମସ୍ତ ପ୍ରଦର୍ଶନୀମାନଙ୍କରେ ଭାଗନେବାକୁ ଇଚ୍ଛୁକ ହସ୍ତଶିଳ୍ପ କାରିଗର/ସମବାୟ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀମାନେ ତା୧୫।୦୭।୨୦୧୯ରିଖ ସୁଦ୍ଧା ସମ୍ପୃକ୍ତ ଆଞ୍ଚଳିକ/ଜିଲ୍ଲା ଶିଳ୍ପ କେନ୍ଦ୍ରଠାରେ ଆବେଦନ କରିପାରିବେ।

ଆବେଦନ କରିବାର ନିର୍ଦ୍ଧାରିତ ଫର୍ମ ନିମ୍ନରେ ପ୍ରଦାନ କରାଗଲା। ପ୍ରତ୍ୟେକ ପ୍ରଦର୍ଶନୀ ପାଇଁ ଅଲଗା ଅଲଗା ଫର୍ମରେ ଆବେଦନ କରିବେ।

**ହସ୍ତଶିଳ୍ପ ପ୍ରଦର୍ଶନୀରେ ଭାଗନେବା ପାଇଁ ଆବେଦନ ଫର୍ମ ୨୦୧୯-୨୦**

କେଉଁ ପ୍ରଦର୍ଶନୀରେ ଭାଗନେବାକୁ ଚାହୁଁଛନ୍ତି :

୧. କାରିଗରଙ୍କ/ସଂସ୍ଥାର ନାମ :

(କ) ଯୋଗାଯୋଗ ଠିକଣା :

(ଖ) ମୋବାଇଲ ଫୋନ୍ ନଂ. :

୨. ପିତା/ସ୍ୱାମୀଙ୍କ ନାମ :

୩. ବର୍ଗ (ସାଧାରଣ/ତ.ଜାତି/ତ.ଉପଜାତି) :

୪. କେଉଁ ହସ୍ତଶିଳ୍ପରେ ଆବେଦନ କରିବାକୁ ଚାହୁଁଛନ୍ତି :

୫. ବିକ୍ରୟ ନିମନ୍ତେ ପ୍ରସ୍ତୁତି ସାମଗ୍ରୀର ଆନୁମାନିକ ମୂଲ୍ୟ :

୬. କାରିଗର ପରିଚୟ ପତ୍ର/ସଂସ୍ଥା ପଞ୍ଜୀକରଣ ସଂଖ୍ୟା (ନକଲ ସଂଲଗ୍ନ କରିବେ) :

୭. ବିଗତ ୨ ବର୍ଷରେ ଭାଗ ନେଇଥିବା ପ୍ରଦର୍ଶନୀ ସମ୍ପର୍କିତ ତଥ୍ୟ :

କ) ପ୍ରଦର୍ଶନୀର ନାମ ଓ ବର୍ଷ :

ଖ) ବିକ୍ରି ପରିମାଣ :

୮. ଜାତୀୟ/ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଥିଲେ ତା'ର ବିବରଣୀ :
(ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ)

**ସଂସ୍ଥା/ପ୍ରାର୍ଥୀଙ୍କର ସ୍ୱାକ୍ଷର**

ବି.ଦ୍ର.: ଆବେଦନ କରିଥିବା ପ୍ରତ୍ୟେକ କାରିଗର/ସଂସ୍ଥାକୁ ଏହି ଆର୍ଥିକ ବର୍ଷ ମଧ୍ୟରେ କେବଳ ଏକମାତ୍ର ପ୍ରଦର୍ଶନୀରେ ଭାଗନେବା ପାଇଁ ଚୟନ କରାଯାଇପାରେ। ବିଶେଷ ପରିସ୍ଥିତିରେ ୨ୟ ବାର ଭାଗନେବାର ସୁଯୋଗ ମିଳିପାରେ। ଉକ୍ତ ନିର୍ଦ୍ଦେଶାଳୟକୁ ସିଧାସଳଖ ଆବେଦନ କରିଥିବା ଦରଖାସ୍ତଗୁଡ଼ିକ ବିଚାରଯୋଗ୍ୟ ହେବନାହିଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବିଚରାକୁ ନିଆଯିବ ନାହିଁ। ଆବଶ୍ୟକ ସ୍ଥଳେ ପ୍ରଦର୍ଶନୀର ସ୍ଥାନ ଓ ପ୍ରସ୍ତାବିତ ସମୟ ପରିବର୍ତ୍ତନ କରାଯାଇପାରେ।

**ନିର୍ଦ୍ଦେଶକ, ହସ୍ତ ଓ କୁଟୀର ଶିଳ୍ପ, ଓଡ଼ିଶା**

43002/11/0004/1920



ଜଣକ ମୁହଁରୁ ସଦାବେଳେ ହସ ଝରିପାରେ,
ତଥାପି ସେ ଅସଲ ସଇତାନ ହୋଇପାରେ।
- ସେକ୍ସପିୟର

## ସଂକ୍ଷେପରେ

### ପ୍ରେମିକାଙ୍କୁ ପ୍ରତାରଣା କରି ପ୍ରେମିକ ଫେରାର

**ଲହଣୀପଡା, ୧୪।୬ (ଡି.ଏନ.ଏ.):** ଲହଣୀପଡା ବ୍ଲକ ମହୁଲପଦା ଥାନା ଅଧୀନ ଏକ ଗ୍ରାମରେ ପ୍ରେମିକାଙ୍କୁ ପ୍ରତାରଣା କରି ପ୍ରେମିକ ଫେରାର ହୋଇଯାଇଛନ୍ତି। ଏ ନେଇ ପ୍ରେମିକା ଥାନାରେ ଅଭିଯୋଗ କରଛନ୍ତି। ସମ୍ପୃକ୍ତ ଯୁବତୀଙ୍କ ସହିତ ନିକଟସ୍ଥ ବାଙ୍କି ଗ୍ରାମର ଜଣେ ଯୁବକ ପ୍ରେମ ସମ୍ପର୍କ ରଖିଥିଲେ। ସେ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ। ଏ ସମ୍ପର୍କରେ ଉଭୟ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ସଭା ମଧ୍ୟ ହୋଇଥିଲା । ଏଥିରେ ଯୁବକ ଜଣକ ଯୁବତୀଙ୍କୁ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଗ୍ରାମବାସୀଙ୍କ ନିଷ୍ପତ୍ତି କ୍ରମେ ଉଭୟ କୋର୍ଟ ବିବାହ କରିବା ପାଇଁ ବଣେଇ କୋର୍ଟକୁ ଯାଇଥିଲେ । କିନ୍ତୁ ଯୁବକ ଜଣକ ବାହାନା ଦେଖାଇ ସେଠାରୁ ଫେରାର ହୋଇଯାଇଥିଲେ। ଫଳରେ ଯୁବତୀଙ୍କ ପରିବାର ନିରାଶ ହୋଇ ଫେରି ଯାଇଥିଲେ। ତଥାପି ଯୁବତୀ ଜଣକ ବିବାହ ଆଶା ରଖି ଅପେକ୍ଷା କରି ରହିଥିଲେ। ବିବାହ ସମ୍ପର୍କରେ ବାରମ୍ବାର କହିବାରୁ ଯୁବକ ଜଣକ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ। ଫଳରେ ଯୁବତୀ ଜଣକ ନ୍ୟାୟ ପାଇବା ଆଶାରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

### ଘର ପାଖ ଜଙ୍ଗଲରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

**କୁଆଁରମୁଣ୍ଡା,୧୪।୬(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ହାତୀବାରି ରୋଡର ଉତ୍କଳପଡ଼ାର ଶିବା ବଡାଇକ(୨୦) ନାମକ ଜଣେ ଯୁବକଙ୍କ ମୃତଦେହକୁ ଶୁକ୍ରବାର ପୋଲିସ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୧୪/୧୯) ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ସୂଚନା ମୁତାବକ, ଶିବା ନିଜ ଘର ନିକଟସ୍ଥ ଏକ ଫ୍ଲାଏ ଆଶ୍ ଇଟା ଫ୍ୟାକ୍ଟ୍ରିରେ କାମ କରୁଥିଲେ । ଗତ ୧୧ ତାରିଖ ସେ ଘରେ କୌଣସି କାରଣକୁ ନେଇ ପାଟିତୁଣ୍ଡ କରିବା ପରେ କେଉଁଆଡେ ପଳାଇ ଯାଇଥିଲେ। ଏହାପରେ ତାଙ୍କ ବାପା ମୋହନ ବଡାଇକ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ ବି ପାଇ ନ ଥିଲେ। ମବୁଧବାର ସକାଳୁ ଘର ନିକଟ ଏକ ବୁଦୁବୁଦିଆ ଜଙ୍ଗଲରୁ ପଚା ଗନ୍ଧ ଆସିଥିଲା। ସେଠାକୁ ଯାଇ ସେ ପୁଅ ଏକ ଗଛରେ ଦଉଡି ଦେଇ ଝୁଲୁଥିବାର ଦେଖି ପୋଲିସକୁ ଖବର ଦେଇଥିଲେ ।

### ୩୦ ଲିଟର ରନ୍ଧାମଦ ଜବତ: ଜଣେ ଗିରଫ

**ବାମରା, ୧୪।୬ (ସ୍ୱ.ପ୍ର.):** ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ପୋଲିସ ୩୦ ଲିଟର ବେଆଇନ ରନ୍ଧାମଦ ଜବତ କରି କୁଟାରୀମାଲର ମୁକୁନ୍ଦ ରୋହିଦାସ (୩୦)ଙ୍କୁ ଗିରଫ କରିଛି । ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଥିବା ଏଏସ୍ଆଇ ଉଦ୍ଧବଚରଣ ତରିଆ ସୂଚନା ଦେଇଛନ୍ତି।

ବଡଗାଁ ଡାକ୍ତରଖାନା

# ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇଁ ଟଙ୍କା ଦାବି

**ବଡଗାଁ, ୧୪।୬ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁସ୍ଥିତ ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚସି)ରେ ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇଁ ଅର୍ଥ ଦାବି କରାଯାଉଥିବା ଅଭିଯୋଗ ଆସିଛି। ଶୁକ୍ରବାର ପୂର୍ବାହ୍ନରେ କେତେକ ବ୍ୟକ୍ତି ଅଢ଼େଇ ମାସ ହେଲା ଦାୟିତ୍ୱରେ ଥିବା କର୍ମଚାରୀ ଜନ ମୃତ୍ୟୁ ପ୍ରମାଣପତ୍ର ଦେଉ ନ ଥିବା, ଏଥିପାଇଁ ଟଙ୍କା ଦାବି କରୁଥିବା, ଟଙ୍କା ନ ଦେଲେ ବାରମ୍ବାର ଆସିବାକୁ କହି ବିଭିନ୍ନ ଆଳରେ ହଇରାଣ କରୁଥିବା ବଡଗାଁ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ମିଞ୍ଜଙ୍କୁ ଜଣାଇଥିଲେ। ଅଧ୍ୟକ୍ଷା ଅଭିଯୋଗକାରୀଙ୍କ ସହିତ ଡାକ୍ତରଖାନାକୁ ଯାଇଥିଲେ । ସେଠାରେ ପ୍ରମାଣପତ୍ର ପ୍ରସ୍ତୁତ କରିବାକୁ ଦାୟିତ୍ୱରେ ଥିବା ସୁପରଭାଇଜର ରାମେଶ୍ୱର କିସାନଙ୍କୁ ଖୋଜିଥିଲେ ମଧ୍ୟ ସେ ସାଢ଼େ ୧୦ଟା ପର୍ଯ୍ୟନ୍ତ ଅଫିସରେ ନ ଥିଲେ। ଏହାପରେ ଅଧ୍ୟକ୍ଷା ବଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକାରୀ ଡାକ୍ତର ମନୋଜ ଆଚାର୍ଯ୍ୟଙ୍କୁ ଫୋନରେ ଏ ସମ୍ପର୍କରେ ଅଭିଯୋଗ ଜଣାଇଥିଲେ। ହେଲେ ସେ ସୋମବାର ବୁଝିବେ। ଜନ୍ମମୃତ୍ୟୁ ପ୍ରମାଣପତ୍ର ପାଇଁ ଟଙ୍କା ଲାଗେ ନାହିଁ । ଏହା ଉପରେ ପଦକ୍ଷେପ ନେବେ ବୋଲି ଡା. ଆଚାର୍ଯ୍ୟ କହିଥିଲେ । ଏହି ଘଟଣା ଉପରେ ଅଭିଯୋଗକାରୀ ବିଜେଡି ନେତା ତଥା ଡବ୍ଲୁଓଡିସି ଏକ୍ସପଟ ମେମ୍ବର ବିନୟ ଟପ୍ପୋଙ୍କୁ ଜଣାଇବା ପରେ ସେ ଜିଲା ସ୍ୱାସ୍ଥ୍ୟ ବିଭାଗର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଫୋନରେ ଡାକ୍ତରଖାନା କର୍ମଚାରୀ ଅର୍ଥ ଦାବି କରୁଥିବା ସମ୍ପର୍କରେ ସୂଚିତ କରାଇଥିଲେ। ତେବେ ବଡଗାଁ ଡାକ୍ତରଖାନାରେ ମାର୍ଚ୍ଚ ୨୦ ତାରିଖ ରୁନଗାଁ ଗ୍ରାମର ଲୋଚନୀ ବେହେରାଙ୍କ ମୃତ୍ୟୁ ପ୍ରମାଣପତ୍ର ପାଇଁ ତାଙ୍କ ନାତି ମନୋଜ ବେହେରା ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ ମଧ୍ୟ ଏ ଯାଏଁ ତାଙ୍କୁ ପ୍ରମାଣପତ୍ର ଦିଆଯାଇ ନାହିଁ। ବିଭିନ୍ନ ଆଳ ଦେଖାଇ ତାଙ୍କୁ କାଲି ଆସ, ପର ଦିନ ଆସ କହି ୧୦ରୁ ଅଧିକ ଥର ଆସିବାକୁ କୁହାଯାଇଛି । ସେହିପରି ମହପଡା ଗ୍ରାମର ବି. କିସାନଙ୍କ ଝିଅ ସୁଷମା ଓ ପୁଅ ସଚିତ କିସାନଙ୍କ ଜନ୍ମ ପ୍ରମାଣପତ୍ର ପାଇଁ ସଂପୃକ୍ତ କର୍ମଚାରୀ ୧୧ଶହ ଟଙ୍କା ଦାବି କରିଥିବା ସେ ଅଭିଯୋଗ କରିଛନ୍ତି। ଡାକ୍ତରଖାନାର କାନ୍ଥରେ ଦରଖାସ୍ତ ଦେବାର ୭ ଦିନ ମଧ୍ୟରେ ପ୍ରମାଣପତ୍ର ହାସଲ କରନ୍ତୁ ଲେଖାଯିବା ସହିତ ଲାଞ୍ଚ ମାଗିବା ଓ ନେବା ଦଣ୍ଡନୀୟ ଅପରାଧ ଉଲ୍ଲେଖ କରାଯାଇଛି । ହେଲେ ଡାକ୍ତରଖାନାର ସଂପୃକ୍ତ କର୍ମଚାରୀ ୮୫ ଦିନ ହେଲା ମନୋଜ ବେହେରାଙ୍କୁ ମୃତ୍ୟୁ ପ୍ରମାଣପତ୍ର ଦିଆଯାଇନାହିଁ । ଘଟଣା ସମ୍ପର୍କରେ ବୁଝିବା ପାଇଁ ଡାକ୍ତରଖାନାର ଜନ୍ମ ମୃତ୍ୟୁ ପ୍ରମାଣପତ୍ର ଦାୟିତ୍ୱରେ ଥିବା ସୁପରଭାଇଜର ରାମେଶ୍ୱର କିସାନଙ୍କୁ ଯୋଗାଯୋଗ କରିବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ତାଙ୍କ ମୋବାଇଲ ସୁଇଚ ଅଫ୍ ଥିବାରୁ ଯୋଗାଯୋଗ ହୋଇପାରିନାହିଁ ।




.ବଡଗାଁ ଡାକ୍ତରଖାନା ପରିସରରେ ଅଭିଯୋଗକାରୀ ଅଧ୍ୟକ୍ଷାଙ୍କୁ ଜଣାଉଛନ୍ତି।



ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଆନୁକୂଲ୍ୟରେ କୁଆଁରମୁଣ୍ଡା ବ୍ଲକ ସଭାଗୃହରେ ଅନୁଷ୍ଠିତ ସ୍ୱାବଲମ୍ବୀ କାରିଗର ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥିମାନେ।

ସ୍ୱାବଲମ୍ବୀ କାରିଗର ପ୍ରଶିକ୍ଷଣ ଶିବିର

## ଜ୍ଞାନ ଆହରଣ କଲେ ନଳକୂଅ ମରାମତି କାରିଗର

**କୁଆଁରମୁଣ୍ଡା,୧୪।୬(ଡି.ଏନ.ଏ.)**

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଗ୍ରାମାଚଞ୍ଚ ନଳକୂଅ ମରାମତି କାରିଗରମାନଙ୍କ ଦକ୍ଷତା ବିକାଶ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର କୁଆଁରମୁଣ୍ଡା ବ୍ଲକ ସଭା ଗୃହରେ ଆୟୋଜିତ ହୋଇ ଯାଇଛି। ଏଥିରେ ରାଉରକେଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଖଣ୍ଡର ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ସାହୁ, ସହକାରୀ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ମୁଣ୍ଡା ପ୍ରମୁଖ ଯୋଗ ଦେଇ ଥିଲେ। ଉପସ୍ଥିତ ଗ୍ରାମାଚଞ୍ଚ କାରିଗରମାନଙ୍କୁ ନଳକୂଅ ମରାମତି, ସ୍ୱାସ୍ଥ୍ୟ ଉପଯୋଗୀ ଜଳ ପରୀକ୍ଷା ଇତ୍ୟାଦି ସମ୍ପର୍କରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ବିଷୟରେ ସମସ୍ତ ତଥ୍ୟ ଉପସ୍ଥାପନା କରିଥିଲେ । ଏହି ଶିବିର ପ୍ରାରମ୍ଭରେ କୁଆଁରମୁଣ୍ଡା ବିଡିଓ ପିୟୁଷ ଲୋହାର ଯୋଗ ଦେଇ ଉପସ୍ଥିତ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ କୁଆଁରମୁଣ୍ଡା ଆରଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ବନ୍ଦିତା ପ୍ରିୟଦର୍ଶିନୀ ସାମଲ, ପ୍ରଦୀପ ଖିଲାରଙ୍କ ସହ ଅନ୍ୟ କର୍ମଚାରୀମାନେ ସହାୟତା କରିଥିଲେ ।

## କୁଚିଣ୍ଡା ଏନ୍ଏସିରେ ପଲିଥିନ ଧରପଗଡ଼ କେବଳ ପ୍ରହସନ

**କୁଚିଣ୍ଡା, ୧୪।୬ (ଡି.ଏନ.ଏ.)**

କୁଚିଣ୍ଡା ଏନଏସିର ରାସ୍ତା ଘାଟ ଯେଉଁ ଆଡେ ଚାହିଁବ ଗଦା ଗଦା ପଲିଥିନ ପଡି ରହିଛି । ଟିକିଏ ପବନ ହେଲେ ଏହା ଉଡି ଘର ଦ୍ୱାର ଚାରିଆଡେ ପଶୁଛି । ଗତ କିଛି ମାସ ଆଗରୁ ସ୍ୱଚ୍ଛ ଭାରତ ଅଭିଯାନ ନାମରେ ଏକ ପ୍ରଚାର ଗାଡି ମାଧ୍ୟମରେ ପଲିଥିନ ବ୍ୟବହାର ବନ୍ଦ କରିବାକୁ ଜନସାଧାରଣ, ଦୋକାନୀମାନଙ୍କୁ ଅବଗତ କରାଯାଇଥିଲା। ହେଲେ ଯେସାକୁ ତେସା। ନିକଟରେ ଏନଏସି ପକ୍ଷରୁ ବିଭିନ୍ନ ଦୋକାନରୁ ପଲିଥିନ ଜବତ କରି ଜୋରିମାନା ଆଦାୟ କରା ଯାଇଥିଲା। ହେଲେ ଯେଉଁଠୁ ପଲିଥିନ ଆସୁଛି ସେମାନଙ୍କ ପ୍ରତି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ । ଛୋଟ ବ୍ୟବସାୟୀଠାରୁ ଜବତ କରି କେବଳ ଏନଏସି ଫାର୍ସ ଚଳାଇଛି। ଏ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ମହାପାତ୍ର କହିଛନ୍ତି ଯେ, ପଲିଥିନ ଧରପଗଡକୁ ତ୍ୱରାନ୍ୱିତ କରିବା ସହ ଯେଉଁମାନେ ପଲିଥିନ କାରବାର କରୁଛନ୍ତି ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରାସ୍ତା ଉପରେ ଦୋକାନ ବଜାର: ଟ୍ରାଫିକ ସମସ୍ୟା

**କୁଚିଣ୍ଡା,୧୪।୬(ଡି.ଏନ.ଏ.)**

କୁଚିଣ୍ଡା ବସଷ୍ଟାଣ୍ଡ ନିକଟସ୍ଥ ଉପ ଜିଲାପାଳଙ୍କ ସରକାରୀ ବାସଭବନଠାରୁ ବ୍ଲକ ଛକ ଅର୍ଥାତ ଉପଖଣ୍ଡ ଡାକ୍ତରଖାନା ସମ୍ମୁଖ ରାସ୍ତାର ଦୁଇ ପାର୍ଶ୍ୱରେ ଦୋକାନବଜାର ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଲୋକେ ସେମାନଙ୍କ ଦୁଇ ଚକିଆ ଓ ଚାରି ଚକିଆ ଯାନକୁ ରାସ୍ତା କଡରେ ଥୋଇ ଦେଉଛନ୍ତି। ତତ୍କାଳୀନ ଉପଜିଲାପାଳ ଚଞ୍ଚଳ ରାଣା ରାସ୍ତା ଉପରୁ ଉଠା ଦୋକାନୀଙ୍କୁ ନେଇ ଭେଣ୍ଡିଂ ଜୋନରେ ଥଇଥାନ କରିଥିଲେ। ହେଲେ ଯେଉଁମାନେ ଭେଣ୍ଡିଂ ଜୋନରେ ଦୋକାନ ପାଇଥିଲେ ସେମାନେ ପୁଣି ରାସ୍ତା ଉପରେ ବସୁଛନ୍ତି। ଏଥିପ୍ରତି ଏନଏସି କର୍ତ୍ତୃପକ୍ଷ ନୀରବ ରହିଛି। ପୋଲିସ ମଧ୍ୟ ପଦକ୍ଷେପ ଗ୍ରହଣ କରୁନାହିଁ । ତେବେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ମହାପାତ୍ରଙ୍କୁ ପଚାରିବାରୁ ଦିନେ ଦିଦିନ ଭିତରେ ରାସ୍ତା ଉପରୁ ପୁଣି ସମସ୍ତଙ୍କୁ ହଟାଇ ଦିଆଯିବ। ଭେଣ୍ଡିଜୋନରେ ଦୋକାନ ପାଇଥିବା ବ୍ୟକ୍ତି ରାସ୍ତା ଉପରେ ବସିଲେ ସେମାନଙ୍କ ଦୋକାନ ରଦ୍ଦ କରାଯିବ ବୋଲି କହିଛନ୍ତି।

## ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ବୈଠକ

**ସମ୍ବଲପୁର,୧୪।୬(ବ୍ୟୁରୋ)**

ରାଜ୍ୟ ଜନସ୍ୱାସ୍ଥ ଯାନ୍ତ୍ରିକ କର୍ମଚାରୀ ସଂଘ ସମ୍ବଲପୁର ଖଣ୍ଡର ଶୁକ୍ରବାର ଅଇଁଠାପାଲି ଯାନ୍ତ୍ରିକ ଭବନରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ପ୍ରଶାନ୍ତ ମହାନ୍ତି ଏଥିରେ ସଭାପତିତ୍ୱ କରିଥିଲେ। ଏଥିରେ ବରଗଡ, ବରପାଲି, ଅତାବିରା, ପଦ୍ମପୁର, ବୁର୍ଲା, ହୀରାକୁଦ, ରେଙ୍ଗାଲିର କର୍ମଚାରୀ ଉପସ୍ଥିତ ଥିଲେ। କର୍ମଚାରୀଙ୍କ ମୌଳିକ ସମସ୍ୟା ଉପରେ ଆଲୋଚନା ହୋଇଥିଲା । ପରେ ସମସ୍ୟା ଉପରେ ଜନସ୍ୱାସ୍ଥ୍ୟ ସମ୍ବଲପୁର ମଣ୍ଡଳର ଭାଗ୍ୟଧର ମହାନ୍ତି, ମନୋରଞ୍ଜନ ନନ୍ଦଙ୍କୁ ଭେଟି ଦାବିପତ୍ର ପ୍ରଦାନ କରାଯାଇଛି। ୨ ମାସ ଭିତରେ ସମସ୍ୟାର ସମାଧାନ କରା ଯିବ ବୋଲି ପ୍ରତିଶ୍ରୁତି ମିଳିଛି। ଗୋକୁଳଚନ୍ଦ୍ର ପ୍ରଧାନ, ସଦାଶିବ ବିଶୋଇ, ନାରାୟଣ ନାଗ, ପୀତାମ୍ବର ଚୌଧୁରୀ, ଭାନୁ କିଶୋର ମହନ୍ତ, ଉପେନ୍ଦ୍ର ବାଦୀ, ଗଣେଶ ବାଗ, ସନ୍ତୋଷ ବଢେଇ, ଡିଲେଶ ରେଡ୍ଡି, ଚକ୍ରଧର ସାହୁ, ରିଙ୍କୁ ମାଝି, ମୁକୁନ୍ଦ ରଣା, ମହମ୍ମଦ ରୋସନ, ମହେଶ୍ୱର ବେହେରା, ରୋହିତ ବେହେରା, ଡିଲେଶ୍ୱର ପ୍ରଧାନ, ବୀରେନ୍ଦ୍ର ସ୍ୱାଇଁ, ମନୋଜ କୁମାର ଦାସ, ସଞ୍ଜୀବ କୁମ୍ଭାର, ପ୍ରଦୀପ କୁମାର ପାଣିଗ୍ରାହୀ, ଲିଙ୍ଗରାଜ ରେଡ୍ଡି ପ୍ରମୁଖ ଉପସ୍ଥିତ ଥିଲେ।




ସୁନ୍ଦରଗଡ଼ କଲ୍ୟାଣ ମଣ୍ଡପ ସଭା ଗୃହଠାରେ ଜିଲାସ୍ତରୀୟ ଲୋକକଳା ଦିବସରେ ମଞ୍ଚାସୀନ ଅତିଥି।

## ଲୋକକଳା ମଣିଷକୁ ସରସ ସୁନ୍ଦର, ମାର୍ଜିତ କରେ

**ସୁନ୍ଦରଗଡ, ୧୪।୬ (ଡି.ଏନ.ଏ)**

ସ୍ଥାନୀୟ ମ୍ୟୁନିସିପାଲଟି କଲ୍ୟାଣ ମଣ୍ଡପର ସଭା ଗୃହଠାରେ ଜିଲାସ୍ତରୀୟ ଲୋକକଳା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ ଜିଲାର କଳାକାରମାନେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ସଦର ବ୍ଲକ ଏ ବିଡିଓ ଚନ୍ଦନ ନିଖଣ୍ଡିଆ ଯୋଗଦେଇ ନିଜ ବକ୍ତବ୍ୟରେ କହିଥିଲେ ଯେ, ଲୋକକଳା ମଣିଷକୁ ସରସ ସୁନ୍ଦର, ମାର୍ଜିତ ରୂପେ ଗଢ଼ି ତୋଳିଥାଏ । ଏହାର ପୁନରୁଦ୍ଧାର ତଥା ପୁନଃ ଜାଗରଣ ନିହାତି ଆବଶ୍ୟକ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ ଗରି ଦଣ୍ଡସେନା ଯୋଗଦେଇ କହିଥିଲେ ଯେ, କଳାକାରର ଜୀବନ ସଂଘର୍ଷମୟ । ତେବେ ଏଇ ସଂଘର୍ଷ ଓ ସାଧନା ତାକୁ ସମୟର ଇତିହାସରେ ଅମର କିରି ଦେଇଥାଏ। ଲୋକକଳା ଆମ ସଂସ୍କୃତିକୁ ଜୀବନ ଦାନ ଦେଇଥାଏ । ସମ୍ମାନୀତ ଅତିଥି ଭାବେ ଜିଲା କ୍ରୀଡା ଅଧିକାରୀ ତେଜ କୁମାର ଖେସ ଲୋକକଳା ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, କ୍ରୀଡା ସହ କଳା ମଧ୍ୟ ସୁନ୍ଦରଗଡର ଏକ ଗୁରୁତ୍ୱପୂର୍ଣ୍ଣ ବିଭବ । କଳାକାରମାନେ ଆମ ସଂସ୍କୃତିର ଜାଗ୍ରତ ପ୍ରହରୀ । ଏମାନଙ୍କର ତ୍ୟାଗ ଓ ତପସ୍ୟା ଅତୁଳନୀୟ । ସଭା ପ୍ରାରମ୍ଭରେ ଜିଲା ସଂସ୍କୃତି ଅଧିକାରୀ ଅନୀଲ କୁମାର କେରକେଟା କହିଥିଲେ ଯେ, ଲୋକକଳାକୁ ସମ୍ମାନ, ସୁରକ୍ଷା ସହ ଏହାର ପ୍ରଚାର ପ୍ରସାର ନିମନ୍ତେ ଜିଲା ପ୍ରଶାସନ ସର୍ବଦା ସହଯୋଗ କରି ଆସିଛି। ଲୋକକଳାକୁ ପୁର୍ନଜୀବନ ଦେବାସହ ଏହାକୁ ଆହୁରି ବ୍ୟାପକ ଓ ଲୋକପ୍ରିୟ କରିବାକୁ ପଡିବ । ଏଥିରେ ବିଭିନ୍ନ ବ୍ଲକର କଳା ସଂସ୍କୃତି ସଂଘର ଉପସଭାପତିମାନେ ନିଜ ନିଜ ବକ୍ତବ୍ୟ ରଖିଥିଲେ । କଳାକାର ସରୋଜିନୀ ମାହାତୋ, ପ୍ରଫୁଲ୍ଲ ସାହୁ, ଖଗେଶ୍ୱର ବାରିକ ପ୍ରମୁଖ ଲୋକକଳାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ଏଥିରେ ଅନେକ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସୁଦର୍ଶନ ତାଜନ, ବଳରାମ ମଗର, ନୀଳମଣି ପଟେଲ, ବିପିନବିହାରୀ ବରିହା, ଫକୀରମୋହନ ବାଟା, ଲଟୁ ଲାକ୍ରା, ଖଗେଶ୍ୱର ବାରିକ, ଦାମ ଏକ୍କା, ଭାସ୍କର ମଗର, ସୁଗ୍ରୀବ ବାଗ, ସରୋଜିନୀ ମହାନ୍ତି, ରମେଶ ସୁନା, ଚତୁର୍ଭୁଜ ପାଣିଗ୍ରାହୀ ଓ ଭକ୍ତଚରଣ ମହନ୍ତଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ଯୁବକବି ବିବିଧ ବିଶ୍ୱ ସଂଯୋଜନା କରିଥିବା ବେଳେ ସୁଦର୍ଶନ ତାଜନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିସ୍ଥାପିତଙ୍କୁ ଭେଟିଲେ ଜିଲାପାଳ

**ସୁନ୍ଦରଗଡ଼,୧୪।୬ (ଡି.ଏନ.ଏ.)**

ଏମ୍ସିଏଲ୍ ବିସ୍ଥାପିତଙ୍କ ଆନ୍ଦୋଳନ ଚେତାବନୀ ଓ ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଗଣମାଧ୍ୟମରେ ପ୍ରକାଶ ପରେ ଜିଲାପାଳ ରଶ୍ମିତା ପଣ୍ଡା ଏହାକୁ ଗୁରୁତର ଭାବେ ଗ୍ରହଣ କରିଛନ୍ତି। ସେ ହେମଗିର ଗସ୍ତକରି ବିସ୍ଥାପିତଙ୍କ ସହ ଆଲୋଚନା କରିଛନ୍ତି। ଶୁକ୍ରବାର ମଧ୍ୟାହ୍ନରେ ଡୁମୁଲିଆ ପଞ୍ଚାୟତ କାର୍ଯ୍ୟାଳୟରେ ଜିଲାପାଳ ବିସ୍ଥାପିତଙ୍କୁ ଭେଟି ଆଲୋଚନା କରିବା ସହ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଲାଗି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଆଲୋଚନାବେଳେ ଜିଲା ପରିଷଦ ସଦସ୍ୟା ପୁରବୀ ନାଏକ, ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରଉଡିଆ, ସରପଞ୍ଚ କୁମୁଦ ବନ୍ଧୁ ପ୍ରଧାନ, ହେମଗିର ବିଡିଓ ପ୍ରଦୀପ ଡାଙ୍ଗ, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସେହିଭଳି ବିସ୍ଥାପିତ ନେତା ରାଜେନ୍ଦ୍ର ନାଏକ, ବିନୟ ଚୌଧୁରୀ, ପ୍ରବୀଣ ପଟେଲ, ଏକାନ୍ତ ପଟେଲ, ସୁଶୀଲ ନାଏକ, ଲୋହିତ ଚୌଧୁରୀ ଓ ସୁଶୀଲ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକ ପରେଜିଲାପାଳଡୁମୁଲିଆଏନଏମ୍ସେଣ୍ଟର ଓ ଗୋଡଦ୍ୱାର ଗାଁକୁ ଯାଇ ଓଭର ହେଡ୍ ଟ୍ୟାଙ୍କ ଜଳ ଯୋଗାଣ ବ୍ୟବସ୍ଥା ଓ ସ୍କୁଲ ବୁଲି ଦେଖିବା ସହ ଗ୍ରାମବାସୀଙ୍କୁ ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ। କୁଲଡା ଖଣି ପାର୍ଶ୍ୱରେ ଥିବା ପରିବାରଙ୍କୁ ଭେଟିବା ସହ ବାଙ୍କିବାହାଲ-ଟପରିଆ ରାସ୍ତା ଅବସ୍ଥା ମଧ୍ୟ ବୁଲି ଦେଖିଥିଲେ।



ସୁନ୍ଦରଗଡ଼ ଜିଲା ହେମଗିରି ବ୍ଲକ ଅନ୍ତର୍ଗତ ବସୁନ୍ଧରା କୋଇଲା ଖଣି ବିସ୍ଥାପିତଙ୍କ ସହିତ ଜିଲାପାଳ ରଶ୍ମିତା ପଣ୍ଡା ଆଲୋଚନା କରୁଛନ୍ତି।

# ବଡଗାଁରେ ଚାଷୀ ସମାବେଶ

**ବଡଗାଁ, ୧୪।୬ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ବଡଗାଁସ୍ଥିତ ପୂର୍ତ୍ତ ଡାକବଙ୍ଗଳାରେ ଶୁକ୍ରବାର ଚାଷୀ ସମାବେଶ ସଭା ଓ ଲ୍ୟାମ୍ପ ସ୍ତରୀୟ କମିଟି ଗଠନ କରାଯାଇଛି । ବଡଗାଁ ଲ୍ୟାମ୍ପ ଅଧୀନ ୪୨ଟି ଗାଁ ମଧ୍ୟରୁ ପୂର୍ବରୁ ଗଠିତ ୫ଟି ଗ୍ରାମର କମିଟି କର୍ମକର୍ତ୍ତା ଓ ଶତାଧିକ କୃଷକ ଯୋଗ ଦେଇଥିଲେ। ଏହି ଗ୍ରାମ୍ୟ କମିଟିର ସଭ୍ୟାସଭ୍ୟ, କମିଟି କର୍ମକର୍ତ୍ତାଙ୍କ ମଧ୍ୟରୁ ଲ୍ୟାମ୍ପ କମିଟି ଗଠନ କରାଯାଇଥିଲା । ଏଥିରେ ବଡଗାଁ ଗ୍ରାମ୍ୟ କମିଟିର ସଭାପତି ଚକ୍ରଧର ପୃଷେଟଙ୍କୁ ସର୍ବ ସମ୍ମତିକ୍ରମେ ବଡଗାଁ ଲ୍ୟାମ୍ପ କମିଟି ବା କେନ୍ଦ୍ର କମିଟିର ସଭାପତି ମନୋନୀତ କରାଯାଇଛି। ଗରିଆମାଲ ଗ୍ରାମର ଚନ୍ଦ୍ରଶେଖର ସାହୁ ଉପସଭାପତି, କୁରେଇବଗା ଗ୍ରାମର ତରଣୀସେନ ପୃଷେଟ ସମ୍ପାଦକ, ଟିକିଲିପଡାର ସବିତା ବାହାଲା, ସାଲେପାଲି ଗ୍ରାମର ପୁରୁଷୋତ୍ତମ ସାହୁ ସହ ସମ୍ପାଦକ ଏବଂ ଜରଙ୍ଗଲୋଇ ଗ୍ରାମର ଘସିଆ ପୃଷେଟଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଏହି କମିଟି ଏକ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ । ଏହାପରେ ନୂତନ କମିଟି ଗଠନ କରାଯିବ । କମିଟିରେ ଦୀନବନ୍ଧୁ ନାଏକ, ହଳଧର ସା, ରଘୁନାଥ କାଲୋ, ବୁଧୁରାମ ଡୁଙ୍ଗଡୁଙ୍ଗ, କୃଷ୍ଣଚନ୍ଦ୍ର ସେଠ, ରାମଲୁସ ଇନ୍ଦୁଆର, ହରିହର ବାରିକ, ନିତ୍ୟାନନ୍ଦ ସାହୁ, ପ୍ରତାପ ନାଏକ, କଙ୍କା ଟପ୍ପୋ, ଗଙ୍ଗାଧର ସାହୁ, ଇନ୍ଦ୍ରମଣୀ ସାହୁ, କୌଶିକ ଡନସନା, ମୀନକେତନ ବେହେରା, କୃପାସିନ୍ଧୁ ସା, ପ୍ରଫୁଲ୍ଲ ବିଶିଙ୍କୁ ଉପଦେଷ୍ଟା ଭାବେ ଚୟନ କରାଯାଇଛି। ତେବେ ଏହି ସଭାରେ ଚାଷୀମାନେ ପ୍ରତ୍ୟେକ ଗାଁରେ କୃଷକଙ୍କୁ ସଂଗଠିତ କରି ଗ୍ରାମ୍ୟ କୃଷକ କମିଟି ଗଠନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କମିଟି ଗାଁରେ ଦେଖା ଦେଉଥିବା ଚାଷୀମାନଙ୍କ ଛୋଟ ବଡ ସମସ୍ୟା ଯଥା- ବିଲରେ ପାଣି ମଡାଇବାକୁ ନେଇ ବେଳେବେଳେ ହେଉଥିବା ଟଣାଓଟର, ହିଡ କାଟିବା, ସାର, ବିହନ, ଔଷଧ ନମିଳିବା, ବିଭିନ୍ନ ସରକାରୀ କୃଷି ଭିତ୍ତିକ ଯୋଜନାରୁ ବଞ୍ଚିତ ହେଉଥିଲେ ଗ୍ରାମ୍ୟ କମିଟି ସମାଧାନ ଦିଗରେ ପଦକ୍ଷେପ ନେବ । ଆବଶ୍ୟକ ସ୍ଥଳେ ଲ୍ୟାମ୍ପ ସ୍ତରୀୟ କମିଟିର ସହଯୋଗ ନେଇ ସମାଧାନ କରିବ । ଗତ ବର୍ଷ ମରୁଡି ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ । ସମସ୍ତ ପଞ୍ଚାୟତରେ ମରୁଡି ଯୋଗୁ ଖରିଫ ଧାନ ଚାଷ ନଷ୍ଟ ହୋଇଥିଲା । ଫୁଲବାରୀ ପଞ୍ଚାୟତ ସର୍ବାଧିକ କ୍ଷତିଗ୍ରସ୍ତ ବୋଲି ପରିସଂଖ୍ୟାନ, କୃଷି, ରାଜସ୍ୱ ବିଭାଗ କର୍ମଚାରୀ କ୍ରପ କଟିଂ କରି ରିପୋର୍ଟ ଦେଇଥିଲେ । କିନ୍ତୁ ଇତମା ଓ ସାହାଜବାହାଲ ପଞ୍ଚାୟତର ୫୭୨ ଜଣଙ୍କୁ କୃଷିବୀମା ଅର୍ଥ ଦେବା ପାଇଁ ବଡଗାଁ ସମବାୟ ବ୍ୟାଙ୍କକୁ ଚିଠି ଆସିଛି । ଏହି କ୍ଷୟକ୍ଷତିର ଆକଳନ କେଉଁ ଆଧାରରେ କରାଗଲା ତାହାକୁ ନେଇ ସନ୍ଦେହ ପ୍ରକଟ କରାଯାଇଥିଲା। ପ୍ରାୟ ସମସ୍ତ ପଞ୍ଚାୟତର ମରୁଡି ସ୍ଥିତି ସାମାନ୍ୟ କମ୍ କିମ୍ବା ବେଶି ଥିବା ସତ୍ତ୍ୱେ ୧୫ ପଞ୍ଚାୟତରୁ ମାତ୍ର ୨ଟି ପଞ୍ଚାୟତର ଚାଷୀଙ୍କୁ କେଉଁ ହିସାବରେ କୃଷିବୀମା ଦେଇ ଅନ୍ୟ ପଞ୍ଚାୟତର ଚାଷୀଙ୍କୁ ବଞ୍ଚିତ କରାଗଲା ପ୍ରଶ୍ନ ଉଠାଇ ଅସନ୍ତୋଷ ପ୍ରକଟ କରିଥିଲେ । ଏହା ଉପରେ ଜିଲାପାଳଙ୍କୁ ଜଣାଇବାକୁ ଚାଷୀମାନେ ନିଷ୍ପତ୍ତି ନେଇଥିଲେ । ସରକାର ଏହାର ବିଚାର ନ କଲେ ଗଣ ଆନ୍ଦୋଳନ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ପାଣ୍ଡେରପାଲି ଗ୍ରାମରେ ଚାଷୀଙ୍କୁ କୃଷି ବିଭାଗ ପକ୍ଷରୁ ଡେମୋନଷ୍ଟ୍ରେଶନ ପାଇଁ ଦିଆଯାଉଥିବା ମଞ୍ଜି, ସାର, କୀଟନାଶକ କେବେ ଓ କେଉଁଠି ମିଳୁଛି କେହି ଜାଣିପାରୁ ନ ଥିବା ଅଭିଯୋଗ ହୋଇଥିଲା । ଏ ନେଇ ସେମାନେ ବ୍ଲକ କୃଷି ଅଧିକାରୀଙ୍କଠାରେ ଅଭିଯୋଗ କରିଛନ୍ତି । ତେବେ ବ୍ଲକ ଅଞ୍ଚଳର କୃଷକମାନଙ୍କୁ ଏକତା ସୂତ୍ରରେ ବାନ୍ଧି ସଂଗଠିତ କରିବା ଓ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ କରିବା ପାଇଁ ଆଗ୍ରହୀ ବଡଗାଁର ବ୍ରହ୍ମାନନ୍ଦ ପାଣିଗ୍ରାହୀ, କୌତୁକ ପୃଷେଟ, ଲୁଲୁ ପାଣିଗ୍ରାହୀ ଉଦ୍ୟମ ଆରମ୍ଭ କରି ବଡଗାଁର କେତେକ ଅଭିଜ୍ଞ ବ୍ୟକ୍ତିଙ୍କ ସହଯୋଗରେ ସଂଗଠିତ କରିଛନ୍ତି ।



ସଭାରେ ଉପସ୍ଥିତ ବଡଗାଁ ଅଞ୍ଚଳର କୃଷକ।



“ ନିର୍ବାଚନରେ ପରାଜୟକୁ ନେଇ ଆତ୍ମସମୀକ୍ଷା ପରିବର୍ତ୍ତେ ସର୍ବପୁରାତନ ଦଳ କଂଗ୍ରେସ ଇଭିଏମ୍ ଉପରେ ସନ୍ଦେହ ପ୍ରକାଶ କରିବା ଏହାର ଅହଂକାରକୁ ସ୍ପଷ୍ଟ କରୁଛି।

-ମୁଖ୍ତାର ଆବାସ୍ ନକ୍ଭି, କେନ୍ଦ୍ରମନ୍ତ୍ରୀ



### ଏସ୍‌ସିଓ ସମ୍ମିଳନୀରେ ମୋଦିଙ୍କ ସମେତ ୮ ରାଷ୍ଟ୍ରନେତା

# ଆତଙ୍କବାଦ ବିରୋଧରେ ଏକାଠି

**ବିଶ୍କେକ୍,୧୪।୬(ପି.ଟି.)**

ଆତଙ୍କବାଦ ପ୍ରାୟୋଜକ ଦେଶ ସତର୍କ ରହିବା ଉଚିତ। ଆତଙ୍କବାଦକୁ ଆର୍ଥିକ ସହଯୋଗ କରୁଥିବା, ପ୍ରୋତ୍ସାହନ ଦେଉଥିବା ଦେଶ ଏଥିଲାଗି ଦାୟୀ ରହିବେ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବିଶ୍କେକ୍‌ରେ ଅନୁଷ୍ଠିତ ସାଙ୍ଘାଇ ସହଯୋଗ ସଙ୍ଗଠନ(ଏସ୍‌ସିଓ) ସମ୍ମିଳନୀରେ ଉଦ୍‌ବୋଧନ ଦେଇ ସେ ପାକିସ୍ତାନର ନାମ ନ ନେଇ ଏଭଳି ଚେତାବନୀ ଶୁଣାଇଛନ୍ତି। ଆତଙ୍କବାଦ ଦମନ ଲାଗି ବିଶ୍ୱ ସମୁଦାୟକୁ ନେଇ ଏକ ସମ୍ମିଳନୀ କରାଯିବାର ଆବଶ୍ୟକତା ରହିଛି ବୋଲି ସେ ପ୍ରକାଶ କରିଛନ୍ତି। ଏସ୍‌ସିଓ ସମ୍ମିଳନୀରେ ସବୁ ଦେଶ ଏକହୋଇ ଆତଙ୍କବାଦ ବିରୋଧୀ ଲଢ଼େଇରେ ସାମିଲ୍ ହେବାକୁ ସେ ପରାମର୍ଶ ଦେଇଛନ୍ତି। ସଦସ୍ୟ ରାଷ୍ଟ୍ରଙ୍କ ମଧ୍ୟରେ ବିକାଶ, ଶାନ୍ତି ଲାଗି ଆତଙ୍କବାଦ ଦମନ ଏକାନ୍ତ ଜରୁରୀ ବୋଲି ମୋଦି ଜୋର୍‌ଦେଇ କହିଛନ୍ତି।

ଭାରତ ଆତଙ୍କବାଦବିହୀନ ସମାଜ ଚାହେଁ। ଗତ ରବିବାର ଶ୍ରୀଲଙ୍କା ଗସ୍ତବେଳେ ସେଣ୍ଟ୍ ଆଣ୍ଟୋନୀ ଚର୍ଚ୍ଚରେ ଆତଙ୍କବାଦର ନଗ୍ନରୂପ ଦେଖିବାକୁ ପାଇଥିବା ମୋଦି ପ୍ରକାଶ କରିଛନ୍ତି। ବହୁ ନିରୀହ ଲୋକ ଏଥିରେ ପ୍ରାଣ ହରାଇଥିଲେ। ବିଶ୍ୱ ସମୁଦାୟ ଆତଙ୍କବାଦ ବିରୋଧୀ ଅଭିଯାନରେ ସାମିଲ ହୋଇ ଏହାର ମୂଳୋତ୍ପାଟନ କରିବାକୁ ଏକାଠି ହେବା ଦରକାର ବୋଲି ମୋଦି କହିଛନ୍ତି। ଏସ୍‌ସିଓ ସଦସ୍ୟମାନେ ବୃହତର ସ୍ୱାର୍ଥ ଲାଗି ଆତଙ୍କବାଦ ବିରୋଧରେ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ମୋଦି ପ୍ରକାଶ କରିଛନ୍ତି। ଏଥିଲାଗି ଏସ୍‌ସିଓ ପକ୍ଷରୁ ବିଶ୍ୱ ସମ୍ମିଳନୀ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ଆଫଗାନିସ୍ତାନରେ ଶାନ୍ତି ଓ ସୁରକ୍ଷା ଲାଗି ଏସ୍‌ସିଓ ରାଷ୍ଟ୍ର ପଦକ୍ଷେପ ନେବାକୁ ସେ ଆହ୍ୱାନ ଦେଇଛନ୍ତି। ପ୍ରକାଶଥାଉ କି, ଆତଙ୍କବାଦକୁ ନେଇ ଗୁରୁବାର ପାକିସ୍ତାନ ଉପରେ ମୋଦି ବର୍ଷିଥିଲେ। ତୁରନ୍ତ ଏହି ଦେଶ ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ବନ୍ଦକରୁ ବୋଲି କହିବା ସହ ସଦସ୍ୟ ରାଷ୍ଟ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଏହାପରେ ଭାରତ ସହ ଏସ୍‌ସିଓ ସଦସ୍ୟ ଆତଙ୍କବାଦକୁ ଦୃଢ଼ ନିନ୍ଦା କରି ଅନ୍ତର୍ଜାତୀୟ ସମୁଦାୟର ସହଯୋଗ ଲୋଡ଼ିଛନ୍ତି। ସମୂହ ସହଯୋଗରେ ବିଶ୍ୱରୁ ଆତଙ୍କବାଦ ଦୂରକରିବା ଲାଗି ମିଳିତ ଆହ୍ୱାନ ଦିଆଯାଇଛି। ଏସ୍‌ସିଓର ବିଶ୍କେକ୍ ଘୋଷଣାନାମାରେ ସଦସ୍ୟ ରାଷ୍ଟ୍ରମୁଖ୍ୟମାନେ ଆତଙ୍କବାଦକୁ କେବେହେଲେ ବରଦାସ୍ତ କରାଯିବ ନାହିଁ ଓ ଏହା ବିରୋଧରେ ମିଳିତଭାବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂକଳ୍ପ ନେଇଛନ୍ତି। ବିଶ୍ୱ ସମୁଦାୟ ଏଥିଲାଗି ସହଯୋଗ କରିବାକୁ ଅନୁରୋଧ କରାଯାଇଛି। ସହମତି ଭିତ୍ତିରେ ଅନ୍ତର୍ଜାତୀୟ ଆତଙ୍କବାଦକୁ ନେଇ ଏକ ବିଶାଳ ସମ୍ମିଳନୀ କରାଯିବା ଲାଗି ସହମତି ପ୍ରକାଶ ପାଇଛି। ଆତଙ୍କବାଦ ଓ କଠୋରପନ୍ଥୀଙ୍କ ଲାଗି କୌଣସି ରାଜନୀତି କରା ନ ଯାଇ ଏକାଠି ହେବାଲାଗି ଆହ୍ୱାନ ଦିଆଯାଇଛି। ପ୍ରକାଶଥାଉ କି, ପଠାନ୍‌କୋଟ୍ ଓ ପୁଲ୍‌ୱାମା ଆକ୍ରମଣ ପରେ ଆତଙ୍କବାଦକୁ ନେଇ ଭାରତ ପ୍ରତିପକ୍ଷ ପାକିସ୍ତାନ ଉପରେ ଦୋଷ ଲଦିଆସୁଛି। ଆଲୋଚନା ଓ ଆତଙ୍କବାଦ ଏକସଙ୍ଗେ ଚାଲିପାରିବ ନାହିଁ ବୋଲି ଭାରତ କହୁଛି। ସୀମାପାର୍ ଆତଙ୍କବାଦ ଭାରତ ଲାଗି ଚିନ୍ତାର କାରଣ ସାଜିଥିବାବେଳେ ଏବେ ସାରା ବିଶ୍ୱ ଅତଙ୍କବାଦ ଜାଲରେ ଛନ୍ଦିହୋଇ ପଡ଼ିଛି। ଏହାକୁ ଦୃଢ଼ ହସ୍ତରେ ଦମନ କରିବାର ସମୟ ଆସିଛି ବୋଲି ମୋଦି କହିବା ପରେ ଏସ୍‌ସିଓ ସଦସ୍ୟ ରାଷ୍ଟ୍ରମୁଖ୍ୟମାନେ ଏନେଇ ପ୍ରତିବଦ୍ଧତା ଜାହିର କରିଛନ୍ତି।




ଏସ୍‌ସିଓ ସମ୍ମିଳନୀ ପୂର୍ବରୁ ସଦସ୍ୟ ରାଷ୍ଟ୍ର ନେତୃବୃନ୍ଦ (ବାମରୁ) ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କାଜାଖସ୍ତାନ ରାଷ୍ଟ୍ରପତି କାସ୍ୟାମଜୋମାର୍ଟ ଟୋକାୟେଭ୍, ଚାଇନା ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ, କିର୍‌ଗିଜସ୍ତାନ ରାଷ୍ଟ୍ରପତି ସୂରୋନବେ ଜିନବେକୋଭ୍, ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍, ତାଜିକିସ୍ତାନ ରାଷ୍ଟ୍ରପତି ଏମୋମାଲି ରହମନ୍ ଏବଂ ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାଭ୍‌କାତ୍ ମିର୍ଜିୟୋୟେଭ ଫଟୋ ପୋଜ୍ ଦେଉଛନ୍ତି।

**ଏସ୍‌ସିଓ ସଦସ୍ୟ ରାଷ୍ଟ୍ରଙ୍କ ସହମତି**

## ଅନ୍ତରୀଣ ନିର୍ଦ୍ଦେଶ ଦେବାକୁ ମନାକଲେ ହାଇକୋର୍ଟ

**ପଶ୍ଚିମବଙ୍ଗରେ ଡାକ୍ତର ଆନ୍ଦୋଳନ**

**କୋଲକାତା,୧୪।୬(ପି.ଟି.)**

ପଶ୍ଚିମବଙ୍ଗର ଏକ ହସ୍ପିଟାଲରେ କନିଷ୍ଠ ଡାକ୍ତରମାନେ ଚଳାଇଥିବା ଆନ୍ଦୋଳନ ଉପରେ କୌଣସି ଅନ୍ତରୀଣ ନିର୍ଦ୍ଦେଶ ଦେବା ଲାଗି କାଲକାଟା ହାଇକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। କାର୍ଯ୍ୟରେ ଯୋଗଦେବା ଏବଂ ରୋଗୀମାନଙ୍କୁ ଯଥାରୀତି ସେବା ଯୋଗାଇଦେବା ଲାଗି ଆନ୍ଦୋଳନରତ ଡାକ୍ତରମାନଙ୍କୁ ରାଜ୍ୟ ସରକାର ବୁଝାନ୍ତୁ ବୋଲି ମୁଖ୍ୟ ବିଚାରପତି ଟି.ବି.ଏନ୍. ରାଧାକ୍ରିଷ୍ଣନ ଏବଂ ଜଷ୍ଟିସ୍ ଶୁଭ୍ରା ଘୋଷଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି। ସୋମବାର ରାତିରେ କୋଲକାତାର ଏନ୍‌ଆର୍‌ଏସ୍ ହସ୍ପିଟାଲରେ ଡାକ୍ତରଙ୍କ ଉପରେ ଆକ୍ରମଣ ପରେ ମମତା ବାନାର୍ଜୀଙ୍କ ସରକାର କ'ଣ ପଦକ୍ଷେପ ନେଇଛନ୍ତି ତାହା ଜଣାଇବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ମୁଖ୍ୟ ବିଚାରପତି ଆନ୍ଦୋଳନରତ ଡାକ୍ତରମାନଙ୍କୁ ରୋଗୀକଲ୍ୟାଣ ଲାଗି ନେଉଥିବା ଶପଥ ସମ୍ପର୍କରେ ସ୍ମରଣ କରାଇ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ୨୧ ତାରିଖକୁ ଧାର୍ଯ୍ୟ ହୋଇଛି।

## ପଶ୍ଚିମବଙ୍ଗରେ ରହୁଥିବା ଲୋକଙ୍କୁ ବଙ୍ଗଳା କହିବାକୁ ହେବ: ମମତା

**କାଞ୍ଚରାପଡା,୧୪।୬(ପି.ଟି)**



ପଶ୍ଚିମବଙ୍ଗରେ ରହୁଥିବା ଲୋକମାନଙ୍କୁ ବଙ୍ଗଳା ଭାଷାରେ କହିବା ଶିଖିବାକୁ ହେବ ବୋଲି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର କହିଛନ୍ତି। ବାହାର ଲୋକମାନେ ରାଜ୍ୟରେ ଡାକ୍ତର ଆନ୍ଦୋଳନକୁ ଉସୁକାଉଥିବା ମମତା ଦୋହରାଇଛନ୍ତି। ଭାଜପା ବଙ୍ଗାଳୀ ଓ ସଂଖ୍ୟାଲଘୁମାନଙ୍କୁ ଟାର୍ଗେଟ କରୁଥିବା ଏକ ସଭାକୁ ଉଦ୍‌ବୋଧନ ଦେଇ ସେ କହିଛନ୍ତି। ନିକଟରେ ଶେଷ ହୋଇଥିବା ଲୋକ ସଭା ନିର୍ବାଚନରେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ଗୁଡ଼ିକୁ ପ୍ରୋଗ୍ରାମିଂ କରାଯାଇଥିବା ମମତା ଅଭିଯୋଗ କରିବା ସହିତ ବାଲଟ ପେପର ପୁଣି ଥରେ ଫେରାଇ ଆଣିବାକୁ ଦାବି କରିଛନ୍ତି।

## ଅଯୋଧ୍ୟାରେ ହାଇ ଆଲର୍ଟ

**ଅଯୋଧ୍ୟା,୧୪।୬(ଆଇଏଏନ୍‌ଏସ୍)**

ଉତ୍ତରପ୍ରଦେଶର ଅଯୋଧ୍ୟା ସହରରେ ଆତଙ୍କବାଦୀ ଆକ୍ରମଣ ସମ୍ଭାବନା ଥିବା ଗୋଇନ୍ଦା ସୂଚନା ମିଳିବା ପରେ ଏହାକୁ ହାଇ ଆଲର୍ଟରେ ରଖାଯାଇଛି। ଆତଙ୍କବାଦୀମାନେ ନେପାଳ ଦେଇ ଉକ୍ତ ସହରରେ ପ୍ରବେଶ କରିପାରନ୍ତି ବୋଲି ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀ କହିଛନ୍ତି। ସେଥିପାଇଁ ଅଯୋଧ୍ୟା ଆସୁଥିବା ସମସ୍ତ ଟ୍ରେନ୍ ଓ ବସ୍ ସମେତ ହୋଟେଲ, ଲଜ୍ ଓ ଗେଷ୍ଟହାଉସ୍‌ଗୁଡିକୁ ଯାଞ୍ଚ କରାଯାଉଛି। ଏଥିସହିତ ୨୦୦୫ ଅଯୋଧ୍ୟା ଆତଙ୍କବାଦୀ ଆକ୍ରମଣ ଘଟଣାର ରାୟ ଆସନ୍ତା ୧୮ରେ ପ୍ରକାଶ ପାଇବାକୁ ଥିବାରୁ ସୁରକ୍ଷା ବ୍ୟବସ୍ଥାକୁ ବଢ଼ାଇ ଦିଆଯାଇଥିବା ଅଧିକାରୀ ଜଣକ କହିଛନ୍ତି। ୨୦୦୫ ଜୁନ୍ ୫ରେ ଅଯୋଧ୍ୟାରେ ଆତଙ୍କବାଦୀ ଆକ୍ରମଣ ଯୋଜନା ପଣ୍ଡ ହୋଇଥିଲା। ସୁରକ୍ଷା ବଳର ଗୁଳିରେ ୫ ଆତଙ୍କବାଦୀ ନିହତ ହେବା ସହ ଅନ୍ୟ ୪ କଶ୍ମୀରୀ ଆତଙ୍କବାଦୀ ଗିରଫ ହୋଇଥିଲେ। ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ ୧୬ରେ ତାଙ୍କର ୧୮ ଏମ୍‌ପିଙ୍କ ସହ ଅଯୋଧ୍ୟା ଗସ୍ତ କାର୍ଯ୍ୟକ୍ରମ ରହିଛି।

## ପୁଲ୍‌ୱାମାରେ ୨ ଆତଙ୍କବାଦୀ ନିହତ

**ଶ୍ରୀନଗର,୧୪।୬(ପି.ଟି.)**

ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲାରେ ସୁରକ୍ଷା କର୍ମୀଙ୍କ ସହ ଏନ୍‌କାଉଣ୍ଟରରେ ୨ ଲସ୍କର-ଇ-ତୋଇବା ଆତଙ୍କବାଦୀ ନିହତ ହୋଇଛନ୍ତି। କୌଣସି ସୂତ୍ରରୁ ଖବର ପାଇ ଅୱନ୍ତିପୋରାର ବ୍ର ବନ୍ଦିନା ଅଞ୍ଚଳରେ ସୁରକ୍ଷା କର୍ମୀମାନେ କର୍ଡନ କରି ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରିଥିଲେ। ଏହାଦେଖି ଆତଙ୍କବାଦୀମାନେ ଗୁଳିମାଡ଼ କରିବାରୁ ସୁରକ୍ଷା କର୍ମୀମାନେ ଏହାର ଦୃଢ ଜବାବ୍ ଦେଇଥିଲେ। ମୃତ୍ୟୁବରଣ କରିଥିବା ୨ ଆତଙ୍କବାଦୀ ହେଲେ ଇର୍ଫାନ୍ ଅହମଦ ଡେଗୁ ଓରଫ୍ ଅବୁ ଜରର୍ ଓ ତସଦୁକ୍ ଅମିନ୍ ଶାହ। ଏ ଦୁହେଁ ବହୁ ଅପରାଧରେ ଜଡ଼ିତ ଥିବାରୁ ପୋଲିସର ୱାଣ୍ଟେଡ୍ ତାଲିକାରେ ଥିଲେ।

## ଆଉ ଜଣେ ଭାଜପା କର୍ମୀଙ୍କୁ ହତ୍ୟା

**କୋଲକାତା,୧୪।୬(ଆଇଏଏନ୍‌ଏସ୍)**

ପଶ୍ଚିମବଙ୍ଗରେ ନିର୍ବାଚନ ପରବର୍ତ୍ତୀ ହିଂସା ଥମିବା ନାଁ ନେଉନାହିଁ। ଉତ୍ତର ୨୪ ପ୍ରଗଣା ଜିଲାରେ ଭାଜପାର ଜଣେ ମହିଳା କର୍ମୀଙ୍କୁ ଗୁରୁବାର ଗୁଳି କରି ହତ୍ୟା କରାଯାଇଛି। ଅମ୍ଲାନୀ ପଞ୍ଚାୟତରେ ଭାଜପାର ସକ୍ରିୟ କର୍ମୀ ସରସ୍ୱତୀ ଦାସ (୪୨)ଙ୍କୁ ତୃଣମୂଳ କଂଗ୍ରେସର ସମର୍ଥକମାନେ ହତ୍ୟା କରିଥିବା ଗୈରିକ ଦଳ ପକ୍ଷରୁ ଅଭିଯୋଗ ହୋଇଛି। ତାଙ୍କ ମୁଣ୍ଡକୁ ଗୁଳି ହୋଇଛି। ପୋଲିସ ରକ୍ତଭିଜା ମୃତଦେହ ଜବତ କରି ଘଟଣାର ତଦନ୍ତ ଚଳାଇଛି।

**[ଇତିହାସର ଆଇନାରେ]**

### ଜୁନ୍ ୧୫ର ପ୍ରମୁଖ ଘଟଣା

୨୦୦୧ ଜୁନ ୧୫ରେ ଚାଇନା, ରୁଷିଆ, କାଜାଖସ୍ତାନ, କିର୍‌ଗିଜସ୍ତାନ, ତାଜିକିସ୍ତାନ ଏବଂ ଉଜ୍‌ବେକିସ୍ତାନର ନେତାମାନେ ମିଳିତ ହୋଇ ସାଂଘାଇ କୋଅପରେଶନ୍ ଅର୍ଗାନାଇଜେଶନ୍ (ଏସ୍‌ସିଓ) ଗଠନ କରିଥିଲେ।

୨୦୧୩ ଜୁନ ୧୫ରେ ପାକିସ୍ତାନର କ୍ୱେଟା ସହରରେ ଏକ ବସ୍‌ରେ ବିସ୍ଫୋରଣ ଯୋଗୁ ୨୫ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୨ ଆହତ ହୋଇଥିଲେ। କ୍ୱେଟା ହେଉଛି ପାକିସ୍ତାନ ଅନ୍ତର୍ଗତ ବେଲୁଚିସ୍ତାନ ପ୍ରଦେଶର ଏକ ବୃହତ୍ ନଗରୀ ଏବଂ ରାଜଧାନୀ। ୧୯୩୫ ଭୂମିକମ୍ପରେ ଏହାର ବ୍ୟାପକ କ୍ଷୟକ୍ଷତି ଘଟିଥିଲା।



ଜେରୁଜେଲମ୍‌ରେ ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମ୍ମଦ ଆବାସ ଭାରତୀୟ ମୂଳ ବାସିନ୍ଦା ମହମ୍ମଦ ମୁନିର ଅନ୍‌ସାରୀଙ୍କୁ 'ଷ୍ଟାର ଅଫ୍ ଜେରୁଜେଲମ୍' ମେଡାଲରେ ସମ୍ମାନିତ କରୁଛନ୍ତି।

## ଇଷ୍ଟର ଆକ୍ରମଣ: ୟୁଏଇରୁ ପ୍ରତ୍ୟର୍ପଣ ହେଲେ ୫ ସନ୍ଦିଗ୍ଧ

**କଲମ୍ବୋ,୧୪।୬(ପି.ଟି.)**

ଶ୍ରୀଲଙ୍କାରେ ଇଷ୍ଟର ଆକ୍ରମଣ ସହ ଜଡ଼ିତ ୫ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ୟୁଏଇ (ୟୁନାଇଟେଡ ଆରବ ଏମିରେଟ୍ସ)ରୁ ପ୍ରତ୍ୟର୍ପଣ କରାଯାଇଛି। ଏମାନଙ୍କ ମଧ୍ୟରେ ଅଛନ୍ତି ମହମ୍ମଦ ମିଲନ୍। ସେ ହେଉଛନ୍ତି ବେଆଇନ ଘୋଷିତ ଆତଙ୍କବାଦୀ ଗୋଷ୍ଠୀ ନ୍ୟାଶନାଲ ଥହିଦ ଜମାଥ (ଏନ୍‌ଟିଜେ)ର ମୁଖ୍ୟ ସଦସ୍ୟ। ଇଷ୍ଟର ଆକ୍ରମଣ ପାଇଁ ଏହି ଗୋଷ୍ଠୀକୁ ମୁଖ୍ୟତଃ ଦାୟୀ କରାଯାଇଛି। ଶ୍ରୀଲଙ୍କା ଗୋଇନ୍ଦା ବିଭାଗକୁ ଆତଙ୍କବାଦୀଙ୍କ ଯେଉଁ ତାଲିକା ମିଳିଥିଲା ସେଥିରେ ମିଲନ୍‌ଙ୍କ ନାଁ ଥିଲା ବୋଲି 'ଦି ଟାଇମ୍ସ ଅନ୍‌ଲାଇନ୍'ରେ ରିପୋର୍ଟ ପ୍ରକାଶ ପାଇଛି। ଦୁବାଇରେ ସିଆଇଡି ଅଧିକାରୀମାନଙ୍କୁ ନେଇ ଗଠିତ ଟିମ୍ ଶୁକ୍ରବାର ସକାଳେ ସନ୍ଦିଗ୍ଧମାନଙ୍କୁ ନିଜ କବ୍‌ଜାକୁ ନେଇଯାଇ ଜେରା ପାଇଁ ଶ୍ରୀଲଙ୍କା ଆଣୁଥିବା ପୋଲିସ ମୁଖପାତ୍ର ରୁୱାନ ଗୁନଶେଖରା ଏକ ବିବୃତିରେ କହିଛନ୍ତି। ସୂଚନାଯୋଗ୍ୟ, ଶ୍ରୀଲଙ୍କାରେ ଏପ୍ରିଲ ୨୧ରେ ଇଷ୍ଟର ପର୍ବ ପାଳିତ ହେଉଥିବାବେଳେ ୩ଟି ଗୀର୍ଜା ଏବଂ କେତେକ ବିଳାସମୟ ହୋଟେଲରେ କ୍ରମାଗତ ଆତ୍ମଘାତୀ ଆକ୍ରମଣ କରାଯାଇଥିଲା।

## କଂଗ୍ରେସ ନେତୃତ୍ୱ ନେବାକୁ ଆଣ୍ଟୋନୀ ମନାକଲେ

**ନୂଆଦିଲ୍ଲୀ,୧୪।୬(ଆଇଏଏନ୍‌ଏସ୍)**



କଂଗ୍ରେସରେ ନେତୃତ୍ୱ ସଙ୍କଟ ଜାରି ରହିଥିବାବେଳେ ପୂର୍ବତନ ପ୍ରତିରକ୍ଷାମନ୍ତ୍ରୀ ଏ.କେ. ଆଣ୍ଟୋନୀ ଏବଂ ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଅଧ୍ୟକ୍ଷ ପଦ ଗ୍ରହଣ କରିବାକୁ ମନା କରିଦେଇଛନ୍ତି। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଆଣ୍ଟୋନୀ ଅଧ୍ୟକ୍ଷ ପଦ ଭାର ନେବାକୁ ଅକ୍ଷମତା ପ୍ରକାଶ କରିଥିବାବେଳେ ଦଳକୁ ମଜଭୁତ କରିବା ଲାଗି ତାଙ୍କର ଅନ୍ୟ ଭୂମିକା ରହିଛି ବୋଲି ବେଣୁଗୋପାଳ କହିଛନ୍ତି। ବେଣୁଗୋପାଳ କର୍ଣ୍ଣାଟକରେ ଦଳର ପ୍ରଭାରୀ ମଧ୍ୟ ଅଛନ୍ତି। ଗାନ୍ଧୀ ପରିବାର ବାହାରେ କୌଣସି ନେତାଙ୍କ ହାତରେ କଂଗ୍ରେସର ଲଗାମ ଧରାଇବାକୁ ଉଦ୍ୟମ ହେଉଥିବାବେଳେ ଏନେଇ ଆଣ୍ଟୋନି ଓ ବେଣୁଗୋପାଳଙ୍କ ମତାମତ ଲୋଡାଯାଇଥିଲା। ଏହାବ୍ୟତୀତ ଅହମଦ ପଟେଲ ଓ ଗୁଲାମ ନବି ଆଜାଦଙ୍କ ଉପରେ ମଧ୍ୟ ଦଳର ନଜର ରହିଛି। ଗତ ଲୋକ ସଭା ନିର୍ବାଚନରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନ ପାଇଁ ନିଜକୁ ଦାୟୀ କରି ଦଳ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ପାଇଁ ମେ ୨୫ରେ କାର୍ଯ୍ୟକାରୀ କମିଟି ବୈଠକରେ ରାହୁଲ ଗାନ୍ଧୀ ପ୍ରସ୍ତାବ ରଖିଥିଲେ।

## ବିହାରରେ ଏଲ୍‌ଜେପି ଦୁଇଭାଗ

**ପାଟନା,୧୪।୬**

କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନଙ୍କ ଲୋକ ଜନଶକ୍ତି ପାର୍ଟି (ଏଲ୍‌ଜେପି) ବିହାରରେ ଦୁଇଭାଗ ହୋଇଛି। ଦଳର ବରିଷ୍ଠ ନେତା ତଥା ସାଧାରଣ ସମ୍ପାଦକ ସତ୍ୟାନନ୍ଦ ଶର୍ମା ଓ ଅନ୍ୟ କେତେଜଣ କାର୍ଯ୍ୟକର୍ତ୍ତା ଏଲ୍‌ଜେପିରୁ ଇସ୍ତଫା ଦେଇ ନୂଆ ଦଳ ଏଲ୍‌ଜେପି (ଧର୍ମନିରପେକ୍ଷ) ଗଠନ କରିଛନ୍ତି। ପାଶ୍ୱାନ କେବଳ ନିଜ ପରିବାର ସଦସ୍ୟମାନଙ୍କୁ ଦଳର ବିଭିନ୍ନ ପଦପଦବୀରେ ଅବସ୍ଥାପିତ କରୁଛନ୍ତି। ଦଳରେ ଗଣତନ୍ତ୍ର ବୋଲି କିଛି ନାହିଁ। ସେ ଦଳକୁ ନିଜ ପରିବାରର ଜାଗିରରେ ପରିଣତ କରିଥିବା ଶର୍ମା ଅଭିଯୋଗ କରିଛନ୍ତି। ଭାଜପାର ସହଯୋଗୀ ଦଳ ଏଲ୍‌ଜେପି ଲୋକ ସଭା ନିର୍ବାଚନରେ ବିହାର ୬ଟି ଆସନରେ ଲଢ଼ି ସବୁଥିରେ ଜିତିଥିଲା। ନବନିର୍ବାଚିତ ୬ ଏମ୍‌ପିଙ୍କ ମଧ୍ୟରେ ପାଶ୍ୱାନଙ୍କ ପୁଅ ଓ ଦୁଇ ଭାଇ ଅଛନ୍ତି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବା ସହିତ ଅପରାହ୍ନରେ ବର୍ଷା ହେବା ସମ୍ଭାବନା ଅଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୪୦.୦ | ୨୭.୫ |
| ଚାନ୍ଦବାଲି | ୩୯.୧ | ୨୮.୪ |
| କଟକ | ୩୯.୨ | ୨୫.୦ |
| ପାରାଦ୍ୱୀପ | ୩୭.୫ | ୨୮.୧ |
| ଭୁବନେଶ୍ୱର | ୩୮.୧ | ୨୫.୫ |
| ଗୋପାଳପୁର | ୩୨.୮ | ୨୭.୭ |
| ପୁରୀ | ୩୪.୬ | ୨୬.୫ |
| ଅନୁଗୋଳ | ୪୧.୧ | ୨୨.୦ |
| ବାରିପଦା | --- | ୩୦.୨ |
| ଝାରସୁଗୁଡ଼ା | ୪୨.୬ | ୨୭.୬ |
| କେନ୍ଦୁଝର | ୩୭.୫ | ୨୨.୬ |
| ସମ୍ବଲପୁର | ୪୧.୪ | ୨୭.୧ |
| ସୁନ୍ଦରଗଡ଼ | ୩୯.୦ | ୨୪.୦ |
| ହୀରାକୁଦ | ୪୧.୩ | ୨୭.୯ |
| ତାଳଚେର | ୪୦.୨ | ୨୩.୬ |
| ଭବାନୀପାଟଣା | ୪୧.୮ | --- |
| ବଲାଙ୍ଗୀର | ୪୧.୫ | ୨୫.୦ |
| କୋରାପୁଟ | ୩୫.୦ | ୨୫.୦ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | ୪୩.୫ | ୨୩.୫ |
| ମାଲକାନଗିରି | ୪୧.୮ | ୨୩.୨ |
| ସୋନପୁର | ୪୧.୨ | ୨୩.୪ |
| ଦାରିଙ୍ଗିବାଡ଼ି | ୩୬.୦ | ୨୦.୦ |

ଡିଗ୍ରୀ ସେଲ୍‌ସିୟସ୍

## ବିମାନ ଦୁର୍ଘଟଣା:୨ ପାଇଲଟ ମୃତ

**ହାନୋଇ,୧୪।୬(ଏଏଫ୍‌ପି)**

ଭିଏତ୍‌ନାମର ଏକ ସାମରିକ ବିମାନ ତାଲିମ ଉଡାଣ କରୁଥିବାବେଳେ ଦୁର୍ଘଟଣାଗ୍ରସ୍ତ ହେବା ଯୋଗୁ ଦୁଇ ପାଇଲଟଙ୍କ ମୃତ୍ୟୁ ଘଟିଛି। ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଭିଏତନାମ୍‌ର ଭଲ ରେକର୍ଡ ଥିଲେ ମଧ୍ୟ ଏଠାରେ ସାମରିକ ବିମାନ ଓ ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ ହେବା ଏକ ନିୟମିତ ଘଟଣା। ଭିଏତ୍‌ନାମ୍‌ର କେନ୍ଦ୍ରୀୟ ଖାନ୍ ହୋଆ ପ୍ରଦେଶରେ ମିତ୍ରରାଷ୍ଟ୍ର ରୁଷିଆର ଏକ ଟୁ-ସିଟର ହେଲିକପ୍ଟର ୟାକୋଭ୍ଲେଭ ୟାକ-୫୨ ଗୋଟିଏ ପର୍ବତରେ ବାଡେଇ ହୋଇଯିବାରୁ ଜଣେ ପାଇଲଟଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ପାଇଲଟ୍‌ଙ୍କୁ ହସ୍ପିଟାଲ୍ ନିଆଯିବାବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଛି। ତଦନ୍ତ ପାଇଁ ଦୁର୍ଘଟଣାସ୍ଥଳକୁ ଘେରାଉ କରି ରଖାଯାଇଛି।



### ଟିଭି ଚ୍ୟାନେଲକୁ ପରାମର୍ଶ

## ଆଞ୍ଚଳିକ ଭାଷାକୁ ଗୁରୁତ୍ୱ ଦିଅ

**ନୂଆଦିଲ୍ଲୀ,୧୪।୬(ଆଇଏଏନ୍‌ଏସ୍)**

ଘରୋଇ ଟିଭି ଚ୍ୟାନେଲଗୁଡ଼ିକ ଏହାର କାଷ୍ଟିଂ ଆଞ୍ଚଳିକ ଭାଷାରେ ପ୍ରସାରଣ କରିବା ଲାଗି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏନେଇ ଶୁକ୍ରବାର ମନ୍ତ୍ରଣାଳୟ ପକ୍ଷରୁ ଏକ ଆଡଭାଇଜରି ଜାରି କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ବହୁ ଆଞ୍ଚଳିକ ଭାଷାର ଟିଭି ଚ୍ୟାନେଲରେ କାଷ୍ଟିଂ, କ୍ରେଡିଟ୍ କେବଳ ଇଂଲିଶରେ ପ୍ରସାରଣ କରାଯାଉଥିବାରୁ ବହୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଲୋକଙ୍କ ଦୃଷ୍ଟିକୁ ଆସିପାରୁ ନାହିଁ। ସେମାନେ ଏସବୁ ଜାଣିବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଆଞ୍ଚଳିକ ଭାଷାରେ ଏଗୁଡ଼ିକୁ ପ୍ରସାରଣ କରାଗଲେ, ଲୋକମାନେ ଅଧିକ ସୁଫଳ ପାଇପାରିବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ ଦର୍ଶାଯାଇଛି।



କ୍ଷମତାର ମୁକୁଟ ଭିତରେ କଣ୍ଟା ମଧ ଥାଏ, ଠିକ୍ ଭାବରେ ତାକୁ ପିନ୍ଧି ନ ଜାଣିଲେ ମୁଣ୍ଡ ଖଣ୍ଡିଆ ହୋଇଯାଏ।
- ଜେମ୍ସ କୁକ୍

# ଅଟୋରିକ୍ସା ଦେଇଛି ରୋଜଗାର



ଅଟୋରିକ୍ସା ପାଖରେ ରାଜକିଶୋରୀ ଟେଟେ।

**ଦିନକର କାହାଣୀ**

**ରା**ଜକିଶୋରୀ ଟେଟେ। ବୟସ ୩୬। ଘର ଦେବଗଡ଼ ଜିଲା ତିଲେଇବଣି ବ୍ଲକ ଗଜେରିବଣୀ ଗାଁରେ। ଶିକ୍ଷାଗତ ଯୋଗ୍ୟତା ୧୦ମ। ହେଲେ ତାଙ୍କର ଅନ୍ୟ ଏକ ପରିଚୟ ସେ ଜଣେ ଅଟୋରିକ୍ସା ଚାଳକ। ଜଣେ ମହିଳା ହେଲେ ମଧ୍ୟ ସେ ପରିବାର ଚଳାଇବା ଓ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଅଟୋରିକ୍ସା ଚଳାଇବାକୁ ବାଧ୍ୟ ହୋଇଥିବା କହିଛନ୍ତି। ଦେବଗଡ଼ ସହରରେ ଅଟୋରିକ୍ସା ଚଳାଇ ରୋଜଗାର କରିବାରେ ରାଜକିଶୋରୀ ପ୍ରଥମ ମହିଳା। ଏଥିପାଇଁ ସେ ସମସ୍ତଙ୍କ ପାଇଁ ଉଦାହରଣ ସାଜିଛନ୍ତି। ଭୋର ୫ଟାରୁ ରାଜକିଶୋରୀଙ୍କ ନିତିଦିନିଆ ଜୀବନ ଆରମ୍ଭ ହୋଇଯାଏ। ନିଜର ନିତ୍ୟକର୍ମ ସାରିବା ପରେ ସେ ପିଲାଛୁଆ ଓ ସ୍ୱାମୀଙ୍କ ପାଇଁ ଜଳଖିଆ ଓ ମଧ୍ୟାହ୍ନ ଭୋଜନ ପାଇଁ କିଛି ଖାଦ୍ୟ ପ୍ରସ୍ତୁତିରେ ଲାଗିପଡ଼ନ୍ତି। ଏହାପରେ ନିଜେ କିଛି ଜଳଖିଆ କରିବା ପରେ ତାଙ୍କ ଅଟୋରିକ୍ସା ଗଡ଼େ ଦେବଗଡ଼ ବସଷ୍ଟାଣ୍ଡ ଅଭିମୁଖେ। ଯାତ୍ରୀମାନଙ୍କ ବରାଦ ଅନୁଯାୟୀ ସେ ଅଟୋରିକ୍ସା ଚଳାଇଥାନ୍ତି। କିଏ ଡାକ୍ତରଖାନା ଯାଏତ ଅନ୍ୟ କେହି ଥାନା, କଚେରି। ଯିଏ ଯେଉଁଠି ଓହ୍ଲାଇବା ପାଇଁ ବରାଦ କରାନ୍ତି ସେହି ହିସାବରେ ଭଡ଼ା ଛଡାନ୍ତି ରାଜକିଶୋରୀ। ମଧ୍ୟାହ୍ନରେ ଖାଇବା ପାଇଁ କିଛି ସମୟ ପାଇ ଘରକୁ ଫେରନ୍ତି ସେ। ଖାଇସାରିବା ପରେ ଅଳ୍ପ ସମୟ ବିଶ୍ରାମ ନେବା ପରେ ପୁଣିଥରେ ରାଜକିଶୋରୀ ଅଟୋରିକ୍ସା ଧରି ବାହାରି ପଡନ୍ତି। ସନ୍ଧ୍ୟା ପୂର୍ବରୁ ସେ ଘରକୁ ଫେରି ଆସନ୍ତି। ପୁଣିଥରେ ସେ ପରିବାର ସଦସ୍ୟଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତି ସହିତ ଅନ୍ୟାନ୍ୟ କାମରେ ଲାଗି ପଡନ୍ତି। ନିଜ କର୍ମରେ ସେ ଖୁବ୍ ସନ୍ତୁଷ୍ଟ ବୋଲି କହୁଥିବା ରାଜକିଶୋରୀଙ୍କ ଭାଷାରେ ମୁଁ ଗତ ୪ ମାସ ହେଲା ଅଟୋରିକ୍ସା ଚଳାଉଛି। ମତେ କେହି କେବେ ହଇରାଣ କି ଖରାପ ବ୍ୟବହାର କରିନାହାନ୍ତି। ଜଣେ ମହିଳା ହୋଇ ମୁଁ ଅଟୋରିକ୍ସା ଚଳାଉଥିବାରୁ ଅନ୍ୟମାନେ ମୋ ପ୍ରତି ଅନୁକମ୍ପା ପ୍ରଦର୍ଶନ କରନ୍ତି ବୋଲି ସେ କୁହନ୍ତି। ଏଥିରେ ମୁଁ ପ୍ରତିଦିନ ୩୦୦ରୁ ୪୦୦ ଟଙ୍କା ରୋଜଗାର କରିଥାଏ। ସେତିକିରେ ମୁଁ ଖୁସି। ରାଜକିଶୋରୀଙ୍କ ପରିବାର କହିଲେ ସ୍ୱାମୀ ଓ ୨ ପୁଅ, ଗୋଟିଏ ଝିଅ। ସ୍ୱାମୀ ଜଣେ ବସ ଡ୍ରାଇଭର। ବଡପୁଅ ରହିତ ଷଷ୍ଠ ଶ୍ରେଣୀ ପଢୁଥିବା ବେଳେ ମହିତ ୪ର୍ଥ ଓ ଝିଅ ୨ ଶ୍ରେଣୀରେ ପଢୁଛି। ପିଲାମାନଙ୍କୁ ଉଚ୍ଚତର ଶିକ୍ଷା ଦେବା ପାଇଁ ସେ ଏହି ପରିଶ୍ରମ କରୁଛନ୍ତି ବୋଲି ରାଜକିଶୋରୀ କୁହନ୍ତି।

**ଶଶାଙ୍କ ଶେଖର ଝାଙ୍କର**

## ଟ୍ରାନ୍ସଫର୍ମରରେ ଲାଗିଲା ନିଆଁ

**ବାରିପଦା ଅଫିସ,୧୪।୬**

ବାରିପଦା ସହରର ଜନବହୁଳ ଅଞ୍ଚଳ ବଗୁଲି ମାର୍କେଟ ତଥା ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଏକ ଟ୍ରାନ୍ସଫର୍ମରରେ ଶୁକ୍ରବାର ମଧ୍ୟାହ୍ନ ୧୨ଟା ବେଳେ ନିଆଁ ଲାଗି ଯାଇଥିଲା। ଏଥିନେଇ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଦେଖା ଦେଇଥିଲା। ଟ୍ରାନ୍ସଫର୍ମର ନିକଟରେ ଥିବା ଉଠା ଦୋକାନୀ ଓ ରାସ୍ତାରେ ଯିବା ଆସିବା କରୁଥିବା ଜନସାଧାରଣ ଭୟଭୀତ ହୋଇପଡିଥିଲେ। ଖବରପାଇ ବାରିପଦା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି କିଛି ଅଘଟଣ ଘଟିବା ପୂର୍ବରୁ ନିଆଁକୁ ଆୟତ୍ତ କରିଥିଲେ।

## ଅରୁନ୍ଧତୀ ଜୁଏଲର୍ସର ରଜ ପରୀ-୨୦୧୯



**ଭୁବନେଶ୍ୱର,୧୪-୬(ବ୍ୟୁରୋ)**

ପ୍ରମୁଖ ଗହଣା ଶୋ'ରୁମ ଅରୁନ୍ଧତୀ ଜୁଏଲର୍ସ ପକ୍ଷରୁ ରଜ ପରୀ-୨୦୧୯ର ଫାଇନାଲ ସ୍ଥାନୀୟ ଶହୀଦ ନଗରସ୍ଥିତ ଦୁର୍ଗାପୂଜା ମଣ୍ଡପ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଚାରକ ଭାବେ ଓଲିଓଡ ଅଭିନେତ୍ରୀ ଅନିଷା ଶର୍ମା ଏବଂ ଗୀତିକାର ଅରୁଣମନ୍ତ୍ରୀ ଯୋଗଦେଇ ୨୦ ପ୍ରତିଯୋଗୀଙ୍କ ମଧ୍ୟରୁ ବିଜେତା ଚୟନ କରିଥିଲେ। ନିତ୍ୟାଶା ବନ୍ଦନା ପଟ୍ଟନାୟକ, ବିଦ୍ୟାଭାରତୀ ବଳବନ୍ତରାଏ, ବର୍ଷା ବୈଶାଳୀ ବିଷ୍ଣୁ ଦର୍ଶନୀ ସିଜିନ-୨ର ବିଜେତା ଘୋଷଣା ହୋଇଛନ୍ତି। କାର୍ଯ୍ୟକ୍ରମରେ ଅରୁନ୍ଧତୀ ଜୁଏଲର୍ସର ଏମ୍‌ଡି ବ୍ରହ୍ମାନନ୍ଦ ମେହେର ବିଜେତାଙ୍କୁ ଟ୍ରଫି ସହ ଚେକ୍ ପ୍ରଦାନ କରିଥିଲେ। ପ୍ରତିଭାଙ୍କୁ ଆଗକୁ ବଢିବା ଲାଗି ଏଭଳି ଏକ ପ୍ଲାଟଫର୍ମ ପ୍ରଦାନ କରାଯିବା ସହ ପ୍ରତ୍ୟେକ ପର୍ବ ପର୍ବାଣି ଏବଂ ଉତ୍ସବରେ ଗ୍ରାହକଙ୍କ ଖୁସିରେ ଯୋଡି ହେବାକୁ ପ୍ରୟାସ ଜାରି ରହିଥିବା ଏମ୍‌ଡି ମେହେର ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ଲାଗି କଟକ, ଭୁବନେଶ୍ୱର, ଯାଜପୁର ରୋଡ ଏବଂ ଖୋର୍ଦ୍ଧା ଭଳି ସ୍ଥାନ ଗୁଡିକରେ ଅଡିଶନ ଅନୁଷ୍ଠିତ ହୋଇଥିଲା।

## ଭୋଳାନାଥ ଶୁକ୍ଳା ଏମ୍‌ସିଏଲର ନୂତନ ଅଧ୍ୟକ୍ଷ

**ସମ୍ବଲପୁର, ୧୪।୬ (ବ୍ୟୁରୋ)**



ଏମସିଏଲର ନୂତନ ଅଧ୍ୟକ୍ଷ ଭୋଳାନାଥ ଶୁକ୍ଳା।

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ)ର ନୂତନ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଭାବେ ଭୋଳାନାଥ ଶୁକ୍ଳା ଶୁକ୍ରବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ବୈଷୟିକ ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂ ପୁଷ୍ପଗୁଚ୍ଛ ଦେଇ ଭୋଳାନାଥଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଅଧ୍ୟକ୍ଷଙ୍କୁ ଗାର୍ଡ ଅଫ୍ ଅନର୍ ଦିଆ ଯାଇଥିଲା। ଏହି ସମୟରେ ପୂର୍ବତନ କାର୍ମିକ ନିର୍ଦ୍ଦେଶକ ଲୀଲାନନ୍ଦ ମିଶ୍ର ଉପସ୍ଥିତ ଥିଲେ। ଏହାପରେ ଏମ୍‌ସିଏଲ ଅଧିକାରୀ, କର୍ମଚାରୀ ଓ ବିଭିନ୍ନ ବିଭାଗୀୟ ମୁଖ୍ୟ ମଧ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଭୋଳାନାଥ କୋଇଲା କମ୍ପାନୀରେ ୩୭ ବର୍ଷ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଏହା ପୂର୍ବରୁ ସେ ଝାଡ଼ଖଣ୍ଡ ରାଞ୍ଚି କୋଲ ମାଇନ ପ୍ଲାନିଂ ଆଣ୍ଡ ଡିଜାଇନ ଇନଷ୍ଟିଚ୍ୟୁଟରେ ବୈଷୟିକ ନିର୍ଦ୍ଦେଶକ ଥିଲେ। ସେ ମାଇନିଂ ଇଞ୍ଜିନିୟରିଂ ସ୍ନାତକ ଡିଗ୍ରୀ ହାସଲ କରିବା ସହ ଧାନବାଦସ୍ଥିତ ଇଣ୍ଡିଆନ୍ ସ୍କୁଲ ଅଫ୍ ମାଇନ୍ସରୁ ଓପନ କାଷ୍ଟ ମାଇନିଂରେ ଏମ୍‌ଟେକ ଡିଗ୍ରୀ ହାସଲ କରିଛନ୍ତି। ସେ ହିଙ୍ଗୁଳା ଓ ଭରତପୁର ଖଣି ଅଞ୍ଚଳରେ କ୍ଷେତ୍ର ଜେନେରାଲ ମ୍ୟାନେଜର ଭାବେ ମଧ ଅତୀତରେ କାର୍ଯ୍ୟ କରିଥିଲେ। ସେହି ସମୟରେ ସେ ବିସ୍ଥାପିତ ଓ ପୁନର୍ବାସ ଥଇଥାନ ଉପରେ କାର୍ଯ୍ୟ କରିଥିଲେ।

## ମରଣାନ୍ତକ ଆକ୍ରମଣ, ୨ ଜଣଙ୍କ ନାଁରେ ମାମଲା

**ଭଦ୍ରକ ଅଫିସ, ୧୪।୬:**

ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ କେଦାରପୁର ଗାଁରେ ଜଗବନ୍ଧୁ ଘଡ଼େଇଙ୍କ ପୁଅ ରମାକାନ୍ତ ଘଡ଼େଇଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ୨ ଜଣଙ୍କ ନାଁରେ ମାମଲା(ନଂ. ୨୯୭/୧୯) ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୋଗରେ ଦର୍ଶାଯାଇଛି ଯେ, ବୁଧବାର ରମାକାନ୍ତ ଘରକୁ ଫେରୁଥିବା ବେଳେ ସେହି ଗାଁର ସୁମନ ଘଡ଼େଇ ଓ ତାଙ୍କ ମା' ତାଙ୍କୁ ଅଟକାଇ ଆକ୍ରମଣ କରିବା ସହ ଏହି ରାସ୍ତାରେ ନ ଯିବାକୁ ତାଗିଦ୍ କରିଥିଲେ। ରମାକାନ୍ତଙ୍କ ମୁଣ୍ଡକୁ କାଠଫାଳିଆରେ ଆକ୍ରମଣ କରାଯାଇଥିବାରୁ ସେ ଗୁରୁତର ଅବସ୍ଥାରେ ଜିଲା ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଗୁରୁବାର ଅଭିଯୋଗ ହେବା ପରେ ପୋଲିସ ଆକ୍ରମଣକାରୀ ମା' ଓ ପୁଅଙ୍କ ନାଁରେ ମାମଲା ରୁଜୁ କରିଛି।


**PARADIP PORT TRUST**
Corrigendum-1 to e-TCN No. EM/PD-17/19 dtd. 13.05.19.
Name of the work : "Grant of license for Installation, Operation & Maintenance of 1 no. 100T Capacity HMC for a period of 12 months or till arrival of new HMC whichever is earlier". The bid submission end date : 19.06.2019 at 17.15 hrs. Bid opening date : 21.06.2019 at 12.00 hrs. Detailed Tender Document is available at the website : https://eprocure.gov.in/eprocure/app for online bidding.
EE (M), P&D CELL,
PPT/PR/121/19-20 Dt : 14.06.2019

**PARADIP PORT TRUST**
e-Tendering Notice
Online tenders in three bid system i.e. (1) EMD Bid (2) Technical Bid (3) Price Bid are invited from manufacturers/authorized dealers/suppliers for supply of Steel Materials. The last date and time of submission of the tender is 17.15 Hours on Dt. 08/07/2019. For details, log on to website: https://eprocure.gov.in/eprocure/app.
Sr. Dy. Materials Manager
PPT/PR/126/19-20 Dt :14.06.2019


## ସେଲ୍‌ଫି କର୍ଣ୍ଣର



ସୌରଭ



ସରୋଜ କୁମାର



ରାମେଶ୍ୱର



ଜିତେନ୍ଦ୍ର

ସେଲ୍‌ଫି ଉଠାନ୍ତୁ, ଆମକୁ ପଠାନ୍ତୁ
smbselfie@gmail.com
(ମନୋନୀତ ସେଲ୍‌ଫି ପ୍ରକାଶ ପାଇବ)

## ଆଜି କ'ଣ କେଉଁଠି

**ପୁରୁଣାକଟକ**

- ମା' ଭୈରବି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବ, ପୁରୁଣାକଟକ ମିନିଷ୍ଟାଡିୟମ, ସକାଳ ୭ଟା।

**ଦେବଗଡ଼**

- ମା' ରମ୍ଭାଦେବୀଙ୍କ ଯାତ୍ରା, ସୁରୁଡା ଗ୍ରାମ ନିକଟସ୍ଥ ବାସୁଦେବପୁର (କରଡାଖମଣ) ଗାଁ, ଅପରାହ୍ନ ୩ଟା।

**ରାଉରକେଲା**

- ପୂର୍ବତନ ବିଧାୟକ ବ୍ରଜକିଶୋର ମହାନ୍ତିଙ୍କ ସ୍ମୃତିଚାରଣ ସଭା, ବାସନ୍ତୀ କଲୋନୀ କଳିଙ୍ଗ କ୍ଲବ ପ୍ରାଙ୍ଗଣ, ସନ୍ଧ୍ୟା ୭ଟା
- ସାମୂହିକ ଯୋଗ ପ୍ରଦର୍ଶନ ଉଦ୍‌ଘାଟନୀ ଉତ୍ସବ, ଏନଆଇଟି, ରାଜେନ୍ଦ୍ର ମିଶ୍ର ପ୍ରଦର୍ଶନୀ ହଲ, ସକାଳ ୭ଟା

**ଭବାନୀପାଟଣା**

- ବିଶ୍ୱ ବରିଷ୍ଠ ନାଗରିକ ନିର୍ଯାତନା ସଚେତନତା ଦିବସ ଉପଲକ୍ଷେ କଳାହାଣ୍ଡି ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଶୋଭାଯାତ୍ରା, ବିଜୁ କଲ୍ୟାଣ ମଣ୍ଡପ,ସକାଳ ସାଢ଼େ ୬ଟା।
- ବରିଷ୍ଠ ନାଗରିକ ସଂଘର ବୈଠକ, ବିଜୁ କଲ୍ୟାଣ ମଣ୍ଡପ,ସକାଳ ୯ଟା।

### ଇଭିଏମ୍ ସ୍ୱଚ୍ଛତାକୁ ଚ୍ୟାଲେଞ୍ଜ

## ହାଇକୋର୍ଟରେ ମାମଲା

**କଟକ ଅଫିସ,୧୪।୬**

ଇଭିଏମ୍‌ର ସ୍ୱଚ୍ଛତାକୁ ନେଇ ବିବାଦ ଥମୁନାହିଁ। ଇଭିଏମ୍‌ରେ ଜାଲିଆତି ହେଉଥିବା ନେଇ ଜାତୀୟ ସ୍ତରରେ କେତେକ ବିରୋଧୀ ଦଳ ବାରମ୍ବାର ଆପତ୍ତି ଅଭିଯୋଗ ଆଣୁଛନ୍ତି। ଏବେ ଇଭିଏମ୍‌କୁ ନେଇ ହାଇକୋର୍ଟରେ ଆଉ ଏକ ମାମଲା ରୁଜୁ ହୋଇଛି। ଭୁବନେଶ୍ୱର ଅଞ୍ଚଳର ସୁବ୍ରତ କୁମାର କର ଇଭିଏମ୍‌ର ସ୍ୱଚ୍ଛତାକୁ ଚ୍ୟାଲେଞ୍ଜ କରି ହାଇକୋର୍ଟରେ ଏକ ମାମଲା ରୁଜୁ କରିଛନ୍ତି। ସେ ପିଟିଶନରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରରେ ଘଟିଥିବା ଘଟଣାକୁ ଉଲ୍ଲେଖ କରିବା ସହିତ ଏହାର ସିବିଆଇ ତଦନ୍ତ ନିବେଦନ କରିଛନ୍ତି। ଆବେଦନକାରୀ ଦର୍ଶାଇଛନ୍ତି, କେଉଁଠି ପୋଲିଂଠାରୁ ଇଭିଏମ୍‌ରୁ କମ୍ ଭୋଟ ବାହାରୁଛି ତ କେଉଁଠି ପୋଲିଂଠାରୁ ଅଧିକ ଭୋଟ ବାହାରୁଛି। କଣ୍ଟାବାଞ୍ଜି ବିଧାନସଭା ଆସନରେ ମୋଟ୍ ୧ ଲକ୍ଷ ୮୨ ହଜାର ୪୧୧ ଜଣ ମତଦାତା ମତାଧିକାର ସାବ୍ୟସ୍ତ କରିଥିଲେ। କିନ୍ତୁ ଭୋଟ୍ ଗଣତି ସମୟରେ ଇଭିଏମ୍‌ରୁ ୧ ଲକ୍ଷ ୯୧ ହଜାର ୦୭୭ ଖଣ୍ଡ ଭୋଟ୍ ବାହାରିଥିଲା। ସମୁଦାୟ ପୋଲିଂ ଓ ଇଭିଏମ୍‌ରୁ ବାହାରିଥିବା ଭୋଟକୁ ତୁଳନା ପରେ ୮୬୬୬ ଖଣ୍ଡ ଭୋଟ ଅମେଳ ରହୁଛି। କେବଳ କଣ୍ଟାବାଞ୍ଜି ନୁହେଁ ଅନ୍ୟ ଅଞ୍ଚଳରେ ମଧ ଏଭଳି ଘଟଣା ଘଟିଛି। ତେଣୁ ଏହାର ସିବିଆଇ ତଦନ୍ତ ପାଇଁ ଆବେଦନକାରୀ କର ହାଇକୋର୍ଟଙ୍କୁ ନିବେଦନ କରିଛନ୍ତି। ପିଟିଶନରେ ସେ ଭାରତୀୟ ନିର୍ବାଚନ କମିଶନ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ପକ୍ଷଭୁକ୍ତ କରିଛନ୍ତି।

## ନଦୀରେ ଭାସିଯାଇ ବୃଦ୍ଧା ମୃତ

**ତିହିଡ଼ି, ୧୪।୬ (ଡି.ଏନ.ଏ.):** ଭଦ୍ରକ ଜିଲା ତିହିଡ଼ି ଥାନା ତଳଗୋପବିନ୍ଧା ଗ୍ରାମର ଗୌରୀ ସାହୁ ନାମ୍ନୀ ଜଣେ ବୃଦ୍ଧା ଶୁକ୍ରବାର ନଈରେ ଭାସିଯାଇ ପ୍ରାଣ ହରାଇଛନ୍ତି। ସୂଚନା ଅନୁସାରେ, ସେ ଗ୍ରାମ ନିକଟସ୍ଥ ସାଳନ୍ଦୀ ନଦୀକୁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ପାଣିରେ ପଡ଼ିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ସେ ନଈରେ ଭାସୁଥିବା ଦେଖିଥିଲେ। ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତିହିଡ଼ି ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୫/୧୯) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।


**Odisha State Health & Family Welfare Society, Deptt. of Health & Family Welfare, Govt. of Odisha**
Annex Building of SIH&FW, Nayapalli, Unit-8, Bhubaneswar- 751012, District- Khordha (Odisha); Phone/Fax: 0674- 2392480/79
Advt. No.26/19 Date.15.06.2019
**CANCELLATION NOTICE**
**Ref.: Advt. No. 44/18 dt. 11.10.2018.**
No.67-E:- The advertisement for recruitment in the positions of Assistant Manager–ASHA and Assistant Manager – GKS & Health System Strengthening (at Sl. No. 02 & 03 respectively) made vide Advt. No. 44/18 dt. 11.10.2018, published in "The Samaja" "The Dharitri" & "The New Indian Express", is hereby cancelled on administrative ground.
Sd./-
Mission Director
NHM, Odisha
10084/11/0009/1920

**SHRI JAGANNATH TEMPLE OFFICE, PURI**
Quotation Call Notice No.6281, Dt.13.06.19
For supply of medicines (Allopathic) please follow website www.jagannath.nic.in. Last Date: 19.06.19 up to 4 P.M.
Sd./-
Administrator
Shri Jagannath Temple, Puri

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER SOUTHERN (R&B) CIRCLE, BERHAMPUR**
Phone : 0580-2281562, e-mail : sescpwd@yahoo.co.in
**Corrigendum to Bid Identification**
No.SE, SC (R&B)-BAM-19/2018-19
No.1309 Dated: 04.06.2019
No.21-B:- The tender invited vide Bid Identification No. S.E, S.C (R&B)-BAM-19/2018-19 for the work "Improvement such as Widening and strengthening of road from Bhanja Sahitya Parisada Chhak to Puruna Bazar Sahi Chhak of Bhanjanagar town Road via Ram Mandir Chhak, Dera Sahi & Puruna Bazar Sahi under Bhanjanagar NAC" is hereby cancelled, as the participant is of Special Class Contractor where as tender invite for "B" & "A" Class Contractor.
Sd./- Superintending Engineer
Southern (R&B) Circle, Berhampur
34103/11/0003/1920

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
AIIMS/BBSR/EE (AC&R)/028/83/2019 Dated: 14th June 2019
**NOTICE INVITING QUOTATION**
The All India Institute of Medical Sciences (AIIMS), Bhubaneswar invites Quotation for **"Supply, Installation, Testing and Commissioning of Cables for Control Panel and Duct Heater of MOT AHUs at Hospital Complex, AIIMS, Bhubaneswar".** Detailed description, terms & conditions and document for processing e-Tender along with last date of submission can be viewed and downloaded from e-Tender portal of AIIMS, Bhubaneswar website **www.aiimsbhubaneswar.edu.in.**
Sd/-
Executive Engineer(AC&R)
AIIMS, Bhubaneswar

**Odisha State Health & Family Welfare Society, Deptt. of Health & Family Welfare, Govt. of Odisha**
Annex Building of SIH&FW, Nayapalli Unit- 8, Bhubaneswar-751012, District-Khordha (Odisha), Phone/Fax: 0674- 2392480/79
Advt.No.:27/19 Date:15/06/2019
**Walk-in-Interview**
No.66-E:- Walk-in-Interview will be conducted as scheduled below for filling up the following post for H&FW Department under OSH&FW Society on contractual basis with monthly remuneration as noted against the post and subject to renewal as per OSH&FW Society terms and conditions. The above position is purely temporary and co-terminus with the scheme. Lower age limit is 21 years as on dt. 01/06/2019.

| Sl. No. | Name of the Post | Remuneration (in Rs.) | Date of Registration / Interview |
|---|---|---|---|
| 01 | OSD (Legal) | Rs.42,000/- (Consolidated) | 02.07.2019 |

Interested candidates can log on to www.nrhmorissa.gov.in for details of vacancy, eligibility criteria, Age, Application Form etc. Candidates fulfilling the eligibility criteria may appear for registration and consequently for interview if eligible, on the date as mentioned against the post. Registration timing will be from 10.30 A.M. to 12 Noon only on Walk-in-Interview date. No application will be received after scheduled date & timing of registration.
Venue:- Mission Directorate (National Health Mission), Annex Building of SIH&FW, Nayapalli, Unit-8, Bhubaneswar, Dist.- Khordha, Pin – 751012, Odisha.
Sd./-
Mission Director, NHM
10084/11/0008/1920 Member Secretary, OSH&FWS, Odisha

**OFFICE OF THE PRINCIPAL, RAJENDRA COLLEGE (AUTONOMOUS), BALANGIR**
No.1465 /RC: Dated, the 12.06.2019
**TENDER CALL NOTICE**
Sealed tenders in two bid system (technical and financial bid) are invited from Central PSU/ State PSU for Selection of PMC for construction of an Auditorium at Rajendra College (Autonomous), Balangir. The last date for submission of bids is 15.07.2019 (3.00 P.M). For details visit the College website- www.rajendracollege.nic.in.
*Sd./- PRINCIPAL*
*Rajendra College (Auto.), Balangir*

**OFFICE OF THE PURI MUNICIPALITY, PURI**
No. 4110 Dt. 13.06.19
**QUOTATION CALL NOTICE**
Puri Municipality invites sealed quotation from the eligible suppliers/Decorators/ Firms for temporary lighting arrangement of branded company on different occasion within Municipality area, so as to reach the Executive Officer, Puri Municipality on or before dt. 21.06.19 by 05 PM through Registered Post/Speed Post only. The terms & condition, technical specification & quotation paper will available in the website www.ulbodisha.gov.in & www.puri.nic.in from dt. 15.06.19, 11 AM to dt. 21.06.19 by 5 PM & the same will be opened on dt. 22.06.19 at 11 AM in presence of bidders or their authorized representatives who wish to attend.
The authority reserves the right to reject any or all the quotation without assigning any reason thereof.
Sd./- Executive Officer,
Puri Municipality, Puri

# ଆର୍କିଟେକ୍ଟର ଆଣିଦେବ ପ୍ରସିଦ୍ଧି

**ଗଗନଚୁମ୍ବୀ କୋଠା, ମଲ୍ଟିପ୍ଲେକ୍ସ, କଳାତ୍ମକ ଜାହିର କରୁଥିବା ଭବ୍ୟ ମନ୍ଦିର, ଶପିଂମଲ୍ ଆଦିକୁ ଦେଖି ଆମେ ଚକିତ ହୋଇଯାଉ, ଆଉ ଏହାର ନିର୍ମାତାଙ୍କ କାର୍ଯ୍ୟକୁ ମନେ ମନେ ପ୍ରଶଂସା ମଧ୍ୟ କରୁ। ତାଙ୍କର କଳ୍ପନାଶକ୍ତି ଆଗରେ ମୁଣ୍ଡ ଆପେ ଆପେ ନଇଁଯାଏ। ସେ କିଭଳି ଏଗୁଡ଼ିକୁ ମୂର୍ତ୍ତରୂପ ଦେଲେ ତାହା ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ବାସ୍ତବରେ ଏହା ଆର୍କିଟେକ୍ଟରଙ୍କ କମାଲ କହିଲେ ଅତ୍ୟୁକ୍ତି ହେବ ନାହିଁ। ରଚନାତ୍ମକ କୌଶଳର ପ୍ରୟୋଗରେ ଡିଜାଇନ ତିଆରି କରି ବିଜ୍ଞାନ ଓ କଳାର ସଙ୍ଗମରେ ନିର୍ମାଣ କାର୍ଯ୍ୟକୁ ଆର୍କିଟେକ୍ଟର କୁହାଯାଏ।**

ଭବନ ନିର୍ମାଣ ବେଳେ ବ୍ୟବହାରିକ ତଥା ଅନ୍ୟ ଆବଶ୍ୟକତା ପୂରଣ କରିବା ଲାଗି ଜଣେ ଆର୍କିଟେକ୍ଟଙ୍କ ସହାୟତା ନେବାକୁ ପଡିଥାଏ। ଏହା ଆଜିର ଆବଶ୍ୟକତା ନୁହେଁ ବରଂ ଶତାବ୍ଦୀ ଶତାବ୍ଦୀ ଧରି ଚାଲି ଆସିଛି। ଜଣେ ଆର୍କିଟେକ୍ଟ ଭବନ ନିର୍ମାଣର ରୂପରେଖ ପ୍ରସ୍ତୁତ କରିବା ସହିତ ଏଥିରେ ହେବାକୁ ଥିବା ଖର୍ଚ୍ଚ ନିର୍ଦ୍ଧାରଣ କରିଥାଏ ଏବଂ କୋଠାଟିଏ ନିର୍ମାଣରେ ନିଜର ସମସ୍ତ ଜ୍ଞାନକୌଶଳର ପ୍ରଦର୍ଶନ କରେ। ଏହା ବାସ୍ତୁ ଏବଂ ଶିଳ୍ପର ଫେଣ୍ଟାଫେଣ୍ଟି ଏକ ରୂପ ହୋଇଥାଏ। କୌଣସି ଆଇଡିଆକୁ ମୂର୍ତ୍ତରୂପ ଦେବା ଏବଂ ଏହାକୁ କଂକ୍ରିଟ୍‌ରେ ଜୀବନ୍ତ କରି ଗଢ଼ିତୋଳିବା କାର୍ଯ୍ୟ ଆର୍କିଟେକ୍ଟ କରିଥାଏ। ପର୍ଯ୍ୟାପ୍ତ ଆଲୋକର ପ୍ରବେଶ, ଘରର ଆଲୋକୀକରଣ, ଭେଣ୍ଟିଲେଶନ, ଅଗ୍ନିନିରୋଧ ବ୍ୟବସ୍ଥା, ଭବନ ନିର୍ମାଣ ଆଇନର ପାଳନ ତଥା ଅନ୍ୟ ଆବଶ୍ୟକ ବ୍ୟବସ୍ଥା ସମ୍ପର୍କରେ ଆର୍କିଟେକ୍ଟଙ୍କ ଧ୍ୟାନଦେବାକୁ ପଡେ। ସବୁଠୁ ବଡ଼ କଥା ହେଲା ସମ୍ପୂର୍ଣ୍ଣ ପ୍ରକଳ୍ପ ଲାଗି ହେବାକୁ ଥିବା ଖର୍ଚ୍ଚ। କମ୍ ଖର୍ଚ୍ଚରେ ସୁନ୍ଦର ଘରଟିଏ ନିର୍ମାଣ କରିବାର ଚାତୁରୀ ଜଣେ ଆର୍କିଟେକ୍ଟଙ୍କୁ ପ୍ରସିଦ୍ଧି ଆଣିଦେଇଥାଏ। ସ୍ଥାନ ଓ ସାମଗ୍ରୀର ଠିକ୍ ଉପାୟରେ ବିନିଯୋଗ ଅଭିଜ୍ଞ ଆର୍କିଟେକ୍ଟଙ୍କ କୁଶଳତାକୁ ଦର୍ଶାଇଥାଏ। ଆଜିକାଲି କମ୍ପ୍ୟୁଟର ଟେକ୍ନୋଲୋଜି ଆର୍କିଟେକ୍ଟରକୁ ଏକ ନୂଆ ଦିଗନ୍ତ ଦେଇଛି।

## ଯୋଗ୍ୟତା

ଫିଜିକ୍ସ, କେମିଷ୍ଟ୍ରି ଓ ମ୍ୟାଥ୍‌ମେଟିକ୍ସରେ ଦ୍ୱାଦଶ ପାସ୍ କରିବା ପରେ ଗ୍ରାଜୁଏଟ ଲେଭେଲରେ ଆର୍କିଟେକ୍ଟର କୋର୍ସରେ ଆଡ୍‌ମିଶନ ନେଇ ହେବ। ୫ ବର୍ଷିଆ ବି ଆର୍କ କୋର୍ସ ଲାଗି ଦ କାଉନସିଲ୍ ଅଫ୍ ଆର୍କିଟେକ୍ଟର ପକ୍ଷରୁ ଅଲ୍ ଇଣ୍ଡିଆ ବେସିସ୍‌ରେ ପରୀକ୍ଷା ଆୟୋଜନ କରାଯାଇଥାଏ। ଅଧିକାଂଶ ଶିକ୍ଷା ପ୍ରତିଷ୍ଠାନରେ ପ୍ରବେଶ ଲାଗି ଲିଖିତ ପରୀକ୍ଷା ଦେବାକୁ ପଡେ। ବି-ଆର୍କ କୋର୍ସ କରିବା ପରେ ପୋଷ୍ଟ ଗ୍ରାଜୁଏଟ ଆର୍କିଟେକ୍ଟର କୋର୍ସରେ ଆଡ୍‌ମିଶନ ନେଇପାରିବେ। କେତେକ ପ୍ରତିଷ୍ଠାନ ନିଜର ସ୍ୱତନ୍ତ୍ର ଏଣ୍ଟ୍ରାନ୍ସ ଟେଷ୍ଟ ଆୟୋଜନ କରିଥାଏ। ଆଉ କେତେକ ଅଛନ୍ତି, ଯିଏ କି, ଦ୍ୱାଦଶ ଶ୍ରେଣୀରେ ଲବ୍ଧ ମାର୍କ ଆଧାରରେ ଆଡ୍‌ମିଶନ କରିଥାନ୍ତି।

## କୋର୍ସ ସବୁ

ଏହି କ୍ଷେତ୍ରରେ କ୍ୟାରିୟର କରିବାକୁ ଇଚ୍ଛୁକ ଛାତ୍ରୀଛାତ୍ର ୧୦ମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ସିଭିଲ ଇଞ୍ଜିନିୟରିଂରେ ଡିପ୍ଲୋମା କରିପାରିବେ। ଭିନ୍ନ ଭିନ୍ନ ରାଜ୍ୟରେ ଥିବା ପଲିଟେକ୍ନିକ୍ ପ୍ରତିଷ୍ଠାନ, ନୂଆଦିଲ୍ଲୀସ୍ଥିତ କନ୍‌ଷ୍ଟ୍ରକ୍ସନ ଇଣ୍ଡଷ୍ଟ୍ରି ଡେଭଲପ୍‌ମେଣ୍ଟ କାଉନସିଲ ସମେତ ଏଭଳି ଅନେକ ପ୍ରତିଷ୍ଠାନ ରହିଛି, ଯିଏ କି, ସିଭିଲ ଇଞ୍ଜିନିୟରିଂରେ ଡିପ୍ଲୋମା କୋର୍ସ କରାଉଛନ୍ତି। ଡିପ୍ଲୋମାଧାରୀ ଯୁବତୀଯୁବକ ଉଭୟ ସରକାରୀ ଓ ଘରୋଇ ସେକ୍ଟରରେ ଜୁନିୟର ଇଞ୍ଜିନିୟର ଭାବେ ନିଯୁକ୍ତି ପାଇପାରିବେ। ଏହାଛଡ଼ା ଆର୍କିଟେକ୍ଟରାଲ ଡିଜାଇନିଂରେ ଅନ୍ୟ ଲୋକପ୍ରିୟ କୋର୍ସଗୁଡ଼ିକ ହେଲା ବ୍ୟାଚେଲର ଅଫ୍ ଆର୍କିଟେକ୍ଟର (ବି-ଆର୍କ), ଏମ୍ ଆର୍କ ତଥା ସିଭିଲ ଇଞ୍ଜିନିୟରିଂରେ ବିଇ ଅଥବା ବିଟେକ୍ ପ୍ରମୁଖ। ବିଆର୍କରେ ପ୍ରବେଶ ପାଇଁ ଦ୍ୱାଦଶରେ ପିସିଏମ୍ ବିଷୟରେ ସର୍ବନିମ୍ନ ୫୦ ପ୍ରତିଶତ ମାର୍କ ରହିଥିବା ଆବଶ୍ୟକ। ଏହାର ଚୟନ ସାଧାରଣତଃ ଆଇଆଇଟିଜେଇଇ, ଏଆଇଇଇଇ ଭଳି ପ୍ରବେଶ ପରୀକ୍ଷା ମାଧ୍ୟମରେ ହୋଇଥାଏ। ତେବେ ପ୍ରତ୍ୟେକ ରାଜ୍ୟ ନିଜ ଅଧୀନରେ ଥିବା ଇଞ୍ଜିନିୟରିଂ କଲେଜରେ ଭର୍ତ୍ତି ଲାଗି ସ୍ୱତନ୍ତ୍ର ଭାବେ ପ୍ରବେଶିକା ପରୀକ୍ଷାର ଆୟୋଜନ କରିଥାଏ। ସେହିପରି ଘରୋଇ ଇଞ୍ଜିନିୟରିଂ କଲେଜଗୁଡ଼ିକ ମଧ୍ୟ ନିଜ ସ୍ତରରେ ଏଣ୍ଟ୍ରାନ୍ସ ଟେଷ୍ଟ କରିଥାନ୍ତି। ପୋଷ୍ଟ ଗ୍ରାଜୁଏଟ ସ୍ତରରେ ଛାତ୍ରୀଛାତ୍ର ଚାହିଁଲେ ଏମ୍‌ଇ ଅଥବା ଏମ୍‌ଟେକ୍ କରିପାରିବେ। ଦେଶର କେତେକ ଇଞ୍ଜିନିୟରିଂ କଲେଜ ଅଥବା ବିଶ୍ୱବିଦ୍ୟାଳୟରେ ଏହି କୋର୍ସ ଉପଲବ୍ଧ ହେଉଛି। ସ୍କୁଲ୍ ଅଫ୍ ପ୍ଲାନିଂ ଆଣ୍ଡ ଆର୍କିଟେକ୍ଟରରେ ଛାତ୍ରୀଛାତ୍ରଙ୍କୁ ବ୍ୟାଚେଲର, ମାଷ୍ଟର ଅଥବା ଡକ୍ଟରେଟ କୋର୍ସ କରାଉଛନ୍ତି। ଏହାବ୍ୟତୀତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟର୍ସର ଆସୋସିଏଟ ମେମ୍ବରଶିପ୍ ପାଇଁ ଏଏମ୍‌ଆଇଇ ନାମକ ପରୀକ୍ଷା ଦେବାକୁ ପଡିଥାଏ, ଯାହା କି, କାର୍ଯ୍ୟରତ ପେସାଦାର ଅଥବା ଡିପ୍ଲୋମାଧାରୀଙ୍କୁ ଦୂରଶିକ୍ଷା ମାଧ୍ୟମରେ ଇଞ୍ଜିନିୟର ହେବାରେ ସହାୟକ ହୋଇଥାଏ। ଛାତ୍ରୀଛାତ୍ର ଚାହିଁଲେ ସ୍ୱତନ୍ତ୍ର ଧରଣର ଢାଞ୍ଚା ଯେପରି କି ହସ୍ପିଟାଲ, ସପିଙ୍ଗ ମଲ୍, ଆବାସୀୟ କଲୋନୀ, ସ୍କୁଲ୍,କଲେଜ,ହୋଟେଲ ଆଦିର ଡିଜାଇନିଂ କୋର୍ସ କରିପାରିବେ।



## ସ୍ପେଶାଲାଇଜେଶନ

ପୋଷ୍ଟଗ୍ରାଜୁଏଟସ୍ତରରେଆର୍କିଟେକ୍ଟରରେ ସ୍ପେଶାଲାଇଜେଶନ କରି ହେବ। ଜଣେ ସ୍ପେଶାଲିଷ୍ଟ ଭାବେ ଅର୍ବାନ ଡିଜାଇନ, ରିଜିଓନାଲ ପ୍ଲାନିଂ, ବିଲ୍ଡିଂ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ, ଆର୍କିଟେକ୍ଟରାଲ କଞ୍ଜରଭେଶନ, ଇଣ୍ଡଷ୍ଟ୍ରିଆଲ ଡିଜାଇନ, ଲ୍ୟାଣ୍ଡସ୍କେପ୍ ଆର୍କିଟେକ୍ଟର ଆଦି ବିଷୟ ଚୟନ କରାଯାଇପାରିବ।

## ଆର୍କିଟେକଙ୍କ କାମ କ'ଣ

ସାଧାରଣତଃ କୌଣସି ବିଲ୍ଡିଂ ଅଥବା ଷ୍ଟ୍ରକ୍‌ଚର ଲାଗି ପ୍ଲାନିଂ ସହିତ ଡିଜାଇନ ପ୍ରସ୍ତୁତ କରିବା ଆର୍କିଟେକ୍ଟଙ୍କର କାମ ହୋଇଥାଏ। ସେ କ୍ଲାଏଣ୍ଟଙ୍କ ବଜେଟ୍ ଅନୁରୂପରେ ନିର୍ମାଣ ଯୋଜନା ପ୍ରସ୍ତୁତ କରିଥାନ୍ତି। ତେବେ ଆଜିର ଯୁଗରେ କମ୍ ସମୟରେ ଉଚ୍ଚ ଗୁଣବତ୍ତାପୂର୍ଣ୍ଣ ଡିଜାଇନ ସହିତ ଇକୋ-ଫ୍ରେଣ୍ଡଲି ନିର୍ମାଣ ପ୍ରସ୍ତୁତ କରିବାର ଚାପ ଆର୍କିଟେକ୍ଟଙ୍କ ଉପରେ ଦିନକୁ ଦିନ ବଢ଼ିବାରେ ଲାଗିଛି।

## କିଏ ହୋଇପାରିବେ ଆର୍କିଟେକ୍ଟ

ଯେଉଁ ଛାତ୍ରୀଛାତ୍ରଙ୍କ ଫିଜିକ୍ସ ଓ ମ୍ୟାଥମେଟିକ୍ସରେ ଭଲ ଜ୍ଞାନ ଥିବ, ସେ ଏକ୍ଷେତ୍ରରେ ନାମ ଯଶ ସହ ଅର୍ଥ ରୋଜଗାର କରିପାରିବେ। ତେବେ ତାଙ୍କର ସ୍କେଚ୍ ଓ ଡିଜାଇନ ତିଆରି କରିବାରେ ବେଶ୍ ରୁଚି ରହିବା ନିହାତି ପ୍ରୟୋଜନ। କେତେକ କ୍ଷେତ୍ରରେ ଜଣେ ଆର୍କିଟେକ୍ଟଙ୍କୁ ଆଇନଗତ ସମସ୍ୟା ବିଷୟରେ ଭଲ ଜ୍ଞାନ ହାସଲ କରିବାକୁ ପଡିଥାଏ। ତାଙ୍କ ନିକଟରେ ଭଲ କମ୍ୟୁନିକେଶନ ସ୍କିଲ୍ ସହିତ ଡେସ୍କ ଓ ସାଇଟ୍‌ରେ ଯାଇ କାମ କରିବାର ଦକ୍ଷତା ରହିବା ଆବଶ୍ୟକ।

## କ'ଣ ରହିଛି ସୁଯୋଗ

ଜଣେ ଆର୍କିଟେକ୍ଟ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରେ ନିଯୁକ୍ତି ପାଇବାର ଅପାର ସମ୍ଭାବନା ରହିଛି। ଲୋକ ନିର୍ମାଣ, ଜଳସେଚନ, ସ୍ୱାସ୍ଥ୍ୟ ଭଳି ସରକାରୀ ବିଭାଗରେ ଚାକିରି ମିଳିବାର ଯଥେଷ୍ଟ ସୁଯୋଗ ରହିଛି। ତେବେ ଏହାକୁ ପେସା ଭାବେ ଗ୍ରହଣ କରିବାକୁ ନ ଚାହିଁଲେ ତାଙ୍କ ନିକଟରେ ଆର୍କିଟେକ୍ଟର କଲେଜରେ ଅଧ୍ୟାପନା କରିବାର ବିକଳ୍ପ ରହିଛି। ତେବେ ସରକାରୀ ଅପେକ୍ଷା ଘରୋଇ କ୍ଷେତ୍ରରେ ବହୁ ସୁଯୋଗ ରହିଛି। ନିଜେ ଚାହିଁଲେ ଜଣେ ଆର୍କିଟେକ୍ଟ କନ୍‌ସଲଟାଣ୍ଟ ଭାବେ ନିଜର ବ୍ୟବସାୟ ଆରମ୍ଭ କରିପାରିବେ। ବିନିର୍ମାଣ କ୍ଷେତ୍ରରେ ପୁଞ୍ଜିନିବେଶ ପରିମାଣ ଦିନକୁ ଦିନ ବଢ଼ିବା କାରଣରୁ ଏବେ ଆର୍କିଟେକ୍ଟଙ୍କ ଚାହିଦା ବଢ଼ିବାରେ ଲାଗିଛି। ଏକ୍ଷେତ୍ରରେ ଚାହିଦା ଏବଂ ଯୋଗାଣରେ ବହୁ ବ୍ୟବଧାନ ରହିଛି।

## ଦମଦାର ଦରମା

ଆର୍କିଟେକ୍ଟ ଭାବେ ଚାକିରି ଆରମ୍ଭରେ ଜଣେ ବ୍ୟକ୍ତିଙ୍କୁ ଆରମ୍ଭରେ ୩୦ରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ମିଳିଯାଏ। ତେବେ ଅଭିଜ୍ଞତା ବଢ଼ିବା ସଙ୍ଗେ ସଙ୍ଗେ ଦରମା ପରିମାଣ ମଧ୍ୟ ବୃଦ୍ଧି ପାଏ। ୨/୪ ବର୍ଷର ଅଭିଜ୍ଞତା ପରେ ଜଣେ ବ୍ୟକ୍ତି ମାସକୁ ପ୍ରାୟ ୬୦/୭୦ ହଜାର ଦରମା ପାଇବାକୁ ସକ୍ଷମ ହୋଇଥାଏ।

## ବିଭିନ୍ନ ଶିକ୍ଷା ପ୍ରତିଷ୍ଠାନ

ସ୍କୁଲ୍ ଅଫ୍ ପ୍ଲାନିଂ ଆଣ୍ଡ ଆର୍କିଟେକ୍ଟର, ନୂଆଦିଲ୍ଲୀ, ଗଭର୍ନମେଣ୍ଟ କଲେଜ ଅଫ୍ ଆର୍କିଟେକ୍ଟର, ଲକ୍ଷ୍ନୌ, ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ଖଡ଼ଗପୁର, ରୁର୍କୀ ବିଶ୍ୱବିଦ୍ୟାଳୟ, ରୁର୍କୀ, ମୌଲାନା ଆଜାଦ କଲେଜ ଅଫ୍ ଟେକ୍ନୋଲୋଜି, ଭୋପାଳ, ଚଣ୍ଡିଗଡ କଲେଜ ଅଫ୍ ଆର୍କିଟେକ୍ଟର, ଚଣ୍ଡିଗଡ, ଗୋଆ କଲେଜ ଅଫ୍ ଆର୍କିଟେକ୍ଟର, ଗୋଆ, ମଣିପାଳ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ମଣିପାଳ, ବିର୍ଲା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ମିସ୍‌ରା, ରାଞ୍ଚି, ଜାମିୟା ମିଲିୟା ଇସ୍‌ଲାମିୟା, ଜାମିୟା ନଗର, ନୂଆଦିଲ୍ଲୀ ଏବଂ ସେଣ୍ଟର ଫର୍ ଇନ୍‌ଭାଇରନ୍‌ମେଣ୍ଟାଲ ପ୍ଲାନିଂ ଆଣ୍ଡ ଟେକ୍ନୋଲୋଜି, ଅହମଦାବାଦ୍ ପ୍ରମୁଖ।

# ୧୦ମ ପରେ ଷ୍ଟ୍ରିମ ଚୟନ କରୁଥିଲେ...

**ସିବିଏସ୍‌ଇ ସମେତ ରାଜ୍ୟ ସ୍ତରର ବୋର୍ଡଗୁଡିକ ୧୦ ଶ୍ରେଣୀ ପରୀକ୍ଷା ଫଳାଫଳ ଘୋଷଣା କରି ସାରିଛନ୍ତି। ଶୀଘ୍ର ଯୁକ୍ତ ଦୁଇ ଲାଗି ନାମଲେଖା ପ୍ରକ୍ରିୟା ଆରମ୍ଭ ହୋଇ ଯିବ। ଯୁକ୍ତ ୨ ଛାତ୍ରୀଛାତ୍ରଙ୍କ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସ୍ତରରେ ଛାତ୍ରୀଛାତ୍ର ଯେଉଁ ଷ୍ଟ୍ରିମ ଚୟନ କରନ୍ତି ତାହା କ୍ୟାରିୟର କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏଣୁ ଷ୍ଟ୍ରିମ ଚୟନ କରିବା ଏକ ଗୁରୁତ୍ୱପୂର୍ଣ୍ଣ ବ୍ୟାପାର। ଦ୍ୱାଦଶ ଲାଗି ଷ୍ଟ୍ରିମ ଚୟନ କରୁଥିଲେ କିଛି କଥାକୁ ଧ୍ୟାନରେ ରଖନ୍ତୁ...**

- ଦଶମ ବୋର୍ଡ ପରୀକ୍ଷାରେ ଆସିଥିବା ନମ୍ବର ମୁତାବକ ବିଜ୍ଞାନ, ବାଣିଜ୍ୟ କିମ୍ବା ହ୍ୟୁମାନିଟିଜରେ ବିଷୟ ଚୟନ କରିବା ଦେଖାଯାଏ। ଭଲ ନମ୍ବର ରହିଲେ ବିଜ୍ଞାନ ପାଠ୍ୟକ୍ରମ ନେବା ଆବଶ୍ୟକ ବୋଲି ସାଧାରଣରେ ବିଶ୍ୱାସ ରହିଛି। ଭଲ ପ୍ରତିଶତ ମାର୍କ ରହିଲେ କମର୍ସ ପାଠ୍ୟକ୍ରମ ନେଇ ପଢିପାରିବେ ଏହାକୁ ଅନେକ ମାନନ୍ତି। କମ୍ ପ୍ରତିଶତ ମାର୍କ ରହିଲେ କଳା ଏକମାତ୍ର ବିକଳ୍ପ ଭାବେ ରହିଯାଏ। ମାତ୍ର ଏହା ସବୁ ସମୟରେ ଠିକ୍ ଯୁକ୍ତି ନୁହେଁ।
- କିଛି ଛାତ୍ରୀଛାତ୍ର ଆଗକୁ ବଢି ନେତୃତ୍ୱ ନେବାକୁ ଚାହାନ୍ତି। ଆଉ କିଛି ନେତୃତ୍ୱ ସମ୍ଭାଳିବାକୁ ଚାହିଁ ନ ଥାନ୍ତି। ନେତୃତ୍ୱ ନେଲେ ଅନେକ ଅସୁବିଧା ସାମ୍ନା କରିବାକୁ ହୁଏ ବୋଲି ଅନେକ ଭାବନ୍ତି। ସବୁ ବେଳେ ସ୍ୱାଭାବିକ ସ୍ଥିତିରେ ରହିବା ଲାଗି ରିସ୍କ ନେବାକୁ ଏମାନେ ଚାହିଁ ନ ଥାନ୍ତି। ଏଭଳି ପ୍ରସଙ୍ଗ ଷ୍ଟ୍ରିମ ଚୟନ କ୍ଷେତ୍ରରେ ମଧ୍ୟ ମହତ୍ତ୍ୱ ରଖେ। ଯଦି ଆପଣ ସାହସୀ ରିସ୍କ ଉଠାଇବାକୁ ଚାହାନ୍ତି ତେବେ ବିଜ୍ଞାନ ପାଠ୍ୟକ୍ରମ ନେବା ଉଚିତ ହେବ। ନ ହେଲେ ବାଣିଜ୍ୟ କିମ୍ବା କଳା ବିକଳ୍ପକୁ ଚୟନ କରିପାରିବେ।




- ଯେଉଁ ବିଷୟ ପଢିବାକୁ ଭଲ ଲାଗୁଛି ସେହି ବିଷୟ ଗ୍ରହଣ କଲେ ସେଥିରେ ଭଲ ପର୍‌ଫର୍‌ମାନ୍ସ କରିପାରିବେ। କୌଣସି ବିଷୟ ଚୟନ କରିବାକୁ କିଏ କହିଲେ କାହା କଥାରେ ପଡନ୍ତୁ ନାହିଁ। ସବୁ ବେଳେ ନିଜକୁ ଭଲ ଲାଗୁଥିବା ବିଷୟକୁ ଚୟନ କରି ପାରିବେ। ପାଠ୍ୟ ବିଷୟ ଭଲ ଲାଗିଲେ ସେଥିରେ ଧ୍ୟାନ କେନ୍ଦ୍ରିତ କରିବା ସହଜ ହେବ। ମନ ଲଗାଇ ତା'ର ପ୍ରସ୍ତୁତି କରିବା ସୁବିଧା ମଧ୍ୟ ହେବ। ସେହି ବିଷୟରେ ଭଲ ପର୍‌ଫର୍‌ମାନ୍ସ କରିପାରିବେ।
- ବିଜ୍ଞାନ କିମ୍ବା ହ୍ୟୁମାନିଟିଜ ପାଠ୍ୟକ୍ରମ ବେଶ୍ ଆକର୍ଷଣୀୟ ଏହା ଭାବି କେବେ ପାଠ୍ୟକ୍ରମ ଚୟନ କରନ୍ତୁ ନାହିଁ। କୌଣସି ବି ପାଠ୍ୟକ୍ରମ ଚୟନ ବେଳେ ଏହି ପ୍ରସଙ୍ଗକୁ ମଧ୍ୟ ଦେଖିବା ଜରୁରୀ ଯେ ସେଥିରେ ଆପଣ କେତେ ସକ୍ଷମ। ଏହି ସମ୍ବନ୍ଧିତ ଷ୍ଟ୍ରିମରେ ବର୍ତ୍ତମାନ ଯାଏ କିଭଳି ପର୍‌ଫର୍‌ମାନ୍ସ କରିଛନ୍ତି, ଏହା ବିଚାର କରନ୍ତୁ। ଯଦି ପର୍‌ଫର୍‌ମାନ୍ସ ଭଲ ନାହିଁ ତେବେ ଉକ୍ତ କ୍ଷେତ୍ରରେ ଆପଣଙ୍କର ଅସୁବିଧା ରହିଛି। ଏଣୁ ଧ୍ୟାନର ସହ ବିଚାର କରନ୍ତୁ। ଆଗକୁ ଏହି କ୍ଷେତ୍ରରେ ଅସୁବିଧା ଆସିପାରେ।

# ଆତ୍ମବିଶ୍ୱାସ ବଢ଼ାଇବାର ଉପାୟ




**ଜୀବନରେ ସଫଳତା ପାଇବାକୁ ହେଲେ ଆତ୍ମବିଶ୍ୱାସୀ ହେବା ବହୁତ ଜରୁରୀ। ଆତ୍ମବିଶ୍ୱାସର ଅର୍ଥ ହେଉଛି ନିଜକୁ ପ୍ରଥମେ ବିଶ୍ୱାସ କରିବା। ଆତ୍ମବିଶ୍ୱାସ ବିନା ଜୀବନ ଏକ ଗନ୍ଧହୀନ ଫୁଲ ପରି। ଆତ୍ମବିଶ୍ୱାସ ବିନା ଏପରି ଜଣେ ବ୍ୟକ୍ତି ମହଙ୍ଗା କାର୍ ଭଳି ଯେଉଁଥିରେ ପେଟ୍ରୋଲ ନାହିଁ। ଏହା ସତ ଯେ, କୌଣସି ବ୍ୟକ୍ତି ଯେତେ ବୁଦ୍ଧିମାନ, ଚତୁର ହେଉ ନା କାହିଁକି, ଆତ୍ମବିଶ୍ୱାସ ବିନା ସେ ସଫଳ ହୋଇପାରିବ ନାହିଁ। ନିଜ ଆତ୍ମବିଶ୍ୱାସ ବୃଦ୍ଧି କରିବାକୁ ହେଲେ ନିମ୍ନରେ ଦିଆଯାଇଥିବା କେତେକ ଉପଦେଶ ପାଳନ କରନ୍ତୁ। ନିଶ୍ଚିତ ଭାବେ ଆତ୍ମବିଶ୍ୱାସ ଫେରି ଆସିବ।**

**(୧) ପ୍ରଥମେ ଛୋଟ ଲକ୍ଷ୍ୟ ରଖନ୍ତୁ:** ଆତ୍ମବିଶ୍ୱାସ ବଢ଼ାଇବାକୁ ଚାହୁଁଥିଲେ ବଡ଼ ଲକ୍ଷ୍ୟକୁ ପ୍ରଥମେ ଛୋଟ ଛୋଟ ଲକ୍ଷ୍ୟରେ ବିଭାଜିତ କରନ୍ତୁ। ଏଭଳି ଉପାୟ ଦ୍ୱାରା କୌଣସି ଛୋଟ ଲକ୍ଷ୍ୟ ପୂରଣ ହେବା ମାତ୍ରେ ଆପଣଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧିପାଇବ। ଆପଣ ପରବର୍ତ୍ତୀ ଛୋଟ ଲକ୍ଷ୍ୟକୁ ପୂରଣ କରିବାକୁ ପ୍ରୋତ୍ସାହିତ ହେବେ। ଏଭଳି ଭାବେ ଧୀରେ ଧୀରେ ଆପଣଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ିବାକୁ ଲାଗିବ।

**(୨) ନିଜର ଡ୍ରେସିଂ ସେନ୍ସ ବଦଳାନ୍ତୁ:** ଯଦି ଆପଣ ନିଜର ଆତ୍ମବିଶ୍ୱାସ ବଢ଼ାଇବାକୁ ଚାହୁଁଛନ୍ତି,ତେବେ ନିଜେ ପିନ୍ଧୁଥିବା ଡ୍ରେସ୍ ବଦଳାଇବା ଦରକାର। ଏଭଳି ଡ୍ରେସ ପିନ୍ଧନ୍ତୁ, ଯାହାଦ୍ୱାରା ନିଜକୁ ସୁନ୍ଦର ଦିଶିବେ। ସମସ୍ତେ ଡ୍ରେସ ପିନ୍ଧନ୍ତି। ସମସ୍ତଙ୍କୁ ଏହା ପିନ୍ଧିବାର କଳା ଜଣାନାହିଁ। ନିଜର ପର୍ସନାଲିଟି ହିସାବରେ ଡ୍ରେସ ପିନ୍ଧନ୍ତୁ, ଯାହା ଆପଣଙ୍କୁ ଠିକ୍ ଲାଗିବ। ଏହା ହେଲେ ସମସ୍ତେ ଆପଣଙ୍କ ଡ୍ରେସ୍‌କୁ ତାରିଫ୍ କରିବେ। ଏହାଦ୍ୱାରା ଆପଣଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ପାଇବ।

**(୩) ଆଖିକୁ ଆଖି ମିଶାଇ କଥା ହୁଅନ୍ତୁ:** ସାଧାରଣତଃ ଦେଖାଯାଏ ଅନେକ ବ୍ୟକ୍ତି ଅଛନ୍ତି, ଯିଏ ଅନ୍ୟ ଆଡେ ମୁହଁ କରି ଅବା ଇଆଡେ ସିଆଡେ ଅନାଇ କଥା ହୁଅନ୍ତି। ତେବେ ପାରୁଛନ୍ତି ତ ଆପଣ ସାମ୍ନାରେ ଥିବା ବ୍ୟକ୍ତିର ଆଖିରେ ଆଖି ମିଶାଇ କଥା ହୁଅନ୍ତୁ। ଏହାଦ୍ୱାରା ଆପଣଙ୍କ ଭିତରେ ଆତ୍ମବିଶ୍ୱାସ ବଢ଼ିଥାଏ। ସାମ୍ନାରେ ଥିବା ବ୍ୟକ୍ତି ମଧ୍ୟ ଅନୁଭବ କରେ ଯେ, ଆପଣ ତାଙ୍କ କଥାକୁ ଗୁରୁତ୍ୱ ଦେଉଛନ୍ତି।

**(୪) ଅତୀତର ଉପଲବ୍ଧି ମନେପକାନ୍ତୁ:** ଆତ୍ମବିଶ୍ୱାସ ବଢ଼ାଇବାର ଏହା ଅତ୍ୟନ୍ତ ସଫଳ ଉପାୟ। ଆପଣ ଅତୀତରେ କରିଥିବା ଗୋଟିଏ ଭଲ କାମ ଅଥବା ସଫଳତାକୁ ମନେପକାନ୍ତୁ। ଏହାଦ୍ୱାରା ଆପଣଙ୍କ ଆତ୍ମବିଶ୍ୱାସ ବଢ଼ିବ।

**(୫) ଭୁଲକୁ ନେଇ ଡରନ୍ତୁ ନାହିଁ:** ଅନେକ ଲୋକ ଅଛନ୍ତି ଭୁଲ କରି ଦେବା ପରେ ଡରନ୍ତି। ଏକ ସଫଳ ଜୀବନ ଅତିବାହିତ କରିବା ଲାଗି ଏପରି ଭୟ କରିବା ଆଦୌ ସମୀଚୀନ ନୁହେଁ। ଦୁନିଆରେ ଏଭଳି କୌଣସି ସଫଳ ବ୍ୟକ୍ତି ନାହାନ୍ତି, ଯିଏ କି କେବେ ଭୁଲ କରିନାହାନ୍ତି। ତେବେ ନିଜ ଭୁଲ୍‌ରୁ ଶିଖିବା ସଫଳତାର ଚାବିକାଠି। ଭୁଲ୍‌ରୁ ଶିଖିବା ଆରମ୍ଭ କଲେ ଆଉ ଭୟ ଲାଗିବ ନାହିଁ।

**(୬) ଆହ୍ୱାନ ନେବାକୁ ପଛଘୁଞ୍ଚା ଦିଅନ୍ତୁ ନାହିଁ:** ଯିଏ ଯେତେ ରିସ୍କ(ଆହ୍ୱାନ) ନେଇପାରେ ସେ ସେତେ ସଫଳ ହୁଏ। ସଫଳତା ପାଇବାକୁ ହେଲେ ଆହ୍ୱାନର ସମ୍ମୁଖୀନ ହେବା ଜରୁରୀ। ଆହ୍ୱାନରୁ ଯାହା କିଛି ଶିକ୍ଷାଲାଭ କରାଯାଏ, ସଫଳତା ପାଇବାରେ ଏହା ଯଥେଷ୍ଟ ହୋଇଥାଏ। ଯେତେ ବଡ଼ ଆହ୍ୱାନ, ସଫଳତା ହାର ସେତେ ଅଧିକ।

**URGENTLY REQUIRED**

TEAM

1. **BACK OFFICE EXECUTIVE** – Graduate with min. 2-3 years experience in office work & having excellent computer knowledge. ( friendly in MS Office & internet) independent job handing capacity preferable- Female candidate. **Salary – 8000/- per month**
2. **OFFICE PEON** -10th Pass with min.01year experience in Office/field work, **salary-Rs.6, 000/-per month** with own bicycle or two wheeler.

***Interested candidates may apply to our above address & mail ID with complete Bio-data with photo within 7 days from the date of advertisement***

TEAM ADMARK (P) LTD .
**99/A, Saheed Nagar, 1st Lane Facing N.Opp of Ayakar Bhawan, Bhubaneswar-751007,**
**Phone-** 9238882225 / 7735220188, **Mail id-** teamadmark@gmail.com

**OFFICIALLY JOB**

ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary Upto Rs.25000/-.

**Contact Immediately**
**Mob: 8763257042**

**ଆବଶ୍ୟକ**

କମ୍ପାନୀ ପାଇଁ ପୁଅ, ଝିଅ ଆବଶ୍ୟକ। ବୟସ : ୧୭-୨୫, ରହିବା ଫ୍ରି, :ରୋଜଗାର: ୮,୦୦୦/- ରୁ ୨୦,୦୦୦/-
**6371462734, 7538926350**

**WANTED**

Post: **Company Secretary/ Accountant.**
**Qualification & Experience:**
B.Com/ Inter CA/ CMS/ CS with 2 years experience.
**Salary:** Negotiable.
Interested candidates may apply with Biodata by **30th June,** 2019 to **A.K. Sabat & Co.,** Chartered Accountants, A/348, Sahid Nagar, Bhubaneswar- 751007.

**ଆବଶ୍ୟକ**

ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27000/-. (Part Time/Full Time)
**Mob: 9938676412**

**ଆବଶ୍ୟକ**

ଭୁବନେଶ୍ୱରସ୍ଥିତ Steel Equipments Manufacturing କମ୍ପାନୀର ମାର୍କେଟିଙ୍ଗ୍ ପାଇଁ ୩ଜଣ ଆଗ୍ରହୀ ଯୁବକ ଆବଶ୍ୟକ।
ଦରମା :- 10,000/-
9337282295
9348887319

**ଆବଶ୍ୟକ**

କରତ କଳ ପାଇଁ ଶ୍ରମିକ, ଅପରେଟର୍, ଟ୍ରେନି । ୪୦୦+ ଓଭର୍‌ଟାଇମ୍ + ମାଗଣା ରହିବା ସୁବିଧା।
କେରଳ
କୋଝିକୋଡ଼
ଥାମାରାସେରୀ
ୟୁନିଭର୍ସାଲ୍ ଏଣ୍ଟରପ୍ରାଇଜେସ୍
ଫୋନ୍ ନଂ: 9895136594, 9645732666

**OFFICE STAFF ଆବଶ୍ୟକ**

Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। **ବୟସ:** (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24000/-.
**Contact: 9938414918**

CLASSIFIED DISPLAY on Every Tuesday and Friday

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

**HOTEL Daspalla** for UNIQUE HOSPITALITY

ହୋଟେଲ ଦଶପଲ୍ଲା - ପୂର୍ବତଟର ରତ୍ନ ବିଶାଖାପାଟଣାଠାରେ ଅବସ୍ଥିତ ୧୨୫ ଗୋଟି ରୁମ୍, ୪ ଗୋଟି ରେସ୍ତୋରାଁ ଏବଂ ୯ ଗୋଟି ବାଙ୍କେଟ୍ ହଲ୍ ବିଶିଷ୍ଟ ଏକ ଅଗ୍ରଣୀ ଚାରି ତାରକା ହୋଟେଲ, ନିମ୍ନଲିଖିତ ପଦବୀଗୁଡ଼ିକ ପାଇଁ ଯୁବ ଏବଂ କର୍ମଠ କର୍ମଚାରୀ ଆବଶ୍ୟକ କରୁଛି:

- **Hostess-Female:** ପ୍ରାର୍ଥୀ ଯୁବ ପେସାଦାର ହୋଇଥିବା, ଉତ୍ତମ ଯୋଗାଯୋଗ ଦକ୍ଷତାଧାରୀ ଏବଂ ସ୍ନାତକ ହୋଇଥିବା ଆବଶ୍ୟକ । ଇଂରାଜୀ, ହିନ୍ଦୀ ଓ ସ୍ଥାନୀୟ ଭାଷା (ତେଲୁଗୁ)ରେ ପାରଙ୍ଗମ ହୋଇଥିବା ଆବଶ୍ୟକ । ତାଙ୍କ ନିକଟରେ ଉତ୍ତମ ଗ୍ରାହକ ସେବା ଦକ୍ଷତା ଓ ଲୋକସମ୍ପର୍କ ଦକ୍ଷତା ରହିଥିବା ଉଚିତ ।
- **Captains (Male/Female):** ପ୍ରାର୍ଥୀ ଇଣ୍ଟରମିଡିଏଟ୍ କିମ୍ବା ଗ୍ରାଜୁଏଟ୍ ଡିଗ୍ରୀ ସମ୍ପୂର୍ଣ୍ଣ କରିଥିବା, ଏକ ପ୍ରତିଷ୍ଠିତ ତାରକା ହୋଟେଲରେ କ୍ୟାପ୍ଟେନ ଭାବେ ୨-୩ ବର୍ଷର ଅଭିଜ୍ଞତାଧାରୀ, ତେଲୁଗୁ ସମେତ ତିନିଗୋଟି ଭାଷାରେ ଉତ୍ତମ ଯୋଗାଯୋଗ ଏବଂ ଆନ୍ତଃବ୍ୟକ୍ତିଗତ ଦକ୍ଷତାଧାରୀ ହୋଇଥିବା ଆବଶ୍ୟକ । ହୋଟେଲ ମ୍ୟାନେଜମେଣ୍ଟରେ ଡିପ୍ଲୋମାଧାରୀମାନେ ମଧ୍ୟ ଆବେଦନ କରିପାରିବେ ।
- **Bakery & Confectioner:** ବେକରି ଏବଂ କନ୍‌ଫେକ୍ସନାରି, କୋଲ୍ଡ ଡେଜର୍ଟ ଏବଂ କେକ୍ ସାଜସଜ୍ଜାରେ ପ୍ରାର୍ଥୀଙ୍କର ଅଭିଜ୍ଞତା ରହିଥିବା ଆବଶ୍ୟକ । ବେକରି ଉତ୍ପାଦରେ ତାଙ୍କର ସର୍ବନିମ୍ନ ୫ ବର୍ଷର ଅଭିଜ୍ଞତା ରହିଥିବା ଜରୁରୀ ।
- **Stewards (Male/Female):** ପ୍ରାର୍ଥୀଙ୍କର ସମ୍ପର୍କିତ କାର୍ଯ୍ୟ କ୍ଷେତ୍ରରେ ୨-୩ ବର୍ଷର ଅଭିଜ୍ଞତା ରହିଥିବା ଏବଂ ୨୫ ବର୍ଷରୁ କମ୍ ବୟସ ହୋଇଥିବା ଆବଶ୍ୟକ ।
- **Sweet Master:** ଉଭୟ ଉତ୍ତର ଓ ଦକ୍ଷିଣ ଭାରତୀୟ ମିଷ୍ଟାନ୍ନ ଓ ନମ୍‌କିନ୍ ବ୍ୟଞ୍ଜନ ପ୍ରସ୍ତୁତ କରିବାରେ ପ୍ରାର୍ଥୀ ପାରଙ୍ଗମ ହୋଇଥିବା ଆବଶ୍ୟକ । ପ୍ରତିଷ୍ଠିତ ତାରକା ହୋଟେଲ କିମ୍ବା ସୁଇଟ୍ ଷ୍ଟଲ୍‌ରେ ତାଙ୍କର ୧୦ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ ।
- **Cook - Non Vegetarian (Andhra Style):** ପ୍ରତିଷ୍ଠିତ ତାରକା ହୋଟେଲରେ ଜଣେ ନନ୍-ଭେଜ୍ କୁକ୍ (ଆନ୍ଧ୍ର ଷ୍ଟାଇଲ୍) ଭାବେ ପ୍ରାର୍ଥୀଙ୍କର ଅନ୍ୟୂନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ ଏବଂ ସେ ସମସ୍ତ ସାମଗ୍ରୀ ପ୍ରସ୍ତୁତ କରିବାରେ ପାରଙ୍ଗମ ହୋଇଥିବା ଜରୁରୀ ।
- **Asst. Cooks: Indian / Chinese / Tandoor / Continental / South Indian:** ଏକ ପ୍ରତିଷ୍ଠିତ ତାରକା ହୋଟେଲରେ ପ୍ରାର୍ଥୀଙ୍କର ଅନ୍ୟୂନ ୩ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ ଏବଂ ସମସ୍ତ ସାମଗ୍ରୀ ପ୍ରସ୍ତୁତ କରିବାରେ ସେ ପାରଙ୍ଗମ ହୋଇଥିବା ଜରୁରୀ ।
- **Boys – Housekeeping/F&B Service:** ପ୍ରାର୍ଥୀଙ୍କ ବୟସ ସର୍ବନିମ୍ନ ୧୮ ବର୍ଷ ହୋଇଥିବା ଆବଶ୍ୟକ । ଶିକ୍ଷାଗତ ଯୋଗ୍ୟତା ୧୦ମ ଶ୍ରେଣୀ ଉତ୍ତୀର୍ଣ୍ଣ କିମ୍ବା ଫେଲ୍, ଯେଉଁମାନେ ହୋଟେଲ ଉଦ୍ୟୋଗରେ ନିଜର କ୍ୟାରିୟର୍‌କୁ ବିକଶିତ କରିବା ପାଇଁ ଆଗ୍ରହୀ ଥିବେ ।

ଯୋଗ୍ୟ ଏବଂ ଅଭିଜ୍ଞ ପ୍ରାର୍ଥୀମାନେ ସେମାନଙ୍କର ବିବରଣୀ ଏବଂ ପ୍ରାମାଣିକ ତଥ୍ୟ ନିମ୍ନଲିଖିତ ଠିକଣାରେ ପଠାଇପାରିବେ:

**ମ୍ୟାନେଜର - ଏଚ୍‌ଆର୍, ଦଶପଲ୍ଲା ହୋଟେଲ୍ସ (ପ୍ରା) ଲିମିଟେଡ୍ ସୂର୍ଯ୍ୟବାଗ, ବିଶାଖାପାଟଣା - ୨୦, ଫୋନ୍: 0891-2564825, 2563141, ଇମେଲ୍: hrmdhl@daspallahotels.com ୱେବ୍: www.daspallahotels.com ମୋବାଇଲ: 9866319494, 9866319738**

See Career Appointment on every Wednesday & Saturday

**ଆବଶ୍ୟକ**

**ହାଉସ୍ କିପିଙ୍ଗ**
ହୋଟେଲ ବା ଘର ପାଇଁ ହାଉସ୍ କିପିଙ୍ଗ କାର୍ଯ୍ୟରେ ଅଭିଜ୍ଞତା ଥିବା ପୁରୁଷ ପ୍ରାର୍ଥୀ ଆବଶ୍ୟକ।

**ରୋଷେୟା**
ପ୍ରତିଷ୍ଠିତ ହୋଟେଲରେ ରୋଷେୟା ଭାବେ ପ୍ରାର୍ଥୀଙ୍କର ଅନ୍ୟୂନ ୫ ବର୍ଷର ଅଭିଜ୍ଞତା ରହିଥିବା ଆବଶ୍ୟକ। କଣ୍ଟିନେଣ୍ଟାଲ, ଇଣ୍ଡିଆନ୍ ଓ ଚାଇନିଜ୍ ଖାଦ୍ୟ ପ୍ରସ୍ତୁତ କରିପାରୁଥିବା ଦକ୍ଷ ପ୍ରାର୍ଥୀ ଆବଶ୍ୟକ।

ବି.ଦ୍ର.: ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।

**ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ**
ବି-୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର-୭୫୧୦୧୦
ଇ-ମେଲ: **recruitment@dharitri.com**

**ଏସ୍‌ବିଆଇ ପେମେଣ୍ଟ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍**

{ଏସ୍.ବି.ଆଇ ପିଏସ୍‌ପିଏଲ୍, ପିଓଏସ୍ (ପଏଣ୍ଟ ଅଫ୍ ସେଲ୍) ଟର୍ମିନାଲ୍‌ର ନିୟୋଜନ ଓ ବ୍ୟାପାରୀମାନଙ୍କର ଅନ୍ୟାନ୍ୟ ପେମେଣ୍ଟ ଗ୍ରହଣ ସମାଧାନ ସହିତ ଜଡ଼ିତ ଅଟେ ।}

**ଆବଶ୍ୟକ**

**ଜୋନାଲ୍ ସେଲ୍‌ସ ମ୍ୟାନେଜର**
ସ୍ଥାନ: ଭୁବନେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁର

- **ଯୋଗ୍ୟତା** : ସ୍ନାତକ । ସ୍ନାତକୋତ୍ତରକୁ ପ୍ରାଥମିକତା ଦିଆଯିବ ।
- **ଅଭିଜ୍ଞତା** : ପ୍ରାର୍ଥୀଙ୍କର ବିକ୍ରୟ କାର୍ଯ୍ୟରେ ସର୍ବନିମ୍ନ 4 ବର୍ଷର ଅଭିଜ୍ଞତା ଥିବା ଉଚିତ । ବୃହତ୍ତର ଅଞ୍ଚଳ/ଭୌଗଳିକ ପରିସୀମା ସହ 20 ରୁ 25 ସହଯୋଗୀଙ୍କୁ ନେଇ ଗଠିତ ଟିମ୍‌ର ନେତୃତ୍ୱ ନେବାର ଅଭିଜ୍ଞତା ରହିଥିବା ଦରକାର । ପେମେଣ୍ଟ ଗ୍ରହଣ ଅଭିଜ୍ଞତାକୁ ପ୍ରାଥମିକତା ଦିଆଯିବ ।

ଚାକିରୀ ପାଇଁ ଦୟାକରି ଆମର ୱେବସାଇଟ୍ **www.sbipspl.com**ରେ କ୍ୟାରିୟର ପେଜ୍‌କୁ ଯାଆନ୍ତୁ । ଆଗ୍ରହୀ ପ୍ରାର୍ଥୀ ଆମର କ୍ୟାରିୟର ପେଜ୍‌ରେ ବର୍ତ୍ତମାନର ଫଟୋଗ୍ରାଫ୍ ଓ ବିବରଣୀ ସହିତ ନିଜର ରିଜ୍ୟୁମ୍ ଅପଲୋଡ୍ କରି ଆବେଦନ କରିପାରିବେ ।
**ଆବେଦନ କରିବାର ଶେଷ ତାରିଖ 19-06-2019**

**OrissaPOST** HERE. NOW
English daily

**WANTED**

**LAYOUT DESIGNERS**

- Minimum 3 years+ experience in news dailies.
- Proficiency in Indesign 11, Photoshop cs3, PageMaker 7.0, CorelDRAW, QuarkXPress is a must.

Apply within 7 days to:
**recruitment@orissapost.com**

**Pay & perks will be the best in the industry for deserving candidates.**

| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 69.80 (30) | 39,452.07 (289.29) | 11,823.30 (90.75) | 33,870.00 (₹300) | 38,400.00 (₹550) |

> ହାଉସିଂ ଷ୍ଟାର୍ଟଅପ୍ ପ୍ଲାସିଓ କମ୍ପାନୀ ଅଭିବୃଦ୍ଧି ଲାଗି ବଜାରରୁ ୧୫ ମିଲିୟନ ଡଲାର ଅର୍ଥ ଯୋଗାଡ କରିବ। ଆସନ୍ତା ୩ ବର୍ଷ ଭିତରେ ୨୦ ସହରରେ ଘର ନିର୍ମାଣର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି।
> – ରୋହିତ ପାଟେରିଆ, ପ୍ଲାସିଓ କମ୍ପାନୀ ପ୍ରତିଷ୍ଠାତା



> ଆସନ୍ତାବର୍ଷ ମାର୍ଚ୍ଚ ପରେ ମଧ୍ୟ ଏସ୍ଇଜେଡକୁ ଟିକସ ରିହାତି ଦେବାକୁ ନାସକମ୍ ପକ୍ଷରୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରାଯାଇଛି।
> – ଆଶିଷ ଅଗ୍ରୱାଲ, ନାସକମ୍ ପଲିସି ମୁଖ୍ୟ



## ସଂକ୍ଷେପରେ

### ପାଇକାରୀ ମୁଦ୍ରାସ୍ଫୀତି ୨୨ ମାସର ସର୍ବନିମ୍ନ ସ୍ତରରେ



**ନୂଆଦିଲ୍ଲୀ,୧୪-୬:** ପାଇକାରୀ ମୁଦ୍ରାସ୍ଫୀତି ହାର ମେ'ରେ ୨.୪୫% ରେକର୍ଡ କରାଯାଇଛି। ଏହା ୨୨ ମାସର ସର୍ବନିମ୍ନ ସ୍ତର କୁହାଯାଉଛି। ଏଥିପୂର୍ବରୁ ୨୦୧୭ ଜୁଲାଇରେ ଏହା ୧.୮୮% ରହିଥିଲା। ଖାଦ୍ୟପଦାର୍ଥ ଏବଂ ଇନ୍ଧନ, ବିଜୁଳି ମୂଲ୍ୟ କମିବା କାରଣରୁ ପାଇକାରୀ ମୁଦ୍ରାସ୍ଫୀତି ହ୍ରାସ ପାଇଛି। ପରିସଂଖ୍ୟାନ ବିଭାଗ ପକ୍ଷରୁ ଶୁକ୍ରବାର ଜାରି ତଥ୍ୟରେ କୁହାଯାଇଛି ଯେ, ପାଇକାରୀ ମୁଦ୍ରାସ୍ଫୀତି ହାର ଚଳିତ ବର୍ଷ ଏପ୍ରିଲରେ ୩.୦୭% ରହିଥିଲା ଏବଂ ଗତବର୍ଷ ମେ'ରେ ଏହା ୪.୭୮% ଥିଲା। ଫୁଡ୍ ବାସ୍କେଟରେ ମେ'ରେ ପାଇକାରୀ ମୁଦ୍ରାସ୍ଫୀତି ୬.୯୯%, ପନିପରିବା ୩୩.୧୫%, ପିଆଜ (-)୩.୪୩%, ଆଳୁ(-)୨୩.୩୬%, ଇନ୍ଧନ ଏବଂ ଶକ୍ତି ୦.୯୮% ଓ ମାନୁଫାକ୍ଚରିଂ ପ୍ରଡକ୍ଟ ୧.୨୮% ରହିଛି। ସୂଚନାଯୋଗ୍ୟ ଯେ, ପରିସଂଖ୍ୟାନ ବିଭାଗ ପକ୍ଷରୁ ବୁଧବାର ଜାରି ଖୁଚୁରା ମୁଦ୍ରାସ୍ଫୀତି ହାର ଜାରି କରାଯାଇଥିଲା। ମେ'ରେ ଏହା ୩.୦୫%କୁ ବୃଦ୍ଧି ପାଇଛି, ଯାହା କି, ଗତ ୭ ମାସରେ ସର୍ବାଧିକ।

### ଫୋର୍ବ୍ସ ତାଲିକା ପ୍ରକାଶ ୨୦୦୦ ଶୀର୍ଷ କମ୍ପାନୀଙ୍କ ମଧ୍ୟରେ ୫୭ ଭାରତୀୟ ସାମିଲ




**ନୂଆଦିଲ୍ଲୀ,୧୪-୬:** ପ୍ରଖ୍ୟାତ ଫୋର୍ବ୍ସ ପତ୍ରିକା ପକ୍ଷରୁ ବିଶ୍ୱର ଶୀର୍ଷ ୨୦୦୦ କମ୍ପାନୀଙ୍କ ଏକ ତାଲିକା ପ୍ରକାଶ କରାଯାଇଛି। ଏଥିରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ସମେତ ୫୭ ଭାରତୀୟ କମ୍ପାନୀ ସାମିଲ ହୋଇଛନ୍ତି। ଏହି ତାଲିକାରେ ହାଉସିଂ ଫାଇନାନ୍ସ କ୍ଷେତ୍ରରେ ଶୀର୍ଷ ଭାରତୀୟ କମ୍ପାନୀ ଏଚ୍ଡିଏଫ୍ସି ଲିମିଟେଡକୁ ଟପ୍ ୧୦ ଉପଭୋକ୍ତା ଫାଇନାନ୍ସ କମ୍ପାନୀରେ ସାମିଲ କରାଯାଇଛି। ପତ୍ରିକାର ତାଲିକାରେ କ୍ରମାଗତ ୭ମ ଥର ପାଇଁ ଚାଇନାର ଇଣ୍ଡଷ୍ଟ୍ରିଆଲ ବ୍ୟାଙ୍କ ଅଫ୍ ଚାଇନା ଶୀର୍ଷ ସ୍ଥାନ ହାସଲ କରିଛି। ସେହିପରି ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଭାରତୀୟ କମ୍ପାନୀମାନଙ୍କ ମଧ୍ୟରେ ସବୁଠାରୁ ବଡ଼ କମ୍ପାନୀ ଭାବେ ୭୧ତମ ସ୍ଥାନରେ ରହିଛି। ତେବେ ତେଲ ଓ ଗ୍ୟାସ୍ କ୍ଷେତ୍ରରେ ଏହା ବିଶ୍ୱର ୧୧ତମ ସ୍ଥାନ ହାସଲ କରିପାରିଛି। ଏକ୍ଷେତ୍ରରେ ରୟାଲ ଡଚ୍ ସେଲ୍ ଶୀର୍ଷରେ ରହିଛି। ଉପଭୋକ୍ତା ଫାଇନାନ୍ସିଆଲ କ୍ଷେତ୍ରରେ ଆମେରିକାନ ଏକ୍ସପ୍ରେସୱେ ପ୍ରଥମ ସ୍ଥାନରେ ଏବଂ ଭାରତର ଏଚ୍ଡିଏଫ୍ସି ଲିମିଟେଡ ୭ମ ସ୍ଥାନ ହାସଲ କରିପାରିଛି। ତେବେ ବିଶ୍ୱ-୨୦୦୦ରେ ଏହା ୩୩୨ ସ୍ଥାନ ହାସଲ କରିଛି। ଫୋର୍ବ୍ସ ତାଲିକାରେ ୬୧ ଦେଶର ଶୀର୍ଷ କମ୍ପାନୀମାନଙ୍କୁ ସାମିଲ କରାଯାଇଛି। ଏଥିରେ ୫୭୫ କମ୍ପାନୀ କେବଳ ଆମେରିକାର ବୋଲି ଜଣାପଡିଛି। ତେବେ ଶୀର୍ଷ ୨୦୦ ତାଲିକାରେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏକମାତ୍ର ଭାରତୀୟ କମ୍ପାନୀ ରହିଛି। ଏଚ୍ଡିଏଫ୍ସି ବ୍ୟାଙ୍କ ୨୦୯, ଓଏନ୍ଜିସି ୨୨୦ ଓ ଇଣ୍ଡିଆନ ଅଏଲ ୨୮୮ତମ ସ୍ଥାନରେ ରହିଛି।

### ଆନ୍ଧ୍ର ବ୍ୟାଙ୍କ ସମ୍ବଲପୁରର ନୂତନ ଆଞ୍ଚଳିକ ମୁଖ୍ୟ



**ଭୁବନେଶ୍ୱର,୧୪-୬:** ଆନ୍ଧ୍ର ବ୍ୟାଙ୍କ ସମ୍ବଲପୁରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟର ନୂତନ ଆଞ୍ଚଳିକ ମୁଖ୍ୟ ଭାବେ ଶଙ୍କର ହେମ୍ବ୍ରମ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ହାଇଦ୍ରାବାଦ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟରେ ପିଆଣ୍ଡଡି ବିଭାଗର ମୁଖ୍ୟ ପ୍ରବନ୍ଧକ ଏବଂ ଋଣ ବିଭାଗର ମୁଖ୍ୟ ପ୍ରବନ୍ଧକ ଭାବେ କାର୍ଯ୍ୟ କରୁଥିଲେ। ୧୯୮୯ରେ ଆନ୍ଧ୍ର ବ୍ୟାଙ୍କରୁ ସେ କ୍ୟାରିୟର ଆରମ୍ଭ କରିଥିଲେ। ଦୀର୍ଘ ୨୯ ବର୍ଷର କାର୍ଯ୍ୟକାଳ ମଧ୍ୟରେ ସେ ବିଭିନ୍ନ ଶାଖା ସ୍ତରରେ ୨୫ ବର୍ଷ କାର୍ଯ୍ୟ କରିଛନ୍ତି। କୃଷି,ରିଟେଲ ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ଗୁରୁତ୍ୱ ଦେବା ସହ ଅଣକାର୍ଯ୍ୟକାରୀ ସମ୍ପତ୍ତିର ଠିକ୍ ପରିଚାଳନା ଉପରେ କାର୍ଯ୍ୟ କରିବେ ବୋଲି ହେମ୍ବ୍ରମ ସୂଚନା ଦେଇଛନ୍ତି।

# ଆମେରିକା ସାମଗ୍ରୀର ଟାରିଫ ବଢ଼ାଇବ ଭାରତ

ନୂଆଦିଲ୍ଲୀ,୧୪-୬

### ଯେସାକୁ ତେସା ନୀତି

- ୨୯ ସାମଗ୍ରୀ ତାଲିକା ସ୍ଥିର ହୋଇଛି
- ୧୬ରୁ ଲାଗୁ ହେବ
- ଖୁବଶୀଘ୍ର ପ୍ରକାଶ ପାଇବ ବିଜ୍ଞପ୍ତି
- ଭାରତର ଇସ୍ପାତ, ଆଲୁମିନିୟମ ଉପରେ ଟାରିଫ ବୃଦ୍ଧି କରିଥିଲା ଆମେରିକା



ନିକଟରେ ଭାରତଠାରୁ ଆମେରିକା ଜିଏସ୍ପି ପ୍ରତ୍ୟାହାର କରିଛି। ପୂର୍ବରୁ ଭାରତରୁ ଆମଦାନୀ ହେଉଥିବା କେତେକ ପ୍ରକାରର ଇସ୍ପାତ ଓ ଆଲୁମିନିୟମ ଉପରେ ଆମେରିକା ଟାରିଫ ବୃଦ୍ଧି କରିଥିଲା। ଆମେରିକାକୁ ଜବାବ ଦେବା ଲାଗି ଭାରତ ମଧ୍ୟ 'ଯେସାକୁ ତେସା ନୀତି'ଆପଣାଇବାକୁ ଯାଉଛି। ଆସନ୍ତା ୧୬ରୁ ବାଦାମ, ଅଖରୋଟ, ଡାଲି ସମେତ ୨୯ ଆମେରିକୀୟ ସାମଗ୍ରୀ ଉପରେ ଆମଦାନୀ ଶୁଳ୍କ(ଟାରିଫ) ବୃଦ୍ଧି କରିବା ଲାଗି ଅର୍ଥ ମନ୍ତ୍ରଣାଳୟ ସ୍ଥିର କରିଛି। ଏଥିପୂର୍ବରୁ ଭାରତ ଏହି ନିଷ୍ପତ୍ତିକୁ ଦୀର୍ଘଦିନ ଧରି ଟାଳି ଆସୁଥିଲା। ଅର୍ଥ ମନ୍ତ୍ରଣାଳୟ ଖୁବଶୀଘ୍ର ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ କରିବ ବୋଲି ଶୁକ୍ରବାର କହିଛି। ଆମେରିକାର ଟ୍ରମ୍ପ ପ୍ରଶାସନ ଭାରତ ଠାରୁ ଆସୁଥିବା ଇସ୍ପାତ ଓ ଆଲୁମିନିୟମ ଉପରେ ଟାରିଫ୍ ବୃଦ୍ଧି କରିଥିଲା। ଏହାର ଜବାବ ଦେବାକୁ ଭାରତ ମଧ୍ୟ ନିଷ୍ପତ୍ତି ନେଇଥିଲା। ତେବେ ବାଣିଜ୍ୟ କାରବାର ନେଇ ଦୁଇଦେଶ ମଧ୍ୟରେ ରହିଥିବା ମତଭେଦ ଦୂର କରିବା ଲାଗି ଆଲୋଚନା ଜାରି ରହିଥିଲା। ଅନ୍ୟପକ୍ଷରେ ଜିଏସ୍ପି ପ୍ରତ୍ୟାହାର କରିନେବ ବୋଲି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିବା ପରେ ଭାରତ ମଧ୍ୟ ପାଲଟା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଚେତାବନୀ ଶୁଣାଇଥିଲା। ତେବେ ଆମେରିକା ସହ ସମାଧାନ ବାଟ ବାହାରି ଯିବା ଆଶାରେ ଭାରତ ୨୯ ଆମେରିକୀୟ ସାମଗ୍ରୀ ଉପରେ ଟାରିଫ ବୃଦ୍ଧି ନିଷ୍ପତ୍ତିକୁ ଘୁଞ୍ଚାଇ ଚାଲିଥିଲା। ନିକଟରେ ଆମେରିକା ପ୍ରଶାସନ ଭାରତଠାରୁ ଜିଏସ୍ପି ପ୍ରତ୍ୟାହାର କରିନେବା ପରେ ଭାରତର ଧୈର୍ଯ୍ୟର ସୀମା ଟପିଯାଇଛି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଆମେରିକାରୁ ଆସୁଥିବା ଅଖରୋଟ୍ ଉପରେ ଲାଗୁଥିବା ୩୦% ଶୁଳ୍କକୁ ୧୨୦ ପ୍ରତିଶତକୁ ବୃଦ୍ଧି କରାଯିବ। ସେହିପରି କାବୁଲି ଚଣା, ଚଣା ଓ ମସୁର ଡାଲି ଉପରେ ଶୁଳ୍କକୁ ୭୦ ପ୍ରତିଶତ କରାଯିବ। ଏବେ ଏଗୁଡ଼ିକ ଉପରେ ୩୦% ଶୁଳ୍କ ଆଦାୟ କରାଯାଉଛି। ଅନ୍ୟ ଡାଲି ଉପରେ ଶୁଳ୍କକୁ ୪୦% କରାଯିବ। ସେହିପରି ବୋରିକ ଏସିଡ, ଚିଙ୍ଗୁଡ଼ି, ନଟ୍ସ, ଲୌହ ଏବଂ ଷ୍ଟିଲ୍ ସାମଗ୍ରୀ, ସେଓ, ନାସପାତି, ଷ୍ଟେନଲେସ ଷ୍ଟିଲ୍, ଆଲଏ ଷ୍ଟିଲ୍, ଟ୍ୟୁବ୍, ପାଇପ୍ ଫିଟିଂ, ସ୍କ୍ରୁ ଏବଂ ବୋଲ୍ଟ ଉପରେ ମଧ୍ୟ ଆମଦାନୀ ଶୁଳ୍କ ବୃଦ୍ଧି କରାଯିବ। ଏହାଦ୍ୱାରା ଦେଶକୁ ୨୧.୭ କୋଟି ଡଲାର ଅଧିକ ରାଜସ୍ୱ ମିଳିବ। ଇତିମଧ୍ୟରେ କେନ୍ଦ୍ର ସରକାର ନିଜର ନିଷ୍ପତ୍ତି ସମ୍ପର୍କରେ ଆମେରିକା ସରକାରଙ୍କୁ ଜଣାଇ ଦେଇଛି। ଆମେରିକା ଗତବର୍ଷ ମାର୍ଚ୍ଚରେ ଭାରତରୁ ଆସୁଥିବା ଇସ୍ପାତ ଉପରେ ଆମଦାନୀ ଶୁଳ୍କକୁ ୨୫% ଏବଂ ଆଲୁମିନିୟମ ଉପରେ ୧୦% ଶୁଳ୍କ ବଢ଼ାଇ ଦେଇଥିଲା। ଭାରତ ଏହି ସାମଗ୍ରୀର ସବୁଠାରୁ ବଡ଼ ରପ୍ତାନିକାରୀ ଦେଶ। ଶୁଳ୍କ ବଢ଼ିବା କାରଣରୁ ଭାରତୀୟ ଇସ୍ପାତ ଓ ଆଲୁମିନିୟମ ଉତ୍ପାଦକଙ୍କ ଉପରେ ୨୪ କୋଟି ଡଲାର ଅତିରିକ୍ତ ଆର୍ଥିକ ବୋଝ ପଡ଼ିଛି। ଭାରତ ପ୍ରତିବର୍ଷ ୧.୫ ବିଲିୟନ ଡଲାର ଇସ୍ପାତ ଓ ଆଲୁମିନିୟମ ରପ୍ତାନି କରିଥାଏ। ସୂଚନାଥାଉ କି, ଆର୍ଥିକ ବର୍ଷ ୨୦୧୭-୧୮ରେ ଭାରତ ପକ୍ଷରୁ ଆମେରିକାକୁ ୪୭.୯ ବିଲିୟନ ଡଲାର ରପ୍ତାନି କରାଯାଉଥିବା ବେଳେ ୨୬.୭ ବିଲିୟନ ଡଲାର ଆମଦାନୀ କରାଯାଉଛି। ଏପରି ଭାବେ ଦେଖିଲେ ବାଣିଜ୍ୟ ସନ୍ତୁଳନ ଭାରତ ସପକ୍ଷରେ ଯାଉଛି।

# ଜେଇଇ ଆଡଭାନ୍ସରେ ଆକାଶ ଛାତ୍ରୀଛାତ୍ରଙ୍କ ସଫଳତା




ଭୁବନେଶ୍ୱର,୧୪-୬(ବ୍ୟୁରୋ)

### ସାୟନ୍ତନ ଧର ଓଡିଶା ଟପ୍ପର

ଚଳିତ ବର୍ଷର ଜେଇଇ ଆଡଭାନ୍ସରେ ଆକାଶ କୋଚିଂ ପ୍ରତିଷ୍ଠାନର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ସର୍ବଭାରତୀୟ ର୍ୟାଙ୍କ ୫୧ ସହ ପ୍ରତିଷ୍ଠାନର ଛାତ୍ର ସାୟନ୍ତନ ଧର ଓଡ଼ିଶା ଟପ୍ପର ହୋଇଛନ୍ତି। ସେହିଭଳି ଆକାଶ ଆଇଆଇଟି ଜେଇଇର ସର୍ବଭାରତୀୟ ର୍ୟାଙ୍କ ୫୮ରେ ଶିବାଶିଷ ନାୟକ, ୮୩ତମ ର୍ୟାଙ୍କରେ ପ୍ରତୀକ ଚୌଧୁରୀ ରହିଛନ୍ତି। ସର୍ବଭାରତୀୟ ୧୦୦ ର୍ୟାଙ୍କ ମଧ୍ୟରେ ଓଡ଼ିଶାର ୩ ଛାତ୍ରୀଛାତ୍ର ସ୍ଥାନିତ ହୋଇଥିବା ବେଳେ ଏହା ୧୫ ବର୍ଷ ମଧ୍ୟରେ ପ୍ରଥମ ବୋଲି ଭୁବନେଶ୍ୱର ଆକାଶ ଆଇଆଇଟି-ଜେଇଇର ନିର୍ଦ୍ଦେଶକ ଏ.ବି.ସିଂ ସୂଚନା ଦେଇଛନ୍ତି। ସେହିଭଳି କ୍ୟାଟେଗୋରୀ-୬ ର୍ୟାଙ୍କରେ ଥିବା ଜ୍ଞାନ ପ୍ରକାଶ ବେରିଆ ଆକାଶ ଜେଇଇରେ ପଠନରତ ଥିଲେ ବୋଲି ସେ ସୂଚନା ଦେଇଛନ୍ତି। ସାୟନ୍ତନ ଆଇଆଇଟି ଖଡଗପୁର ଜୋନରେ ୫ମ ସ୍ଥାନରେ ରହିଛନ୍ତି। ଏ.ବି. ସିଂଙ୍କ ତତ୍ତ୍ୱାବଧାନରେ ପରିଚାଳିତ ଉକ୍ତ ପ୍ରତିଷ୍ଠାନର ଛାତ୍ରୀଛାତ୍ର ନିଟ୍ ,ଏମ୍ସ ଏବଂ ଜେଇଇ ମେନ୍ ଏବଂ ଆଡଭାନ୍ସରେ ପ୍ରଦର୍ଶନଧାରା ଉନ୍ନତ ରହିଥିବା ପ୍ରତିଷ୍ଠାନ ପକ୍ଷରୁ ସୂଚନା ରହିଛି।

# ଜେଟ୍ ଏୟାରୱେଜ୍ ସମସ୍ୟାର ସମାଧାନ କରାଯିବ

ନୂଆଦିଲ୍ଲୀ,୧୪-୬

### ପ୍ରଥମଥର ମୁହଁ ଖୋଲିଲେ କେନ୍ଦ୍ର ମନ୍ତ୍ରୀ



ଆର୍ଥିକ ସଙ୍କଟ କାରଣରୁ ବନ୍ଦ ହୋଇଯାଇଥିବା ଘରୋଇ ବିମାନ କମ୍ପାନୀ ଜେଟ୍ ଏୟାରୱେଜ୍କୁ ନେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ହରଦୀପ ସିଂ ପୁରୀ ମୁହଁ ଖୋଲିଛନ୍ତି। ଜେଟ୍ ସମସ୍ୟାର ସମାଧାନ କରାଯିବ ବୋଲି ସେ ଶୁକ୍ରବାର ପ୍ରତିଶ୍ରୁତି ଦେଇଛନ୍ତି। ଗତ ମାସରେ ଦ୍ୱିତୀୟଥର କ୍ଷମତାକୁ ଫେରିବା ପରେ ମୋଦି ସରକାରଙ୍କ ପକ୍ଷରୁ ପ୍ରଥମଥର ଋଣରେ ବୁଡ଼ିଯାଇଥିବା ଜେଟ୍କୁ ନେଇ ମତପ୍ରକାଶ କରାଯାଇଛି। ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ସେ କହିଛନ୍ତି ଯେ, ଏୟାରଲାଇନ୍ସର ସମସ୍ୟାର ସମାଧାନ ହୋଇଯିବ ବୋଲି ତାଙ୍କର ଆଶାରହିଛି। ଭାରି ଋଣ ଓ ପ୍ରତିଯୋଗିତାର ଭାର ସମ୍ଭାଳିବାରେ ବିଫଳ ହେବା ପରେ ଜେଟ୍ ଏୟାରୱେଜ୍ ଦୀର୍ଘ ୨୫ ବର୍ଷ ପରେ ବନ୍ଦ ହୋଇଯାଇଛି। ଫଳରେ ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀ, ପାଇଲଟଙ୍କୁ ନିଯୁକ୍ତି ହରାଇବାକୁ ପଡ଼ିଛି। ଏଥିଯୋଗୁ ଦେଶରେ ବିମାନ ଯାତ୍ରା ମଧ୍ୟ ପୂର୍ବାପେକ୍ଷା ମହଙ୍ଗା ହୋଇଛି। ଅନ୍ୟପକ୍ଷରେ ଏହି ଏୟାରଲାଇନ ଓ ଏହାର ଋଣପ୍ରଦାନକାରୀଙ୍କ ପକ୍ଷରୁ ନୂଆ ନିବେଶକ ଖୋଜା ଚାଲିଛି। ଅଦ୍ୟାବଧି ଏଥିରେ କୌଣସି ସଫଳତା ମିଳି ନାହିଁ। କେବେ ଜେଟ୍ର ବିମାନ ପୁନର୍ବାର ଉଡ଼ିବ ସେନେଇ ଏବେ କିଛି କହିବା ଅସମ୍ଭବ। ଦେଶର ଘରୋଇ ବିମାନ ସେକ୍ଟର ଏବେ ଖରାପ ସମୟ ଦେଇ ଗତିକରୁଥିବା ବେଳେ ପୁରୀ ଏଭଳି ଏକ ସମୟରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ପଦ ପାଇଛନ୍ତି। ଏହି ସେକ୍ଟରକୁ ପୁନର୍ବାର ଗତିଶୀଳ କରିବା ତାଙ୍କର ପ୍ରାଥମିକତା ହେବ। ସେ କହିଛନ୍ତି ଯେ, ବେସାମରିକ ବିମାନ ଚଳାଚଳ କ୍ଷେତ୍ରରେ ଅନେକ ତ୍ରୁଟିବିଚ୍ୟୁତି ହୋଇଛି, ଯାହାର ସୁଧାର ଆବଶ୍ୟକ।

### ଜେଟ୍ର ଇଞ୍ଜିନିୟରିଂ ଅଥରାଇଜେଶନ ରଦ୍ଦ

**ନୂଆଦିଲ୍ଲୀ,୧୪-୬:** ବନ୍ଦ ହୋଇଯାଇଥିବା ଜେଟ୍ ଏୟାରୱେଜ୍କୁ ଆଉ ଏକ ଝଟକା ଲାଗିଛି। ଏଭିଏଶନ ରେଗୁଲେଟର(ଡିଜିସିଏ) କମ୍ପାନୀର ଇଞ୍ଜିନିୟରିଂ ବିଭାଗର ଅଥରାଇଜେଶନକୁ ରଦ୍ଦ କରିଦେଇଛି। ଅର୍ଥାତ ଜେଟ୍ର ଇଞ୍ଜିନିୟରିଂ ବିଭାଗ ଏବେ ଆଉ କୌଣସି କାମ କରିପାରିବ ନାହିଁ। ଏହାର ସିଧାସଳଖ ପ୍ରଭାବ କମ୍ପାନୀର ବିମାନ ଏବଂ ସମ୍ପତ୍ତି ଉପରେ ପଡିବ। କାରଣ ଉଡ଼ାଣ ନ ଭରିବା ସ୍ଥିତିରେ ମଧ୍ୟ ବିମାନଗୁଡ଼ିକର ରକ୍ଷଣାବେକ୍ଷଣ କରିବାକୁ ପଡ଼ିଥାଏ। ଜେଟ୍ ଏୟାରୱେଜ୍ରେ ପ୍ରାୟ ୫୦୦ ଇଞ୍ଜିନିୟର ରହିଛନ୍ତି। କମ୍ପାନୀ ନିକଟରେ ଏବେ ମାତ୍ର ୧୪ ବିମାନ ରହିଛି। ଅନ୍ୟ ବିମାନ ସବୁ ଲିଜ୍ରେ ନିଆଯାଇଥିଲା। ମାସିକ ଦେୟ ପ୍ରଦାନ କରା ନ ଯିବାରୁ ଲିଜ୍ ଦେଇଥିବା ବିମାନ କମ୍ପାନୀ ଏହାକୁ ପ୍ରତ୍ୟାହାର କରିନେଇଛି। ଏ ସମ୍ପର୍କରେ ନିଜ ପ୍ରତିକ୍ରିୟାରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ, ଜେଟ୍ର ଇଞ୍ଜିନିୟରିଂ ବିଭାଗ ବିମାନର ରକ୍ଷଣାବେକ୍ଷଣ ପାଇଁ ନିର୍ଦ୍ଦିଷ୍ଟ ମାନଦଣ୍ଡ ପୂରଣ କରୁ ନ ଥିବାରୁ ଉକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଏଫ୍ବିବିର ୱିକେଣ୍ଡସ୍ ଆର୍ ଟ୍ରାଏଡେଜ୍

ଭୁବନେଶ୍ୱର,୧୪-୬(ବ୍ୟୁରୋ)




ଫ୍ୟୁଚର ଗ୍ରୁପର ଲୋକପ୍ରିୟ ଫ୍ୟାଶନ ଡେଷ୍ଟିନେଶନ ଏଫ୍ବିବି ପକ୍ଷରୁ ୱିକେଣ୍ଡସର ଆର୍ ଟ୍ରାଏଡେଜ୍ ଶୁଭାରମ୍ଭ ହୋଇଛି। ଏହା ଜୁନ ୧୪(ଶୁକ୍ରବାର)ଠାରୁ ଆରମ୍ଭ ହୋଇଥିବା ବେଳେ ପ୍ରତି ସପ୍ତାହ ଶେଷ ଦିନଗୁଡିକୁ ଫ୍ୟାଶନ ଶପିଂ ୱିକେଣ୍ଡ ଭାବେ ପାଳନ କରାଯିବ। ଏହି ଲୋକପ୍ରିୟ ଫ୍ୟାଶନ ବ୍ରାଣ୍ଡ ଏହାର ସଦ୍ୟତମ ଫ୍ୟାଶନ ସମ୍ଭାର ମଧ୍ୟରୁ ଯେକୌଣସି ଗୋଟିଏ ସେଗମେଣ୍ଟ ଫ୍ୟାଶନକୁ ପ୍ରଚାର କରିବା ସହ ଏହା ଉପରେ ଆକର୍ଷଣୀୟ ଅଫର ମଧ୍ୟ ପ୍ରଦାନ କରିବ। ଫ୍ୟାଶନପ୍ରେମୀମାନେ ଏଫ୍ବିବି ଷ୍ଟୋରରୁ ଫ୍ୟାଶନ କ୍ରୟ ଉପରେ ଏହି ରିହାତି ଲାଭ କରିପାରିବେ। ବିଭିନ୍ନ ବ୍ରାଣ୍ଡ ପୁରୁଷ ଏବଂ ମହିଳାଙ୍କ ଜଗର୍ସ ଉପରେ ସ୍ୱତନ୍ତ୍ର ଅଫର ଏହି ଦିନରେ ପ୍ରଦାନ କରାଯାଉଛି। ଏଫ୍ବିବିରେ ଗ୍ରାହକଙ୍କ ଲାଗି ନୂଆ ଫ୍ୟାଶନ ଟ୍ରେଣ୍ଡ ଏବଂ ନୂଆ ଅଫର ଉପସ୍ଥାପନ କରିବାକୁ ଚାହୁଁଛୁ ବୋଲି ଏଫ୍ବିବି ସିଇଓ ରାଜେଶ ସେଠ କହିଛନ୍ତି।

# ରାଜ ଇଲେକଟ୍ରୋନିକ୍ସରେ କ୍ରିକେଟ ୱାର୍ଲ୍ଡ କପ୍ ଅଫର

ଭୁବନେଶ୍ୱର,୧୪-୬

RAJ ELECTRONICS
ODISHA's No. 1 Retail Chain Stores

ରାଜ୍ ଇଲେକଟ୍ରୋନିକ୍ସ ପକ୍ଷରୁ କ୍ରିକେଟ ୱାର୍ଲ୍ଡ କପ୍ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସମୟରେ ଏଲ୍ଇଡି ଟିଭି ଏବଂ ଏସି କ୍ରୟ ଉପରେ ଶୋ'ରୁମ ପକ୍ଷରୁ ଆକର୍ଷଣୀୟ ଅଫର ପ୍ରଦାନ କରାଯାଉଛି। ଶୋ'ରୁମରୁ ଏଲ୍ଜି ଏଲ୍ଇଡି ଟିଭି କ୍ରୟ ଉପରେ 'ୱିସ୍ ଆଣ୍ଡ ୱିନ' ଅଫରରେ ଗ୍ରାହକ ୫ରୁ ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ପୁରସ୍କାର ଜିତିବାର ସୁଯୋଗ ରହିଛି। ସେହିଭଳି ୬୫ ଇଞ୍ଚରୁ ଊର୍ଦ୍ଧ୍ୱ ସାମ୍ସଙ୍ଗ କ୍ୟୁଏଲ୍ଇଡି ଟିଭି କ୍ରୟ ଉପରେ ୧୪,୯୯୦ ଟଙ୍କାର ଆମାଜନ ଇକୋ ପ୍ଲସ୍ ମିଳିବାର ସୁବିଧା ରହିଛି। ୪୩ରୁ ୫୫ ଇଞ୍ଚ କ୍ୟୁଏଲ୍ଇଡି ଟିଭି ଏବଂ ୪କେ ୟୁଏଚ୍ଡି ଟିଭି ଉପରେ ୪୯୯୦ ଟଙ୍କାର ଆମାଜନ ଇକୋ ଡଟ୍ ମିଳି ପାରିବ। ସାମ୍ସଙ୍ଗ ପ୍ରଡକ୍ଟ ଉପରେ ୧୫% ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ସୁବିଧା ରହିଛି। ସେହିଭଳି ବିନା କୌଣସି ଡାଉନପେମେଣ୍ଟରେ ସହଜ ଏବଂ ସ୍ୱଳ୍ପ କିସ୍ତିରେ ଗ୍ରାହକ ବିଭିନ୍ନ କମ୍ପାନୀର ଏସି କିଣି ପାରିବେ। ଏସି ଉପରେ ଉନ୍ନତ ୱାରେଣ୍ଟି ଏବଂ ସ୍ୱଳ୍ପ ମୂଲ୍ୟରେ ଇନ୍ଷ୍ଟାଲେଶନ ସୁବିଧା ରହିଛି। ବଜାଜ ଫାଇନାନ୍ସ କାର୍ଡରେ ଅଫର ରହିଛି। ଯେକୌଣସି କମ୍ପାନୀର ଏଲ୍ଇଡି ଏବଂ ଏସି କ୍ରୟ ଉପରେ ୨ରୁ ୮ ହଜାର ଟଙ୍କାର କ୍ୟାଶବ୍ୟାକ୍ ଅଫର ପାଇପାରିବେ ବୋଲି ରାଜ ଇଲେକଟ୍ରୋନିକ୍ସ ପକ୍ଷରୁ ସୂଚନା ରହିଛି।

# ନାଲ୍କୋକୁ ଶ୍ରେଷ୍ଠ ନବରତ୍ନ ଉଦ୍ୟୋଗ ସମ୍ମାନ

ଭୁବନେଶ୍ୱର,୧୪-୬



ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ (ନାଲ୍କେ) ଶ୍ରେଷ୍ଠ ନବରତ୍ନ ଉଦ୍ୟୋଗ ସମ୍ମାନ ଲାଭ କରିଛି। ପ୍ରମୁଖ ଇକ୍ୱିଟି ଇନଭେଷ୍ଟମେଣ୍ଟ ପତ୍ରିକା ଦଲାଲ ଷ୍ଟ୍ରିଟ ଜର୍ନାଲ ପକ୍ଷରୁ ନାଲ୍କୋକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଗତ ୫ ବର୍ଷର ଏକ ଦ୍ରୁତ ଅଭିବୃଦ୍ଧିଶୀଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାବେ ନାଲ୍କୋକୁ ଉଲ୍ଲେଖ କରାଯାଇଛି। ଉଭୟ ବକ୍ସାଇଟ ଏବଂ ଆଲୁମିନିୟମ ଉତ୍ପାଦନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ ସହ କମ୍ ଖର୍ଚ୍ଚରେ ଉତ୍ପାଦନ କରିବାକୁ ନାଲ୍କୋ ସକ୍ଷମ ହୋଇଛି। ଏହି ଅଭିବୃଦ୍ଧି ତଥା ସଫଳତା ପାଇଁ ରହିଥିବା ଯୋଗଦାନ ଲାଗି ନାଲ୍କୋ ଅଧ୍ୟକ୍ଷ ତପନ କୁମାର ଚାନ୍ଦଙ୍କୁ ପତ୍ରିକା ପକ୍ଷରୁ ରୋଲ୍ ଅଫ୍ ଅନର ପ୍ରଦାନ କରାଯାଇଛି।

# ଏସ୍ବିଏସ୍ ବାୟୋଟେକ୍-ଫିଲ୍ମ ଭାରତ ମଧ୍ୟରେ ଚୁକ୍ତି

ନୂଆଦିଲ୍ଲୀ,୧୪-୬




ଫିଲ୍ମ ଭାରତର ପ୍ରମୋଶନ ଲାଗି ଏସବିଏସ୍ ବାୟୋଟେକ୍ ଏହି ସିନେମା ନିର୍ମାଣ କରିଥିବା ସଂସ୍ଥା ସହ ଚୁକ୍ତିରେ ସାମିଲ ହୋଇଛି। କମ୍ପାନୀ ଏହାର ଲୋକପ୍ରିୟ ପ୍ରଡକ୍ଟ ପେଟ ସଫା ଆୟୁର୍ବେଦିକ ଗ୍ରାନ୍ୟୁଲସ୍ ଏବଂ ଟାବଲେଟର ବିଜ୍ଞାପନରେ ଏହି ସିନେମାକୁ ପ୍ରମୋଶନ କରାଇଛି। ସିନେମାଟି ଅଲି ଅବାସଙ୍କୁ ଦ୍ୱାରା ନିର୍ଦ୍ଦେଶିତ ହୋଇଥିବା ବେଳେ ଲିଡ ଚରିତ୍ରରେ ସଲମାନ ଖାନ ରହିଛନ୍ତି। ସେହିଭଳି କ୍ୟାଟ୍ରିନା କୈଫ, ଦିଶା ପଟାନୀ, ତବୁ ଏବଂ ସୁନୀଲ ଗ୍ରୋଭର ମଧ୍ୟ ଏଥିରେ ଅଭିନୟ କରିଛନ୍ତି। ସିନେମାର ଷ୍ଟୋରି ଲାଇନ ମାନବବାଦ, ଅନୁରାଗ ଏବଂ ଦେଶ ପ୍ରେମ ଉପରେ ପର୍ଯ୍ୟବସିତ।

# ନୀଳାଚଳ ଇସ୍ପାତରେ ଟିଏମଟି ବାର ଉତ୍ପାଦନ

ଯାଜପୁର ଅଫିସ,୧୪-୬

କଳିଙ୍ଗନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ଼ (ଏନ୍ଆଇଏନ୍ଏଲ) ନିଜ ବ୍ରାଣ୍ଡ ଟିଏମଟି ବାର ଏନ୍ଆଇଏନ୍ଏଲ ସ୍ମାର୍ଟ ଟିଏମ୍ଟି ଉତ୍ପାଦନ ଆରମ୍ଭ କରିଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ମାସକୁ ୧୦ ହଜାର ଟନ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାକୁ ଅତିଶୀଘ୍ର ମାର୍କେଟରେ ଲଞ୍ଚ କରିବା ଯୋଜନା ରହିଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶଶିଶେଖର ମହାନ୍ତି କହିଛନ୍ତି ଯେ, ନିଜ ଷ୍ଟିଲ ମେଲଟିଙ୍ଗ ଶପ୍ରେ ଉତ୍ପାଦିତ ବିଲେଟରୁ କନଭରସନ ମାଧ୍ୟମରେ ଟିଏମ୍ଟି ବାର ଉତ୍ପାଦନ କରାଯିବାକୁ ଯୋଜନା ରହିଛି। ଏହା କମ୍ପାନୀର ଉଜ୍ଜ୍ୱଳ ଭବିଷ୍ୟତ ଗଢିବାରେ ମୁଖ୍ୟ ଭୂମିକା ଗ୍ରହଣ କରିବ। ଏନ୍ଆଇଏନ୍ଏଲ ଅତିଶୀଘ୍ର ପ୍ଲାଣ୍ଟ ପରିସରରେ ଟିଏମଟି ବାର ଏବଂ ୟର ରଡ଼ ମିଲ ମଧ୍ୟ ସ୍ଥାପନ କରିବ। ଯାହାପରେ ଉତ୍ପାଦନରେ ଆସନ୍ତା ସମୟରେ ଉନ୍ନତି ହେବ। ସୁନ୍ଦରଗଡ ଏବଂ କେନ୍ଦୁଝର ଜିଲାରେ ଥିବା ୧୧୦ ମିଲିୟନ ଟନ କ୍ଷମତା ଯୁକ୍ତ ଆଇରନ ଓର ଖଣି ମଧ୍ୟ ଶୀଘ୍ର ଉତ୍ପାଦନକ୍ଷମ ହେବା ସମ୍ଭାବନା ଅଛି ବୋଲି ନିର୍ଦ୍ଦେଶକ ମହାନ୍ତି ସୂଚନା ଦେଇଛନ୍ତି।

# ଏଟିଏମ୍ରେ ଟଙ୍କା ନ ଥିଲେ ବ୍ୟାଙ୍କକୁ ଜରିମାନା

ମୁମ୍ବାଇ,୧୪-୬

### ୩ଘଣ୍ଟାରୁ ଅଧିକ ସମୟ ଖାଲିଥିଲେ କାର୍ଯ୍ୟାନୁଷ୍ଠାନ




ଆଗାମୀ ଦିନରେ ଖାଲି ଏଟିଏମ୍ ଆଉ ଦେଖିବାକୁ ମିଳିବନି। ୩ଘଣ୍ଟାରୁ ଊର୍ଦ୍ଧ୍ୱ ସମୟଧରି ଏଟିଏମ୍ରେ ଟଙ୍କା ନ ଥିଲେ ସମ୍ପୃକ୍ତ ବ୍ୟାଙ୍କକୁ ଏଥିପାଇଁ ଭାରି ଜରିମାନା ଗଣିବାକୁ ପଡ଼ିବ। ଏନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍ବିଆଇ) ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଉଥିବା ନେଇ ଏକ ସର୍କୁଲାର ଜାରି କରିଛି। ବହୁ ସମୟରେ ଦେଖାଯାଇଛି ଯେ, ସହର ହେଉ କି ଗାଁ ଅଥବା ଅର୍ଦ୍ଧ ସହରାଞ୍ଚଳରେ ପ୍ରାୟ ସ୍ଥାନରେ ଦୀର୍ଘ ସମୟ ଧରି ଏଟିଏମ୍ ଖାଲି ଥିବା ଦେଖାଯାଉଛି। ଟଙ୍କା ଉଠାଇବାକୁ ଯାଇ ଗ୍ରାହକ ନିରାଶ ହୋଇ ଫେରୁଛି। ଆର୍ବିଆଇ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ, କେଉଁ ଅଞ୍ଚଳରେ କେଉଁ ବ୍ୟାଙ୍କ ଏଟିଏମ୍ କାଉଣ୍ଟରରେ କେତେ ଘଣ୍ଟାରୁ କେତେଦିନ ପର୍ଯ୍ୟନ୍ତ ଟଙ୍କା ନ ଥିବା ଜଣାପଡିବ, ତାହାକୁ ହିସାବକୁ ନେଇ ସମ୍ପୃକ୍ତ ବ୍ୟାଙ୍କ ବିରୋଧରେ ଜରିମାନା ସ୍ଥିର କରାଯିବ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଏଟିଏମ୍ରେ ଲାଗିଥିବା ସେନ୍ସର ମାଧ୍ୟମରେ ରିୟଲ ଟାଇମ ବେସିସ୍ରେ ଟଙ୍କା ଥିବା ସମ୍ପର୍କରେ ବ୍ୟାଙ୍କ ଜାଣିପାରିଥାଏ। ଏଟିଏମ୍ରେ ଲାଗିଥିବା କ୍ୟାଶ୍ ଟ୍ରେରେ କେତେ ମାତ୍ରାରେ ଟଙ୍କା ରହିଛି, ତାହା ମଧ୍ୟ ବ୍ୟାଙ୍କ ଜାଣିପାରେ। ଟଙ୍କା ଉଠାଇବାର ହାରାହାରି ସମୟକୁ ହିସାବକୁ ନେଇ ରିଫିଲିଙ୍ଗର ଆବଶ୍ୟକତା କେତେବେଳେ ରହିଛି, ତାହା ମଧ୍ୟ ବ୍ୟାଙ୍କ ଆକଳନ କରିପାରିବ। ତେବେ ବ୍ୟାଙ୍କଗୁଡ଼ିକ ଖାମଖିଆଲ ମନୋଭାବ ପ୍ରଦର୍ଶନ କରୁଛନ୍ତି। ସେହି କାରଣରୁ ସେମାନେ ଦିନ ଦିନ ଧରି ଏଟିଏମ୍ରେ ଟଙ୍କା ଭର୍ତ୍ତି କରୁନାହାନ୍ତି। ଫଳସ୍ୱରୂପ ଗ୍ରାହକ ଟଙ୍କା ଉଠାଇବା ଲାଗି ଦୀର୍ଘ ସମୟ ଧରି ଲମ୍ବାଧାଡିରେ ଛିଡା ହେବାକୁ ବାଧ୍ୟ ହେଉଛନ୍ତି। ଏଥିଯୋଗୁ ବ୍ୟାଙ୍କର ଦୈନନ୍ଦିନ କାର୍ଯ୍ୟ ମଧ୍ୟ ବାଧାପ୍ରାପ୍ତ ହୋଇଛି। ସୂଚନାଯୋଗ୍ୟ ଯେ, ଏଟିଏମ୍ ଚାର୍ଜକୁ ନେଇ ଆର୍ବିଆଇ ପକ୍ଷରୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏଟିଏମ୍ ବ୍ୟବହାର ପାଇଁ କେତେ ଚାର୍ଜ ଆଦାୟ କରାଯିବା ଆବଶ୍ୟକ ଅଥବା ଚାର୍ଜ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରାଯିବ କି ନା ସେସମ୍ପର୍କରେ ଏହି କମିଟି ତାଙ୍କର ସୁପାରିସ୍ କରିବେ। ଅନ୍ୟପକ୍ଷରେ ଖର୍ଚ୍ଚ ବଢ଼ିବା କାରଣରୁ ଏଟିଏମ୍ ଚାର୍ଜ ବୃଦ୍ଧି କରିବା ଲାଗି ଏଟିଏମ୍ ପରିଚାଳନା ସଂଘ ପକ୍ଷରୁ ଦାବି କରାଯାଇଆସୁଛି।

# ଭାରତ-ଦକ୍ଷିଣ ଆଫ୍ରିକା ଫାଇନାଲ

ଭୁବନେଶ୍ୱର, ୧୪।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଅନୁଷ୍ଠିତ ହେବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଦକ୍ଷିଣ ଆଫ୍ରିକା ୨-୧ ଗୋଲରେ ଜାପାନକୁ ହରାଇଥିବାବେଳେ ଦ୍ୱିତୀୟ ସେମିରେ ଭାରତ ୭-୨ ଗୋଲରେ ଏସୀୟ ଚାମ୍ପିୟନ ଜାପାନକୁ ପରାସ୍ତ କରିଛି। ଏଥିସହ ଉଭୟ ଭାରତ ଓ ଦକ୍ଷିଣ ଆଫ୍ରିକା ୨୦୨୦ ଟୋକିଓ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ହକି ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ମ୍ୟାଚ ଆରମ୍ଭରେ କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ କ୍ରୀଡ଼ା ସଚିବ ବିଶାଳ ଦେବ ଅତିଥିଭାବେ ଯୋଗଦେଇ ଭାରତ ପକ୍ଷରୁ ଡବଲ ଗୋଲ ସ୍କୋର କରିଥିବା ରମଣଦୀପ ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଟାଇଟଲ ପାଇଁ ଶନିବାର ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ମୁକାବିଲା ହେବ। ଏହି ଦିନ ୩ୟ ସ୍ଥାନ ପାଇଁ ଜାପାନ ଓ ଆମେରିକା ପରସ୍ପରକୁ ଭେଟିବେ।

ମ୍ୟାଚ ଆରମ୍ଭ ହେବାକ୍ଷଣି ଆକ୍ରମଣ ଆରମ୍ଭ କରିଥିଲା ଜାପାନ। ଭାରତର ରକ୍ଷଣଭାଗରେ ତ୍ରୁଟିରୁ ଫାଇଦା ଉଠାଇ ଦ୍ୱିତୀୟ ମିନିଟରେ ହିଁ ଗୋଲ ସ୍କୋର କରି ଏହି ଦଳ ଚାପ ସୃଷ୍ଟି କରିଥିଲା। ଜାପାନ ପକ୍ଷରୁ ଏହି ଗୋଲଟି ସ୍କୋର କରିଥିଲେ କେନ୍‌ଜି କିତାଜାତୋ। ଜାପାନ ଅଗ୍ରଣୀ ନେବା ସହିତ କିଛି ସମୟ ଷ୍ଟାଡିୟମରେ ନିରବତା ଖେଳି ଯାଇଥିଲା। ମାତ୍ର ଘରୋଇ ଦର୍ଶକମାନେ ଭାରତୀୟ ଖେଳାଳିଙ୍କୁ ଉତ୍ସାହିତ କରିବାରେ ଭୁଲି ନ ଥିଲେ। ମନପ୍ରୀତ ବାହିନୀ ଦର୍ଶକଙ୍କୁ ନିରାଶ ମଧ୍ୟ କରି ନ ଥିଲେ। ପ୍ରତିଆକ୍ରମଣାତ୍ମକ ପନ୍ଥା ଅବଲମ୍ବନ କରି ଜାପାନ ଗୋଲପୋଷ୍ଟ ନିକଟରେ ସୁଯୋଗ ସୃଷ୍ଟିପାଇଁ ଉଦ୍ୟମକୁ ଜୋରଦାର କରିଥିଲେ। ଫଳସ୍ୱରୂପ ୭ମ ମିନିଟରେ ଭାରତକୁ ଏକ ପେନାଲ୍ଟି କର୍ନର ମିଳିଥିଲା। ପ୍ରଥମ ଉଦ୍ୟମରେ ଏହା ଫେଲ୍ ମାରିଥିଲେ ହେଁ ଦ୍ୱିତୀୟ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଡ୍ରାଗ୍ ଫ୍ଲିକର ହରମନପ୍ରୀତ ସିଂ ମ୍ୟାଚରେ ରୋମାଞ୍ଚ ଭରିଥିଲେ। ହରମନପ୍ରୀତଙ୍କର ଏହାଥିଲା ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ। ଜାପାନ ଗୋଲ ପରିଶୋଧ ଉଦ୍ୟମରେ ଥିବାବେଳେ ୧୪ତମ ମିନିଟରେ ଭାରତକୁ ଆଉ ଏକ ପେନାଲ୍ଟି କର୍ନର ମିଳିଥିଲା। ପ୍ରଥମ ଓ ଦ୍ୱିତୀୟ ଉଦ୍ୟମ ବିଫଳ ହେବାପରେ ତୃତୀୟ ଉଦ୍ୟମରେ ଅର୍ଥାତ୍ ଦଳର ୫ମ ପେନାଲ୍ଟି କର୍ନରକୁ ଗୋଲ କରି ଭାରତକୁ ଅଗ୍ରଣୀ କରାଇଥିଲେ ବରୁଣ କୁମାର। ପ୍ରଥମ କ୍ୱାର୍ଟରରେ ଭାରତ ୨-୧ ଗୋଲରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଉଭୟ ଦଳ ଫାଷ୍ଟ ଖେଳିଥିଲେ। ଜାପାନ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ଜୋରଦାର ଉଦ୍ୟମ କରିଥିଲା। ୨୦ତମ ମିନିଟରେ କୋତା ଓତାନାବେ ଏକ ଫିଲ୍ଡ ଗୋଲ ଦେବାରେ ମ୍ୟାଚ ୨-୨ ସ୍ଥିତିକୁ ଚାଲି ଆସିଥିଲା। ତେବେ ଜାପାନର ଏହି ଖୁସି ବେଶିକ୍ଷଣ ତିଷ୍ଠି ନ ଥିଲା। ୨୩ ତମ ମିନିଟରେ ରମଣଦୀପ ସିଂ ଏକ ଗୋଲ ଦେଇ ଭାରତକୁ ପୁଣି ଅଗ୍ରଣୀ କରାଇଥିଲେ। ଦୀର୍ଘ ୧ ବର୍ଷ ପରେ ଆହତ ସମସ୍ୟାରୁ ଫେରିଥିବା ରମଣଦୀପଙ୍କର ପ୍ରତିଯୋଗିତାରେ ଏହାଥିଲା ପ୍ରଥମ ଗୋଲ। ଏହାର ୨ ମିନିଟ ପରେ ଅର୍ଥାତ୍ ୨୫ତମ ମିନିଟରେ ହାର୍ଦ୍ଦିକ ସିଂ ଏକ ଗୋଲ ଦେବାରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଭାରତ ୪-୨ ଗୋଲରେ ଅଗ୍ରଣୀ ହାସଲ କରିଥିଲା।

ଦ୍ୱିତୀୟାର୍ଦ୍ଧରେ ମ୍ୟାଚକୁ ପ୍ରତ୍ୟାବର୍ତ୍ତନ ପାଇଁ ଜାପାନ ଚାପରେ ଥିବାବେଳେ ଭାରତ ଏହାର ଭରପୂର ଫାଇଦା ନେଇଥିଲା। ଆକ୍ରମଣାତ୍ମକ ରଣନୀତି ଜାରି ରଖି ତୃତୀୟ କ୍ୱାର୍ଟରର ଅଧିକାଂଶ ସମୟ ଜାପାନ ହାଫ୍‌ରେ ବଲ୍ ରଖିଥିଲା ଭାରତ। ଫଳ ସ୍ୱରୂପ ଦଳକୁ ୩୬ତମ ମିନିଟରେ ଏକ ପେନାଲ୍ଟି କର୍ନର ମିଳିଥିଲା। ଏହା ବେକାର ଯାଇଥିବାବେଳେ ୧ ମିନିଟ ପରେ ଅର୍ଥାତ୍ ୩୭ତମ ମିନିଟରେ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ମିଳିଥିଲା। ଏଥିରୁ ଗୋଲ ହୋଇ ନ ଥିଲେ ହେଁ ସେହି ୩୭ତମ ମିନିଟରେ କ୍ରମାଗତ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ରମଣଦୀପ ଭାରତର ସ୍ଥିତିକୁ ଦୃଢ଼ କରି ଦେଇଥିଲେ। ୪୩ତମ ମିନିଟରେ ଜାପାନ ନିକଟରେ ଗୋଲ ପରିଶୋଧ ପାଇଁ ସୁଯୋଗ ରହିଥିଲା। ମାତ୍ର ପେନାଲ୍ଟି କର୍ନରକୁ ଭାରତୀୟ ଡିଫେଣ୍ଡରମାନେ ସଫଳତାର ସହିତ ପ୍ରତିହତ କରିଥିଲେ। ଅନ୍ୟପକ୍ଷରେ ୪୩ତମ ମିନିଟରେ ଗୁରସାହିବଜିତ ସିଂ ଏକ ଗୋଲ ଦେବାରୁ ତୃତୀୟ କ୍ୱାର୍ଟର ଶେଷସୁଦ୍ଧା ଭାରତର ଅଗ୍ରଣୀ ବ୍ୟବଧାନ ୬-୨ରେ ପହଞ୍ଚି ଯାଇଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ମଧ୍ୟ ଭାରତର ପ୍ରଭାବୀ ପ୍ରଦର୍ଶନ ଜାରି ରହିଥିଲା। ୪୭ତମ ମିନିଟରେ ଏକ ରିବାଉଣ୍ଡ ଶଟ୍ ଜରିଆରେ ଭାରତ ପକ୍ଷରୁ ଆଉ ଏକ ଗୋଲ ଦେଇଥିଲେ ବିବେକ ପ୍ରସାଦ। ୫୩ତମ ମିନିଟରେ ଜାପାନ ଆଉ ଏକ ପେନାଲ୍ଟି କର୍ନର ପାଇଥିଲେ ହେଁ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶ ଚମତ୍କାର ସେଭ୍ କରି ତାହାକୁ ବେକାର କରିଥିଲେ। ୫୫ତମ ମିନିଟରେ ଜାପାନ ଆଉ ଏକ ପେନାଲ୍ଟି କର୍ନର ସୁଯୋଗ ସୃଷ୍ଟି କରିଥିଲା। ମାତ୍ର ଖେଳାଳିମାନେ ତାହାକୁ ପୋଷ୍ଟ ବାହାରକୁ ମାରିଥିଲେ।



ଜାପାନ ବିପକ୍ଷ ମ୍ୟାଚ୍‌ରେ ଗୋଲ ଦେବା ପରେ ଖୁସି ମନାଉଛନ୍ତି ଭାରତର ଗୁରସାହିବଜିତ୍ ସିଂ। (ଫଟୋ: ବିକାଶ ନାୟକ)



ଭାରତ ବିଜୟରେ ଉଲ୍ଲସିତ ଗୋଲକିପର ପି.ଆର୍. ଶ୍ରୀଜେଶ।

# ପୋଲାଣ୍ଡକୁ ହରାଇ ରୁଷିଆ ୫ମ

ଭୁବନେଶ୍ୱର, ୧୪।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ରୁଷିଆ ୫ମ ସ୍ଥାନ ଅଧିକାର କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ଲେସିଂ ମ୍ୟାଚରେ ଏହି ଦଳ ୩-୨ ଗୋଲରେ ପୋଲାଣ୍ଡକୁ ପରାସ୍ତ କରିଛି। ପୁଲ୍ ପର୍ଯ୍ୟାୟରେ ମଧ୍ୟ ରୁଷିଆ ସମାନ ବ୍ୟବଧାନରେ ପୋଲାଣ୍ଡକୁ ପରାସ୍ତ କରିଥିଲା।

ସକାଳ ୮ଟାରେ ଅନୁଷ୍ଠିତ ଏହି ମ୍ୟାଚରେ ଭଲ ସଂଘର୍ଷ ହୋଇଥିଲା। ଉଭୟ ଦଳ ଆକ୍ରମଣାତ୍ମକ ଖେଳି ଅଗ୍ରଣୀ ନେବାକୁ ଉଦ୍ୟମ କରିଥିଲେ ହେଁ ଫିନିଶିଂ ଅଭାବରୁ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୬ତମ ମିନିଟରେ ପାଭେଲ ଗୋଲୁବେଭ୍‌ଙ୍କ ଫିଲ୍ଡ ଗୋଲ ମାଧ୍ୟମରେ ରୁଷିଆ ଅଗ୍ରଣୀ ନେଇଥିଲା। ୨୨ତମ ମିନିଟରେ ସର୍ଗି ଲେପେଶକିନଙ୍କ ଗୋଲ ବଳରେ ରୁଷିଆ ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିବାବେଳେ ୩୦ତମ ମିନିଟରେ ପୋଲାଣ୍ଡକୁ ମିଳିଥିବା ପେନାଲ୍ଟି କର୍ନରକୁ ମିଚାଲ କାସ୍ତ୍ରାଜିକ୍ ଗୋଲରେ ପରିଣତ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ରୁଷିଆ ୨-୧ ଗୋଲରେ ଅଗ୍ରଣୀ ନେଇଥିଲା।

ତୃତୀୟ କ୍ୱାର୍ଟରରେ ରୁଷିଆ ପ୍ରଭାବୀ ପ୍ରଦର୍ଶନ କରିଥିଲା। ପୋଲାଣ୍ଡ ମ୍ୟାଚକୁ ବରାବର ସ୍ଥିତିକୁ ଆଣିବା ଚକ୍କରରେ ଥିବାବେଳେ ୩୬ତମ ମିନିଟରେ ମାରାଟ ଖଇରୁଲିନ ଏକ ଫିଲ୍ଡ ଗୋଲ ଦେଇ ରୁଷିଆ ଅଗ୍ରଣୀ ବ୍ୟବଧାନକୁ ୩-୧ରେ ପହଞ୍ଚାଇ ଦେଇଥିଲେ। ଶେଷ କ୍ୱାର୍ଟରରେ କଡ଼ା ଟକ୍କର ହୋଇଥିଲା। ପୋଲାଣ୍ଡ ସହଜରେ ଛାଡ଼ିବାକୁ ପ୍ରସ୍ତୁତ ନ ଥିଲା। ଦଳ ଅପେକ୍ଷାକୃତ ଭଲ ପ୍ରଦର୍ଶନ କରିଥିଲେ ହେଁ ୫୫ତମ ମିନିଟରେ ମିକୋଲାଜ ଗୁମ୍ନିଙ୍କ ମାଧ୍ୟମରେ ଗୋଟିଏ ଗୋଲ ପରିଶୋଧ କରି ପାରିଥିଲା। ପ୍ରଥମ କ୍ୱାର୍ଟରରେ ୨ଟି ଗୋଲ ସୁଯୋଗ ସୃଷ୍ଟି କରିଥିବା ଏବଂ ତୃତୀୟ କ୍ୱାର୍ଟରରେ ଗୋଟିଏ ଗୋଲ ସ୍କୋର କରିଥିବା ଖଇରୁଲିନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

"ଟୁର୍ନାମେଣ୍ଟରୁ ଆମେ ବହୁ ଅଭିଜ୍ଞତା ହାସଲ କରିଛୁ। ମାତ୍ର ଆମେ ଯାହା ଆଶା କରୁଥିଲୁ ତାହା କରି ପାରିନାହୁଁ। ଅଧିକରୁ ଅଧିକ ଅଭ୍ୟାସ କରି ଆମେ ଆଗାମୀ ଦିନରେ ନିଶ୍ଚିତ ଉନ୍ନତ ଦଳଭାବେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବୁ। ଟପ୍ ର୍ୟାଙ୍କ୍ ଟିମ୍ ଗୁଡ଼ିକ ବିପକ୍ଷରେ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ ଖେଳିଲେ ଆମ ଯୁବ ଖେଳାଳିଙ୍କ ଆତ୍ମବିଶ୍ୱାସ ବଢ଼ିବ। ଭଲ ଫିନିଶିଂ କରିପାରି ନ ଥିବାରୁ ଆମେ ଟୁର୍ନାମେଣ୍ଟରେ ଆଗକୁ ଯାଇପାରିଲୁ ନାହିଁ" ବୋଲି ରୁଷିଆର ତାରକା ଖେଳାଳି ପାଭେଲ ଗୋଲୁବେଭ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ "ଆମେ ପ୍ରତିଯୋଗିତାରୁ ଅନେକ କିଛି ଶିଖିବାକୁ ପାଇଛୁ। ଆମକୁ ଆଗାମୀ ଦିନରେ କଠିନ ପରିଶ୍ରମ କରି ଟ୍ରେନିଂ ନେବାକୁପଡ଼ିବ। ଆମେ ପ୍ରଥମାର୍ଦ୍ଧରେ ଉତ୍ସାହୀ ପ୍ରଦର୍ଶନ କରିଥିଲେ ହେଁ ଦ୍ୱିତୀୟାର୍ଦ୍ଧରେ ତାହାକୁ ବଜାୟ ରଖି ପାରିଲୁ ନାହିଁ। ଫଳ ସ୍ୱରୂପ ବିଜୟ ସମ୍ଭବ ହେଲା ନାହିଁ" ବୋଲି ପୋଲାଣ୍ଡର ମାସିଏଜ୍ ଜାନିସଜେସ୍କି ପ୍ରକାଶ କରିଛନ୍ତି।


ରୁଷିଆ-ପୋଲାଣ୍ଡ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

# ଅରୁଣାଚଳ ପ୍ରଦେଶର ଏକତରଫା ବିଜୟ

କଟକ ଅଫିସ,୧୪।୬

ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ (ଏଆଇଏଫ୍ଏଫ) ଆନୁକୂଲ୍ୟରେ କଟକରେ ଚାଲିଥିବା ସବ୍‌ଜୁନିୟର ବାଳିକା ଜାତୀୟ ଫୁଟବଲ ଚାମ୍ପିୟନଶିପରେ ଶୁକ୍ରବାର ଅନୁଷ୍ଠିତ ମ୍ୟାଚ୍‌ରେ ଅରୁଣାଚଳପ୍ରଦେଶ ୧୧-୧ ଗୋଲ୍‌ରେ ଆନ୍ଧ୍ରପ୍ରଦେଶକୁ ଏକତରଫା ଭାବେ ପରାସ୍ତ କରିଛି। ଅରୁଣାଚଳପ୍ରଦେଶ ପକ୍ଷରୁ ପ୍ରଥମାର୍ଦ୍ଧରେ ୯ଟି ଓ ଦ୍ୱିତୀୟାର୍ଦ୍ଧରେ ୨ଟି ଗୋଲ ସ୍କୋର ହୋଇଥିଲା ଦଳର ଫରୱାର୍ଡ ଟାଲୋ ଆନା ସର୍ବାଧିକ ୫ଟି ଗୋଲ ଦେଇଥିଲେ। ଆନ୍ଧ୍ରପ୍ରଦେଶ ପକ୍ଷରୁ ୭ମ ମିନିଟରେ ଏକମାତ୍ର ଗୋଲ ହୋଇଥିଲା। ଖେଳାଯାଇଥିବା ଅନ୍ୟ ମ୍ୟାଚ୍‌ରେ ଗୁଜୁରାଟ ୨-୧ ଗୋଲରେ ମେଘାଳୟକୁ, ଜମ୍ମୁ କଶ୍ମୀର ୨-୦ ଗୋଲ୍‌ରେ କେରଳକୁ ପରାସ୍ତ କରିଛି ।

# ହରମନପ୍ରୀତଙ୍କ ଶତକ ମ୍ୟାଚ




ଭୁବନେଶ୍ୱର, ୧୪।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ଜାପାନ ବିପକ୍ଷ ସେମିଫାଇନାଲରେ କ୍ୟାରିୟରର ୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି ଭାରତର ହରମନପ୍ରୀତ ସିଂ। ଏହି ଡ୍ରାଗ୍ ଫ୍ଲିକର କେବଳ ଶତକ ମ୍ୟାଚ ଖେଳି ନ ଥିଲେ ଭାରତ ପକ୍ଷରୁ ଗୋଲ ସ୍କୋର କରି ନିଜର ଏହି ମାଇଲ୍‌ଖୁଣ୍ଟ ମ୍ୟାଚକୁ ସ୍ମରଣୀୟ ମଧ୍ୟ କରିଥିଲେ। ସଂଯୋଗ ବଶତଃ ଭୁବନେଶ୍ୱରରେ ଅନୁଷ୍ଠିତ ଜାପାନ ବିପକ୍ଷ ଟେଷ୍ଟ ସିରିଜରେ ହିଁ ନିଜର ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ ହରମନପ୍ରୀତ। ଏବେ ସେହି ଗ୍ରାଉଣ୍ଡ ଏବଂ ସେହି ପ୍ରତିଦ୍ୱନ୍ଦ୍ୱୀ ବିପକ୍ଷରେ ୧୦୦ତମ ମ୍ୟାଚ ଖେଳିଛନ୍ତି। ହରମନପ୍ରୀତଙ୍କ ଆକର୍ଷଣୀୟ ପ୍ରଦର୍ଶନ ବଳରେ ଭାରତ ୨୦୧୬ରେ ଲଣ୍ଡନରେ ଅନୁଷ୍ଠିତ ଚାମ୍ପିୟନ୍ସ ଟ୍ରଫି ହକିରେ ଐତିହାସିକ ରୌପ୍ୟ ପଦକ ହାସଲ କରିଥିଲା। ଚମତ୍କାର ଡ୍ରାଗ୍ ଫ୍ଲିକ୍ ଦକ୍ଷତା ଯୋଗୁ ହରମନପ୍ରୀତଙ୍କୁ ଟୁର୍ନାମେଣ୍ଟର ଉଦୀୟମାନ ଖେଳାଳି ପୁରସ୍କାର ମିଳିଥିଲା। ୨୦୧୬ ରିଓ ଅଲିମ୍ପିକ୍ସ ପାଇଁ ଘୋଷିତ ଭାରତୀୟ ଦଳରେ ସେ ଅନ୍ୟତମ ଯୁବ ଖେଳାଳିଭାବେ ସ୍ଥାନ ପାଇଥିଲେ। ଏହି ବର୍ଷ ଶେଷଭାଗରେ ଲକ୍ଷ୍ନୌରେ ଅନୁଷ୍ଠିତ ଭାରତର ଜୁନିୟର ବିଶ୍ୱକପ ସଫଳତାରେ ସେ ଅନ୍ୟତମ ସଫଳ ବିନ୍ଧାଣି ଥିଲେ। ଏହିଠାରୁ ଅମୃତସର ଜନ୍ମିତ ଏହି ଡିଫେଣ୍ଡର ଭାରତୀୟ ସିନିୟର ଦଳର ନିୟମିତ ସଦସ୍ୟ ରହି ଆସିଛନ୍ତି। ୨୦୧୭ ଏସିଆ କପ୍‌ରେ ସ୍ୱର୍ଣ୍ଣ, ୨୦୧୮ ଏସିଆନ ଚାମ୍ପିୟନ୍ସ ଟ୍ରଫିରେ ସ୍ୱର୍ଣ୍ଣ, ୨୦୧୭ରେ ଭୁବନେଶ୍ୱରରେ ଅନୁଷ୍ଠିତ ହକି ୱାର୍ଲ୍ଡ ଲିଗ୍ ଫାଇନାଲରେ ବ୍ରୋଞ୍ଜ, ୨୦୧୮ ଚାମ୍ପିୟନ୍ସ ଟ୍ରଫିରେ ରୌପ୍ୟ ଏବଂ ଗତବର୍ଷ ଅନୁଷ୍ଠିତ ଏସିଆନ ଗେମ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟ ଥିଲେ। "ଆଧୁନିକ ହକିରେ ମୁଁ କେତେକ ଶ୍ରେଷ୍ଠ ଖେଳାଳିଙ୍କ ବିପକ୍ଷରେ ଖେଳିଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି। ପ୍ରତିଦିନ କିଛିନା କିଛି ଶିଖିବାର ଅଛି। ଏଥିରେ ମୁଁ ବିଶ୍ୱାସ କରେ ଏବଂ ଭାରତ ପକ୍ଷରୁ ୧୦୦ ମ୍ୟାଚ ଖେଳିଥିବାରୁ ମୁଁ ପ୍ରକୃତରେ ଗର୍ବିତ। ଘରୋଇ ପରିବେଶରେ ଦର୍ଶକଙ୍କ ସମ୍ମୁଖରେ ଏହି ମ୍ୟାଚ ଖେଳିଥିବାରୁ ବହୁତ ଖୁସି ଲାଗୁଛି। ଏଥିପାଇଁ ମୋର ସାଥୀ ଖେଳାଳି ଏବଂ ପ୍ରଶଂସକଙ୍କୁ ମୁଁ ଧନ୍ୟବାଦ ଜଣାଇବାକୁ ଚାହିଁବି" ବୋଲି ହରମନପ୍ରୀତ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## କଳିଙ୍ଗ କର୍ନର

# ଦମ୍ ଦେଖାଇଲା ଦକ୍ଷିଣ ଆଫ୍ରିକା

ଭୁବନେଶ୍ୱର, ୧୪।୬(କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଏଚ୍ ସିରିଜ ଫାଇନାଲ୍ସ ହକି ଟୁର୍ନାମେଣ୍ଟରେ ଦମ୍ ଦେଖାଇଛି ଦକ୍ଷିଣ ଆଫ୍ରିକା। ପ୍ରଥମ ୨ଟି ମ୍ୟାଚରେ ପରାଜୟ ସତ୍ତ୍ୱେ ଏହି ଦଳ ସଫଳ ପ୍ରତ୍ୟାବର୍ତ୍ତନ କରି କ୍ରମାଗତ ୩ ମ୍ୟାଚ ଜିତିବା ସହ ପ୍ରତିଯୋଗିତାର ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଦଳ ଚମତ୍କାର ପ୍ରଦର୍ଶନ କରି ଆମେରିକାକୁ ୨-୧ ଗୋଲରେ ପରାସ୍ତ କରିଛି। ଏଥିସହ ଦଳ ଅଲିମ୍ପିକ୍ସ ଯୋଗ୍ୟତା ପର୍ଯ୍ୟାୟ ଟୁର୍ନାମେଣ୍ଟ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛି। ବିଜୟୀ ଦଳର ୩ ନମ୍ବର ଜର୍ସି ପରିହିତ ଖେଳାଳି ଟାଇସନ ଲୁଙ୍ଗୱାନା ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଅତିଥିଭାବେ ଯୋଗଦେଇ ଲୁଙ୍ଗୱାନାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

ଟୁର୍ନାମେଣ୍ଟର ପୁଲ୍ ପର୍ଯ୍ୟାୟରେ ଆକର୍ଷଣୀୟ ପ୍ରଦର୍ଶନ କରି ସିଧା ସେମିଫାଇନାଲରେ ପ୍ରବେଶ କରିଥିବା ଆମେରକାକୁ କଡ଼ା ଟକ୍କର ଦେଇଥିଲା ଦକ୍ଷିଣ ଆଫ୍ରିକା। ମ୍ୟାଚ ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲେ ହେଁ ଉଭୟ ଦଳ ଏକାଧିକ ଗୋଲ ସ୍କୋରିଂ ସୁଯୋଗ ହାତଛଡ଼ା କରିଥିଲେ। ପ୍ରଥମ କ୍ୱାର୍ଟର ଶେଷ ହେବାର ଅଳ୍ପକିଛି ମୁହୂର୍ତ୍ତ ପୂର୍ବରୁ ଆମେରିକା ଏକ ପେନାଲ୍ଟି କର୍ନର ହାସଲ କରିଥିଲା। ଆକି କେପଲର ତାହାକୁ ଗୋଲରେ ପରିଣତ କରିବାରୁ ଆମେରିକା ବହୁ ପ୍ରତିକ୍ଷୀତ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିଲେ ହେଁ ଦକ୍ଷିଣ ଆଫ୍ରିକାର ଦୃଢ଼ ରକ୍ଷଣଭାଗକୁଭେଦ କରିପାରି ନ ଥିଲା ଆମେରିକା। ଗୋଲକିପର ରସି ପିଟର୍ସଙ୍କ ପ୍ରଦର୍ଶନ ମଧ୍ୟ ଚମତ୍କାର ରହିଥିଲା। ଏହି କ୍ୱାର୍ଟରରେ ଗୋଲ ନ ହେବାରୁ ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଆମେରିକାର ଅଗ୍ରଣୀ ବଳବତ୍ତର ରହିଥିଲା।

ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଭିନ୍ନ ଖେଳ ଦେଖାଇଥିଲା ଦକ୍ଷିଣ ଆଫ୍ରିକା। ଖେଳାଳିଙ୍କ ଲଢୁଆ ମନୋବୃତ୍ତି ଦଳକୁ ଫାଇଦାରେ ରଖିଥିଲା। ମ୍ୟାଚ ଆଗେଇବା ସହ ଆମେରିକା ଖେଳାଳିଙ୍କ ଶାରୀରିକ ଭାଷା ମାନ୍ଦା ପରିଲକ୍ଷିତ ହୋଇଥିବାସ୍ଥଳେ ଦକ୍ଷିଣ ଆଫ୍ରିକା ଉତ୍ସାହୀ ପ୍ରଦର୍ଶନ କରିଥିଲା। ୪୨ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଅଷ୍ଟିନ ସ୍ମିଥ ଗୋଲରେ ପରିଣତ କରିବାରୁ ମ୍ୟାଚରେ ରୋମାଞ୍ଚ ଭରି ଯାଇଥିଲା। ଶେଷ କ୍ୱାର୍ଟରରେ ଅସଲ ଖେଳ ହୋଇଥିଲା। ଉଭୟ ଦଳ ଅଗ୍ରଣୀ ନେବାକୁ ପ୍ରୟାସ କରିଥିଲେ ହେଁ ମ୍ୟାଚ ଡ୍ର ଆଡ଼କୁଗତି କରିଥିଲା। ମାତ୍ର ଶେଷ ମୁହୂର୍ତ୍ତରେ ଦକ୍ଷିଣ ଆଫ୍ରିକାକୁ ଭଗ୍ୟଦେବୀ ସହାୟ ହୋଇଥିଲେ। ମ୍ୟାଚ ଶେଷ ହେବାକୁ ଆଉ ୩୩ ସେକେଣ୍ଡ ଥିବାବେଳେ ଦକ୍ଷିଣ ଆଫ୍ରିକାର ୨୪ ନମ୍ବର ଜର୍ସି ପରିହିତ ନିକୋଲାସ ସ୍ପୁନର ଏକ ଫିଲ୍ଡ ଗୋଲ ଦେଇ ଆମେରିକା ଆଶାରେ ପାଣି ଭରି ଦେଇଥିଲେ। ଅବଶିଷ୍ଟ କେତେ ସେକେଣ୍ଡର ଖେଳ କେବଳ ଔପଚାରିକା ହୋଇଥିବାବେଳେ ରେଫରିଙ୍କ ଶେଷ ହ୍ୱିସିଲ ବାଜିବା ସହ ପଡ଼ିଆରେ ଖୁସି ମନାଇଥିଲା ଦକ୍ଷିଣ ଆଫ୍ରିକା।

ପ୍ରକାଶ ଯୋଗ୍ୟ ଯେ, ପୁଲ୍ ପର୍ଯ୍ୟାୟରେ ଆମେରିକାଠାରୁ ୦-୨ ଗୋଲରେ ହାରି ଅଭିଯାନ ଆରମ୍ଭ କରିଥିବା ଦକ୍ଷିଣ ଆଫ୍ରିକା ପରବର୍ତ୍ତୀ ମ୍ୟାଚରେ ଜାପାନଠାରୁ ମଧ୍ୟ ୦-୨ ଗୋଲରେ ହାରି ଯାଇଥିଲା। ତେବେ ଶେଷ ଲିଗ୍ ମ୍ୟାଚରେ ମେକ୍ସିକୋକୁ ହରାଇ ଦଳ କ୍ରସ୍ ଓଭର ପାଇଁ ଯୋଗ୍ୟ ବିବେଚିତ ହୋଇଥିଲା। ଏହିଠାରୁ ଆରମ୍ଭ ହୋଇଥିଲା ଦକ୍ଷିଣ ଆଫ୍ରିକା ଅସଲ ଅଭିଯାନ। କ୍ରସ୍ ଓଭରରେ ଦଳ ରୁଷିଆକୁ ୨-୧ ଗୋଲରେ ହରାଇଥିବାବେଳେ ସେମିଫାଇନାଲରେ ଆମେରିକାକୁ ହରାଇ ଟାଇଟଲ ମୁକାବିଲାରେ ଅବତୀର୍ଣ୍ଣ ହୋଇଛି ଏହି ଆଫ୍ରିକୀୟ ଚାମ୍ପିୟନ।



ପ୍ରଥମ ସେମିଫାଇନାଲ ଜିତିବା ପରେ ଦକ୍ଷିଣ ଆଫ୍ରିକା ଖେଳାଳିମାନେ ଖୁସିରେ ବିଭୋର।

## ପ୍ରଥମ ବିଜୟ ଲକ୍ଷ୍ୟରେ ଦକ୍ଷିଣ ଆଫ୍ରିକା, ଆଫଗାନିସ୍ତାନ




କାର୍ଡିଫ,୧୪।୬(ପି.ଟି.)

ବିଶ୍ୱକପ୍‌ରେ ଏପର୍ଯ୍ୟନ୍ତ ବିଜୟର ସ୍ୱାଦ ଚାଖିନଥିବା ଦକ୍ଷିଣ ଆଫ୍ରିକା ଓ ଆଫଗାନିସ୍ତାନ ଶନିବାର ଦ୍ୱିତୀୟ ମ୍ୟାଚ୍‌ରେ ମୁହାଁମୁହିଁ ହେବେ। ସ୍ଥାନୀୟ ସୋଫିଆ ଗାର୍ଡେନ୍ସରେ ବିଶ୍ୱକପ୍‌ର ୨୧ତମ ମ୍ୟାଚ ଜିତି ଉଭୟ ଦଳ ବିଜୟ ଅଭିଯାନ ଆରମ୍ଭ କରିବା ଲକ୍ଷ୍ୟରେ ରହିଛନ୍ତି। ଟୁର୍ନାମେଣ୍ଟରେ ଉଭୟ ଦଳ ଏପର୍ଯ୍ୟନ୍ତ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ଉଭୟ ଦଳ ପଏଣ୍ଟ ତାଲିକାର ନିମ୍ନରେ ରହିଛନ୍ତି। ଶକ୍ତିଶାଳୀ ଦକ୍ଷିଣ ଆଫ୍ରିକା ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳିଥିଲେ ମଧ୍ୟ ଗୋଟିଏ ହେଲେ ବିଜୟ ହାସଲ କରିପାରିନାହିଁ। ପ୍ରଥମ ୩ଟି ମ୍ୟାଚ୍‌ରେ ପରାସ୍ତ ହେବା ପରେ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚ୍ ବର୍ଷା କାରଣରୁ ବାତିଲ ହୋଇଥିଲା। ଫଳରେ ପଏଣ୍ଟ ଭାଗ ହୋଇଥିଲା ଓ ଦକ୍ଷିଣ ଆଫ୍ରିକାକୁ ୧ ପଏଣ୍ଟ ମିଳିଥିଲା। ତେଣୁ ୧ ପଏଣ୍ଟ ପାଇ ଦକ୍ଷିଣ ଆଫ୍ରିକା ନବମ ସ୍ଥାନରେ ରହିଛି। ପ୍ରଥମ ୩ଟି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଇଂଲଣ୍ଡ, ବାଂଲାଦେଶ ଓ ଭାରତଠାରୁ ପରାସ୍ତ ହୋଇଥିଲା।

ଅପରପକ୍ଷରେ ଆଫଗାନିସ୍ତାନ ମଧ୍ୟ ସମଦଶା ଭୋଗିଛି। ଆଫଗାନିସ୍ତାନ ତା'ର ୩ଟି ମ୍ୟାଚ୍‌ରେ ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା ଓ ନ୍ୟୁଜିଲାଣ୍ଡଠାରୁ ପରାସ୍ତ ହୋଇଛି। ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରେ କିନ୍ତୁ ଆଫଗାନିସ୍ତାନ ଜବରଦସ୍ତ ପ୍ରଦର୍ଶନ କରିଥିଲା ଓ ଅଳ୍ପକେ ବିଜୟ ହାତଛଡ଼ା କରିଥିଲା। ଦକ୍ଷିଣ ଆଫ୍ରିକ ପଛ ରେକର୍ଡକୁ ନ ଦେଖି ଆଫଗାନିସ୍ତାନକୁ ବେଶ୍ ଗୁରୁତ୍ୱ ଦେବ ବୋଲି ଆଶା କରାଯାଉଛି। ଅଭିଜ୍ଞ ବ୍ୟାଟ୍ସମ୍ୟାନଙ୍କୁ ନେଇ ଦକ୍ଷିଣ ଆଫ୍ରିକା ବ୍ୟାଟିଂ ଲାଇନ୍ ବେଶ୍ ଦୃଢ଼। ଯଦିଓ କେତୋଟି ଆଘାତ ସମସ୍ୟା ରହିଛି। ବ୍ୟାଟ୍ସମ୍ୟାନମାନେ ବେଶ୍ ସଂଘର୍ଷ କରୁଥିବା ଦେଖାଯାଇଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଦକ୍ଷିଣ ଆଫ୍ରିକା ୨୯ ରନରେ ୨ ଉଇକେଟ ହରାଇଥିଲା। ଅବଶ୍ୟ ଏହି ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା। ଅଭିଜ୍ଞ ହାସିମ ଅମଲା ଏବେ ଖରାପ୍ ଫର୍ମ ଦେଇ ଗତି କରୁଛନ୍ତି। ୨୦୧୫ ବିଶ୍ୱକପ୍‌ରେ ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପ୍ରବେଶ କରିଥିଲା। ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ ଦ୍ରୁତଗତିରେ ରନ୍ ସଂଗ୍ରହ କରିବେ ବୋଲି ଆଶା କରାଯାଉଛି। ଅଧିନାୟକ ଫାଫ୍ ଡୁପ୍ଲେସି ଓ କ୍ୱିଣ୍ଟନ ଡି କକ୍‌ଙ୍କ ଉପରେ ସବୁ କିଛି ନିର୍ଭର କରୁଛି। ଏହି ଦୁଇଜଣ ସଫଳ ହେଲେ ଦକ୍ଷିଣ ଆଫ୍ରିକା ବଡ଼ ସ୍କୋର ହାସଲ କରିପାରିବ।

ଆଫଗାନିସ୍ତାନ ପାଇଁ ବ୍ୟାଟିଂ ଦୁର୍ବଳତା ଚିନ୍ତା ସୃଷ୍ଟି କରିଛି। ପୁଣି ଫିଟ୍‌ନେସ କାରଣରୁ ମହମ୍ମଦ ସାହଜାଦ ସ୍ୱଦେଶ ଫେରିଛନ୍ତି। କାଗିସୋ ରାବାଡ଼ା ଓ ଇମ୍ରାନ ତାହିରଙ୍କ ଭଳି ଦ୍ରୁତ ଓ ସ୍ପିନ ବୋଲରଙ୍କୁ ସାମନା କରିବା ଆଫଗାନିସ୍ତାନ ବ୍ୟାଟ୍ସମ୍ୟାନଙ୍କ ପାଇଁ ଚ୍ୟାଲେଞ୍ଜ ରହିଛି। ତାରକା ଲେଗ୍ ସ୍ପିନର ରସିଦ ଖାଁ ପୁଣି ଥରେ କମାଲ କରିବେ ବୋଲି ଆଶା କରାଯାଉଛି।

- **ଦକ୍ଷିଣ ଅଫ୍ରିକା ଦଳ:** ଫାଫ୍ ଡୁପ୍ଲେସି (ଅଧିନାୟକ), ଏଡେନ ମାରକ୍ରାମ, କ୍ୱିଣ୍ଟନ ଡିକକ୍, ହାସିମ ଅମଲା, ରାସି ଭାନ ଡେର ଡୁସେନ, ଡେଭିଡ ମିଲର, କ୍ରିସ୍ ମୋରିସ୍, ଆଣ୍ଡିଲ ଫେଲୁକ୍ୱାୟୋ, ଜେ.ପି. ଡୁମିନି, ଡ୍ୱେନ ପ୍ରିଟୋରିୟସ, ବେଉରନ ହେଣ୍ଡ୍ରିକ୍ସ, କାଗିସୋ ରାବାଡ଼ା, ଲୁନ୍‌ଗି ଏନ୍‌ଗିଡି, ଇମ୍ରାନ ତାହିର ଓ ତାବ୍ରେଜ ଶାମ୍‌ସି।
- **ଆଫଗାନିସ୍ତାନ ଦଳ:** ଗୁଲବଦିନ ନାଇବ (ଅଧିନାୟକ), ନୁର ଅଲି ଜଦ୍ରାନ, ହଜରତୁଲ୍ଲା ଜାଜାଇ, ରହମତ ଶାହ, ଅସଘର ଆଫଗାନ, ହଶମାତୁଲ୍ଲା ଶହିଦି, ନାଜିବୁଲ୍ଲା ଜଦ୍ରାନ, ସମିଉଲ୍ଲା ଶିନୱାରି, ମହମ୍ମଦ ନବୀ, ରସିଦ ଖାଁ, ଦଲତ ଜଦ୍ରାନ, ଅଫତାବ ଅଲମ, ହାମିଦ ହାସନ, ମୁଜିବ ଉର ରହମାନ ଓ ଇକରାମ ଅଲି ଖିଲ।

# ରୁଟ୍‌ଙ୍କ ଶତକ: ଇଂଲଣ୍ଡର ସହଜ ବିଜୟ

ସାଉଥାମ୍ପଟନ,୧୪।୬(ପି.ଟି.)

ପ୍ରଥମେ ଦ୍ରୁତ ବୋଲରଙ୍କ ଦମ୍‌ଦାର ପ୍ରଦର୍ଶନ ଓ ପରେ ତାରକା ଓପନର ଜୋ ରୁଟ୍‌ଙ୍କ ଅପରାଜିତ ଶତକ ସହାୟତାରେ ଆୟୋଜକ ତଥା ଫେଭରାଇଟ୍ ଇଂଲଣ୍ଡ ଚଳିତ ବିଶ୍ୱକପ୍‌ର ୧୯ତମ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ ୧୦୧ଟି ବଲ ବାକି ରଖି ୮ ଉଇକେଟରେ ପରାସ୍ତ କରିଛି। ସ୍ଥାନୀୟ ରୋଜ ବାଉଲ ଗ୍ରାଉଣ୍ଡରେ ଶୁକ୍ରବାର ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଇଂଲଣ୍ଡ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ୱେଷ୍ଟଇଣ୍ଡିଜ ୪୪.୪ ଓଭରରେ ୨୧୨ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଇଂଲଣ୍ଡ ୩୩.୧ ଓଭରରେ ୨ ଉଇକେଟ ହରାଇ ୨୧୩ ରନକରି ଅତି ସହଜରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମୂଲ୍ୟବାନ ୨ ଉଇକେଟ ଅକ୍ତିଆର କରିବା ସହ ୧୦୦ ରନ (୯୪ ବଲ, ୧୧ ଚୌକା)ର ଶତକୀୟ ପାଳି ଖେଳି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ରୁଟ୍ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ଏଥିସହିତ ଇଂଲଣ୍ଡ ୪ଟି ମ୍ୟାଚ୍ ଖେଳି ୩ଟି ବିଜୟ ଓ ଗୋଟିଏ ପରାଜୟ ସହ ମୋଟ ୬ ପଏଣ୍ଟ ପାଇ ତାଲିକାର ଦ୍ୱିତୀୟ ସ୍ଥାନକୁ ଉଠିଛି। ଅନ୍ୟପଟେ ୪ଟି ମ୍ୟାଚ୍ ଖେଳି ଗୋଟିଏ ବିଜୟ, ଦୁଇଟି ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ୱେଷ୍ଟଇଣ୍ଡିଜ ପୂର୍ବପରି ଷଷ୍ଠ ସ୍ଥାନରେ ରହିଛି।

୨୧୩ ରନ ଛୋଟିଆ ବିଜୟ ଲକ୍ଷ୍ୟର ପିଛା କରି ଇଂଲଣ୍ଡ ଭଲ ଆରମ୍ଭ କରିଥିଲା। ଦୁଇ ଓପନର ରୁଟ ଓ ଜନି ବେୟାରଷ୍ଟୋ ଓପନିଂ ଯୋଡିରେ ୯୫ ରନ ସଂଗ୍ରହ କରିଥିଲେ। ବେୟାରଷ୍ଟୋ ୪୫ ଓ ପରେ କ୍ରିସ୍ ୱୋକ୍ସ ୪୦ ରନ କରି ସାନନ ଗାବ୍ରିଏଲଙ୍କ ଦ୍ୱାର ଆଉଟ ହୋଇଥିଲେ। ତେବେ ରୁଟ୍ ୧୦୦ ଓ ବେନ୍ ଷ୍ଟୋକ୍ସ ୧୦ ରନ କରି ଅପରାଜିତ ରହିବା ସହ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ।

ଇଂଲଣ୍ଡ ଦ୍ରୁତ ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ

ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ୱେଷ୍ଟଇଣ୍ଡିଜ ଆରମ୍ଭରୁ ଏଭିନ ଲୁଇସଙ୍କୁ ହରାଇ ପ୍ରାରମ୍ଭିକ ଝଟ୍‌କା ଖାଇଥିଲା। ଦଳ ଇଂଲଣ୍ଡ ଦ୍ରୁତ ବୋଲରଙ୍କ ସମ୍ମୁଖୀନ ହୋଇପାରି ନ ଥିଲା। ଫଳରେ ଦଳ ଗୋଟିଏ ପରେ ଗୋଟିଏ ଉଇକେଟ ହରାଇ ବଡ଼ ସ୍କୋର ହାସଲ କରିବାରେ ବିଫଳ ହୋଇଥିଲା। ବିସ୍ଫୋରକ ଅଭିଜ୍ଞ ଓପନର କ୍ରିସ୍ ଗେଲ ଏପର୍ଯ୍ୟନ୍ତ ବିଶ୍ୱକପ୍‌ରେ ନିଜର ଯାଦୁ ଦେଖାଇପାରିନାହାନ୍ତି। ସେ ଏହି ମ୍ୟାଚ୍‌ରେ ୪୧ ବଲରୁ ୫ ଚୌକା ଓ ୧ ଛକା ସହ ୩୬ ରନ କରି ପ୍ୟାଭିଲିୟନ ଫେରିଥିଲେ। ସେହିପରି ନିକୋଲାସ ପୁରାନ ୭୮ଟି ବଲର ସମ୍ମୁଖୀନ ହୋଇ ୩ ଚୌକା ଓ ୧ ଛକା ସହ ୬୩ ରନ କରି ବିଶ୍ୱକପ୍‌ରେ ନିଜର ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି। ସିମରନ ହେଟମେୟର ୩୯, ଆନ୍ଦ୍ରେ ରସେଲ ୨୧, କାର୍ଲୋସ ବ୍ରାଥୱେଟ୍ ୧୪ ରନ କରି ଆଉଟ ହୋଇଥିବା ବେଳେ ବାକି ୬ଜଣ ବ୍ୟାଟ୍ସମ୍ୟାନ ଦୁଇଅଙ୍କ ଛୁଇଁ ପାରି ନ ଥିଲେ। ଲୋୟର ଅର୍ଡରରେ ଶେଲଡନ କଟ୍ରେଲ, ଶାନନ ଗାବ୍ରିଏଲ ଓ ଓଶେନ ଥୋମାସ ଖାତା ଖୋଲିପାରି ନ ଥିଲେ।



ଶତକ ହାସଲ ପରେ ଜୋ ରୁଟ୍।

### ଆଜିର ମ୍ୟାଚ୍

ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା

ସ୍ଥାନ: ଲଣ୍ଡନ

ସମୟ: ଅପରାହ୍ନ ୩ଟା

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

ଦକ୍ଷିଣ ଆଫ୍ରିକା ବନାମ ଆଫଗାନିସ୍ତାନ

ସ୍ଥାନ: କାର୍ଡିଫ, ସମୟ ସନ୍ଧ୍ୟା ୬ଟା

### ସଂକ୍ଷିପ୍ତ ସ୍କୋର

- ୱେଷ୍ଟଇଣ୍ଡିଜ୍ ୪୪.୪ ଓଭରରେ ୨୧୨ ଅଲଆଉଟ୍ (ପୁରାନ- ୬୩, ହେଟମେୟର- ୩୯, ଗେଲ- ୩୬, ରସେଲ- ୨୧, ବ୍ରାଥୱେଟ- ୧୪, ଆର୍ଚର- ୩/୩୦, ଉଡ୍- ୩/୧୮, ରୁଟ୍- ୨/୨୭ )।
- ଇଂଲଣ୍ଡ ୩୩.୧ ଓଭରରେ ୨୧୩/୨ (ରୁଟ୍-୧୦୦*, ବେୟାରଷ୍ଟୋ- ୪୫, ୱୋକ୍ସ- ୪୦, ଗାବ୍ରିଏଲ- ୨/୪୯)।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ୍ | ବିଜୟ | ପରାଜୟ | ଟାଇ | ବିନା ଫଳାଫଳ | ପଏଣ୍ଟ | ରନ୍‌ରେଟ୍ |
|---|---|---|---|---|---|---|---|
| ନ୍ୟୁଜିଲାଣ୍ଡ | ୪ | ୩ | ୦ | ୦ | ୧ | ୭ | +୨.୧୬୩ |
| ଇଂଲଣ୍ଡ | ୪ | ୩ | ୧ | ୦ | ୦ | ୬ | +୧.୫୫୭ |
| ଅଷ୍ଟ୍ରେଲିଆ | ୪ | ୩ | ୧ | ୦ | ୦ | ୬ | +୦.୫୭୦ |
| ଭାରତ | ୩ | ୨ | ୦ | ୦ | ୧ | ୫ | +୦.୫୩୯ |
| ଶ୍ରୀଲଙ୍କା | ୪ | ୧ | ୧ | ୦ | ୨ | ୪ | -୧.୫୧୭ |
| ୱେଷ୍ଟଇଣ୍ଡିଜ | ୪ | ୧ | ୨ | ୦ | ୧ | ୩ | -୦.୩୧୧ |
| ବାଂଲାଦେଶ | ୪ | ୧ | ୨ | ୦ | ୧ | ୩ | -୦.୭୧୪ |
| ପାକିସ୍ତାନ | ୪ | ୧ | ୨ | ୦ | ୧ | ୩ | -୧.୭୯୬ |
| ଦକ୍ଷିଣ ଆଫ୍ରିକା | ୪ | ୦ | ୩ | ୦ | ୧ | ୧ | -୦.୯୫୨ |
| ଆଫଗାନିସ୍ତାନ | ୩ | ୦ | ୩ | ୦ | ୦ | ୦ | -୧.୪୯୩ |

# ଅଷ୍ଟ୍ରେଲିଆ-ଶ୍ରୀଲଙ୍କା ମୁକାବିଲା ଆଜି

ଲଣ୍ଡନ,୧୪।୬(ପି.ଟି.)

ଚଳିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ବିଶ୍ୱକପ୍‌ର ୨୦ତମ ମ୍ୟାଚ୍‌ରେ ଶନିବାର ଗତଥରର ଚାମ୍ପିୟନ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ପରସ୍ପରକୁ ଭେଟିବେ। ସ୍ଥାନୀୟ କେନିଂଟନ ଓଭାଲ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ଶ୍ରୀଲଙ୍କା ପାଇଁ ଅପେକ୍ଷାକୃତ ଅଧିକ ଗୁରୁତ୍ୱ ବହନ କରୁଛି। ଶ୍ରୀଲଙ୍କାର ଗତ ଦୁଇଟି ମ୍ୟାଚ୍ ବର୍ଷା ଯୋଗୁ ଧୋଇଯାଇଥିଲା। ଫଳରେ ପଏଣ୍ଟ ଭାଗ ହୋଇଥିଲା। ତେଣୁ ଅଷ୍ଟ୍ରେଲିଆ ବିପକ୍ଷରେ ବିଜୟୀ ହେବା ଶ୍ରୀଲଙ୍କା ପାଇଁ ଅପରିହାର୍ଯ୍ୟ ହୋଇପଡିଛି। ତେବେ ଅଷ୍ଟ୍ରେଲିଆ ଦଳ ସବୁ ଦୃଷ୍ଟିରୁ ବେଶ୍ ସନ୍ତୁଳିତ ଥିବାରୁ ଶ୍ରୀଲଙ୍କାକୁ ବେଶ୍ କଷ୍ଟ କରିବାକୁ ପଡିବ। ଗତ ୪ ତାରିଖ ପରେ ଶ୍ରୀଲଙ୍କା ଟୁର୍ନାମେଣ୍ଟରେ ଗୋଟିଏ ହେଲେ ବି ମ୍ୟାଚ୍ ଖେଳିନାହିଁ। ବାଂଲାଦେଶ ଓ ପାକିସ୍ତାନ ବିପକ୍ଷ ମ୍ୟାଚ୍ ବର୍ଷା ଯୋଗୁ ବାତିଲ ହୋଇଥିଲା।

ଶ୍ରୀଲଙ୍କା ଏହା ପୂର୍ବରୁ ୧୯୯୬ ଅର୍ଜୁନ ରଣତୁଙ୍ଗାଙ୍କ ନେତୃତ୍ୱରେ ବିଶ୍ୱକପ୍ ଚାମ୍ପିୟନ ହୋଇଥିଲା। ଚଳିତ ବିଶ୍ୱକପ୍‌ରେ ଶ୍ରୀଲଙ୍କା ଏପର୍ଯ୍ୟନ୍ତ ଗୋଟିଏ ବିଜୟ, ପରାଜୟ ସହ ଓ ଦୁଇଟି ବିନା ଫଳାଫଳ ସହ ମୋଟ ୪ ପଏଣ୍ଟ ପାଇ ତାଲିକାର ପଞ୍ଚମ ସ୍ଥାନରେ ରହିଛି। ଶ୍ରୀଲଙ୍କା କେବଳ ଅପେକ୍ଷାକୃତ ଦୁର୍ବଳ ଆଫଗାନିସ୍ତାନକୁ ହରାଇଛି। ପ୍ରଥମ ମ୍ୟାଚ୍‌ରେ ଶ୍ରୀଲଙ୍କା ନ୍ୟୁଜିଲାଣ୍ଡଠାରୁ ୧୦ ଉଇକେଟରେ ପରାସ୍ତ ହୋଇଥିଲା। ଅପରପକ୍ଷରେ ଅଷ୍ଟ୍ରେଲିଆ ଏପର୍ଯ୍ୟନ୍ତ ୪ଟି ମ୍ୟାଚ୍ ଖେଳି ୩ଟିରେ ବିଜୟୀ ହୋଇଥିବା ବେଳେ କେବଳ ଭାରତଠାରୁ ପରାସ୍ତ ହୋଇ ମୋଟ ୬ ପଏଣ୍ଟ ହାସଲ କରି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛି। ପୂର୍ବରୁ ୫ଥର ବିଶ୍ୱକପ୍ ଟାଇଟଲ ଜିତିଥିବା ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍‌ରେ ଆଫଗାନିସ୍ତାନକୁ, ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜକୁ, ଚତୁର୍ଥ ମ୍ୟାଚ୍‌ରେ ପାକିସ୍ତାନକୁ ହରାଇଛି।

ଦୁଇଟି ଅର୍ଦ୍ଧଶତକ ଓ ଗୋଟିଏ ଶତକ ସହ ଅଷ୍ଟ୍ରେଲିଆ ତାରକା ଓପନର ଡେଭିଡ ୱାର୍ନର ଜବରଦସ୍ତ ଫର୍ମରେ ରହିଛନ୍ତି। ଗତ ଦୁଇଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୩୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିଛି। ୱାର୍ନର ଏପର୍ଯ୍ୟନ୍ତ ତାଙ୍କ ଧୂଆଁଧାର ବ୍ୟାଟିଂ ଦେଖାଇ ନ ଥିଲେ ମଧ୍ୟ ପାକିସ୍ତାନ ବିପକ୍ଷରେ ୧୧୧ଟି ବଲ ଖେଳି ୧୦୭ ରନର ଶତକୀୟ ପାଳି ଖେଳିଥିଲେ। ବଲ୍ ଟ୍ୟାମ୍ପରିଂ ଜନିତ ବାସନ୍ଦରୁ ଫେରିବା ପରେ ଏହା ୱାର୍ନରଙ୍କ ପ୍ରଥମ ଶତକ ଥିଲା। ଅଧିନାୟକ ଆରୋନ ଫିଞ୍ଚ୍ ମଧ୍ୟ ଦୁଇଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ସେ ଓ ୱାର୍ନର ଅଷ୍ଟ୍ରେଲିଆକୁ ଦମ୍‌ଦାର ଆରମ୍ଭ ପ୍ରଦାନ କରିଛନ୍ତି। ପୁଣିଥରେ ଶ୍ରୀଲଙ୍କା ବିପକ୍ଷରେ ଏହି ଦୁଇ ଓପନର କମାଲ କରିବେ ବୋଲି ଆଶା କରାଯାଉଛି। ତେବେ କ୍ୱାଲିଟି ପେସ୍ ବୋଲିଂ ଆଗରେ ଅଷ୍ଟ୍ରେଲିଆ ସାମାନ୍ୟ ଦୁର୍ବଳ ମନେ ହେଉଛି। ୱେଷ୍ଟଇଣ୍ଡିଜ ବିପକ୍ଷରେ ଅଷ୍ଟ୍ରେଲିଆ ୫ ଉଇକେଟ ହରାଇ ୭୯ ରନ ସଂଗ୍ରହ କରିଥିଲା। ପାକିସ୍ତାନ ବିପକ୍ଷରେ ମଧ୍ୟ ଅଷ୍ଟ୍ରେଲିଆ ମିଡଲଅର୍ଡର ବିପର୍ଯ୍ୟୟ ଘଟିଥିଲା। ଅଷ୍ଟ୍ରେଲିଆର ଏହି ଦୁର୍ବଳତାରୁ ଫାଇଦା ଉଠାଇବାକୁ ଶ୍ରୀଲଙ୍କା ଲକ୍ଷ୍ୟ ରଖିଛି।

ଶ୍ରୀଲଙ୍କା ଦ୍ରୁତ ବୋଲର ନୁଆନ ପ୍ରଦୀପ ପ୍ରତ୍ୟାବର୍ତ୍ତନ କଲେ ଦଳରେ ବୋଲିଂ ବିଭାଗ ଆହୁରି ଦୃଢ଼ ହେବ। ସେହିପରି ଅଭିଜ୍ଞ ଦ୍ରୁତ ବୋଲର ଲସିଥ ମାଲିଙ୍ଗା ଶାଶୁଙ୍କ ଦେହାନ୍ତ କାରଣରୁ ଶ୍ରୀଲଙ୍କା ଯାଇଥିଲେ। ସେ ମଧ୍ୟ ଏହି ମ୍ୟାଚ୍‌ରେ ଯୋଗ ଦେବେ ବୋଲି ଆଶା କରାଯାଉଛି। ଦିମୁଥ କରୁଣାରତ୍ନେଙ୍କ ନେତୃତ୍ୱରେ ଶ୍ରୀଲଙ୍କା ନ୍ୟୁଜିଲାଣ୍ଡ ଓ ଆଫଗାନିସ୍ତାନ ବିପକ୍ଷରେ ପୂରା ୫୦ ଓଭର ଖେଳି ପାରିନାହିଁ। ନ୍ୟୁଜିଲାଣ୍ଡ ବିପକ୍ଷରେ ଶ୍ରୀଲଙ୍କା ୧୪ ରନରେ ୫ ଉଇକେଟ ହରାଇଥିଲା। ସେହିପରି ଆଫଗାନିସ୍ତାନ ବିପକ୍ଷରେ ୩୬ ରନରେ ୭ ଉଇକେଟ ହରାଇଥିଲା। ତେଣୁ ଶ୍ରୀଲଙ୍କାକୁ ବ୍ୟାଟିଂ ଦୁର୍ବଳତାରେ ସୁଧାର ଆଣିବାକୁ ପଡିବ। ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଓ ପ୍ୟାଟ କମିନ୍ସ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଜବରଦସ୍ତ ପ୍ରଦର୍ଶନ କରି ପ୍ରତ୍ୟେକ ୯ଟି ଲେଖାଏ ଉଇକେଟ ହାସଲ କରିଛନ୍ତି। ଏହି ମ୍ୟାଚ୍ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

**ଅଷ୍ଟ୍ରେଲିଆ ଦଳ:** ଆରୋନ ଫିଞ୍ଚ୍ (ଅଧିନାୟକ), ଡେଭିଡ ୱାର୍ନର, ଉସ୍‌ମାନ ଖ୍ୱାଜା, ଷ୍ଟିଭେନ୍ ସ୍ମିଥ୍, ଗ୍ଲେନ ମ୍ୟାକ୍ସୱେଲ, ମାର୍କସ ଷ୍ଟୋଇନିସ୍, ଆଲେକ୍ସ କାରୀ, ନାଥାନ କଲ୍ଟର- ନାଇଲ, ପ୍ୟାଟ କମିନ୍ସ, ମିଚେଲ ଷ୍ଟାର୍କ, ଆଡାମ ଜାମ୍ପା, ଜାସନ ବେହରେନଡୋର୍ଫ, ନାଥାନ ଲିୟନ, ଶନ୍ ମାର୍ଶ ଓ କେନ୍ ରିଚାର୍ଡସନ।

**ଶ୍ରୀଲଙ୍କା ଦଳ:** ଦିମୁଥ କରୁଣାରତ୍ନେ (ଅଧିନାୟକ), ଧନଞ୍ଜୟ ଡି ସିଲ୍‌ଭା, ନୁଆନ ପ୍ରଦୀପ, ଅଭିଷ୍କା ଫର୍ନାଣ୍ଡୋ, ସୁରଙ୍ଗା ଲାକମଲ, ଲସିଥ ମାଲିଙ୍ଗା, ଆଞ୍ଜେଲୋ ମାଥ୍ୟୁସ, କୁଶଲ ମେଣ୍ଡିସ୍, ଜୀବନ ମେଣ୍ଡିସ୍, କୁଶାଲ ପେରେରା, ଥିସାରା ପେରେରା, ମିଲିନ୍ଦା ସିରିୱର୍ଦ୍ଧନା, ଲାହିରୁ ଥିରିମାନେ, ଇସୁରୁ ଉଡାନା ଓ ଜେଫ୍ରେ ଭାଣ୍ଡରସେ।


ଅଭ୍ୟାସ ଅବସରରେ ଅଷ୍ଟ୍ରେଲିଆ ଖେଳାଳି।

# ପାକିସ୍ତାନୀ ପ୍ରଶଂସକଙ୍କୁ ଟିକେଟ୍ ଦେଲେ ଧୋନୀ

ନୂଆଦିଲ୍ଲୀ,୧୪।୬(ପି.ଟି.)

ପୂର୍ବତନ ଭାରତୀୟ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ଓ ଚାଚା ସିକାଗୋ ନାମରେ ପରିଚିତ କରାଚୀରେ ଜନ୍ମିତ ମହମ୍ମଦ ବସିରଙ୍କ ବନ୍ଧୁତ୍ୱ ୨୦୧୧ ବିଶ୍ୱକପ୍ ସେମିଫାଇନାଲଠାରୁ ମଜଭୁତ ହୋଇଯାଇଛି। ରବିବାର ଖେଳାଯିବାକୁ ଥିବା ହାଇଭୋଲଟେଜ ମ୍ୟାଚ୍‌ର ଟିକେଟ୍ ନ ଥାଇ ମଧ୍ୟ ଚାଚା ଧୋନୀଙ୍କୁ ସମର୍ଥନ କରିବା ଲାଗି ସିକାଗୋରୁ ମାଞ୍ଚେଷ୍ଟର ଆସିଛନ୍ତି। କାରଣ ସେ ନିଶ୍ଚିତ ଥିଲେ ଯେ, ମ୍ୟାଚ୍ ଆରମ୍ଭ ପୂର୍ବରୁ ଧୋନୀ ଟିକେଟ୍ ବ୍ୟବସ୍ଥା କରିଦେବେ। ମୁଁ ଏଠାକୁ ଆସିବା ପରେ ଦେଖିଲି ଟିକେଟ ପାଇଁ ଲୋକେ ୮୦୦ରୁ ୯୦୦ ପାଉଣ୍ଡ ଦେବାକୁ ପ୍ରସ୍ତୁତ ଅଛନ୍ତି। ଭାରତୀୟ ମୁଦ୍ରାରେ ୭୯ ହଜାର ଟଙ୍କାରୁ ଉର୍ଦ୍ଧ୍ୱ। ଏଠାରୁ ସିକାଗୋ ଫେରିବା ପାଇଁ ମଧ୍ୟ ବିମାନରେ ସମାନ ଅର୍ଥ ଦରକାର। ଧୋନୀଙ୍କୁ ଧନ୍ୟବାଦ। ତାଙ୍କ ଯୋଗୁ ମୋତେ ଟିକେଟ୍ ପାଇଁ ସଂଘର୍ଷ କରିବାକୁ ପଡ଼ିଲା ନାହିଁ ବୋଲି ୬୩ ବର୍ଷୀୟ ପ୍ରଶଂସକ ତଥା ସିକାଗୋର ରେଷ୍ଟୁରାଣ୍ଟର ମାଲିକ କହିଛନ୍ତି। ୨୦୧୧ ବିଶ୍ୱକପ୍‌ବେଳେ ଉଭୟଙ୍କ ମଧ୍ୟରେ ବନ୍ଧୁତ୍ୱ ଆରମ୍ଭ ହୋଇଥିଲା। ମୋହାଲିଠାରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ୨୦୧୧ ବିଶ୍ୱକପ୍ ସେମିଫାଇନାଲରେ ବାଶିର ଟିକେଟ୍ ପାଇ ନ ଥିଲେ। ତାଙ୍କୁ ଧୋନୀ ସାହାଯ୍ୟ କରିଥିଲେ। ୮ ବର୍ଷ ପରେ ମଧ୍ୟ ସମାନ କାହାଣୀ ସାମ୍ନାକୁ ଆସିଛି। ଏହା କାହାକୁ ଅଛପା ନାହିଁ ଯେ ବାଶିର ନିଜ ଦେଶ ପରିବର୍ତ୍ତେ ଧୋନୀଙ୍କ ଦଳକୁ ସମର୍ଥନ କରନ୍ତି। ବେଳେବେଳେ ନିଜ ସାଥୀ ଖେଳାଳିଙ୍କ ପାଇଁ ଅପହଞ୍ଚ ଥିବା ଧୋନୀ କଦାପି ବାଶିରଙ୍କୁ ନିରାଶ କରିନାହାନ୍ତି। ସେ ଏବେ ବ୍ୟସ୍ତ ଥିବାରୁ ମୁଁ ଫୋନ କରିନାହିଁ। କେବଳ ମେସେଜ ଜରିଆରେ ତାଙ୍କ ସହ ଯୋଗାଯୋଗ କରେ। ବହୁ ଆଗରୁ ଧୋନୀ ମୋତେ ଆଶ୍ୱାସନା ଦେଇଥିଲେ। ସେ ଜଣେ ଭଲ ମଣିଷ ମଧ୍ୟ। ସେ ଯାହା ମୋ ପାଇଁ ମୋହାଲି ମ୍ୟାଚ୍‌ବେଳେ କରିଛନ୍ତି ତାହା ଆଉ କେହି କରିପାରିବେ ବୋଲି ଚିନ୍ତା କରିପାରୁ ନାହିଁ। ମୁଁ ମାଗଣାରେ ଟିକେଟ୍ ପାଇଛି, ଯାହାକୁ ଉଭୟ ଦେଶର ପ୍ରଶଂସକ ଅପେକ୍ଷା କରିରୁହନ୍ତି। ଚଳିତ ଥର ଏହା ମୋ ପାଇଁ ଉପହାର ଭଳି ହୋଇଛି ବୋଲି ସେ କହିଛନ୍ତି। ବାଶିର ପାକିସ୍ତାନ ଦଳ ରହୁଥିବା ହୋଟେଲରେ ଚେକ୍‌ଇନ୍ କରିବା ପରେ ସେଠାରେ ପାକ୍ ଦଳର ପ୍ରାୟ ଖେଳାଳିଙ୍କୁ ଭେଟିଥିଲେ। ଏହାପରେ ସେ ଭାରତୀୟ ଦଳର ହୋଟେଲରେ ଚେକ୍‌ଇନ୍ କରିଥିଲେ।


ଧୋନୀଙ୍କ ପ୍ରଶଂସକ ମହମ୍ମଦ ବସିର।

# ଦକ୍ଷିଣ ଆଫ୍ରିକା ଲାଗି ବଡ଼ ପରୀକ୍ଷା

ଜ୍ୟାକ କାଲିସ୍

ବିଶ୍ୱକପ୍‌ରେ ଏବେ ଦକ୍ଷିଣ ଆଫ୍ରିକା କଠିନ ପରୀକ୍ଷାର ସମ୍ମୁଖୀନ ହୋଇଛି। ପ୍ରଥମ ୪ଟି ମ୍ୟାଚ୍‌ରେ ବିଜୟର ସ୍ୱାଦ ଚାଖି ନ ଥିବା ଏହି ଦଳ ଏବେ ସେମିଫାଇନାଲ ଦୌଡ଼ରେ ରହିବା ପାଇଁ ଏବେ ବାକି ଥିବା ସବୁ ମ୍ୟାଚ୍‌ରେ ବିଜୟୀ ହେବା ଅପରିହାର୍ଯ୍ୟ ହୋଇ ପଡିଛି। ଅର୍ଥାତ ଦକ୍ଷିଣ ଆଫ୍ରିକା ଏବେ ୫ଟି ନକ୍‌ଆଉଟ୍ ମ୍ୟାଚ୍ ଖେଳିବାକୁ ଯାଉଛି। ସବୁଥିରେ ବିଜୟୀ ହେଲେ ମଧ୍ୟ ସେମି ଟିକେଟ ହାସଲ କରିବା ନିଶ୍ଚିତ ବୋଲି କୁହାଯାଇ ପାରିବ ନାହିଁ। ତେବେ ଫାଫ୍ ଡୁପ୍ଲେସି ଓ ତାଙ୍କ ଦଳ ପାଇଁ ଏତେ ଦୂର କଥା ଚିନ୍ତା କରିବାର ଆବଶ୍ୟକତା ନାହିଁ। ଏବେ କେବଳ ଗୋଟିଏ ମ୍ୟାଚ୍, ଗୋଟିଏ ଓଭର କିମ୍ବା ଗୋଟିଏ ବଲ୍ ଉପରେ ମନୋନିବେଶ କରାଯିବା ଉଚିତ୍।

କ୍ୟାରିୟରରେ କେତୋଟି ଦୁର୍ବଳ ଦଳ ବିପକ୍ଷରେ ମ୍ୟାଚ୍ ଖେଳିଛି। ତେବେ ଏହି ମ୍ୟାଚ୍‌ଗୁଡିକ ଆଦୌ ସହଜ ନ ଥିଲା। ଆଫଗାନିସ୍ତାନ ଭଳି ଦଳକୁ ଦୁର୍ବଳ ବୋଲି ଭାବିବା ଠିକ ହେବ ନାହିଁ। ବିଶ୍ୱର ଶ୍ରେଷ୍ଠ ୧୦ଟି ଦଳକୁ ନେଇ ବିଶ୍ୱକପ୍ ଖେଳାଯାଉଛି। ତେଣୁ ଟୁର୍ନାମେଣ୍ଟରେ କୌଣସି ମ୍ୟାଚ୍ ସହଜ ବୋଲି ଭାବି ହେବ ନାହିଁ। ଏପର୍ଯ୍ୟନ୍ତ ଆଫଗାନିସ୍ତାନ ତା'ର ଶ୍ରେଷ୍ଠ ପ୍ରଦର୍ଶନ କରିନାହିଁ। ଆଫଗାନିସ୍ତାନ ଉନ୍ନତ ପ୍ରଦର୍ଶନ କରିବ ବୋଲି ମୁଁ ନିଶ୍ଚିତ। ଟୁର୍ନାମେଣ୍ଟ ପୂର୍ବରୁ ଏହି ଦଳ କେତୋଟି ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିଥିଲା। ତେଣୁ ଟୁର୍ନାମେଣ୍ଟରେ ଆଫଗାନିସ୍ତାନ କେତୋଟି ଗୁରୁତ୍ୱପୂର୍ଣ୍ଣ ବିଜୟ ହାସଲ କରିପାରିବ ବୋଲ ମୁଁ ଭାବୁଛି। ଏହି ଦଳରେ ୩ଜଣ ବିଶ୍ୱସ୍ତରୀୟ ସ୍ପିନର ରହିଛନ୍ତି। ଯଦି ବର୍ଷା ନ ହୁଏ ଦକ୍ଷିଣ ଆଫ୍ରିକାକୁ ଏହି ଦଳ କଡ଼ା ଚ୍ୟାଲେଞ୍ଜ ଦେବ ବୋଲି ମୁଁ ଆଶା କରୁଛି। ତେବେ ଏପରି ନ ହେଉ ବୋଲି ମୁଁ ଚାହିଁବି।

ଦକ୍ଷିଣ ଆଫ୍ରିକା ଦଳ ପଡିଆ ବାହାରେ ଆଉ ଏକ ଘଟଣା ପାଇଁ ବେଶ୍ ବିଚଳିତ ଥିଲା। ଅଭିଜ୍ଞ ବ୍ୟାଟ୍ସମ୍ୟାନ ଏବି ଡିଭିଲର୍ସ ଅବସରରୁ ଫେରି ବିଶ୍ୱକପ୍ ପୂର୍ବରୁ ଦଳରେ ସାମିଲ ହେବାକୁ ଇଚ୍ଛା ପ୍ରକାଶ କରିଥିଲେ। ଦଳ ପାଇଁ ଏହା ବିଶେଷ ଗୁରୁତ୍ୱ ବହନ କରୁ ନ ଥିଲେ ମଧ୍ୟ ଗଣମାଧ୍ୟମ ପାଇଁ ଏହା ଏକ ବଡ଼ ଖବର ଥିଲା। ଟୁର୍ନାମେଣ୍ଟ ଅବସରରେ ମଧ୍ୟ ଏହି ଖବର ନେଇ ବେଶ୍ ଚର୍ଚ୍ଚା ହୋଇଥିଲା। ଡିଭିଲର୍ସ ବିଶ୍ୱକପ୍ ଦଳରେ ସାମିଲ ହୋଇଥିଲେ ଭଲ ହୋଇଥାନ୍ତା। ତେବେ ଦଳ ଚୟନ ପରେ ଏଭଳି ପ୍ରସ୍ତାବ ଦିଆଯିବାର କିଛି ମାନେ ନ ଥିଲା। ଚୟନ ପୂର୍ବରୁ ଯଦି ଏ ପ୍ରସ୍ତାବ ଦିଆଯାଇଥାନ୍ତା ତାହେଲେ କିଛି ଗୋଟିଏ ସମାଧାନ ପନ୍ଥା ବାହାରିଥାନ୍ତା।

ଇଂଲଣ୍ଡ ଓ ଭାରତ ସେମିଫାଇନାଲରେ ପହଞ୍ଚିବେ ବୋଲି ପୂର୍ବରୁ କହିସାରିଛି। ଏହି ଦୁଇ ଦଳ ଜବରଦସ୍ତ କ୍ରିକେଟ ଖେଳୁଛନ୍ତି। ଅଷ୍ଟ୍ରେଲିଆ ମଧ୍ୟ ୱେଷ୍ଟଇଣ୍ଡିଜ ଓ ପାକିସ୍ତାନ ବିପକ୍ଷ ଦୁଇଟି ମ୍ୟାଚ୍‌ରେ ସଂଘର୍ଷ କରି ବିଜୟ ହାସଲ କରି ସ୍ଥିତି ଦୃଢ଼ କରିଛି। ତେଣୁ ଅଷ୍ଟ୍ରେଲିଆ ମଧ୍ୟ ସେମିକୁ ଉଠିବାର ସମ୍ଭାବନା ଯଥେଷ୍ଟ ରହିଛି। ଏବେ ସେମିଫାଇନାଲର ଚତୁର୍ଥ ସ୍ଥାନ ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଛି। ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ ଏହି ଦୌଡ଼ରେ ଆଗରେ ରହିଛନ୍ତି। ତେବେ ନ୍ୟୁଜିଲାଣ୍ଡ ଦୁଇପାଦ ଆଗରେ ଥିବା ଭଳି ମନେ ହେଉଛି। ଦକ୍ଷିଣ ଆଫ୍ରିକା ସେମିଫାଇନାଲରେ ପ୍ରବେଶ କଲେ ସବୁଠାରୁ ଖୁସି ହେବି। କିନ୍ତୁ ଏହା ଏବେ ବେଶ୍ କଷ୍ଟକର ମନେ ହେଉଛି। ବର୍ଷା ତଥା ଖରାପ ପାଗ ଦକ୍ଷିଣ ଆଫ୍ରିକା ପାଇଁ ଅନ୍ତରାୟ ସୃଷ୍ଟି କରିଛି। ତେଣୁ କେବଳ ଭଲ ପ୍ରଦର୍ଶନ କଲେ ଚଳିବ ନାହିଁ। ଏଥିପାଇଁ ଭାଗ୍ୟର ସହାୟତା ମଧ୍ୟ ଆବଶ୍ୟକ।

(ଗେମ୍ ପ୍ଲାନ/ ଟିଭାକ ସ୍ପୋର୍ଟ୍ସ)









Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ


ASUS
ASUS VivoBook X507
Thin & Light Expert
8.1mm
NanoEdge slim bezel
1.68kg
Light-weight
Fastcharge
Charges 60% in 49 mins
Fingerprint
Fast and secure login
Intel® Core™ i3 processor
• Windows 10 Home
• Intel® Core™ i3 7020U processor
• RAM DDR4 4GB
• HDD 1 TB
• Gold & Grey
EMI Starting at ₹3110*
Intel® Core™ i5 processor
• Windows 10 Home
• Intel® Core™ i5 8250U processor
• RAM DDR4 8GB
• HDD 1 TB
• Gold & Grey
EMI Starting at ₹4555*
Intel® Core™ i5 processor + Graphics
• Windows 10 Home
• Intel® Core™ i5 8250U processor
• Nvidia® MX130 2GB DDR5
• RAM DDR4 8GB
• HDD 1 TB
• Gold & Grey
EMI Starting at ₹5444*
OFFERS
(1st June -15th July 2019)
0% EASY EMI
Interest Free EMI
2 YEARS WARRANTY
Warranty Extention Offer
Microsoft office offer
Goodies Offer
* To Know more about Offer
Toll free No. 1800-2090-365
Website: www.asus.com/in
For Sales Inquiry: - Preetiranjan:- 9439264188, Satyanarayan - 9337447044
Asus Authorised Dealers: SAMBALPUR:- Mahamaya Computer - 9437093877, Welcomp Systems - 9437058959, Baba Computer - 9437051588 • BARGAD:- Sibani Technology - 9437057521, Sairam Computer - 933855868 • ROURKELA:- Micro Computer - 9338060644, PC Island - 9437096534, Pc World - 9937447786, Unitech Engineers - 9776771777
Also available at Flipkart, Amazon, Paytm , croma & Reliance Digital.
*Processing fee & Downpayment needs to be paid as per the financing scheme • *T & C Apply .
Windows 10
Windows Hello: You are the password.


Hero
GLAMOUR
No. 1*
GLAMOUR
CUSTOMERS NO. 1 CHOICE
IN ODISHA FOR 125CC CATEGORY
Fi ଇଞ୍ଜିନ୍
ସବୁଠାରୁ ପାୱାରଫୁଲ# 125cc ବାଇକ୍
ବେଷ୍ଟ-ଇନ୍-କ୍ଲାସ୍ iBS
ଟ୍ୟୁବଲେସ୍ ଟାୟାର୍ସ
8.5 crore+ HEROES
ଅଗଣିତ ସମ୍ପର୍କ
World leading brands from the House of Hero
Splendor+
Super Splendor
iSmart+
Passion Pro
Glamour
HF Deluxe
Xtreme
Maestro Edge
Pleasure
Destini 125
HeroFinCorp.
HeroMotoCorpIndia
@HeroMotoCorp
HeroMotoCorpLimited
TheHeroMotoCorp
heromotocorp.com
INDIA'S FIRST 5 YEAR WARRANTY
*Conditions apply
Regd. Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. Accessories and features shown may not be a part of standard fitment. Always wear a helmet while riding a two-wheeler. For further information, please contact your nearest Hero MotoCorp's dealership or contact on our Toll Free No.: 1800-266-0018 or visit our website www.heromotocorp.com.
*Terms & conditions apply. *In 125cc. **also available in FI.
For Institutional and Bulk Sales please write to Kolkata@heromotocorp.com

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୧୫ ଜୁନ୍, ୨୦୧୯



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ପ୍ରେମିକାଙ୍କୁ ପ୍ରତାରଣା କରି ପ୍ରେମିକ ଫେରାର

**ଲହୁଣୀପଡା, ୧୪।୬ (ଡି.ଏନ୍.ଏ.):** ଲହୁଣୀପଡା ବ୍ଲକ ମହୁଲପଦା ଥାନା ଅଧୀନ ଏକ ଗ୍ରାମରେ ପ୍ରେମିକାକୁ ପ୍ରତାରଣା କରି ପ୍ରେମିକ ଫେରାର ହୋଇଯାଇଛନ୍ତି। ଏ ନେଇ ପ୍ରେମିକା ଥାନାରେ ଅଭିଯୋଗ କରଛନ୍ତି। ସମ୍ପୃକ୍ତ ଯୁବତୀଙ୍କ ସହିତ ନିକଟସ୍ଥ ବାଙ୍କି ଗ୍ରାମର ଜଣେ ଯୁବକ ପ୍ରେମ ସମ୍ପର୍କ ରଖିଥିଲେ। ସେ ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲେ। ଏ ସମ୍ପର୍କରେ ଉଭୟ ପରିବାର ଓ ଗ୍ରାମବାସୀଙ୍କ ମଧ୍ୟରେ ଏକ ସଭା ମଧ୍ୟ ହୋଇଥିଲା । ଏଥିରେ ଯୁବକ ଜଣକ ଯୁବତୀଙ୍କୁ ବିବାହ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଗ୍ରାମବାସୀଙ୍କ ନିଷ୍ପତ୍ତି କ୍ରମେ ଉଭୟ କୋର୍ଟ ବିବାହ କରିବା ପାଇଁ ବଣେଇ କୋର୍ଟକୁ ଯାଇଥିଲେ । କିନ୍ତୁ ଯୁବକ ଜଣକ ବାହାନା ଦେଖାଇ ସେଠାରୁ ଫେରାର ହୋଇଯାଇଥିଲେ। ଫଳରେ ଯୁବତୀଙ୍କ ପରିବାର ନିରାଶ ହୋଇ ଫେରି ଯାଇଥିଲେ। ତଥାପି ଯୁବତୀ ଜଣକ ବିବାହ ଆଶା ରଖି ଅପେକ୍ଷା କରି ରହିଥିଲେ। ବିବାହ ସମ୍ପର୍କରେ ବାରମ୍ବାର କହିବାରୁ ଯୁବକ ଜଣକ ବିଭିନ୍ନ ଆଳ ଦେଖାଇ ସମୟ ଗଡାଇ ଚାଲିଥିଲେ।

ଜିଲ୍ଲାସ୍ତରୀୟ ଲୋକ କଳା ଦିବସ

# କଳାକାରଙ୍କୁ ସମ୍ମାନ, ଲୋକକଳାକୁ ପ୍ରୋତ୍ସାହନ ଉପରେ ଗୁରୁତ୍ୱ

**ସୋନପୁର,୧୪।୬(ନି.ପ୍ର.)**



ଲୋକକଳା ଦିବସରେ ମଞ୍ଚାସୀନ ଅତିଥି ବୃନ୍ଦ ।

ଓଡ଼ିଶା ସରକାର ପ୍ରଥମ ଥର ପାଇଁ ଜୁନ ୧୪ ତାରିଖକୁ ଲୋକକଳା ଦିବସ ଭାବେ ପାଳନ କରିଛନ୍ତି । ଏହି ଅବସରରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଲୋକ କଳା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲାର ୬ଟି ବ୍ଲକରୁ ଶତାଧିକ କଳାକର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ପଣ୍ଡା ବକ୍ତବ୍ୟରେ କହିଥିଲେ, କଳାକାରମାନେ ନିଜସ୍ୱ ଉଦ୍ୟମରେ ବହୁ କଷ୍ଟ ସହି ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିଛନ୍ତି । ରାଜ୍ୟ ସରକାର କଳାକାରଙ୍କୁ ମାସିକ ୧୨୦୦ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରୁଛନ୍ତି। ଜିଲାରେ ୭୧୫ ଜଣ କଳାକାର ଭତ୍ତା ପାଉଛନ୍ତି । ଲୋକକଳାକୁ ପ୍ରୋତ୍ସାହନ ଓ କଳାକାରଙ୍କୁ ଉପଯୁକ୍ତ ସମ୍ମାନ ମିଳିଲେ ଓଡ଼ିଶାର ଉନ୍ନତ ସଂସ୍କୃତି ଓ ପାରମ୍ପରିକ ଲୋକକଳା ବଞ୍ଚି ରହିବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ । ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟି ଯୋଗଦେଇ କଳାକାରଙ୍କ ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସାମାଜିକକର୍ମୀ ତଥା କଳା, ସଂସ୍କୃତି ପ୍ରେମୀ ଶ୍ରୀବତ୍ସ ମଲ୍ଲିକ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁର ଜିଲାର କଳା ଓ ସଂସ୍କୃତି ମହାନ । ହଜାର ହଜାର କଳାକାର ଅଞ୍ଚଳର ଲୋକ ସଂସ୍କୃତି ଓ ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିଥିବାରୁ ସେ ପ୍ରଶଂସା କରିଥିଲେ । ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପଞ୍ଚାନନ ବରିହା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଜିଲା ସଂସ୍କୃତି ପରିଷଦର ଉପସଭାପତି ମାନଭଞ୍ଜନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ସଂସ୍କୃତି ଗବେଷକ ତଥା ପର୍ଣ୍ଣରୀର ସମ୍ପାଦକ ଚୌଧୁରୀ ବିଭାର, ଦୂରଦର୍ଶନ କଳାକାର ତଥା ଶିଶୁ ସାହିତ୍ୟିକ ସ୍ୱପ୍ନେଶ୍ୱର ମିଶ୍ର, ରାମକୃଷ୍ଣ ହୋତା, ନୁର୍ ବେଗମ, ଶ୍ୟାମ ସୁନ୍ଦର ସୁନା, ମହାଦେବ ବେହେରା ଓ ସବିତା ପାଣିଗ୍ରାହୀ ପ୍ରମୁଖ କଳାକାରଙ୍କ ସମସ୍ୟା ଓ କଳାର ବିକାଶ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଖୁ ଖଣ୍ଡିଏ ଦବୁନି ତ,**
**ଗୁଡ଼ ଖଣ୍ଡିଏ ଦବୁ ।**

ଅଳ୍ପ ନ ଦେଇ ବହୁତ ଦେବା । ମଣିଷର ଅପରିଣାମଦର୍ଶିତା ପାଇଁ ପାଞ୍ଚ ଜାଗାରେ ବେଳେ ବେଳେ ପଚିଶ ଖର୍ଚ୍ଚ ହୋଇଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ ଅଳ୍ପରେ ଋଣମୁକ୍ତ ନ ହୋଇ ବହୁ ଅର୍ଥ ଦେବାକୁ ବାଧ୍ୟ ହେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆମ୍ବୁଲ ମାଠିଆ ପେଟ,**
**ଛ'ମାସ ଜଗିଲି ଦେଉଳ ବାଟ;**
**ଦିନେ ନ ପାଇଲି ଭେଟ ।**

ପ୍ରେମରେ ପ୍ରତାରଣା ଦେହ ଓ ମନକୁ କ୍ଷତାକ୍ତ କରିଦିଏ । ଦେଉଳକୁ ଠାକୁର ପୂଜିବାକୁ ଆସି ଦେଖା ସାକ୍ଷାତରୁ ମନଦେଇ ପରେ ଠକି ହୋଇଗଲେ ମନର ସବୁ ସରାଗ ମରିଯାଏ, ପ୍ରେମ ଉପରୁ ଭରସା ତୁଟିଯାଏ। ଯାହାଲାଗି ଏତେ ସରି ତା'ସହ ଦୀର୍ଘଦିନ ହେଲା ଦେଖାସାକ୍ଷାତ ହୋଇ ନ ପାରିବା କାରଣରୁ ମନରେ ଖେଦଭାବ ସୃଷ୍ଟିହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଘର ପାଖ ଜଙ୍ଗଲରୁ ମିଳିଲା ନିଖୋଜ ଯୁବକଙ୍କ ମୃତଦେହ

**କୁଆଁରମୁଣ୍ଡା,୧୪।୬(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ଫାଣ୍ଡି ଅନ୍ତର୍ଗତ ହାତୀବାରି ରୋଡର ଉତ୍କଳପଡ଼ାର ଶିବା ବଡାଇକ(୨୦) ନାମକ ଜଣେ ଯୁବକଙ୍କ ମୃତଦେହକୁ ଶୁକ୍ରବାର ପୋଲିସ ଜବତ କରିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା(ନଂ.୧୪/୧୯) ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ପୋଲିସ ସୂଚନା ମୁତାବକ, ଶିବା ନିଜ ଘର ନିକଟସ୍ଥ ଏକ ଫ୍ଲାଏ ଆଶ୍ ଇଟା ଫ୍ୟାକ୍ଟ୍ରିରେ କାମ କରୁଥିଲେ । ଗତ ୧୧ ତାରିଖ ସେ ଘରେ କୌଣସି କାରଣକୁ ନେଇ ପାଟିତୁଣ୍ଡ କରିବା ପରେ କେଉଁଆଡେ ପଳାଇ ଯାଇଥିଲେ। ଏହାପରେ ତାଙ୍କ ବାପା ମୋହନ ବଡାଇକ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ ବି ପାଇ ନ ଥିଲେ। ମଙ୍ଗଳବାର ସକାଳୁ ଘର ନିକଟ ଏକ ବୁଦୁବୁଦିଆ ଜଙ୍ଗଲରୁ ପଚା ଗନ୍ଧ ଆସିଥିଲା। ସେଠାକୁ ଯାଇ ସେ ପୁଅ ଏକ ଗଛରେ ଦଉଡି ଦେଇ ଝୁଲୁଥିବାର ଦେଖି ପୋଲିସକୁ ଖବର ଦେଇଥିଲେ।



ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରାଯାଉଛି ।

# ବିଶ୍ୱ ରକ୍ତଦାତା ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

**ସୋନପୁର,୧୪।୬(ନି.ପ୍ର.)**

**୩୨ ୟୁନିଟ୍ ରକ୍ତ ସଂଗ୍ରହ**

ବିଶ୍ୱ ରକ୍ତଦାତା ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୁବର୍ଣ୍ଣପୁର ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ବ୍ଲଡ ବ୍ୟାଙ୍କରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୩୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ଡିଏମ୍ଓ(ଏମ୍ଏସ୍) ଡାକ୍ତର ପ୍ରଦୀପ କୁମାର ଗୁରୁ ଶିବିରର ଉଦ୍‌ଘାଟନ କରି ରକ୍ତଦାନ ଏକ ମହତ୍ କାର୍ଯ୍ୟ ବୋଲି କହିଥିଲେ । ଯୁବତୀଯୁବକମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଆଗେଇ ଆସିବାକୁ ଡାକ୍ତର ଗୁରୁ ଆହ୍ୱାନ ଦେଇଥିଲେ । ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ଦୁର୍ଗା ପ୍ରସାଦ ଦାଶ, ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳକ ଡ. ଗୋପାଳକୃଷ୍ଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ଅବିନାଶ ହୋତା ପ୍ରଥମେ ରକ୍ତଦାନ କରି ଶିବିରର ଶୁଭାରମ୍ଭ କରିଥିଲେ । ଟେକ୍‌ନିସିଆନ ସୁବାଷ ଚନ୍ଦ୍ର ପଣ୍ଡା, ଟିଟୁ ଭୋଇ, ଜଗତ ନାରାୟଣ ଦରୱାନ, ଯୁଧିଷ୍ଠିର ନାଏକ ଓ ରେବତୀ ମହାପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

ବିଶ୍ୱ ରକ୍ତଦାତା ଦିବସ ପାଳିତ

### ଅନ୍ୟର ଜୀବନ ବଞ୍ଚାଇବାର ଖୁସି ନିଆରା: ଜିଲାପାଳ

**ବଲାଙ୍ଗୀର ଅଫିସ, ୧୪।୬:**

ବଲାଙ୍ଗୀର ସିଡିଏମ୍ଓ ଅଫିସ ସମ୍ମିଳନୀ କକ୍ଷରେ ଶୁକ୍ରବାର ବିଶ୍ୱ ରକ୍ତଦାତା ଦିବସ ପାଳନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅରିନ୍ଦମ ଡାକୁଆ ଯୋଗଦେଇ ସ୍ୱେଚ୍ଛାକୃତ ରକ୍ତଦାନ କରି ଅନ୍ୟର ଜୀବନ ବଞ୍ଚାଇବାର ଖୁସି ନିଆରା ବୋଲି କହି ଜନସାଧାରଣଙ୍କୁ ଉତ୍ସାହିତ କରିଥିଲେ। ମୁଖ୍ୟବକ୍ତା ଭାବେ କଂଗ୍ରେସ ନେତା ଯଜ୍ଞେଶ୍ୱର ବାବୁ ଯୋଗଦେଇ ରକ୍ତଭଣ୍ଡାରରେ ରକ୍ତ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଡା. ନିରୁପମା ଷଡଙ୍ଗୀ, ଡା ସୁଚେତା ପାଣି ସ୍ୱେଚ୍ଛାକୃତ ରକ୍ତଦାନ ଓ ରକ୍ତଦାନ ସଚେତନତା ଉପରେ କହିଥିଲେ। ଅତିଥି ଲଳିତ କୁମାର ନାୟକ ରକ୍ତଦାନ କ୍ଷେତ୍ରରେ ଯୁବବର୍ଗଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସଭାକୁ ହସ୍ପିଟାଲର ରକ୍ତଭଣ୍ଡାର ଅଧିକାରୀ ଡା. ପ୍ରଜ୍ଞା ପରିମିତା ନାୟକ ସଭା ସଂଯୋଜନା କରିଥିଲେ। ସ୍ୱେଚ୍ଛାକୃତ ରକ୍ତଦାତା, ରକ୍ତଦାତା ପ୍ରୋତ୍ସାହକ, ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ରକ୍ତଦାତା ଶ୍ରୀନିବାସ ନାଏକ, ଅଙ୍କୁଶ ପାଣ୍ଡିଆ, ରୂପକ ବରାଳ, ସଂଗ୍ରାମ ବହିଦାର, ସୁରୁଲାଲ ମଟାରୀ, ସୁଜାତା ଆଚାର୍ଯ୍ୟ, ଲଳିତ କୁମାର ନାୟକ, ଗୋପାଲଜୀ ପାଣିଗ୍ରାହୀ, ବିଙ୍ଗ୍ ହ୍ୟୁମାନ୍ ଫାଉଣ୍ଡେଶନ୍ ଓ ଅନ୍ୟମାନଙ୍କୁ ସମ୍ମାନିତ କରାଯାଇଥିଲା।

### ସ୍ୱାବଲମ୍ବୀ କାରିଗର ପ୍ରଶିକ୍ଷଣ ଶିବିର

**କୁଆଁରମୁଣ୍ଡା,୧୪।୬(ଡି.ଏନ୍.ଏ.)**

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଗ୍ରାମାଚଞ୍ଚ ନଳକୂଅ ମରାମତି କାରିଗରମାନଙ୍କ ଦକ୍ଷତା ବିକାଶ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର କୁଆଁରମୁଣ୍ଡା ବ୍ଲକ ସଭା ଗୃହରେ ଆୟୋଜିତ ହୋଇ ଯାଇଛି। ଏଥିରେ ରାଉରକେଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଖଣ୍ଡର ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ସାହୁ, ସହକାରୀ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ମୁଣ୍ଡା ପ୍ରମୁଖ ଯୋଗ ଦେଇ ଥିଲେ। ଉପସ୍ଥିତ ଗ୍ରାମାଚଞ୍ଚ କାରିଗରମାନଙ୍କୁ ନଳକୂଅ ମରାମତି, ସ୍ୱାସ୍ଥ୍ୟ ଉପଯୋଗୀ ଜଳ ପରୀକ୍ଷା ଇତ୍ୟାଦି ସମ୍ପର୍କରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ବିଷୟରେ ସମସ୍ତ ତଥ୍ୟ ଉପସ୍ଥାପନା କରିଥିଲେ ।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

ASTROLOGY

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ ।
ବ୍ୟବସାୟ, ପ୍ରେମବିବାହ, ମନ ଚାହୁଁଥିବା ଭଲପାଉଥିବା, କଳାଯାଦୁ, କରି କରାଉଥିବା, ପତି-ପତ୍ନୀ ମଧ୍ୟରେ ଝଗଡା ଏବଂ ଗୃହକ୍ଲେଶ, ସଉତୁଣୀ ଶତ୍ରୁ ମୁକ୍ତି, ରୁଷିଥିବା ଲୋକଙ୍କୁ ରାଜି କରାଇବା, ବଶୀକରଣ, ମୁଠ ଯାଦୁ ଟୋଣା, କ୍ୟାରିୟରରେ ଅସଫଳତା, ରୋଗରେ ଔଷଧ କାମ ନ କରିବା ଘରେ ହେଉଥିବା ଝଗଡା, ମା, ଭଉଣୀ ଓ ଝିଅମାନେ ନିଃସଙ୍କୋଚରେ ଫୋନ୍ କାରନ୍ତୁ ।
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ମ୍ୟାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ମାତାଙ୍କ ଅସୀମ କୃପା
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦ୍ରିକା
ଏହି ମୁଦିକୁ ପିନ୍ଧିଲେ ସ୍ତ୍ରୀ-ପୁରୁଷ ଯେତେ କଠୋରମନା ହୋଇଥାଆନ୍ତୁ ନା କାହିଁକି, ଆପଣଙ୍କ ଇଚ୍ଛା ଅନୁସାରେ କାମ କରିବେ । ପରୀକ୍ଷାରେ ପ୍ରଥମ ଶ୍ରେଣୀ, ମକଦ୍ଦମାରେ ବିଜୟ, ବିଦେଶ ଯାତ୍ରା, ପ୍ରେମ ବିବାହ, ଜୁଆ-ଲଟେରି, ଶେୟାର୍‌ରେ ସଫଳତା, ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି, ମାଟିରେ କେଉଁଠି ପୋତା ଧନ ଅଛି ତାହା ସ୍ୱପ୍ନରେ ଦେଖାଯିବ, ଘରେ ସୁଖ ଶାନ୍ତି, ରୋଗରୁ ମୁକ୍ତି, ଋଣରୁ ମୁକ୍ତି, ଚାରିଆଡ଼େ ଖୁସି ହିଁ ଖୁସି, ଯେଉଁ କାମରେ ହାତ ମାରିବେ ଆପଣଙ୍କୁ ସଫଳତା ହିଁ ସଫଳତା ପ୍ରାପ୍ତ ହେବ।
ସର୍ବ ମନୋକାମନାପୂର୍ଣ୍ଣ ଚମତ୍କାରୀ ସିଦ୍ଧ ମୁଦି ସହିତ ନଜରଦୋଷ କବଚ ମାଗଣା।
ସାଧାରଣ ମୁଦି - 1100/-
ସ୍ପେଶାଲ ମୁଦି - 1575/-
କାମ ନ ହେଲେ ପଇସା ଫେରସ୍ତ
ଇଚ୍ଛୁକ ବ୍ୟକ୍ତି ଆଶ୍ରମ ସହ ଯୋଗାଯୋଗ କରନ୍ତୁ
7564962303
9354145347

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

BUSINESS

ଭାରତର ନଂ.1 ଗୋଲ୍ଡ ମେଡାଲିଷ୍ଟ
INDUS TOWER
କମ୍ପାନୀରୁ ଡିଜିଟାଲ ଟାୱାର ପ୍ଲଟ୍, ଜମିରେ ଲଗାନ୍ତୁ
- ପାଆନ୍ତୁ -
୯୦ ଲକ୍ଷ ଅଗ୍ରିମ + ୯୦ ହଜାର ଭଡ଼ା ୨୦୦୦୦/-ର ଅନ୍ୟାନ୍ୟ ସୁବିଧା + ମୋବାଇଲ + ଲାପ୍‌ଟପ୍
9450268843
9499322173
H. No. 412, Subhash Nagar Jind, Haryana.

GOLD CASH
AN ISO 9001:2015 CERTIFIED PUBLIC LIMITED COMPANY
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

BUSINESS
JDT DIGITAL GROUP LTD.
ସରକାରୀ ପଞ୍ଜୀକୃତ କମ୍ପାନୀ ଦ୍ୱାରା ଡିଜିଟାଲ ଉପକରଣ ନିଜ ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍‌ରେ ସାରା ଭାରତର ଯେକୌଣସି ସ୍ଥାନରେ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ ୯୦ ଲକ୍ଷ , ଭଡ଼ା ୭୦ ହଜାର + ମାସିକ ୩୦,୦୦୦/-ର ଅନ୍ୟାନ୍ୟ ସୁବିଧା ।
(କୌଣସି ପଞ୍ଜୀକରଣ ଶୁଳ୍କ ନାହିଁ)
Helpline Numbers
09027220980
09027945420
Building No.-86, Room No.-05, C.R. Patil Estate, Near C.R. Patil Road, Dindoli, Surat City, Surat, Gujarat-394210

Indus Tower Co.
ଖାଲି ଜମି, ଛାତ, ପ୍ଲଟ୍‌ରେ ହାଇ କ୍ୱାଲିଟି ଟାୱାର ଲଗାନ୍ତୁ। ଅଗ୍ରିମ 70 ଲକ୍ଷ, ଭଡ଼ା 40,000/- + 20 ହଜାରର ଅନ୍ୟାନ୍ୟ ସୁବିଧା + ବାଇକ୍ + କୋର୍ଟ ଏଗ୍ରିମେଣ୍ଟ।
08278484548
08126562722
Add.: Sector-1, Pushp Vihar, Delhi

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
CAPITAL FINANCE LTD.
(Registration No. - U6519TN198PLC008555)
ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଏବଂ ସମସ୍ତ ଋଣ ୩ରୁ ୪ ଦିନରେ ଘରେ ବସି ପାଆନ୍ତୁ ୨% ସୁଧ, ୪୦% ରିହାତି (ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ)।
- Helpline Number -
8859690149
PETUMALI, JHARMUNDA, PETUPALI, BARGARH, ODISHA- 768034

ଆଡ୍‌ଭାନ୍ସ ନେଉନୁ, ଧୋକା ଦେଉନୁ
CAPITAL ONE FINANCE
ଆଧାର କାର୍ଡ ଋଣ, ଗୃହ ଋଣ, ମାର୍କଶିଟ୍ ଋଣ, ପର୍ସନାଲ ଋଣ, ବ୍ୟବସାୟ ଋଣ — ସବୁ ପ୍ରକାର ଋଣ ମାତ୍ର 24 ଘଣ୍ଟାରେ
2% ସୁଧ, 50% ରିହାତି
ସରକାରୀ କର୍ମଚାରୀ ଓ ମହିଳାଙ୍କ ପାଇଁ ବିଶେଷ ରିହାତି
ଠକାମିର ଶିକାର ବ୍ୟକ୍ତି ଯୋଗାଯୋଗ କରନ୍ତୁ
8887072616
8887076388
Add- T-51, Gautampuri Delhi-53

FINANCE
Balaji ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେ ବସି ପାଆନ୍ତୁ।
3% ସୁଧ 25% ଛାଡ
Online Facility Available
Plot No 4542, Shahnajaf Rd, Lucknow, Uttar Pradesh 226001
Ph. No 09598246628
09517415755
9454715754

!! ଋଣ ଋଣ ଋଣ !!
ସତ୍ୟମ ଫାଇନାନ୍ସ
ଦ୍ୱାରା ସବୁ ପ୍ରକାର ଋଣ କରାନ୍ତୁ ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, ଆଧାରକାର୍ଡ, ରାଶନକାର୍ଡ ସମସ୍ତ ଋଣ 5,00,000-50,00,000 ପର୍ଯ୍ୟନ୍ତ ଘରେ ବସି ପାଆନ୍ତୁ
!! ନୋ ଏଗ୍ରିମେଣ୍ଟ, ନୋ ଗ୍ୟାରେଣ୍ଟର !!
2% ସୁଧ 50% ରିହାତି
ଥରେ ନିଶ୍ଚୟ ଯୋଗାଯୋଗ କରନ୍ତୁ
8810477974
Add : - 41/14, Sec-1 Pushp Vihar, Delhi

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

ଲକ୍ଷାଧିକ ଲୋକଙ୍କ ଭରସା
ଅମରାବତୀ କ୍ୟାପିଟାଲ
ଦୀର୍ଘ ବର୍ଷ ହେବ ଜନସାଧାରଣଙ୍କ ସୁବିଧା ପାଇଁ ହୋମ, ଏଜ୍ୟୁକେସନ୍, ଗ୍ରୁପ, ପର୍ସନାଲ ଋଣ ବର୍ଷକୁ ୩ % ସୁଧରେ ଯୋଗାଇ ଦିଆଯାଉଛି ।
8809570276
9319560899
S/C Block B, Green Park, Extn. Delhi-16




ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି ।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

AXIC FINANCE LTD.
ଆମେ ସବୁ ପ୍ରକାର ଋଣ ଯୋଗାଉଛୁ, ଯେପରି ପ୍ରପର୍ଟି, ପର୍ସନାଲ, ବ୍ୟବସାୟ, ଗୃହ ଋଣ @ ସର୍ବନିମ୍ନ ଦରରେ 1% ସୁଧ ସବ୍‌ସିଡି @ 50%।
ମହିଳାମାନେ ମଧ୍ୟ ଆବେଦନ କରିପାରିବେ।
HEAD OFFICE
G-79, Adarsh Nagar
Karol Bagh, New Delhi-5
8986532690, 9117913124

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

See Color Display Classified on every Tuesday & Friday



ପ୍ରିୟଜନଙ୍କଠାରୁ ବହୁକାଳ ଧରି ବିଚ୍ଛେଦ ହିଁ ମନୁଷ୍ୟକୁ ମୃତ୍ୟୁର ସ୍ୱାଦ ବିଷୟରେ ଧାରଣା ଦେଇଥାଏ।

- ଜନ୍‌ସନ

## ସଂକ୍ଷେପରେ

### ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଅତାବିରା, ୧୪।୬ (ଡି.ଏନ.ଏ): ଅତାବିରା ଥାନା ତଥା ଗୋଡଭଗା ଫାଣ୍ଡି ଅନ୍ତର୍ଗତ ତଳିଟାମ୍ପରସରା ଗ୍ରାମର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତକ ହେଲେ ବଳରାମ ସେଟ (୧୮)। ସେ ଗୁରୁବାର ସନ୍ଧ୍ୟାରେ ତଳିଟାମ୍ପରସରା ଗ୍ରାମର ଅଲିବ ବିଶ୍ୱାଳଙ୍କ ଲରମ୍ବା ସ୍ଥିତ ଦୁଗ୍ଧ ଉତ୍ପାଦକ ସମିତିକୁ ଦୁଗ୍ଧ ନେଇ ଯାଇଥିଲେ। ବଳରାମ ଦୀର୍ଘ ସମୟ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରି ବଡବନ୍ଧ ନିକଟରେ ପଡିଥିବା ଦେଖିଥିଲେ । ସେଠାରୁ ତାଙ୍କୁ ଉଦ୍ଧାର କରି ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ । ବୁର୍ଲା ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୪୩/୧୯) ରୁଜୁ ହୋଇଛି । ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ଜଣାପଡିବ ବୋଲି ପୋଲିସ କହିଛି । ସୂଚନାଯୋଗ୍ୟ, ବଳରାମ ସେଠ ହେଉଛନ୍ତି ଟାମ୍ପରସର ପଞ୍ଚାୟତ ସମିତି ସଭ୍ୟା ରେସ୍ମା ସେଟଙ୍କ ଭାଇ ଅଟନ୍ତି ।

### ବୌଦ୍ଧରେ ମୌସୁମୀ ଉତ୍ସବ ଉଦ୍‌ଘାଟିତ

ବୌଦ୍ଧ,୧୪।୬(ସ୍ୱ.ପ୍ର): ସଂସ୍କୃତି ଓ ପରମ୍ପରାର ରାଜ୍ୟ ଓଡ଼ିଶା । ଓଡ଼ିଆ ଘରେ ବାରମାସରେ ତେର ପର୍ବ ପାଳିତ ହୋଇ ଆସୁଥିବାବେଳେ ପୂର୍ବ ଓଡ଼ିଶାରେ ରଜ ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସବ। ମୌସୁମୀର ଆଗମନ ସହିତ ଚାଷ ପାଇଁ ମାଟି ମା'ର ପ୍ରସ୍ତୁତି ଓ ପରମ୍ପରାକୁ ନେଇ ଏହି କୃଷି ଭିତ୍ତିକ ପର୍ବ ପାଳିତ ହୋଇଥାଏ। ବିଶେଷ କରି ମହିଳାମାନେ ବର୍ଷର ଏହି ଦୁଇଦିନ ସମସ୍ତ ଘରୋଇ କାର୍ଯ୍ୟରୁ ନିଜକୁ ଦୂରେଇ ରଖିବା ସହିତ ମଉଜ ମସ୍ତିରେ ସମୟ କାଟିଥାନ୍ତି । ସେହିପରି ଏକ ପବିତ୍ର ପରମ୍ପରାକୁ ନେଇ ରଜପର୍ବ ଅବସରରେ ବୌଦ୍ଧରେ ଦୁଇଦିନିଆ ମୌସୁମୀ ଉତ୍ସବ ଉଦ୍‌ଘାଟିତ ହୋଇଛି। ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଗେହ୍ଲା ମା କଳାନିକେତନ ଆନୁକୂଲ୍ୟରେ ସ୍ଥାନୀୟ ଟାଉନହଲ ଠାରେ ଏହି ଉତ୍ସବର ଉଦଘାଟନ ଦିବସରେ ଅତିଥି ଭାବେ ଅନୁଷ୍ଠାନର ଉପଦେଷ୍ଟା ଚିତ୍ତରଞ୍ଜନ ଦାଶ ଯୋଗ ଦେଇଥିଲେ। ଉତ୍ସବ ଅବସରରେ ପ୍ରଥମ ଦିନରେ କୁନି କୁନି ପିଲାଙ୍କ ନୃତ୍ୟ ସହିତ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଅନୁଷ୍ଠାନର ସଭାପତି ଶଶାଙ୍କ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପାଦକ ଆଶୁତୋଷ ମହାପାତ୍ର, କାର୍ଯ୍ୟକ୍ରମ ସଂଯୋଜକ ବସନ୍ତ କୁମାର ସାହୁ, ଗୋପାଳ କୃଷ୍ଣ ବେହେରା, ମିହିର ଚାନ୍ଦ, ସନ୍ତୋଷ କୁମାର ନାୟକ, ଶତ୍ରୁଜିତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



ଲୋକକଳା ଦିବସରେ ସାଂସ୍କୃତିକ ଶୋଭାଯାତ୍ରା (ବାମ)।



ଜଣେ କଳାକାରଙ୍କୁ ମୁଖ୍ୟଅତିଥି ସମ୍ବର୍ଦ୍ଧିତ କରୁଛନ୍ତି ।

# ଲୋକକଳା ଉଜ୍ଜୀବିତ ପାଇଁ ଉଦ୍ୟମ ଲୋଡ଼ା

**ବରଗଡ଼ ଅଫିସ୍,୧୪।୬**

ଆଦିମ ମଣିଷ ଅବସର ବିନୋଦନ ପାଇଁ ଯେଉଁ ଅଭିନୟ ଓ ଗୀତ ଗାଉଥିଲା, ତାହା ହିଁ ଲୋକକଳା । ଗ୍ରାମ୍ୟ ଜନଜୀବନର ପ୍ରତିଟି ମୁହୂର୍ତ୍ତରେ ଏହା ପ୍ରତିଫଳିତ ହୋଇଥାଏ । ମାତ୍ର ଆଜି ଏହା ହଜିଯିବାକୁ ବସିଛି । ଫଳରେ ଏହାକୁ ସବୁଦିନ ଉଜ୍ଜୀବିତ ରଖିବାର ଆବଶ୍ୟକତା ରହିଛି । ବରଗଡ଼ ଜିଲା ସଂସ୍କୃତି ବିଭାଗ ପକ୍ଷରୁ ସ୍ଥାନୀୟ ବିଜୁ ପଟ୍ଟନାୟକ ଟାଉନ ହଲରେ ଶୁକ୍ରବାର ଅନୁଷ୍ଠିତ ଜିଲାସ୍ତରୀୟ ଲୋକକଳା ଦିବସ ପାଳନ ଅବସରରେ ଏହା ମତପ୍ରକାଶ ପାଇଛି ।

ଜିଲା ସଂସ୍କୃତି ତଥା ଲୋକ ସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ବଲପୁରୀ ଲୋକକଳା ଉପରେ ସେ କହିଥିଲେ, ସମ୍ବଲପୁରୀ ଭାଷା ଯେଭଳି ମିଠା, ସମ୍ବଲପୁରୀ ଲୋକକଳା ମଧ୍ୟ ସେଭଳି ନିଆରା । ଜିଲାରେ ଏଭଳି ଅନେକ କଳାକାର ଅଛନ୍ତି, ଯେଉଁମାନେ ଲୋକକଳାକୁ ବଞ୍ଚାଇ ରଖିପାରିଛନ୍ତି । ଇତିମଧ୍ୟରେ ଜିଲାର ପ୍ରାୟ ୧୮୦୦ କଳାକାରଙ୍କୁ କଳାକାର ଭତ୍ତା ପାଇଁ ମନୋନୀତ କରାଯାଇଛି। ଜିଲାରେ ଆହୁରି ୨ହଜାରରୁ ଅଧିକ ଏଭଳି କଳାକାର ଅଛନ୍ତି । ଫଳରେ ସେମାନଙ୍କୁ ଚିହ୍ନଟ କରି ରାଜ୍ୟ ସରକାରଙ୍କ କଳାକାର ଭତ୍ତା ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ବିଧାୟକ ଆଚାର୍ଯ୍ୟ ଉପସ୍ଥିତ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ଏବଂ ଜିଲା ସଂସ୍କୃତି ତଥା ଲୋକସମ୍ପର୍କ ଅଧିକାରୀ ଦାଶଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

ସ୍ଥାନୀୟ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ରର ଅଧ୍ୟକ୍ଷ ଡଃ ରବି ନାରାୟଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲୋକକଳାର ସୃଷ୍ଟି ଉପରେ ବିସ୍ତୃତ ଆଲୋକପାତ କରିଥିଲେ । ଲୋକ ଚେତନା ଓ ଲୋକ ମାନସକୁ ନେଇ ସୃଷ୍ଟି ଲୋକକଳାକୁ ବଞ୍ଚାଇ ରଖିବାକୁ ହେଲେ ସମ୍ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ । ସେହିପରି ସମ୍ମାନିତ ଅତିଥି ଜିଲାପାଳ ତ୍ରିପାଠୀ ଲୋକକଳା ମାଧ୍ୟମରେ ସାମାଜିକ କୁସଂସ୍କାର ଦୂରୀକରଣ ଉପରେ ସଚେତନତା ସୃଷ୍ଟି କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ଲୋକକଳାକୁ ଉଜ୍ଜୀବିତ ରଖିବା ପାଇଁ ସରକାରଙ୍କ ଆଭିମୁଖ୍ୟକୁ ସେ ଆଲୋଚନା କରିଥିଲେ ।

ଏହି ଅବସରରେ କଳାକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ତଥା ଜିଲାସ୍ତରୀୟ ଲୋକକଳା ଦିବସରେ କଳା ପ୍ରଦର୍ଶନ ପାଇଁ କଳାକାର ତଥା ସେମାନଙ୍କ ଅନୁଷ୍ଠାନଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ବରପାଲିର ମାନଭଞ୍ଜନ ପଟେଲ, ଜଗନ୍ନାଥ ଭଜନ ମଣ୍ଡଳୀର କରୁଣା ସେଠ, ବରଗଡ଼ର ଦିଲୀପ ସାହୁ, ତବଡ଼ାର ଅଚ୍ୟୁତ ବେହେରା, ଅତାବିରାର ଦୟାନିଧି କୁମ୍ଭାର, ଭଟଲି ନୂଆପାଲିର ରାଜକିଶୋର ଦୁଆନ, ଗାଇସିଲେଟର ଉଗ୍ରସେନ ସାହୁ ଏବଂ ଝାରବନ୍ଧର ଘନଶ୍ୟାମ ନାଗ ପ୍ରମୁଖ ରହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂସ ଅଭିନେତା ଭୁବନେଶ୍ୱର ପଧାନ, ସାହିତ୍ୟିକ ତଥା କବି ମନୋରଞ୍ଜନ ସାହୁ, ହାସ୍ୟାଭିନେତା ବିନ୍ଦୁ ମଲ୍ଲିକ, ମିଳିତ କଳାକାର ମଞ୍ଚର ସଭାପତି ଚୈତନ୍ୟ ପାଇକ, ସମ୍ପାଦକ ଗୋପବନ୍ଧୁ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଆରମ୍ଭରୁ ସ୍ଥାନୀୟ ସଂସ୍କୃତି ଭବନରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ବାହାରି ବିଜୁ ପଟ୍ଟନାୟକ ହଲ୍‌ରେ ପହଞ୍ଚିଥିଲା। ସେଠାରେ ଅଧିଷ୍ଠାତ୍ରୀ ଦେବୀ ସମଲେଶ୍ୱରୀଙ୍କୁ ପୂଜାର୍ଚ୍ଚନା ପରେ ଅତିଥି ତଥା ବକ୍ତାମାନେ ଲୋକକଳା ଦିବସ ଉପରେ ନିଜ ମତ ରଖିଥିଲେ ଏବଂ କଳାକାରମାନେ କଳା ପରିବେଷଣ କରିଥିଲେ।

### ଗାଇସିଲେଟରେ ସୁରେଶ ପୂଜାରୀଙ୍କୁ ସମ୍ବର୍ଦ୍ଧନା

**ଗାଇସିଲେଟ, ୧୪।୬(ଡି.ଏନ.ଏ)**

ଗାଇସିଲେଟ ନିକଟସ୍ଥ କଲଙ୍ଗାପାଲି କଲ୍ୟାଣ ମଣ୍ଡପରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବରଗଡ଼ ଏମ୍‌ପି ସୁରେଶ ପୂଝାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ସେ ଅଙ୍ଗ ନଦୀ ବ୍ରିଜ୍ ପାଖରେ ପହଞ୍ଚିବା ପରେ ଦଳୀୟ କର୍ମୀମାନେ ତାଙ୍କୁ ସ୍ୱାଗତ କରି ସଭାସ୍ଥଳକୁ ପାଛୋଟି ଆଣିଥିଲେ । ଭାଜପା ବରଗଡ ଜିଲା ଉପ ସଭାପତି ପ୍ରବୀଣ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଏମ୍‌ପି ସୁରେଶ ପୂଝାରୀ ମୁଖ୍ୟଅତିଥି, ସନତ ଗଡତିଆ, ସୁରେଶ୍ୱର ଶତପଥି, ସୁଶାନ୍ତ ମିଶ୍ର, ଶକୁନ୍ତଳା ମହାପାତ୍ର, ହଳପାଣି ମାଝୀ, ସସ୍ମିତା ଡନସନା, ଘନଶ୍ୟାମ ସାହୁ, ବିନାୟକ ପ୍ରସାଦ ଗୁରୁ, ପୂର୍ଣ୍ଣାନନ୍ଦ ଠାକୁର, ଝସକେତନ ସାହୁ, ଆଦିକନ୍ଦ ପୁରୋହିତ, ମଦନ ଦୀପ ଓ ଗୌନ୍ତିଆ ଗୋପାଳ ସାହୁ ମଞ୍ଚାସୀନ ଥିଲେ। ଜିଲା ସଭାପତି ଡାଃ ଅରୂପାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ୱ ରକ୍ତଦାତା ଦିବସରେ ୪୩ ୟୁନିଟ୍ ରକ୍ତ ସଂଗ୍ରହ

**ପାଇକମାଲ,୧୪।୬(ଡି.ଏନ.ଏ)**

ପାଇକମାଲର ନୃସିଂହନାଥ ଧର୍ମଶାଳା ପରିସରରେ ମାରୱାଡି ଯୁବମଞ୍ଚ ତରଫରୁ ବିଶ୍ୱ ରକ୍ତଦାତା ଦିବସରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଆୟୋଜିତ ସଭାରେ ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ପାଇକମାଳ ବ୍ଲକ ଅଧ୍ୟକ୍ଷ ଅଲତାପ ମହମ୍ମଦ, ଝାରବନ୍ଧ ବ୍ଲକ ଅଧ୍ୟକ୍ଷ ବିଜୟ ପ୍ରଧାନ, ପାଇକମାଳ ମାରୱାଡି ଯୁବାମଞ୍ଚ ଅଧ୍ୟକ୍ଷ ଡା. କମଳେଶ ଅଗ୍ରୱାଲ, ଉତ୍କଳ ପ୍ରାନ୍ତୀୟ ମାରୱାଡି ଯୁବାମଞ୍ଚ ରକ୍ତଦାନ ସଂଯୋଜକ ନିଲେଶ ଅଗ୍ରୱାଲ, ବଡ ଶତପଥୀ, ସୁଶାନ୍ତ ନାଗ, ଅଶୋକ ଜିନ୍ଦଲ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଚମେଲି ଅଗ୍ରୱାଲ, ସଞ୍ଜୁ ଅଗ୍ରୱାଲ, ସାଗରିକା ସାହୁ ପ୍ରମୁଖ ମହିଳା ରକ୍ତଦାତା ମାନଙ୍କୁ ମୁଖ୍ୟ ଅତିଥି ପ୍ରମାଣପତ୍ର ପ୍ରଦାନକରିଥିଲେ । ଏହି ଶିବିରରେ ୪୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ଗୋପାଳ ଅଗ୍ରଓାଲ ଧନ୍ୟବାଦ ଅର୍ପଣ କରିଥିଲେ ।

### ଅତାବିରା କଲେଜକୁ ୨୫ ଲକ୍ଷ ଟଙ୍କା ସହାୟତା

**ଜାମଟିକ୍ରା, ୧୪।୬ (ଡି.ଏନ.ଏ)**

ବରଗଡ ଜିଲା ଅତାବିରା କଲେଜକୁ ପୂର୍ବତନ ଏମ୍‌ପି ଡକ୍ଟର ପ୍ରଭାସ ସିଂଙ୍କ ଉଦ୍ୟମ କ୍ରମେ ମହାନଦୀ କୋଲ୍ଡ ଫିଲ୍ଡ ଲିମିଟେଡ କଲେଜର ଭିତ୍ତିଭୂମିର ବିକାଶ ନିମନ୍ତେ ୨୫ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିବା ଜଣାଯାଇଛି । ଏହି ସହାୟତା ରାଶିରେ କଲେଜରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଶ୍ରେଣୀ କୋଠରୀ ନିର୍ମାଣ ସହ ଆହୁରି ଉନ୍ନୟନ କାମ କରାଯାଇପାରିବ । ମହାବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ପକ୍ଷରୁ ପୂର୍ବତନ ଏମ୍‌ପି ସିଂ ଏବଂ କୋଲ୍ଡ ଫିଲ୍ଡ ଲିମିଟେଡକୁ କୃତଜ୍ଞତା ଜ୍ଞାପନ କରାଯାଇଛି ।

### ସାପ କାମୁଡ଼ାରେ ଯୁବକ ମୃତ

**ବାଉଁଶୁଣୀ, ୧୪।୬ (ଡି.ଏନ.ଏ)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ଅଁଳାପାଲି ପଞ୍ଚାୟତ ଟାଣକିଲା ଗ୍ରାମରେ ଶେଷଦେବ ଖଟୁଆ (୧୮) ନାମକ ଜଣେ ଯୁବକଙ୍କ ସାପ କାମୁଡାରେ ମୃତ୍ୟୁ ଘଟିଛି । ରାତିରେ ଶୋଇଥିବା ସମୟରେ ତାଙ୍କୁ ଏକ ଚିତି ସାପ କାମୁଡି ଦେଇଥିବା ତାଙ୍କ ପିତା ବସନ୍ତ ଖଟୁଆ କହିଛନ୍ତି । ତାଙ୍କୁ ସୋନପୁର ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ।

### ■ କଲିକତା ତାତି ବରଗଡ଼ରେ

## ଚିକିତ୍ସକ ସଂଘ ଦେଲା ସ୍ମାରକପତ୍ର

**ବରଗଡ଼ ଅଫିସ୍,୧୪।୬**

ପଶ୍ଚିମବଙ୍ଗ ରାଜ୍ୟ କଲିକତାର ଏନଆରଏସ ମେଡ଼ିକାଲ କଲେଜର ଜଣେ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ଭାରତୀୟ ଚିକିତ୍ସକ ସଂଘର ବରଗଡ଼ ଶାଖା ଉଦ୍‌ବେଗ ପ୍ରକାଶ କରିଛି । ଏହି ପରିପ୍ରେକ୍ଷୀରେ ବରଗଡ଼ ଶାଖାର କର୍ମକର୍ତ୍ତା, ସଭ୍ୟବୃନ୍ଦ କଳାବ୍ୟାଜ୍ ପିନ୍ଧି ଦେଶର ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସମସ୍ତ ଡାକ୍ତରଖାନା ଓ ଡାକ୍ତରଙ୍କ ସୁରକ୍ଷା ପାଇଁ କଡ଼ା ଆଇନ ପ୍ରଣୟନ କରିବା ସହିତ କଲିକତା ଘଟଣାର ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ମାରକପତ୍ରରେ ଦାବି କରାଯାଇଛି । ସଂଘର ବରଗଡ଼ ଶାଖା ସଂଯୋଜକ ଡା. ସୁବଳ କିଶୋର କର, ଡା. ପ୍ୟାରୀଲାଲ ତ୍ରିପାଠୀ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ ।



ବରଗଡ଼ ଜିଲାପାଳଙ୍କୁ ଚିକିତ୍ସକ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି ।

## ରାତିସାରା ଅନ୍ଧାରରେ ବରପାଲି ସହର

**ବରପାଲି, ୧୪।୬ (ଡି.ଏନ.ଏ)**

ବରପାଲିରେ ବିଦ୍ୟୁତ ବିଭାଗର ଖେଳ ସହରବାସୀଙ୍କ ପାଇଁ କାଳ ସାଜିଛି । କ୍ରମାଗତ କିଛି ଦିନ ହେଲା ଏଠାରେ ବିଦ୍ୟୁତର ଲୁଚକାଳି ଖେଳ ଏକ ନିତିଦିନିଆ ଘଟଣାରେ ପରିଣତ ହୋଇଛି। ଏହା ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ସପ୍ତାହେ ଧରି ଏଠାରେ ସର୍ବୋଚ୍ଚ ତାପମାତ୍ରା ଥିବାବେଳେ ଗୁରୁବାର ସନ୍ଧ୍ୟାରେ କାଳବୈଶାଖୀ ପ୍ରଭାବ ଅନୁଭୂତ ହୋଇ ଝଡତୋଫାନ ସହ ଅସରାଏ ବର୍ଷା ହୋଇଛି । ଏଭଳି ସ୍ଥିତିରେ ସନ୍ଧ୍ୟା ୬ଟାରୁ ରାତି ୧ଟା ପର୍ଯ୍ୟନ୍ତ ଦୀର୍ଘ ୭ଘଣ୍ଟା ଧରି ବିଦ୍ୟୁତ ସରବରାହ ବାଧାପ୍ରାପ୍ତ ହୋଇଥିଲା । ଫଳରେ ରାତିସାରା ବରପାଲି ସହର ଅନ୍ଧାରରେ ଥିଲା । ଲୋକେ ପ୍ରବଳ ଗରମ, ଗୁଳଗୁଳିରେ ଅସ୍ତବ୍ୟସ୍ତ ହୋଇପଡିଥିଲେ। ବିଦ୍ୟୁତ ସେବା ପ୍ରତି ଆଶୁ ପଦକ୍ଷେପ ନେବାକୁ ଦାବି ହେଉଛି ।

### ■ ଅଭାବ ଅନାଟନ ସବୁଦିନିଆଁ ସଖା

## ନିଶା ଟ୍ରାଫିକ ସଚେତନତା

**ଅତାବିରା, ୧୪।୬ (ଡି.ଏନ.ଏ):**

ଟ୍ରାଫିକ ନିୟନ୍ତ୍ରଣ ଆର ସଚେତନତାର ଲାଗି ରାଏଜ୍ ସରକାର ଫିବଛର କୋଟି କୋଟି ଟଁକା ସାରୁଛନ୍। ହେଲେ ସମସିଆର ସମାଧାନ ହେବାର ଜାଗାରେ ବଢ଼ତେଲ ଯାଉଛେ, ସେ ହିସାବେ ଦୁର୍‌ଘଟନା ବି ବଢ଼ତେଲ ଯାଉଛେ। ହେଲେ ଟ୍ରାଫିକ ସଚେତନତା ସୁରୁଷ୍ଟି କରବାର ଦିଗେ କାମ୍‌କରି ବରଗଡ଼ ଜିଲା ଭେଡ଼େନ ବ୍ଲକ ବୁର୍ଦ୍ଧା ଗାଁର ପଦ୍ମଲୋଚନ ଭୋସାଗର ଅନେକ ପରଶଁସା ସାଉଁଟି ପାରିଛନ୍। ଜିଲା ପରଶାସନନୁ ମୂଳ କରି ଜନପରତିନିଧିମାନେ ତାକର ଇ ସାଧୁ ଉଦିଅମକେ ପରଶଁସା କରିଛନ୍। ୨୦୧୪ ସାଲୁ ପଦ୍ମଲୋଚନ ପଶ୍ଚିମ ଓଡ଼ିଶାର ବରଗଡ଼, ବଲାଙ୍ଗୀର, ସୋନପୁର, ସମ୍ବଲପୁର, ଝାରସୁଗୁଡ଼ା ଜିଲାର ଭିନେ ଭିନେ ଥାନା ଅଂଚଲରେ ଟ୍ରାଫିକ ସଚେତନତା କାର୍ଯ୍‌କରମ କରିଆସୁଛନ୍। ସେ ଝନେ ନିହାତି ଗରିବ ଲୋକ୍, ଜମିବାଡ଼ି ବଲି ବିଶେଷ କିଛି ନାଇଁ। ପରିବାର କହେଲେ ମାଏକିନା ଆର ଗୁଟେ ପୁଓକେ ନେଇ ତାକର ସୁଖର ସଁସାର। ପରିବାରଟା ଅଭାବ ଅନାଟନ ଲାଗି ଗୁଟେ ଝାଟି ମାଟିର କୁରିଆରେ ଜୀବନ୍ ବିତଉଥିଲେ ବି ଆବାସ ଯୋଜନାରେ ପକାଘର ଖଁଡ଼େ ପାଏବାରୁ ବଁଚିତ୍ ହେଇ ରହିଛନ୍। ହେଲେ ଏତେ ସବୁ ଅଭାବ ଅନାଟନ ଭିତରେ ବୁଡ଼ି ରହିଥିଲେ ବି ଟ୍ରାଫିକ ସଚେତନତା ଦିଗେ ପଦ୍ମଲୋଚନ କାମ କରି ଆସୁଛନ୍। ଜନସାଧାରନ, ସ୍କୁଲ, କଲେଜର ଛାତ୍ରୀଛାତ୍ରମାନକୁ ସେ ଟ୍ରାଫିକ ବାବ୍‌ଦେ ସଚେତନ କରୁଛନ୍। ସେ ଓଡ଼ିଶା ଟ୍ରାଫିକ ତାଲିମ ସମିଆରେ ରାଏଜେ ପରଥମ ଠାନ୍ ଦଖଲ କରିଥିଲେ। ତାକର ଇ ମହତ୍ କାର୍ଯ୍ ଲାଗି ସେ ବରଗଡ ଜିଲା ଆରକ୍ଷୀ ଅଧିକ୍ଷକ, ଜିଲାପାଲ, ଆରଟିଓ, ବରଗଡ ଧନୁଯାତ୍‌ରା, ଭେଡ଼େନ ରାମଲୀଲା, ଗୋଡ଼ଭଗା ଦୁର୍ଗାପୂଜା, ସୋହେଲା ଦୁର୍ଗାପୂଜା, ତାଲପାଲି, ନୂଆଗାଁ, ଥୁଆପାଲି ଧନୁଯାତ୍‌ରା, ଅତାବିରା ଦୁର୍ଗାପୂଜାରେ ସନାମନା ହେଇଛନ୍। ସେନ୍‌ତା ୧୫୦ଟା ସ୍କୁଲ, ୫୦ଟା କଲେଜ, ୨୦ଟା ଥାନା ଅଂଚଲରେ ଟ୍ରାଫିକ ସଚେତନତା କାର୍ଯ୍‌କରମ କରିଥିବାର ଭୋସାଗରଙ୍କୁ ପଚରାଲାରୁ କହିଥିଲେ। ଇତାର ବାହାରେ ବିଶ୍ୱ ପରସିଧ୍ ପୁରୀ ରଥଯାତ୍‌ରା ବେଲେ ବଡ଼ଦାଁଡ଼ରେ ବାଇକ ଚାଲକଙ୍କୁଁ ହେଲମେଟ ବେଭାର କରବାର ଉପରେ ସଚେତନ କରି ଚରଚାକେ ଆସିଥିଲେ।



ପଦ୍ମଲୋଚନ ଭୋସାଗର

### ବରଗଡ଼ରେ ବଢ଼ୁଛି ଚୋରି ଓକିଲ ସଂଘ ଅଫିସରୁ ଏସି ତାଡ଼ି ନେଲେ

**ବରଗଡ଼ ଅଫିସ୍,୧୪।୬**

ବରଗଡ଼ ସହରରେ ଚୋରଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି । ନିୟମିତ ଗୋଟିଏ ପରେ ଗୋଟିଏ ଚୋରି ଘଟଣା ପୋଲିସର ନିଦ ହଜାଇ ଦେଇଛି । ଅନ୍ୟପଟେ ରାତ୍ରିକାଳୀନ ପୋଲିସ ପାଟ୍ରୋଲିଂର ଅପାରଗତା ମଧ୍ୟ ପଦାରେ ପଡ଼ି ଯାଇଛି । ଗୁରୁବାର ବିଳମ୍ବିତ ରାତ୍ରିରେ ପୁରୁଣା କଚେରୀ ତଥା ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ରହିଥିବା ବରଗଡ଼ ଜିଲା ଓକିଲ ସଂଘ ଅଫିସରୁ ଚୋରମାନେ କବାଟ ତାଡି ସେଠାରେ ଲାଗିଥିବା ଏସି, ଇନଭର୍ଟର, ଷ୍ଟାବିଲାଇଜର ଆଦି ଚୋରି କରି ନେଇଛନ୍ତି । ଏ ନେଇ ଓକିଲ ସଂଘର ସମ୍ପାଦକ ହେମନ୍ତ କୁମାର ପୁରୋହିତ ବରଗଡ଼ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ତନାଘନା ଆରମ୍ଭ କରିଛି । ଏସଡ଼ିପିଓ କ୍ଷୀରସାଗର ନାଏକ, ଏସଆଇ ସନୟ କୁମାର ନାଏକ ପ୍ରମୁଖ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଚଳାଇଛନ୍ତି । ତେବେ ଉପଜିଲାପାଳ ଅଫିସ ପରିସରରେ ଲାଗିଥିବା ସିସିଟିଭିରୁ ଏକ ଫୁଟେଜ ମିଳିଥିବାରୁ ଚୋରମାନଙ୍କୁ ଧରିବାରେ ତାହା ସହାୟକ ହେବ ବୋଲି ଆଶା କରାଯାଉଛି । ଓକିଲ ସଂଘ ଅଫିସରେ ୨ଟି ଏସି ଲାଗିଥିବାବେଳେ ଗୋଟିଏ ଅଚଳ ରହିଥିଲା । ତେବେ ଚୋରମାନେ ଅଚଳ ଏସିକୁ ନ ନେଇ କାର୍ଯ୍ୟକ୍ଷମ ଏସିକୁ ଚୋରି କରି ନେଇଛନ୍ତି। ସେହି ରାତ୍ରିରେ ମିନି ଷ୍ଟାଡ଼ିୟମ ପଛପଟ ଏକ ଘରୁ ମଧ୍ୟ ଚୋରି ଉଦ୍ୟମ ହୋଇଛି ।

### ■ ଆସୁନାହାନ୍ତି ମିଲର୍ସ

## ମଣ୍ଡିରେ ପଡ଼ିଛି ଧାନ, ଚାଷୀ ଚିନ୍ତିତ

**ମନମୁଣ୍ଡା, ୧୪।୬ (ଡି.ଏନ.ଏ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଯୋଗୀନ୍ଦ୍ରପୁର ସମବାୟ ସମିତିଅଧୀନ ମଣ୍ଡିରେ ଶତାଧିକ ଧାନବସ୍ତା ପଡି ରହିଥିବା ବେଳେ ମିଲର୍ସଙ୍କ ଦେଖାନାହିଁ। ଫଳରେ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଆଜିକୁ ୫ ଦିନ ହେବ ଚାଷୀ ଦଣ୍ଡଧାରୀ ପ୍ରଧାନଙ୍କ ୧୨୨ ବସ୍ତା, ନୀଳକଣ୍ଠ ପ୍ରଧାନଙ୍କ ୧୦୦, ବରଥ ପ୍ରଧାନଙ୍କ ୧୨୪, ସନ୍ତୋଷ ନାୟକଙ୍କ ୧୬୬, ହରି ହରିପାଲଙ୍କ ୨୦୦, ପ୍ରଫୁଲ୍ଲ ନାୟକଙ୍କ ୧୦୦ବସ୍ତା ସମେତ ଆହୁରି ଅନେକ ଚାଷୀଙ୍କ ପ୍ରାୟ ୧୦୦୦ ବସ୍ତା ଧାନ ମଣ୍ଡିରେ ପଡିରହିଛି । ମିଲର୍ସମାନଙ୍କୁ ପ୍ୟାକ୍ସ ସମ୍ପାଦକ, ସଭାପତି ବାରମ୍ବାର ଖବର ଦେବା ସତ୍ତ୍ୱେ ସେମାନେ ଆସୁନାହାନ୍ତି। ଫଳରେ ଚାଷୀମାନେ ପ୍ରବଳ ଗରମ ସତ୍ତ୍ୱେ ଅନନ୍ୟୋପାୟ ହୋଇ ଧାନକୁ ଦିନରାତି ଜଗି ରହୁଛନ୍ତି। ଗୁରୁବାର କାଳବୈଶାଖୀ ସହ ବର୍ଷା ହେବାରୁ ଚାଷୀମାନେ ଯେନତେନ ପ୍ରକାରେ ତାରପୋଲିନ ଆଣି ଧାନ ବସ୍ତାକୁ ଢ଼ାଙ୍କି ରକ୍ଷା କରିଥିଲେ । ତଥାପି ତଳଆଡୁ ବର୍ଷା ପାଣିରେ ଧାନ ବସ୍ତା ଭିଜି ଯାଇଥିବା ଜାଣିବାକୁ ମିଳିଛି । ମଣ୍ଡିରେ ଧାନ ପଡିରହିଥିବାରୁ ଚାଷୀମାନେ ନା ବିଲକୁ ଯାଇପାରୁଛନ୍ତି ନା କୌଣସି କାମ କରିପାରୁଛନ୍ତି । ଏହାକୁ ନେଇ ସେମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି । ମୌସୁମୀ ବର୍ଷା ନିକଟତର ହୋଇ ଆସୁଥିବା ବେଳେ ଖରିଫ ଚାଷ ପାଇଁ ଚାଷୀମାନେ ଜମି ପ୍ରସ୍ତୁତ କରିବା କଥା। ସେମାନଙ୍କ ହାତରେ ଟଙ୍କା ନାହିଁ। କଷ୍ଟ ଉପାର୍ଜିତ ରବି ଫସଲ ବିକ୍ରି କଲା ପରେ ସେହି ଟଙ୍କାରେ ଖରିଫ ଚାଷ କରିବେ । ପ୍ରଶାସନର ଅବହେଳା ଯୋଗୁ ସେମାନେ ଧାନ ବିକ୍ରି କରି ପାରୁନାହାନ୍ତି। ପ୍ରଶାସନ ତୁରନ୍ତ ମଣ୍ଡିରୁ ଧାନ ଉଠାଇବାକୁ ଦାବି ହେଉଛି । ଏ ସମ୍ପର୍କରେ ପ୍ୟାକ୍ସ ସମ୍ପାଦକଙ୍କ ପ୍ରତିକ୍ରିୟା ଜଣାପଡିନାହିଁ ।



ମଣ୍ଡିରେ ପଡ଼ିଥିବା ଧାନକୁ ଚାଷୀ ଜଗିଛନ୍ତି।



ପ୍ରାତଃ କାଳରେ ଦୀର୍ଘ ସମୟ ପ୍ରାର୍ଥନାରେ ବସି ସୁଦ୍ଧା ଦିବସଯାକ ମିଥ୍ୟା, ହିଂସା ଓ କୃପାର ବଶବର୍ତ୍ତୀ ହେବା ବ୍ୟକ୍ତି ପ୍ରଭୁଭକ୍ତ ହୋଇପାରେ ନାହିଁ।
- ସାମବେଦ



## ସଂକ୍ଷେପରେ



### ପଲିଥିନରେ ପୋତି ହୋଇଯାଉଛି ଜଳାଶୟ

**ରିଷିଡା,୧୪।୬ (ଡି.ଏନ.ଏ.)**- ସମ୍ପ୍ରତି ପଲିଥିନର ବ୍ୟବହାର ଏବଂ ଏହାର କୁପ୍ରଭାବ ପରିବେଶ ଉପରେ ପଡୁଛି। ଏଠାରେ ଥିବା ବିଭିନ୍ନ ଜଳାଶୟରେ ପଲିଥିନ, ସ୍ୟାମ୍ପୁ, ସର୍ଫ, ସାବୁନରେ ବ୍ୟବହାର କରୁଥିବା ପଲିଥିନ ଜଳାଶୟରେ ପୋତି ହୋଇପଡୁଛି। ପଲିଥିନ ପୋତି ହୋଇ ଯାଉଥିବାରୁ ଆଉ ଭୂତଳକୁ ଜଳ ପ୍ରବେଶ କରିପାରୁ ନାହିଁ । ଫଳରେ ଏଠାରେ ଭୂତଳ ଜଳସ୍ତର ହ୍ରାସ ହେବାରେ ଲାଗିଛି। ଦିନକୁଦିନ ଏହାର ବହୁଳ ବ୍ୟବହାର ମଣିଷକୁ ହାନି କରୁଛି ।

## ବୌଦ୍ଧରେ ଜିଲାସ୍ତରୀୟ ଲୋକକଳା ଦିବସ ପାଳିତ

# ଲୋକକଳାର ବିକାଶରେ ଦେଶର ବିକାଶ ସମ୍ଭବ

**ବୌଦ୍ଧ,୧୪।୬(ସ୍ୱ.ପ୍ର)**

ବୌଦ୍ଧରେ ଜିଲାସ୍ତରୀୟ ଲୋକକଳା ଦିବସ ଶୁକ୍ରବାର ମହାସମାରୋହରେ ପାଳିତ ହୋଇଯାଇଛି । ଜିଲା ସଂସ୍କୃତି ପରିଷଦ, ଜିଲା କଳା ସଂସ୍କୃତି ସଂଘ ଓ ଜିଲା ପ୍ରଶାସନ ପକ୍ଷରୁ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ତିନୋଟି ବ୍ଲକର କଳାକାରମାନଙ୍କୁ ନେଇ ଏକ ସାଂସ୍କୃତିକ ଶୋଭାଯାତ୍ରା ବୁଦ୍ଧ ମନ୍ଦିର ଠାରୁ ବାହାରି ସହର ପରିକ୍ରମା କରିବା ପରେ ଟାଉନହଲରେ ପହଞ୍ଚିଥିଲା । ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଟାଉନହଲ ଠାରେ ଆୟୋଜିତ ଆଲୋଚନା ସଭାରେ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ



ଜିଲାସ୍ତରୀୟ ଲୋକକଳା ଦିବସ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

ସୂର୍ଯ୍ୟ ନାରାୟଣ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଲୋକକଳା ଓ ସଂସ୍କୃତିର ବିକାଶରେ ଦେଶର ବିକାଶ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ । ସେ ବିଭିନ୍ନ ଉଦାହାରଣ ଦେଇ ଆମ ଦେଶର ଲୋକକଳା, ସଂସ୍କୃତି ଓ ପରମ୍ପରା ଶ୍ରେଷ୍ଠ । ଆମ ପରିବାର ଠାରୁ ଆରମ୍ଭ ହୋଇ ଗାଁ ଓ ସହରରେ ଏହାର ଝଲକ ଦେଖିବାକୁ ମିଳେ ବୋଲି ପ୍ରକାଶ କରିଥିଲେ । ଜିଲା କଳା ସଂସ୍କୃତି ସଂଘ ଉପସଭାପତି ଦିବ୍ୟଶଙ୍କର ରାଉତ ଅନ୍ୟତମ ଅତିଥି ଭାବେ ଯୋଗଦେଇ ବୌଦ୍ଧ ଜିଲାର କଳା ଓ ସଂସ୍କୃତି ବିକାଶର ଚିତ୍ର ଉପସ୍ଥାପନ କରିବା ସହିତ କଳାକାରମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ମଧ୍ୟ ଆଲୋକପାତ କରିଥିଲେ । ଜିଲା ସଂସ୍କୃତି ଅଧିକାରୀ ଶିଶିର କୁମାର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ଏହି ଅବସରରେ ଜିଲାର ଶ୍ରେଷ୍ଠ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନୃତ୍ୟଗୁରୁ ଗୋପାଳ କୃଷ୍ଣ ବେହେରାଙ୍କ ସଂଯୋଜନାରେ କଳାକାରମାନେ ସେମାନଙ୍କ କଳାନୈପୁଣ୍ୟ ପ୍ରଦର୍ଶନ କରିଥିଲେ ।

## ଓଲଟିଲା କାର୍

**କୋକସରା,୧୪।୬(ଡି.ଏନ.ଏ.)**

କୋକସରା ବ୍ଲକ ଆମପାଣି ଥାନା କାଉଡୋଲା-ମହାଜନଗୁଡା ୨୬ ନଂ. ଜାତୀୟ ରାଜପଥରେ ଏକ କାର ଭାରସାମ୍ୟ ହରାଇ ଓଲଟି ପଡିଛି । ଗୋଟିଏ ପରିବାରର ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଶିଶୁ ଥିବା ଜଣାପଡିଛି। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ପଠାଯାଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ସୁଇପ୍ ଡିଜାର କାର୍ (ନଂ.ଓଡି୦୨ଏକ୍ୟୁ-୭୫୦୫)ରେ ଧର୍ମଗଡ ଥାନା ଏଏସ୍‌ଆଇ ମୋରାର୍‌ଜି ଭୋଇ ତାଙ୍କ ସ୍ତ୍ରୀ ସାରଦା ସା (୪୦), ଧିରଜ ଭୋଇ (୭) ଓ ସନା ଭୋଇ (୧୧) ଭବାନୀପାଟଣାରୁ ଆମପାଣି ଆସୁଥିଲେ। କାଉଡୋଲା ଓ ମହାଜନଗୁଡା ରାସ୍ତା ମଝିରେ ଭାରସାମ୍ୟ ହରାଇ କାରଟି ରାସ୍ତା ତଳକୁ ଖସିପଡ଼ି ଓଲଟି ପଡିଥିଲା। ରାସ୍ତାରେ ଯିବାଆସିବା କରୁଥିବା ଲୋକେ ଦୁର୍ଘଟଣାଗ୍ରସ୍ତ ପରିବାରଙ୍କୁ ସେଠାରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କୋକସରା ଡାକ୍ତରଖାନାକୁ ପଠାଇଥିଲେ।

## ସାତ୍‌ସପନ ହେଇଛେ ସରକାରୀ ସାହାଯ୍

# ରୋଗ୍‌ରେ ଯୁଝୁଛନ୍ କୁଟୁମବସିଆ

**ବିନିକା,୧୪।୬(ଡି.ଏନ୍.ଏ):**

ସୁବର୍ଣ୍ଣପୁର ଜିଲା ବିନିକା ଏନ୍‌ଏସି ୱାର୍ଡ ନଂ.୧ର ବାସିନ୍ଦା ବେଣୁଧର ଜାଲ(୮୦)। ପରିବାର କହେଲେ ଛାର୍‌ରି ଝିଁ ରାହି(୪୮) ଆର ମାନସିକ୍ ରୋଗ୍‌ରେ ପୀଡ଼ିତ ପୁଓ ଫକିର(୫୫)।୩ ବଛର ଆଗ୍‌ରୁ ବେଣୁଧରକଁର ମାଏକିନା ଅଜନା ରୋଗ୍‌ରେ ପଡ଼ି ଆରପାରକେ ଚାଲିଯାଇଥିଲାବେଲେ ଏହେଦେ ନିଜେ ଅଜନା ରୋଗ୍‌ରେ ଖଟେ ପଡ଼ିଛନ୍। ଆଗ୍‌ରୁ ବେଣୁଧର କୁଲିମଜୁରି କରି କୁଟୁମ ପୁଷୁଥିଲେ, ହେଲେ ସେ ରୋଗ୍‌ରେ ପଡ଼ଲା ଦିନୁ ପରିବାରର ବୋଝ୍ ଝିଁ ରାହି ଉପରେ ରହିଛେ। ଆଏଜ୍‌କେ ୨୦ ବଛର ଆଗ୍‌ରୁ ରହି ବିହା ହେଇଥିଲେ। ହେଲେ କେହେନ୍‌ସି କାରନ୍‌ରୁ ତାକର ଆପନେ ତାହାକୁ ବାପ୍ ଘରେ ଛାଡ଼ି ଦେଇଥିଲେ। ସେଦିନ୍‌ଠାନୁ ରାହି ବାପର ଆଶ୍‌ରେ ବଁଚୁଥିଲେ। ହେଲେ ଏହେଦେ ସେ କେହେନ୍‌ସି କାରନ୍‌ରୁ ଭଏଁରି ହେଇଯାଇଛନ୍। ସେନ୍‌ତା ଭାଇ ଫକିର ମାଟ୍ରିକ ଫେଲ ହେଲା ଉତାରୁ ମାନସିକ୍ ରୋଗ୍‌ରେ ପଡ଼ିଛନ୍। ପରିବାରଟା ନିହାତି ଗରିବ୍ ହେଇଥିଲାବେଲେ ଚିକିତ୍ସା ଅଭାବୁ ସଭେ ନିଜର ନିଜର ଭାଏଗ୍‌କେ ଆଦ୍‌ରି ରୋଗ୍ ସଂଗେ ଯୁଝୁଛନ୍। ବେଣୁଧରକଁର ସଁପତି କହେଲେ ଝାଟି ମାଟିର କୁରିଆଟେ। ଇଆଡ଼େ ସରକାରୀ ସାହାଯ୍ କହେଲେ ପରିବାରକେ ମାସିକ ମିଲୁଥିବାର ୩୫ କେ.ଜି. ଚାଉଲ। ବାକି ସବୁପରକାର ସରକାରୀ ଯୋଜନାରୁ ପରିବାରଟା ବଁଚିତ୍ ହେଇ ରହିଛେ। ଇ ପରିବାରର ଦୁଖ୍ ଦୁରଦଶା, ସରକାରୀ ସାହାଯ୍ ବାବ୍‌ଦେ ବିନିକା ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଖିରାମ ନାଏକଙ୍କୁ ପଚରାଲାରୁ ଯେତେ ଜଲଦି ହେବା ଇ ପରିବାରକେ ଆବାସ ଯୋଜନାରେ ସାମିଲ କରାଯିବା ଆର ବାଦ୍ ପଡ଼ିଥିବାର ସବୁ ସରକାରୀ ଯୋଜନାରେ ସାମିଲ କରବାର ଦିଗେ ପଦକ୍ଷେପ ନିଆଯିବା ବଲି କହିଥିଲେ।


ବାପା ବେଣୁଧରକଁର ଗୋଡ଼ ରଗ୍‌ଡୁଛନ୍ ଝିଁ ରାହି।

# ବୌଦ୍ଧରେ ବିଶ୍ୱ ରକ୍ତଦାତା ଦିବସ



ରକ୍ତଦାତା ଦିବସ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ ।

**ବୌଦ୍ଧ,୧୪।୬(ସ୍ୱ.ପ୍ର)**

ବୌଦ୍ଧରେ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଛି । ବୌଦ୍ଧ ରକ୍ତଭଣ୍ଡାର ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ଅବସରରେ ସକାଳୁ ରକ୍ତଦାତାମାନଙ୍କର ଏକ ସଚେତନତା ବାଇକ୍ ଶୋଭାଯାତ୍ରାକୁ ରକ୍ତଭଣ୍ଡାର ଅଧିକାରୀ ଡ. ମଳୟ କୁମାର ସାହୁ ଉଦ୍‌ଘାଟନ କରିଥିଲେ । ଏହି ଶୋଭାଯାତ୍ରା ବୌଦ୍ଧ ସହର ପରିକ୍ରମା କରି ରକ୍ତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲା । ପରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ସଚେତନତା ସଭାରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ରକ୍ତଦାନର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଅନ୍ୟତମ ଅତିଥି ଭାବେ ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡ. କିଶୋର ଚନ୍ଦ୍ର ପଟ୍ଟନାୟକ, ରକ୍ତଭଣ୍ଡାର ଅଧିକାରୀ ଡ. ମଳୟ କୁମାର ସାହ ଓ ଯୁବ ରେଡକ୍ରସର ସମ୍ପାଦକ ପ୍ରବୀର କୁମାର ଦାସ ପ୍ରମୁଖ ଯୋଗଦେଇ ରକ୍ତଦାନ ଜୀବନର ଶ୍ରେଷ୍ଠଦାନ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ଜିଲାରେ ରକ୍ତଦାନ ଶିବିର ଅୟୋଜନ କରୁଥିବା ୧୦ଟି ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାବ୍ୟତୀତ ସର୍ବାଧିକ ଥର ରକ୍ତଦାନ କରିଥିବା ଜୟନାରାୟଣ ମହାନ୍ତି, ଇଂ. ସଞ୍ଜୟ କୁମାର ପଣ୍ଡା, ସୁଶାନ୍ତ କୁମାର ମହାପାତ୍ର, ଦେବାଶିଷ ପୁରୋହିତ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରକ୍ତଦାତା ପ୍ରବର୍ତ୍ତକ ସଂଘର ସଭାପତି ଅଧ୍ୟାପକ ପ୍ରବୀର କୁମାର ଦାସ, ସମ୍ପାଦକ ଦେବାଶିଷ ପୁରୋହିତ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ଅବସରରେ ଆୟୋଜିତ ରକ୍ତଦାନ ଶିବିରରେ ୩୦ ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ ।

# ଅଳ୍ପକେ ବର୍ତ୍ତିଲେ ପରିବାରବର୍ଗ

**ଜୁନାଗଡ,୧୪।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର କେତେକ ସ୍ଥାନରେ ଶୁକ୍ରବାର ଅପରାହ୍ଣରେ କାଳବୈଶାଖୀ ହୋଇଥିଲା। ଏହାର ପ୍ରଭାବରେ ଜୋରରେ ପବନ ସହ ବର୍ଷା ହୋଇଥିଲା। ଜୋରରେ ପବନ ବୋହିବା ଯୋଗୁ ବ୍ଲକର ସନ୍ୟାସୀ କୁଣ୍ଡାମାଲ ଗ୍ରାମର ସୁନୀଲ ଅଧିକାରୀଙ୍କ ଘର ଉପରେ ହଠାତ ୨ଟି ଗଛ ଭାଙ୍ଗିପଡିଥିଲା। ତେବେ ଅଳ୍ପକେ ତାଙ୍କ ପରିବାର ମୃତ୍ୟୁ ମୁଖରୁ ବର୍ତ୍ତିଯାଇଛନ୍ତି। ପ୍ରବଳ ପବନ ଯୋଗୁ ଅନେକ ଗଛ ଭାଙ୍ଗିପଡିଥିବା ଜଣାପଡିଛି। ଫଳରେ ଅଞ୍ଚଳର କିଛି ସ୍ଥାନରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ଜଣାପଡିଛି।

# ଟ୍ରେନିଂ ପାର୍ଟନର ଭାବେ ବିକାଶ ଅନୁମୋଦିତ



ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଅନୁମୋଦନ ପତ୍ର ଗ୍ରହଣ କରୁଛନ୍ତି ।

**ବରଗଡ଼ ଅଫିସ୍,୧୪।୬**

ଭାରତ ସରକାରଙ୍କ ସ୍କିଲ ଇଣ୍ଡିଆ ମନ୍ତ୍ରଣାଳୟ ଅନ୍ତର୍ଗତ ନ୍ୟାଶନାଲ ସ୍କିଲ ଡେଭଲପମେଣ୍ଟ କର୍ପୋରେଶନ, ଦାଶରୀ ବୀର ରାଜୁ ଓ ଗୁନ୍ନମ ରାମଚନ୍ଦ୍ର ରାଓ ମେମୋରିଆଲ ଟ୍ରଷ୍ଟକୁ ନିଜର ସ୍କିଲ ଟ୍ରେନର ପାର୍ଟନର ଭାବେ ଅନୁମୋଦନ ପ୍ରଦାନ କରିଛନ୍ତି ବୋଲି ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ସୂଚନା ଦେଇଛନ୍ତି । ନୂଆଦିଲ୍ଲୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ଅଧ୍ୟକ୍ଷ ଇଂ ଅଜୟ ମହାପାତ୍ର ଏହି ଅନୁମୋଦନ ପତ୍ର ଗ୍ରହଣ କରିଛନ୍ତି । ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ ଏବଂ ଡାଇରେକ୍ଟର(ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ପରିଚାଳନା ବୋର୍ଡ଼ ଏହି ସ୍କିଲ ପାର୍ଟନରସିପ୍ ପ୍ରୋଗ୍ରାମକୁ ପରିଚାଳନା କରିବ । କନଷ୍ଟ୍ରକ୍ସନ ଫିଟର, ଫେବ୍ରିକେଶନ ସୁପରଭାଇଜର, ସେଲ୍ସ ଏକ୍ସିକ୍ୟୁଟିଭ, ଏକାଉଣ୍ଟ ଏକ୍ସିକ୍ୟୁଟିଭ, ଡେଣ୍ଟାଲ ଆସିଷ୍ଟାଣ୍ଟ, ଆନେସ୍ଥେସିଆ ଟେକ୍ନିସିଆନ, ଏକ୍ସରେ ଟେକ୍ନିସିଆନ, ୱେବ ଡେଭଲପର୍, ହାର୍ଡ଼ୱେର ଇଞ୍ଜିନିୟର, ସିକ୍ୟୁରିଟି ଆନାଲିଷ୍ଟ, ବ୍ୟୁଟି ଆଡ଼ଭାଇଜର ଆଦି କ୍ଷେତ୍ରରେ ଦକ୍ଷତା ବିକାଶ ଟ୍ରେନିଂ ଦିଆଯାଇ ପାରିବ ବୋଲି ସୂଚନା ଦିଆଯାଇଛି। ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ସ୍କିଲ ଟ୍ରେନିଂ ମାଧ୍ୟମରେ ବିକାଶ ପଶ୍ଚିମଓଡ଼ିଶାର ଯୁବତୀ ଯୁବକଙ୍କୁ ଦକ୍ଷତା ବୃଦ୍ଧି କରି ପାରିବ ବୋଲି ଆଶାବ୍ୟକ୍ତ କରିଛନ୍ତି । ଏଥିପାଇଁ ସେ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜି, ବିକାଶ ପଲିଟେକ୍ନିକ, ବିକାଶ ଡିଗ୍ରୀ କଲେଜ, ବିକାଶ ସ୍କୁଲ ଅଫ୍ ବିଜନେସ ମ୍ୟାନେଜମେଣ୍ଟକୁ ଅଭିନନ୍ଦନ ଜଣାଇ ଭବିଷ୍ୟତରେ ଏହି ଅନୁଷ୍ଠାନ ଗୁଡ଼ିକ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି କରି ନିଯୁକ୍ତିଯୋଗ୍ୟ ଗ୍ରାଜୁଏଟ୍ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି ।

## ଶ୍ରେଣୀଗୃହକୁ ଲାଗି ପାଇଖାନା ଟାଙ୍କି ନିର୍ମାଣ ଅଭିଯୋଗ

**ରିଷିଡା,୧୪।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ରିଷିଡା ସରକାରୀ ଉଚ୍ଚ ବିଦ୍ୟାଳୟର ଶ୍ରେଣୀ ଗୃହକୁ ଲାଗି ଜଣେ ବ୍ୟକ୍ତି ପାଇଖାନା ଟାଙ୍କି ନିର୍ମାଣ କରୁଛନ୍ତି। ଏ ନେଇ ରିଷିଡା ପୋଲିସରେ ଅଭିଯୋଗ ହୋଇଛି । ଉକ୍ତ ବିଦ୍ୟାଳୟର ସ୍ଥାନରେ ଏହି ଟାଙ୍କି ନିର୍ମାଣ କରାଯାଇଥିବା ଅଭିଯୋଗ କରାଯାଇଛି। ଏଠାରେ ସରକାରୀ ଆଇନର ଉଲ୍ଲଂଘନ କରାଯାଇଥିବା ନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ରିଷିଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି । ଏ ନେଇ ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ତହସିଲଦାରଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରାଯାଇଛି । ପୋଲିସ ଘଟଣାକୁ ତଦନ୍ତ କରୁଛି ।

# କାଳବୈଶାଖୀରେ ଘର ଭାଙ୍ଗିଲା

**ମନମୁଣ୍ଡା, ୧୪।୬ (ଡି.ଏନ.ଏ)**

କନ୍ଧମାଳ ବ୍ଲକ ଶିମିଳିପଦର, ସିନ୍ଦୁରପୁର ସମେତ ଅନେକ ଗ୍ରାମରେ ଗୁରୁବାର ସନ୍ଧ୍ୟା ହୋଇଥିବା କାଳବୈଶାଖୀରେ ବହୁ ଘର ଭାଙ୍ଗି ଯାଇଛି । ଶିମିଳିପଦରର ଦଫେ ବାଘଙ୍କ ନୂତନ ଘରର ଟିଣ ଛାଉଣୀ ସମ୍ପୂର୍ଣ୍ଣ ଓଲଟି ପଡିଛି । ତେବେ ପରିବାର ଲୋକେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ସେହିପରି ଉକ୍ତ ଗ୍ରାମର କେତକୀ ସୁନା, ମାଳତୀ ବଣ୍ଡକି, ମୀନକେତନ କ୍ଷେତି, ସିନ୍ଦୁରପୁରର ଲିଙ୍ଗରାଜ ରାଜହଂସ ପ୍ରମୁଖଙ୍କ ଘର ଛପର ସବୁ ଉଡି ଯାଇଛି। ଝଡତୋଫାନ ପରେ ପ୍ରବଳ ବର୍ଷା ହେବାରୁ ସେମାନଙ୍କ ଧାନ ଚାଉଳ ଏବଂ ଅନ୍ୟାନ୍ୟ ଆସବାବପତ୍ର ସବୁ ଓଦା ହୋଇଯାଇଛି । ବର୍ତ୍ତମାନ ସେମାନେ ସମସ୍ତେ ଖୋଲା ଆକାଶ ତଳେ ପଡି ରହିଛନ୍ତି । ସେମାନଙ୍କୁ ତାରପୋଲିନ ଯୋଗାଇ ଦେବାକୁ ଶୁକ୍ରବାର ସକାଳେ ସାମାଜିକ କର୍ମୀ କୃପାସିନ୍ଧୁ ସୁନା କନ୍ଧମାଳ ତହସିଲଦାର ବନ୍ଦନା ଖଟୁଆଙ୍କୁ ଜଣାଇଥିଲେ । ତହସିଲଦାର କ୍ଷତିଗ୍ରସ୍ତଙ୍କୁ ତାରପୋଲିନ ଦେବାକୁ ପରା ଆରଆଇଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।


କାଳବୈଶାଖୀରେ ଘର ଛପର ଉଡିଯାଇଛି ।

## କଲିକତାରେ ଡାକ୍ତରଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ

# ବିକାଶ ହସ୍‌ପିଟାଲର ଡାକ୍ତର କଳାବ୍ୟାଜ ପିନ୍ଧିଲେ

**ବରଗଡ଼ ଅଫିସ୍,୧୪।୬**

କଲିକତାର ଏକ ମେଡ଼ିକାଲ କଲେଜରେ କର୍ତ୍ତବ୍ୟରତ ଜଣେ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ସର୍ବଭାରତୀୟ ଡାକ୍ତର ସଂଘ ଉଦ୍‌ବେଗ ପ୍ରକାଶ କରିଛି। ସର୍ବଭାରତୀୟ ଡାକ୍ତର ସଂଘର ଆହୂତ ପ୍ରତିବାଦ କାର୍ଯ୍ୟକ୍ରମରେ ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ବିକାଶ ମଲ୍ଟି ସ୍ପେଶାଲିଟି ହସ୍‌ପିଟାଲ ମଧ୍ୟ ସାମିଲ ହୋଇଛି । ଶୁକ୍ରବାର ଏହି ହସ୍‌ପିଟାଲର ଡାକ୍ତରମାନେ କଳାବ୍ୟାଜ ପିନ୍ଧି କଲିକତାରେ ଡାକ୍ତରଙ୍କୁ ଆକ୍ରମଣ ଘଟଣାର ପ୍ରତିବାଦ କରିଥିଲେ । ସେହିପରି ଡାକ୍ତରଙ୍କ ସୁରକ୍ଷା ନେଇ କେନ୍ଦ୍ରସ୍ତରରେ ଏକ ଆଇନ ପ୍ରଣୟନ କରିବାକୁ ସେମାନେ ଦାବି କରିଥିଲେ । ବିକାଶ ମଲ୍ଟି ସ୍ପେଶାଲିଟି ହସପିଟାଲର ଡାଇରେକ୍ଟର ଡା. ହିମାଂଶୁ ଶେଖର ମିଶ୍ର, କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ସିଏଚ୍ ରବି କୁମାରଙ୍କ ସମେତ ସମସ୍ତ ଡାକ୍ତର ଏହି ପ୍ରତିବାଦରେ ଅଂଶଗ୍ରହଣ କରିଥିଲେ ।



ବିକାଶ ହସପିଟାଲର ଡାକ୍ତରମାନେ କଳାବ୍ୟାଜ ପିନ୍ଧିଛନ୍ତି ।

# ଆଇଆଇଟି ଜେଇଇ ଆଡ଼ଭାନ୍ସଡରେ ବିକାଶର ସଫଳତା


ଅଭିଷେକ ବିଶ୍ୱାସ


ଆଶିଷ ଜାଙ୍ଗଡ଼େ


ଭବ୍ୟନ ସହୟତା


ଚିନ୍ମୟ କୁମାର ଶିଆଳ


ଡି. ଅଭୟ କୁମାର


ନୟନ ଡୁଙ୍ଗଡୁଙ୍ଗ୍

**ବରଗଡ଼ ଅଫିସ୍,୧୪।୬**

ଚଳିତ ଶିକ୍ଷାବର୍ଷର ସଦ୍ୟ ପ୍ରକାଶିତ ସର୍ବଭାରତୀୟ ଆଇଆଇଟି ଜେଇଇ (ଆଡଭାନ୍ସଡ୍) ପ୍ରବେଶିକା ପରୀକ୍ଷା ୨୦୧୯ରେ ବିକାଶ ଆବାସିକ ସ୍କୁଲ, ବରଗଡ଼ର ସିବିଏସଇ ଦ୍ୱାଦଶ ବିଜ୍ଞାନ ଶ୍ରେଣୀର ୩ଜଣ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବରଗଡ଼ର ଜଣେ ଏବଂ ବିକାଶ ଦି କନସେପ୍ଟ ସ୍କୁଲ, ସମ୍ବଲପୁରର ଜଣେ ଛାତ୍ର ସେମାନଙ୍କ ପ୍ରଥମ ପ୍ରୟାସରେ ସଫଳ ହୋଇଛନ୍ତି । ଆଇଆଇଟି ଜେଇଇ (ଆଡଭାନ୍ସଡ୍) ପ୍ରବେଶିକା ପରୀକ୍ଷାରେ ବିକାଶ ଆବାସିକ ସ୍କୁଲ, ବରଗଡ଼ର ଭବ୍ୟନ ସହାୟତା ସର୍ବଭାରତୀୟ ସାଧାରଣ ବର୍ଗରେ ୨୩୬୧୩, ଏସସି ବର୍ଗରେ ଆଶିଷ ଜାଙ୍ଗଡ଼େ ୩୦୨୫, ଅଭିଷେକ ବିଶ୍ୱାସ ୩୨୧୬, ଚିନ୍ମୟ କୁମାର ଶିଆଳ ୬୯୫, ବିକାଶ ଆବାସିକ ବିଦ୍ୟାଳୟ ଭୁବନେଶ୍ୱର ଶାଖାର ଡି. ଅଭୟ କୁମାର ଏସସି ବର୍ଗରେ ୩୨୧୫ ଏବଂ ବିକାଶ ଦି କନସେପ୍ଟ ସ୍କୁଲ, ସମ୍ବଲପୁରର ନୟନ ଡୁଙ୍ଗଡୁଙ୍ଗ ଏସଟି ବର୍ଗରେ ୯୨୭ ର୍ୟାଙ୍କରେ ରହି ସଫଳତା ହାସଲ କରିଛନ୍ତି। ଛାତ୍ରମାନଙ୍କ ଏହି ସଫଳତାରେ ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା, ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ, ମ୍ୟାନେଜିଂ ଡାଇରେକ୍ଟର ଜି. ଭାସ୍କର ରାଓ, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା, ଏକାଡ଼େମିକ ଡାଇରେକ୍ଟର ଭି. ଶ୍ରୀନିବାସ, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ବିକାଶ ଉଚ୍ଚ ମାଧ୍ୟମିକ ସ୍କୁଲର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ବିକାଶ ଆବାସିକ ବିଦ୍ୟାଳୟ(ସିନିୟର ସେକେଣ୍ଡାରୀ)ର ଉପାଧ୍ୟକ୍ଷ ଚିତ୍ତରଞ୍ଜନ ପତି, ବିକାଶ ସେଣ୍ଟ୍ରାଲ ଏକାଡ଼େମୀ, ବରଗଡ଼ର କୋ ଅର୍ଡ଼ିନେଟର ଜି. ରାମକ୍ରୀଷ୍ଣା କୃତୀ ଛାତ୍ର ଏବଂ ସେମାନଙ୍କ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।



ସଫଳତା ହିଁ ଅନେକ ବିରାଟ ପ୍ରମାଦକୁ ଘୋଡ଼ାଇ ପକାଏ।
- ଜର୍ଜ ବର୍ଣ୍ଣାଡ ଶ'



## ସଂକ୍ଷେପରେ

### ଜିଲାସ୍ତରୀୟ ଲୋକ କଳା ଦିବସ

**ସୋନପୁର,୧୪।୬(ନି.ପ୍ର.):** ଓଡ଼ିଶା ସରକାର ପ୍ରଥମ ଥର ପାଇଁ ଜୁନ ୧୪ ତାରିଖକୁ ଲୋକକଳା ଦିବସ ଭାବେ ପାଳନ କରିଛନ୍ତି । ଏହି ଅବସରରେ ଜିଲା ସଂସ୍କୃତି ପରିଷଦ ପକ୍ଷରୁ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଲୋକ କଳା ଦିବସ ଶୁକ୍ରବାର ପାଳିତ ହୋଇଯାଇଛି। ଜିଲାର ୬ଟି ବ୍ଲକରୁ ଶତାଧିକ କଳାକର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ପଣ୍ଡା ବକ୍ତବ୍ୟରେ କହିଥିଲେ, କଳାକାରମାନେ ନିଜସ୍ୱ ଉଦ୍ୟମରେ ବହୁ କଷ୍ଟ ସହି ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିଛନ୍ତି । ରାଜ୍ୟ ସରକାର କଳାକାରଙ୍କୁ ମାସିକ ୧୨୦୦ଟଙ୍କା ଲେଖାଏଁ ଭତ୍ତା ପ୍ରଦାନ କରୁଛନ୍ତି । ଜିଲାରେ ୭୧୫ ଜଣ କଳାକାର ଭତ୍ତା ପାଉଛନ୍ତି । ଲୋକକଳାକୁ ପ୍ରୋତ୍ସାହନ ଓ କଳାକାରଙ୍କୁ ଉପଯୁକ୍ତ ସମ୍ମାନ ମିଳିଲେ ଓଡ଼ିଶାର ଉନ୍ନତ ସଂସ୍କୃତି ଓ ପାରମ୍ପରିକ ଲୋକକଳା ବଞ୍ଚି ରହିବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ସଂସ୍କୃତି ଅଧିକାରୀ ଆର୍ତ୍ତତ୍ରାଣ ଥାଟି ଯୋଗଦେଇ କଳାକାରଙ୍କ ପାଇଁ ସରକାର ଗ୍ରହଣ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ସାମାଜିକକର୍ମୀ ତଥା କଳା, ସଂସ୍କୃତି ପ୍ରେମୀ ଶ୍ରୀବତ୍ସ ମଲ୍ଲିକ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସୁବର୍ଣ୍ଣପୁର ଜିଲାର କଳା ଓ ସଂସ୍କୃତି ମହାନ । ହଜାର ହଜାର କଳାକାର ଅଞ୍ଚଳର ଲୋକ ସଂସ୍କୃତି ଓ ପାରମ୍ପରିକ ଲୋକକଳାକୁ ବଞ୍ଚାଇ ରଖିଥିବାରୁ ସେ ପ୍ରଶଂସା କରିଥିଲେ । ବିଦ୍ୟାପତି ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପଞ୍ଚାନନ ବରିହା ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଜିଲା ସଂସ୍କୃତି ପରିଷଦର ଉପସଭାପତି ମାନଭଞ୍ଜନ ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ । ସଂସ୍କୃତି ଗବେଷକ ତଥା ପଏଁରୀର ସମ୍ପାଦକ ଚୌଧୁରୀ ବିଭାର, ଦୂରଦର୍ଶନ କଳାକାର ତଥା ଶିଶୁ ସାହିତ୍ୟିକ ସ୍ୱପ୍ନେଶ୍ୱର ମିଶ୍ର, ରାମକୃଷ୍ଣ ହୋତା, ନୁର୍ ବେଗମ, ଶ୍ୟାମ ସୁନ୍ଦର ସୁନା, ମହାଦେବ ବେହେରା ଓ ସବିତା ପାଣିଗ୍ରାହୀ ପ୍ରମୁଖ କଳାକାରଙ୍କ ସମସ୍ୟା ଓ କଳାର ବିକାଶ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ ।

### କୁଚିଣ୍ଡା ଏନ୍‌ଏସିରେ ପଲିଥିନ ଧରପଗଡ଼ ପ୍ରହସନ

**କୁଚିଣ୍ଡା, ୧୪।୬ (ଡି.ଏନ.ଏ.):** କୁଚିଣ୍ଡା ଏନଏସିର ରାସ୍ତା ଘାଟ ଯେଉଁ ଆଡେ ଚାହିଁବ ଗଦା ଗଦା ପଲିଥିନ ପଡି ରହିଛି । ଟିକିଏ ପବନ ହେଲେ ଏହା ଉଡି ଘର ଦ୍ୱାର ଚାରିଆଡେ ପଶୁଛି । ଗତ କିଛି ମାସ ଆଗରୁ ସ୍ୱଚ୍ଛ ଭାରତ ଅଭିଯାନ ନାମରେ ଏକ ପ୍ରଚାର ଗାଡି ମାଧ୍ୟମରେ ପଲିଥିନ ବ୍ୟବହାର ବନ୍ଦ କରିବାକୁ ଜନସାଧାରଣ, ଦୋକାନୀମାନଙ୍କୁ ଅବଗତ କରାଯାଇଥିଲା। ହେଲେ ଯେସାକୁ ତେସା। ନିକଟରେ ଏନଏସି ପକ୍ଷରୁ ବିଭିନ୍ନ ଦୋକାନରୁ ପଲିଥିନ ଜବତ କରି ଜୋରିମାନା ଆଦାୟ କରା ଯାଇଥିଲା। ହେଲେ ଯେଉଁଠୁ ପଲିଥିନ ଆସୁଛି ସେମାନଙ୍କ ପ୍ରତି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ।





ଅଟୋଚାଳକ ସଂଘ ପକ୍ଷରୁ ବଲାଙ୍ଗୀର-ସୋନପୁର ଜାତୀୟ ରାଜପଥ ଅବରୋଧ କରାଯାଇଛି (ବାମ)। ଜାତୀୟ ରାଜପଥରେ ରାସ୍ତାରୋକୋ କରିଥିବା ଆନ୍ଦୋଳନକାରୀଙ୍କ ସହ ପୋଲିସ ଓ ପ୍ରଶାସନିକ ଅଧିକାରୀ ଆଲୋଚନା କରୁଛନ୍ତି।

# ଗାଡ଼ି ଧକ୍କାରେ ଅଟୋରିକ୍ସା ଚାଳକ ମୃତ

**ଅଟୋଚାଳକ ସଂଘର ରାସ୍ତାରୋକୋ**

**ବଲାଙ୍ଗୀର ଅଫିସ, ୧୪।୬**

ଏକ ଗାଡି ଧକ୍କାରେ ଜଣେ ଅଟୋରିକ୍ସା ଚାଳକଙ୍କ ମୃତ୍ୟୁ ଘଟଣାକୁ ନେଇ ବଲାଙ୍ଗୀର ଅଟୋରିକ୍ସା ଚାଳକ ସଂଘ ପକ୍ଷରୁ ଶୁକ୍ରବାର ବଲାଙ୍ଗୀର-ସୋନପୁର ୫୭ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଫଳରେ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଗାଡି ଅଟକି ରହିଥିଲା । ଦୀର୍ଘ ସାଢ଼େ ୩ ଘଣ୍ଟା ଧରି ରାସ୍ତା ଅବରୋଧ ପରେ ପୋଲିସ ଆନ୍ଦୋଳନକାରୀଙ୍କୁ ବୁଝାଶୁଝା ପରେ ରାସ୍ତାରୋକୋ ହଟିଥିଲା।

ବଲାଙ୍ଗୀର-ସୋନପୁର ଜାତୀୟ ରାଜପଥର ପୁଇଁନ୍ତଲା ବ୍ଲକ ଅଫିସ ନିକଟରେ ଏକ ଗାଡି ଧକ୍କାରେ ଜଣେ ଅଟୋରିକ୍ସା ଚାଳକଙ୍କ ମୃତ୍ୟୁ ହୋଇଥିବା ଶୁକ୍ରବାର ସକାଳେ ଜଣାପଡିଥିଲା। ରାସ୍ତାର ଡାହାଣ ପଟେ ଅଟୋରିକ୍ସାଟି ଛିଟିକି ପଡିଥିବା ବେଳେ ଅଟୋ ଚାଳକ ଚାପି ହୋଇ ରହିଯାଇଥିବା ଦେଖିବାକୁ ମିଳିଥିଲା। ମୃତ ଅଟୋରିକ୍ସା ଚାଳକ ସୁରେଶ ଦୀପ। ତାଙ୍କ ମୂଳ ଘର ବରପାଲି ବୋଲି ଜଣାପଡିଥିଲା । କିଛିଦିନ ହେଲା ସେ ବରପାଲିରୁ ବଲାଙ୍ଗୀର ଆସି ରେଲୱେ ଷ୍ଟେଶନ୍ ନିକଟରେ ରହି ଅଟୋରିକ୍ସା ଚଲାଉଥିଲେ। ଦୁର୍ଘଟଣା ଖବର ପ୍ରଚାରିତ ହେବା ପରେ ଅଟୋରିକ୍ସା ଚାଳକ ସଂଘ ସଭାପତି ଦ୍ରୋଣ କୁମ୍ଭାରଙ୍କ ନେତୃତ୍ୱରେ ଅଟୋରିକ୍ସା ଚାଳକମାନେ ଦୁର୍ଘଟଣାସ୍ଥଳରେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଫଳରେ ରାସ୍ତାର ଉଭୟ ପଟରେ ଶତାଧିକ ଗାଡିମୋଟର ଅଟକି ରହିଥିଲା। ଦୁର୍ଘଟଣା ଘଟାଇଥିବା ଗାଡି ସନ୍ଧାନ, ମୃତ ଡ୍ରାଇଭରଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ଏବଂ ତୁରନ୍ତ ବଲାଙ୍ଗୀର ବାଇପାସ୍ ରାସ୍ତା ନିର୍ମାଣ ଦାବି ନେଇ ଆନ୍ଦୋଳନ ଜୋର ଧରିଥିଲା। ଖବର ପାଇ ପୁଇଁନ୍ତଲା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଇଥିଲେ । ତେବେ ଉତ୍ତ୍ୟକ୍ତ ଆନ୍ଦୋଳନକାରୀମାନେ ମାନି ନ ଥିଲେ। ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ, ପୁଇଁନ୍ତଲା ଅତିରିକ୍ତ ତହସିଲଦାର, ଏବିଡିଓ ଘଟଣାସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାଇଥିଲେ । କ୍ଷତିପୂରଣ ବାବଦକୁ ୨୦ ହଜାର ଟଙ୍କା ଓ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ଦିଆଯିବା ପରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ରାସ୍ତାରୋକୋ ହଟିଥିଲା। ଏନେଇ ପୁଇଁନ୍ତଲା ଥାନାରେ ଏକ ମାମଲା (୧୦୪/୨୦୧୯) ରୁଜୁ ହୋଇଛି। ଏନେଇ ପୋଲିସ ଅଧୀକ ତଦନ୍ତ ଚଳାଇଛି।

### ବିଶ୍ୱ ରକ୍ତଦାତା ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବର
### ୩୨ ୟୁନିଟ୍ ରକ୍ତ ସଂଗ୍ରହ

**ସୋନପୁର,୧୪।୬(ନି.ପ୍ର.)**

ବିଶ୍ୱ ରକ୍ତଦାତା ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ସୁବର୍ଣ୍ଣପୁର ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ବ୍ଲଡ ବ୍ୟାଙ୍କରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୩୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି । ଡିଏମ୍‌ଓ(ଏମ୍‌ଏସ୍) ଡାକ୍ତର ପ୍ରଦୀପ କୁମାର ଗୁରୁ ଶିବିରର ଉଦ୍‌ଘାଟନ କରି ରକ୍ତଦାନ ଏକ ମହତ୍ କାର୍ଯ୍ୟ ବୋଲି କହିଥିଲେ । ଯୁବତୀଯୁବକମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଆଗେଇ ଆସିବାକୁ ଡାକ୍ତର ଗୁରୁ ଆହ୍ୱାନ ଦେଇଥିଲେ । ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ଦୁର୍ଗା ପ୍ରସାଦ ଦାଶ, ସ୍ୱାସ୍ଥ୍ୟକେନ୍ଦ୍ର ପରିଚାଳକ ଡ. ଗୋପାଳକୃଷ୍ଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଅବିନାଶ ହୋତା ପ୍ରଥମେ ରକ୍ତଦାନ କରି ଶିବିରର ଶୁଭାରମ୍ଭ କରିଥିଲେ। ଟେକ୍‌ନିସିଆନ ସୁବାଷ ଚନ୍ଦ୍ର ପଣ୍ଡା, ଟିଟୁ ଭୋଇ, ଜଗତ ନାରାୟଣ ଦରୱାନ, ଯୁଧିଷ୍ଠିର ନାଏକ ଓ ରେବତୀ ମହାପାତ୍ର ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ଜଗନ୍ନାଥ ମନ୍ଦିର ପରିଚାଳନାକୁ ନେଇ ଉଦ୍‌ବେଗ
# ଗାଁରେ ସାମୂହିକ ସଭା, ୫୧ଜଣିଆ କମିଟି ଗଠିତ

**ଦେଓଗାଁ,୧୪।୬(ଡି.ଏନ.ଏ)**

ଦେଓଗାଁ ବ୍ଲକ ସଦର ପଞ୍ଚାୟତ ଅଧୀନ ଦେଓଗାଁ କଛାରପାଲିସ୍ଥିତ ଜଗନ୍ନାଥ ମନ୍ଦିର ପରିଚାଳନାକୁ ନେଇ ଗାଁରେ ଉଦ୍‌ବେଗ ପ୍ରକାଶ ପାଇଛି। ମାସେ ହେଲେ ରୀତିନୀତି ଅନୁସାରେ ମହାପ୍ରଭୁ ଜଗନ୍ନାଥଙ୍କ ପୂଜାର୍ଚ୍ଚନା ସହ ପର୍ବପର୍ବାଣିରେ ଅନେକ ବ୍ୟତିକ୍ରମ ପରିଲକ୍ଷିତ ହେଉଛି। ଏନେଇ ଶୁକ୍ରବାର ମନ୍ଦିର ପରିସରରେ ଦେଓଗାଁ ପଞ୍ଚାୟତର ସମସ୍ତ ୱାର୍ଡର ଜନସାଧାରଣ ଉପସ୍ଥିତ ରହି ଏହାର ସ୍ଥାୟୀ ସମାଧାନ ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା। ସର୍ବସମ୍ମତି କ୍ରମେ ଅବସରପ୍ରାପ୍ତ ଶିକ୍ଷକ କୈଳାସ ବେହେରାଙ୍କ ସଭାପତିତ୍ୱ ଓ ଗଉଁନ୍ତିଆ ଭକ୍ତ ଚରଣ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ସଭାରେ କିଭଳି ଭାବେ ଆଗକୁ ଜଗନ୍ନାଥ ମନ୍ଦିରର ସୁପରିଚାଳନା କରାଯାଇପାରିବ ସେ ନେଇ ଆଲୋଚନା କରାଯାଇଥିଲା। ସେହିପରି ଚଳିତ ବର୍ଷ କିପରି ରଥଯାତ୍ରାକୁ ଆଡମ୍ବରପୂର୍ଣ୍ଣ ଭାବେ ପାଳନ କରାଯିବ ସେନେଇ ମତ ଉପସ୍ଥାପନ କରାଯାଇଥିଲା। ଏହି ଅବସରରେ ପୂଜକ ପ୍ରଦ୍ୟୁମ୍ନ କୁମାର ପାଣିଗ୍ରାହୀ ମନ୍ଦିରର ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ। ସମସ୍ୟାର ସମାଧାନ ନେଇ ୫୧ଜଣିଆ ମନ୍ଦିର ପରିଚାଳନା କମିଟି ଗଠନ କରାଯାଇଥିଲା। ସୋମବାର ଚୂଡାନ୍ତ ବୈଠକ କରିବାକୁ ସ୍ଥିର କରାଯାଇଛି। ରଜନୀକାନ୍ତ ଦାସ ଧନ୍ୟବାଦ ଅର୍ପଣ ଦେଇଥିଲେ।



ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ଗ୍ରାମସଭାରେ ଉପସ୍ଥିତ ଜନସାଧାରଣ।

# ବିଧାୟକଙ୍କ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

**ଲୋଇସିଂହା,୧୪।୬(ଡି.ଏନ.ଏ.)**

ଲୋଇସିଂହା ବ୍ଲକ ସଭା ଗୃହଠାରେ ବିଡିଓ ରାମଚନ୍ଦ୍ର ଖାଡିଆଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବଲାଙ୍ଗୀର ଜିଲା ଲୋଇସିଂହା ବିଧାୟକ ଡ଼. ମୁକେଶ ମହାଲିଙ୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ଲକର ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସମୀକ୍ଷା ବେଳେ ଉନ୍ନୟନମୂଳକ କାମରେ ଅନିୟମିତତା ହେଉଥିବା ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ହିତାଧିକାରୀଙ୍କୁ ପାତରଅନ୍ତର ନ କରିବା, ସମସ୍ୟା ନେଇ ବ୍ଲକ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣଙ୍କୁ ବିଭିନ୍ନ ଆଳ ଦେଖାଇ ନିରାଶ ନ କରିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ବିଶେଷ କରି କାର୍ଯ୍ୟରତ ଯନ୍ତ୍ରୀମାନଙ୍କୁ ମାନବିକତାକୁ ଦୃଷ୍ଟିରେ ରଖି କାମ କରିବାକୁ ପରାମର୍ଶ ଦେଇଥିଲେ। ବୈଠକରେ ପ୍ରଥମେ ଜନସ୍ୱାସ୍ଥ୍ୟ ବିଭାଗ ଉପରେ ଆଲୋଚନା ହୋଇଥିଲା। ବିଭାଗୀୟ ଯନ୍ତ୍ରୀ ପ୍ରସାଦ ସାମନ୍ତରାୟ ବିଭାଗୀୟ ତଥ୍ୟ ଉପସ୍ଥାପନା କରିଥିଲେ। ବ୍ଲକରେ ୧୪୭୨ ନଳକୂପରୁ ୨୪ ନଳକୂପ ଅଚଳଥିବା ବେଳେ ୫ଟି ପାନୀୟ ପ୍ରକଳ୍ପ କାମ ଚାଲୁଥିବା ସୂଚନା ଦେଇଥିଲେ। ଏପରି କି ବ୍ଲକର ସଲତରପାଲି ଗାଁର ସୋଲାର ପାନୀୟ ପ୍ରକଳ୍ପ ଅଚଳଥିବା ଯୋଗୁ ଗ୍ରାମବାସୀ ପିଇବା ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଥିଲା । ଏନେଇ ଟ୍ୟାଙ୍କର ଯୋଗେ ଗ୍ରାମବାସୀଙ୍କୁ ପାଣି ଯୋଗାଦେବାକୁ ବିଭାଗୀୟ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ପରେ ସାମାଜିକ ନିରାପତ୍ତା ବିଭାଗ ଉପରେ ଆଲୋଚନା ହୋଇଥିଲା । ବୟସାଧିକ ଲୋକେ ଭତ୍ତା ପାଇବାରୁ ବଞ୍ଚିତ ହେଉଥିବାରୁ ବିଧାୟକ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଏହି ଅବସରରେ ବ୍ଲକ ଶିକ୍ଷା ଗୋଷ୍ଠୀ ଅଧିକାରୀ ରୀନା ବେହେରାଙ୍କୁ ବ୍ଲକରେ ଏକ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପଦକ୍ଷେପ ନେବାକୁ ବିଧାୟକ କହିଥିଲେ। ସେହିପରି ମଧ୍ୟାହ୍ନ ଭୋଜନ, ଛାତ୍ରୀଛାତ୍ର ଏବଂ ଶିକ୍ଷକଙ୍କ ସ୍ଥିତି ଉପରେ ୩ ଦିନ ମଧ୍ୟରେ ଏକ ରିପୋର୍ଟ ଦେବାକୁ ବିଧାୟକ କହିଥିଲେ । ଆର୍‌ଡି ଏସଡିଓ ବୀରବର ତ୍ରିପାଠୀଙ୍କୁ ବୁର୍ଡା-ନଆଗାଁ(ଖ) ରାସ୍ତାର ସୁଧାର ପାଇଁ ପ୍ରଧାନମନ୍ତ୍ରୀ ସଡ଼କ ଏବଂ ରୁଗୁଡିଖାଲ ରାସ୍ତାରେ ନଅଗାଁକୁ ସଂଯୋଗ କରୁଥିବା ପୋଲର ଚଉଡା ଦିଗରେ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ପନେସରା-କେଉଁଟିପାଲି ନାଳରେ ବିଜୁ ସେତୁ ନିର୍ମାଣ ପାଇଁ ବିଧାୟକ ଜଣାଇଥିଲେ । ବ୍ଲକରେ ସ୍ୱଚ୍ଛଭାରତ ପାଇଖାନ ନିର୍ମାଣ ବାଟବଣା, ଇନ୍ଦିରା ଆବାସ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ, ଗାଇଗୁହାଳ ପ୍ରଦାନରେ ଅନିୟମିତତା ଜାଣି ବିଧାୟକ କ୍ଷୋଭ ପ୍ରକାଶ କରିଥିଲେ। ସମୀକ୍ଷା ବୈଠକ ସମ୍ପର୍କରେ ତହସିଲ, ଅବକାରୀ, ଥାନା ସମେତ ଅନ୍ୟାନ୍ୟ ବିଭାଗର ଅଧିକାରୀ ସୂଚନା ନ ପାଇ ଅନୁପସ୍ଥିତ ଥିବା ଜଣାପଡିଛି। ବୈଠକରେ ଘନଘନ ଅଭିଯୋଗ ଯୋଗୁ ବ୍ଲକରେ ଖରିପ ଚାଷ ଧାର୍ଯ୍ୟ, ବିହନ, ଯୋଗାଣ, ସାର, ଔଷଧ ମହଜୁତ ସମ୍ପର୍କରେ କୃଷି ବିଭାଗର କର୍ମଚାରୀ ଉପସ୍ଥିତ ଥାଇ ସୁଦ୍ଧା ଆଲୋଚନା ହୋଇ ପାରି ନ ଥିଲା। ସମୀକ୍ଷା ବୈଠକ ବ୍ଲକ ଅଧ୍ୟକ୍ଷା କାନ୍ତା ସେଠ, ଉପାଧକ୍ଷ ଯତିନ୍ଦ୍ର କୁମାର ପଟେଲ, ଜିଲାପରିଷଦ ସଭ୍ୟ ସାଇଶଙ୍କର ସାହୁ, ଭାଜପା ମିଡିଆ ସେଲ ଅଧକ୍ଷ ଭୂତନାଥ ନାଏକ, ସରୋଜ ସାହୁ, ରାଜୁ ସାହୁ, ବହାଦୁର ନନ୍ଦ, ଲେକୃ ତ୍ରିପାଠୀ, ଉତ୍ତମ କବାଟ ପ୍ରମୁଖ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଲୋଇସିଂହା ବିଧାୟକଙ୍କ ସହ ଅନ୍ୟ ଅଧିକାରୀମାନେ।

- ହିତାଧିକାରୀଙ୍କୁ ପାତରଅନ୍ତର ନ କରିବାକୁ ଅଧିକାରୀଙ୍କୁ ପରାମର୍ଶ
- ବିଭିନ୍ନ ଯୋଜନାରେ ଅନିୟମିତତା ହେଉଥିବା ଜାଣି ବିଧାୟକଙ୍କ ଅସନ୍ତୋଷ ପ୍ରକାଶ

# ଗ୍ରୀଷ୍ମକାଳୀନ କରାଟେ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ବଲାଙ୍ଗୀର ଅଫିସ, ୧୪।୬**

ବଲାଙ୍ଗୀର ଜିଲା କରାଟେ ଅର୍ଗାନାଇଜେନସ ତଥା ଅସୀମ କରାଟେ ଏକାଡେମୀ ପକ୍ଷରୁ ଚାଲିଥିବା ଗ୍ରୀଷ୍ମକାଳୀନ କରାଟେ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ମେ ୧ ତାରିଖରୁ ସ୍ଥାନୀୟ ଆଇନ ମହାବିଦ୍ୟାଳୟରେ ଝିଅମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ଓ କରାଟେ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଥିଲା। ଶିବିରକୁ ଆନ୍ତର୍ଜାତୀୟ ସ୍ୱର୍ଣ୍ଣପଦକ ବିଜେତା ତଥା ଜିଲା କରାଟେ କୋଚ ଅସୀମ କୁମାର ଭୋଇ ପରିଚାଳନା କରିଥିଲେ। ଏଥିରେ ପ୍ରାଣାୟାମ, ସୁସ୍ୱାସ୍ଥ୍ୟ ଗଠନ, ଲାଠିଚାଳନା, ନନ୍‌ଷ୍ଟିକ୍, ଝିଅମାନଙ୍କ ପାଇଁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦିଆଯାଇଥିଲା । ସ୍ଥାନୀୟ ସାମ୍ବଦିକ ଭବନଠାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ପ୍ରଶିକ୍ଷଣ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଆଡିସିନାଲ ଏସ୍‌ପି ଦିଲୀପ ପଟେଲ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ, ଟ୍ୟାକ୍ସ ଆଡ୍‌ଭୋକେଟ ନକୁଲ ଅଗ୍ରୱାଲ, ଓମ୍‌ଭ୍ୟାଲି ସ୍କୁଲ ପ୍ରିନ୍ସପାଲ ରମେଶ ପୁଦକେ ମଞ୍ଚାସୀନ ଥିଲେ। କୋଚ ଅସୀମ ଭୋଇଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାକୁ କସ୍ତୁରୀ ରଥ ପରିଚାଳନା କରିଥିଲେ। ପ୍ରଶିକ୍ଷଣ ନେଇଥିବା ସମସ୍ତଙ୍କୁ ପ୍ରମାଣପତ୍ର ଦିଆଯାଇଥିଲା। ଶେଷରେ କସ୍ତୁରୀ ଧନ୍ୟବାଦ ଦେଇଥିଲେ। ଏଥିରେ ପ୍ରତ୍ୟୁଷ, ନରେନ୍ଦ୍ର, ରମାନନ୍ଦ ସହଯୋଗ କରିଥିଲେ।



କରାଟେକାଙ୍କ ସହ ଅତିଥି ଓ ଆୟୋଜକମାନେ।

## ଅବେବସ୍ତା ଘେରରେ ଅଙ୍ଗନୱାଡି କେନ୍ଦ୍ର
# ପୁଷ୍ଟିକର ଖାଏଦ୍‌ରୁ ବଁଚିତ୍ ଛାତ୍ରୀଛାତ୍ର

**ଦେଓଗାଁ,୧୪।୬(ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଏହେଦେ ଗୁଟେ ପରକାର ଦୁହୁଲିପଡ଼ିଛେ। ସିଡିପିଓ ପ୍ରତିମାରାଣୀ ଚୋପଦାର ମାସକେତେ ହେଲା ଦେଓଗାଁ ଆର ସଇଁତଲା ଉଭଏ ବ୍ଲକ ଦାଇତିଅରେ ଅଛନ୍। ଇଥିଲାଗି ଯେନ୍‌ହିସାବେ କାମ୍ ହେବାର କଥା ନାଇଁ ହେଇପାରୁଥିବାର ଦେଖିବାକେ ମିଳୁଛେ। ଇତାର ସୁଯୋଗ ନେଇ ବ୍ଲକର ବଡ଼ଭାଗି ଅଙ୍ଗନୱାଡି କେନ୍ଦ୍ରମାନକେ ଛୁଆମାନକୁ ସରକାରୀ ନିରଦେଶନାମା ଅନ୍‌ସାରେ ପୁଷ୍ଟିକର ରଁଧା ଖାଏଦ୍ ଦେବାରେ ଅବହେଲା କରାଯାଉଥିବାର ଅଭିଯୋଗ ହେଉଛେ। ଅଭିଯୋଗ ହେଲେ ବି ବିଭାଗୀୟ ସୁପରଭାଇଜରମାନେ ଇ ଦିଗେ ତଦାରଖ ନାଇଁ କରୁଥିବାର ଅଭିଭାବକମାନେ ଅଭିଯୋଗ କରୁଛନ୍। ଏନ୍ତା ଗୁଟେ ଉଦାହରନ୍ ଶୁକୁରବାର ଦେଓଗାଁ ବ୍ଲକ ହାତିସରା ଅଙ୍ଗନୱାଡି କେନ୍ଦ୍ରରେ ଦେଖିବାକେ ମିଳିଛେ। ହାତିସରାର ଉଭଏ 'କ' ଆର 'ଖ' କେନ୍ଦ୍ରରେ ସରକାରୀ ମେନୁ ହିସାବେ ଶୁକୁରବାର ଛୁଆକୁ ରଁଧା ଖାଏଦ୍‌ରେ ଅଁଡା ଦେବାର ଜାଗାରେ ସୋୟାବଡ଼ି, ବେସନ ତରକାରୀ ଆର ଭାତ ଦିଆଯାଇଥିବାର ଦେଖିବାକେ ମିଳିଥିଲା। ଇ ବାବ୍‌ଦେ 'କ' ଆର 'ଖ' କେନ୍ଦ୍ରର କରମୀ ମମିତା ଭୋଇ, ଶୁଭବତୀ କୁଅଁରକୁଁ ପଚରାଲାରୁ ଶୁକୁରବାର ରଜ ପରବ୍ ଆରମ୍ ହେଇଛେ, ସେଥିରଲାଗି ଛୁଆକୁ ଅଁଡା ଜାଗାରେ ସୋୟାବଡ଼ି, ବେସନ ତରକାରୀ ପିଲାକୁ ଦେଇଛୁଁ ବଲି କହିଥିଲେ। ସେନ୍‌ତା ଇ ବାବ୍‌ଦେ ଝନେ ଅଭିଭାବକ ନିଜର ନାଁ ଗୁପତ ରଖି କହିଛନ୍ ଯେ, ଇ କେନ୍ଦ୍ରମାନକେ ବହୁତ୍ ଦିନ୍ ହେଲା ଛୁଆକୁ ରଁଧା ଖାଏଦ୍‌ରେ ଅଁଡା ନାଇଁ ଦିଆଯିବାର ଆର ଅତି ହଲକା କିସମର ଖାଏଦ୍ ଛୁଆକୁ ଦିଆଯାଉଛେ। ଇ ବାବ୍‌ଦେ ବିଭାଗ୍‌ରେ ଅଭିଯୋଗ କଲେ ବି କେହି ନାଇଁ ଶୁନବାର ବଲି ସେ କହିଥିଲେ। ସେନ୍‌ତା ଇ ବାବ୍‌ଦେ ସିଡିପିଓ ପ୍ରତିମାରାଣୀ ଚୋପଦାରକୁଁ ପଚରାଲାରୁ ମୋତେ ଦେଓଗାଁ ସମେତ ସଇଁତଲା ବ୍ଲକର ଅତିରିକ୍ତ ଦାଇତିଅ ଦିଆଯାଇଛେ। ଯେନ୍‌ଥିରଲାଗି କାମରେ କେତେ ଅସ୍‌ବିଧା ହେଉଛେ ବଲି ସେ ନିଜେ ମାନିଥିଲେ ଆର ଅଭିଯୋଗ ଉପରେ ତଦଁତ୍ କରି ପଦକ୍ଷେପ ନିଆଯିବା ବଲି ସେ କହିଥିଲେ।



ଅଙ୍ଗନୱାଡିର ଛାତ୍ରୀଛାତ୍ର ଅଁଡା ଜାଗାରେ ସୋୟାବଡ଼ି ଆର ଭାତ ଖାଉଛନ୍।

### ରାସ୍ତା ଉପରେ ଦୋକାନ ବଜାର ଯୋଗୁ ଟ୍ରାଫିକ ସମସ୍ୟା

**କୁଚିଣ୍ଡା,୧୪।୬(ଡି.ଏନ.ଏ.)**

କୁଚିଣ୍ଡା ବସଷ୍ଟାଣ୍ଡ ନିକଟସ୍ଥ ଉପ ଜିଲାପାଳଙ୍କ ସରକାରୀ ବାସଭବନଠାରୁ ବ୍ଲକ ଛକ ଅର୍ଥାତ ଉପଖଣ୍ଡ ଡାକ୍ତରଖାନା ସମ୍ମୁଖ ରାସ୍ତାର ଦୁଇ ପାର୍ଶ୍ୱରେ ଦୋକାନବଜାର ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଲୋକେ ସେମାନଙ୍କ ଦୁଇ ଚକିଆ ଓ ଚାରି ଚକିଆ ଯାନକୁ ରାସ୍ତା କଡରେ ଥୋଇ ଦେଉଛନ୍ତି। ତତ୍‌କାଳୀନ ଉପଜିଲାପାଳ ଚଞ୍ଚଳ ରାଣା ରାସ୍ତା ଉପରୁ ଉଠା ଦୋକାନୀଙ୍କୁ ନେଇ ଭେଣ୍ଡିଂ ଜୋନରେ ଥଇଥାନ କରିଥିଲେ। ହେଲେ ଯେଉଁମାନେ ଭେଣ୍ଡିଂ ଜୋନରେ ଦୋକାନ ପାଇଥିଲେ ସେମାନେ ପୁଣି ରାସ୍ତା ଉପରେ ବସୁଛନ୍ତି। ଏଥିପ୍ରତି ଏନଏସି କର୍ତ୍ତୃପକ୍ଷ ନୀରବ ରହିଛି। ପୋଲିସ ମଧ୍ୟ ପଦକ୍ଷେପ ଗ୍ରହଣ କରୁନାହିଁ । ତେବେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଜିତେନ୍ଦ୍ର କୁମାର ମହାପାତ୍ରଙ୍କୁ ପଚାରିବାରୁ ଦିନେ ଦିଦିନ ଭିତରେ ରାସ୍ତା ଉପରୁ ପୁଣି ସମସ୍ତଙ୍କୁ ହଟାଇ ଦିଆଯିବ। ଭେଣ୍ଡିଜୋନରେ ଦୋକାନ ପାଇଥିବା ବ୍ୟକ୍ତି ରାସ୍ତା ଉପରେ ବସିଲେ ସେମାନଙ୍କ ଦୋକାନ ରଦ୍ଦ କରାଯିବ ବୋଲି କହିଛନ୍ତି।

# ରକ୍ତଦାନ ପାଇଁ ସଚେତନତା ହିଁ ଏକମାତ୍ର ମୂଳମନ୍ତ୍ର

ନୂଆପଡା ଅଫିସ,୧୪।୬



ବିଶ୍ୱ ରକ୍ତଦାତା ଦିବସ ଅବସରରେ ଆୟୋଜିତ ଶୋଭାଯାତ୍ରା

ରକ୍ତଦାନ ଏକ ମହତ ପୂଣ୍ୟ । ରକ୍ତଦାନ ଅପେକ୍ଷା ଏଥି ସକାଶେ ସଚେତନତା ସୃଷ୍ଟି କରିବା ମହତ କାମ ହୋଇଥାଏ। ରକ୍ତଦାନ କରି ଏକ ଜୀବନ ବଞ୍ଚାଇ ପାରିବା । ରକ୍ତଦାନ ପାଇଁ ସଚେତନତା ହିଁ ଏକମାତ୍ର ମୂଳମନ୍ତ୍ର ବୋଲି ମତ ପ୍ରକାଶ ପାଇଛି । ଶୁକ୍ରବାର ନୂଆପଡା ଜିଲା ଧରମବନ୍ଧା ପ୍ରାଥମିକ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ଅତିଥିମାନେ ଏହା କହିଛନ୍ତି । ପୂର୍ବାହ୍ନ ୯ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ମା' ଦ୍ୱାରସନି ରକ୍ତଦାତା ସଙ୍ଗଠନ ସଭାପତି ଓମପ୍ରକାଶ କଲାର ସଭାପତିତ୍ୱ କରିଥିବାବେଳେ ଏସପି ସ୍ମିତ ପରମାର ମୁଖ୍ୟଅତିଥି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ପ୍ରଭାସିନି ବ୍ରହ୍ମା ମୁଖ୍ୟବକ୍ତା, ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ରକ୍ତଭଣ୍ଡାର ମୁଖ୍ୟ ଡା. ଲଳିତ ମୋହନ ବିଶି, ଥାନାଧିକାରୀ ଦିଲୀପ କୁମାର ଲାକ୍ରା, ଡା. ସୁଜିତ କୁମାର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ କ୍ଲବ କର୍ମକର୍ତ୍ତାଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଳୟର ରକ୍ତଭଣ୍ଡାର କର୍ମଚାରୀମାନଙ୍କ ଏକ ସଚେତନତା ରାଲି ହୋଇଥିଲା । ଏହି ଅବସରରେ ସ୍ୱେଚ୍ଛାସେବୀମାନେ ସହର ବୁଲି ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ଶେଷରେ କାର୍ଯ୍ୟକ୍ରମସ୍ଥଳରେ ସ୍ୱେଚ୍ଛାସେବୀମାନେ ସ୍ୱେଚ୍ଛାକୃତ ଭାବେ


ରକ୍ତଦାନ କାର୍ଯ୍ୟକ୍ରମକୁ ଏସ୍‌ପି ଶୁଭାରମ୍ଭ କରୁଛନ୍ତି ।

ରକ୍ତଦାନ କରିଥିଲେ । ମୋଟ ୨୪ଜଣ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ । ଏହି ଅବସରରେ ଜୀବନରେ ୩ ଥର ରକ୍ତ ଦେଇଥିବା ମହିଳା ଏବଂ ୨୫ରୁ ଉର୍ଦ୍ଧ୍ୱ ଥର ରକ୍ତ ଦେଇଥିବା ପୁରୁଷଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା । କାର୍ଯ୍ୟକ୍ରମରେ ଆଖପାଖର ଶତାଧିକ ଲୋକ, ବିଦ୍ୟାଳୟଗୁଡିକର ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସ୍ୱେଚ୍ଛାସେବୀ ମନୋଜ ଡାଗା, କିଶୋର କୁମାର ପରିଡା ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟରେ ମଧ୍ୟ ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏଥିରେ ହସ୍ପିଟାଲର କର୍ମକର୍ତ୍ତାଙ୍କ ସହ ରକ୍ତଦାତାମାନେ ଯୋଗଦେଇଥିଲେ ।

# ବିଶ୍ୱ ରକ୍ତଦାତା ଦିବସ: ୬୯ ୟୁନିଟ୍ ରକ୍ତ ସଂଗ୍ରହ

ଜୁନାଗଡ଼,୧୪।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର ଅଗ୍ରସେନ ଭବନରେ ବିଶ୍ୱ ରକ୍ତଦାତା ଦିବସ ଅବସରରେ ଶୁକ୍ରବାର ଏକ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ଜୁନାଗଡ ମାରୱାଡି ଯୁବା ମଞ୍ଚ ଓ ମାରୱାଡି ମହିଳା ସମିତି ପକ୍ଷରୁ ଆୟୋଜନ କରାଯାଇଥିଲା। ଏହି ରକ୍ତଦାନ ଶିବିରରେ ୬୯ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତ ଦେଇଥିଲେ। ସେଥିମଧ୍ୟରୁ ୧୦ଜଣ ମହିଳା ରକ୍ତ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ ବିଧାୟକ ତଥା ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଜୁନାଗଡ ଭାରପ୍ରାପ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଭଗବାନ ପଣ୍ଡା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀ, ମାରୱାଡି ଯୁବା ମଞ୍ଚର ରାଜ୍ୟ ଉପସଭାପତି ପ୍ରଣବ ଗୋୟଲ, ଜୁନାଗଡ ଯୁବା ମଞ୍ଚ ସଭାପତି ଅମିତ


ଜୁନାଗଡ ମାଇ ଗ୍ରୀନ ଆର୍ଥ ଗ୍ରୁପ ପକ୍ଷରୁ ରକ୍ତଦାତାଙ୍କୁ ଗଛ ପ୍ରଦାନ କରାଯାଉଛି ।

ଗୁପ୍ତା, ମହିଳା ସମିତି ସଭାନେତ୍ରୀ ରେଖା ଅଗ୍ରୱାଲ, ମାରୱାଡି ସମାଜର ସଭାପତି ବଜରଙ୍ଗ ଅଗ୍ରୱାଲ, ଅଗ୍ରସେନ ଭବନ କମିଟି ସଭାପତି ଲଳିତ ଅଗ୍ରୱାଲ, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷା ବିଜୟା ଲକ୍ଷ୍ମୀ କନ୍ଦପାନ, ପୂର୍ବତନ କାଉନସିଲର ମୁକେଶ ଅଗ୍ରୱାଲ, ପୂର୍ବତନ ସରପଞ୍ଚ ମନିଷା ସାହୁ, ଡାକ୍ତର ବିବେକାନନ୍ଦ ମହାନନ୍ଦ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମାରୱାଡି ଯୁବା ମଞ୍ଚର ସମ୍ପାଦକ ଅଙ୍କିତ ଶର୍ମା, କୋଷାଧ୍ୟକ୍ଷ ସୁରଜ ଅଗ୍ରୱାଲ, ସଦସ୍ୟ ଗୋବିନ୍ଦ ଅଗ୍ରୱାଲ, ଧିରଜ ଅଗ୍ରୱାଲ, ଜଶବନ୍ତ ଖେମକା, ପଙ୍କଜ ଖେମକା, ବିଶାଲ ବର୍ମା, କାଞ୍ଚନ ଅଗ୍ରୱାଲ, ଅଙ୍ଗୁର ଦେବୀ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଏହି ରକ୍ତ ଦାନ ଶିବିରର ଜୁନାଗଡ ମାଇ ଗ୍ରୀନ ଆର୍ଥ ଗ୍ରୁପ ପକ୍ଷରୁ ରକ୍ତଦାତାଙ୍କୁ ଗୋଟଏ ଲେଖାଏଁ ଗଛ ଦିଆଯାଇଥିଲା।

# ଘର ଉପରେ ଗଛ ପଡ଼ିଲା, ଅଳ୍ପକେ ବର୍ତ୍ତିଲେ ପରିବାରବର୍ଗ

ଜୁନାଗଡ,୧୪।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର କେତେକ ସ୍ଥାନରେ ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ହୋଇଥିଲା। ଏହାର ପ୍ରଭାବରେ ଜୋରରେ ପବନ ସହ ବର୍ଷା ହୋଇଥିଲା। ଜୋରରେ ପବନ ବୋହିବା ଯୋଗୁ ବ୍ଲକର ସନ୍ୟାସୀ କୁଣ୍ଡାମାଲ ଗ୍ରାମର ସୁନୀଲ ଅଧିକାରୀଙ୍କ ଘର ଉପରେ ହଠାତ ୨ଟି ଗଛ ଭାଙ୍ଗିପଡିଥିଲା। ତେବେ ଅଳ୍ପକେ ତାଙ୍କ ପରିବାର ମୃତ୍ୟୁ ମୁଖରୁ ବର୍ତ୍ତିଯାଇଛନ୍ତି। ପ୍ରବଳ ପବନ ଯୋଗୁ ଅନେକ ଗଛ ଭାଙ୍ଗିପଡିଥିବା ଜଣାପଡିଛି। ଫଳରେ ଅଞ୍ଚଳର କିଛି ସ୍ଥାନରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଥିବା ଜଣାପଡିଛି।


ସନ୍ୟାସୀକୁଣ୍ଡାମଲ ଗ୍ରାମର ସୁନୀଲ ଅଧିକାରୀଙ୍କ ଘର ଉପରେ ଗଛ ପଡିଛି।

# କଂଗ୍ରେସର ଜିଲାସ୍ତରୀୟ ନିର୍ବାଚନୀ ସମୀକ୍ଷା

ନୂଆପଡ଼ା ଅଫିସ,୧୪।୬

ଗତ ସାଧାରଣ ନିର୍ବାଚନ ପରେ ନୂଆପଡା ଜିଲାରେ କଂଗ୍ରେସକୁ କେତେଦୂର ସଫଳତା ଏବଂ ବିଫଳତା ମିଳିଲା ସେଗୁଡିକର ସମୀକ୍ଷା କରାଯାଇଛି । ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଘାସିରାମ ମାଝି ସଭାପତିତ୍ୱ କରିଥିବାବେଳେ ଏଥିରେ ରାଜ୍ୟ କଂଗ୍ରେସ ସମ୍ପାଦକ ତଥା ନବ ନିର୍ବାଚିତ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହାଲ୍ଲା ସିଂ, ସୌରଭ ଚନ୍ଦ୍ରକାର, ରବୀନ୍ଦ୍ର ମଙ୍ଗରାଜ, ଜିଲା ପରିଷଦ ସଭ୍ୟା ଉଷା ଚନ୍ଦ୍ରକାର, ପ୍ରଦୀପ ସାହୁ, ଅଙ୍କିତ ସିଙ୍ଘାନିଆ, ମହମ୍ମଦ ଜୁନେଦ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ନବନିର୍ବାଚିତ ବିଧାୟକ ପାଣିଗ୍ରାହୀଙ୍କୁ ସଭା ତରଫରୁ ସ୍ୱାଗତ କରାଯାଇଥିବାବେଳେ ସେ ତାଙ୍କର ଅନୁଭୂତି ଉପସ୍ଥାପନ କରିଥିଲେ। ସୂଚନାଯୋଗ୍ୟ ଯେ, ସ୍ଥାନୀୟ



ସମୀକ୍ଷା ବୈଠକରେ ଯୋଗ ଦେଇଥିବା ପଦାଧିକାରୀଗଣ ।

## ଖଡ଼ିଆଳ ବିଧାୟକଙ୍କୁ ସମ୍ବର୍ଦ୍ଧନା

ନୂଆପଡା ବ୍ଲକଠାରୁ ଏକ ଭବ୍ୟ ଶୋଭାଯାତ୍ରାରେ ବୈଠକସ୍ଥଳକୁ ପାଛୋଟି ଅଣାଯାଇଥିଲା । ସମୀକ୍ଷା ବୈଠକରେ କଂଗ୍ରେସ ତରଫରୁ କର୍ମକର୍ତ୍ତାମାନେ କଠିନ ପରିଶ୍ରମ କରି ଦଳକୁ ସଫଳତା ଆଡକୁ ନେବାକୁ ଚେଷ୍ଟା କରିଛନ୍ତି । ଏହି ଅବସରରେ କେତେକ ବରିଷ୍ଠ କର୍ମକର୍ତ୍ତା ନିଷ୍ଠାର ସହ କାର୍ଯ୍ୟକରିଥିବାରୁ ସେମାନଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା । ଆଗାମୀ ଦିନରେ ଦଳ କିପରି ନିଜକୁ ତୃଣମୂଳସ୍ତରରେ ମଜଭୁତ କରିବ ସେଥିପାଇଁ ଆଜିଠାରୁ ଅଣ୍ଟା ଭିଡିବାକୁ ବକ୍ତାମାନେ ଗୁରୁତ୍ୱ ଦେଇଥିଲେ। ଏଥିରେ ଜିଲାର ୫ଟି ବ୍ଲକରୁ ବହୁ ପଦାଧିକାରୀ ଯୋଗଦେଇଥିଲେ ।

No.: 07-PP

# ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା

ହସ୍ତ ଓ କୁଟୀର ଶିଳ୍ପ ନିର୍ଦ୍ଦେଶାଳୟ, ବାରାକ ନଂ. ୧୨ (ଏ), ୟୁନିଟ୍-୫, ଭୁବନେଶ୍ୱର

## ବାର୍ଷିକ ରାଜ୍ୟସ୍ତରୀୟ ହସ୍ତଶିଳ୍ପ ପ୍ରଦର୍ଶନୀ କ୍ୟାଲେଣ୍ଡର ୨୦୧୯-୨୦

| କ୍ର.ସଂ. | ପ୍ରଦର୍ଶନୀର ନାମ | ସ୍ଥାନ | ପ୍ରସ୍ତାବିତ ମାସ |
|---|---|---|---|
| ୧ | ବାର୍ଷିକ ମୃତ୍ତିକା ଶିଳ୍ପ ପ୍ରଦର୍ଶନୀ | ଭୁବନେଶ୍ୱର | ଅକ୍ଟୋବର ୨୦୧୯ |
| ୨ | କୋଣାର୍କ ମେଳା ପ୍ରଦର୍ଶନୀ | ଅର୍ବାନ ହାଟ, କୋଣାର୍କ | ଡିସେମ୍ବର ୨୦୧୯ |
| ୩ | ତୋଷାଳୀ ଜାତୀୟ ହସ୍ତଶିଳ୍ପ ମେଳା – ୨୦୧୯ | ଭୁବନେଶ୍ୱର | ଡିସେମ୍ବର ୨୦୧୯ |
| ୪ | ବାର୍ଷିକ ଆଦିବାସୀ ମେଳା (କେବଳ ତ.ଉପଜାତି ପ୍ରାର୍ଥୀଙ୍କ ନିମନ୍ତେ) | ଭୁବନେଶ୍ୱର | ଜାନୁଆରୀ ୨୦୨୦ |
| ୫ | ମୃତ୍ତିକା ଶିଳ୍ପ ପ୍ରଦର୍ଶନୀ | ଅନୁଗୁଳ | ଜାନୁଆରୀ ୨୦୨୦ |
| ୬ | ଥିମ୍ ଆଧାରିତ ଲୁପ୍ତପ୍ରାୟ ହସ୍ତଶିଳ୍ପ ପ୍ରଦର୍ଶନୀ | ଭୁବନେଶ୍ୱର | ଜାନୁଆରୀ ୨୦୨୦ |
| ୭ | ଚାନ୍ଦୁଆ ପ୍ରଦର୍ଶନୀ | ଭୁବନେଶ୍ୱର | ଫେବୃଆରୀ ୨୦୨୦ |
| ୮ | ମୃତ୍ତିକା ଶିଳ୍ପ ପ୍ରଦର୍ଶନୀ | ରାଉରକେଲା | ଫେବୃଆରୀ ୨୦୨୦ |
| ୯ | ବିବିଧ ହସ୍ତଶିଳ୍ପ ପ୍ରଦର୍ଶନୀ | କଟକ | ଫେବୃଆରୀ ୨୦୨୦ |
| ଓରମାସ ଦ୍ୱାରା ଆୟୋଜିତ ପଲ୍ଲିଶ୍ରୀ ମେଳା | | | |
| ୧ | ରଥଯାତ୍ରା | ପୁରୀ | ଜୁଲାଇ ୨୦୧୯ |
| ୨ | ବିଶ୍ୱକର୍ମା ପୂଜା | ନାଲ୍କୋ ଟାଉନସିପ୍, ଅନୁଗୁଳ | ସେପ୍ଟେମ୍ବର ୨୦୧୯ |
| ୩ | ଦୁର୍ଗାପୂଜା | ରାଉରକେଲା | ଅକ୍ଟୋବର ୨୦୧୯ |
| ୪ | ଗଜଲକ୍ଷ୍ମୀ ପୂଜା | ଷ୍ଟାଡ଼ିୟମ, ଢେଙ୍କାନାଳ | ଅକ୍ଟୋବର ୨୦୧୯ |
| ୫ | ବାଲିଯାତ୍ରା | କଟକ | ନଭେମ୍ବର ୨୦୧୯ |
| ୬ | ଧନୁଯାତ୍ରା ଉତ୍ସବ | ଷ୍ଟାଡ଼ିୟମ, ବରଗଡ଼ | ଜାନୁଆରୀ ୨୦୨୦ |
| ୭ | ଶିଶିର ସାରସ | ଭୁବନେଶ୍ୱର | ଜାନୁଆରୀ ୨୦୨୦ |

ଉପରୋକ୍ତ ସମସ୍ତ ପ୍ରଦର୍ଶନୀମାନଙ୍କରେ ଭାଗନେବାକୁ ଇଚ୍ଛୁକ ହସ୍ତଶିଳ୍ପ କାରିଗର/ସମବାୟ ସମିତି/ସ୍ୱୟଂ ସହାୟକ ଗୋଷ୍ଠୀମାନେ ତା୧୫।୦୭।୨୦୧୯ରିଖ ସୁଦ୍ଧା ସମ୍ପୃକ୍ତ ଆଞ୍ଚଳିକ/ଜିଲ୍ଲା ଶିଳ୍ପ କେନ୍ଦ୍ରଠାରେ ଆବେଦନ କରିପାରିବେ।

ଆବେଦନ କରିବାର ନିର୍ଦ୍ଧାରିତ ଫର୍ମ ନିମ୍ନରେ ପ୍ରଦାନ କରାଗଲା। ପ୍ରତ୍ୟେକ ପ୍ରଦର୍ଶନୀ ପାଇଁ ଅଲଗା ଅଲଗା ଫର୍ମରେ ଆବେଦନ କରିବେ।

### ହସ୍ତଶିଳ୍ପ ପ୍ରଦର୍ଶନୀରେ ଭାଗନେବା ପାଇଁ ଆବେଦନ ଫର୍ମ ୨୦୧୯-୨୦

କେଉଁ ପ୍ରଦର୍ଶନୀରେ ଭାଗନେବାକୁ ଚାହୁଁଛନ୍ତି :

୧. କାରିଗରଙ୍କ/ସଂସ୍ଥାର ନାମ :

(କ) ଯୋଗାଯୋଗ ଠିକଣା :

(ଖ) ମୋବାଇଲ ଫୋନ୍ ନଂ. :

୨. ପିତା/ସ୍ୱାମୀଙ୍କ ନାମ :

୩. ବର୍ଗ (ସାଧାରଣ/ତ.ଜାତି/ତ.ଉପଜାତି) :

୪. କେଉଁ ହସ୍ତଶିଳ୍ପରେ ଆବେଦନ କରିବାକୁ ଚାହୁଁଛନ୍ତି :

୫. ବିକ୍ରୟ ନିମନ୍ତେ ପ୍ରସ୍ତୁତି ସାମଗ୍ରୀର ଆନୁମାନିକ ମୂଲ୍ୟ :

୬. କାରିଗର ପରିଚୟ ପତ୍ର/ସଂସ୍ଥା ପଞ୍ଜୀକରଣ ସଂଖ୍ୟା (ନକଲ ସଂଲଗ୍ନ କରିବେ) :

୭. ବିଗତ ୨ ବର୍ଷରେ ଭାଗ ନେଇଥିବା ପ୍ରଦର୍ଶନୀ ସମ୍ପର୍କିତ ତଥ୍ୟ :

କ) ପ୍ରଦର୍ଶନୀର ନାମ ଓ ବର୍ଷ :

ଖ) ବିକ୍ରି ପରିମାଣ :

୮. ଜାତୀୟ/ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ପାଇଥିଲେ ତା'ର ବିବରଣୀ :
(ପ୍ରମାଣପତ୍ରର ନକଲ ସଂଲଗ୍ନ କରିବେ)

**ସଂସ୍ଥା/ପ୍ରାର୍ଥୀଙ୍କର ସ୍ୱାକ୍ଷର**

ବି.ଦ୍ର.: ଆବେଦନ କରିଥିବା ପ୍ରତ୍ୟେକ କାରିଗର/ସଂସ୍ଥାକୁ ଏହି ଆର୍ଥିକ ବର୍ଷ ମଧ୍ୟରେ କେବଳ ଏକମାତ୍ର ପ୍ରଦର୍ଶନୀରେ ଭାଗନେବା ପାଇଁ ଚୟନ କରାଯାଇପାରେ। ବିଶେଷ ପରିସ୍ଥିତିରେ ୨ୟ ବାର ଭାଗନେବାର ସୁଯୋଗ ମିଳିପାରେ। ଉକ୍ତ ନିର୍ଦ୍ଦେଶାଳୟକୁ ସିଧାସଳଖ ଆବେଦନ କରିଥିବା ଦରଖାସ୍ତଗୁଡ଼ିକ ବିଚାରଯୋଗ୍ୟ ହେବନାହିଁ। ଅସମ୍ପୂର୍ଣ୍ଣ ଦରଖାସ୍ତଗୁଡ଼ିକ ବିଚରାକୁ ନିଆଯିବ ନାହିଁ। ଆବଶ୍ୟକ ସ୍ଥଳେ ପ୍ରଦର୍ଶନୀର ସ୍ଥାନ ଓ ପ୍ରସ୍ତାବିତ ସମୟ ପରିବର୍ତ୍ତନ କରାଯାଇପାରେ।

**ନିର୍ଦ୍ଦେଶକ, ହସ୍ତ ଓ କୁଟୀର ଶିଳ୍ପ, ଓଡ଼ିଶା**

43002/11/0004/1920



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।

- ରାମକୃଷ୍ଣ ପରମହଂସ

## ସଂକ୍ଷେପରେ



### ଭାରସାମ୍ୟ ହରାଇ ଓଲଟିଲା କାର୍

କୋକସରା,୧୪।୬(ଡି.ଏନ.ଏ.) କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା କାଉଡୋଲା-ମହାଜନଗୁଡା ୨୬ ନଂ. ଜାତୀୟ ରାଜପଥରେ ଏକ କାର ଭାରସାମ୍ୟ ହରାଇ ଓଲଟି ପଡିଛି । ଗୋଟିଏ ପରିବାରର ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଶିଶୁ ଥିବା ଜଣାପଡିଛି। ସେମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କୋକସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଆହତଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ପଠାଯାଇଥିବା ସୂଚନା ମିଳିଛି। ସୂଚନା ଅନୁସାରେ ସୁଇଫ୍ ଡିଜାର କାର୍ (ନଂ.ଓଡି୦୨ଏକ୍ୟୁ-୭୫୦୫)ରେ ଧର୍ମଗଡ ଥାନା ଏଏସ୍ଆଇ ମୋରାର୍ଜି ଭୋଇ ତାଙ୍କ ସ୍ତ୍ରୀ ସାରଦା ସା (୪୦), ଧୃରଜ ଭୋଇ (୭) ଓ ସନା ଭୋଇ (୧୧) ଭବାନୀପାଟଣାରୁ ଆମପାଣି ଆସୁଥିଲେ । କାଉଡୋଲା ଓ ମହାଜନଗୁଡା ରାସ୍ତା ମଝିରେ ଭାରସାମ୍ୟ ହରାଇ କାରଟି ରାସ୍ତା ତଳକୁ ଖସିପଡ଼ି ଓଲଟି ପଡିଥିଲା। ରାସ୍ତାରେ ଯିବାଆସିବା କରୁଥିବା ଲୋକେ ଦୁର୍ଘଟଣାଗ୍ରସ୍ତ ପରିବାରଙ୍କୁ ସେଠାରୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ କୋକସରା ଡାକ୍ତରଖାନାକୁ ପଠାଇଥିଲେ। ଘଟଣାସ୍ଥଳରେ ଆମପାଣି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

### ଶ୍ରେଣୀଗୃହକୁ ଲାଗି ପାଇଖାନା ଟାଙ୍କି ନିର୍ମାଣ ଅଭିଯୋଗ

ରିଷିଡା,୧୪।୬ (ଡି.ଏନ.ଏ.)- କଳାହାଣ୍ଡି ଜିଲା ରିଷିଡା ସରକାରୀ ଉଚ୍ଚ ବିଦ୍ୟାଳୟର ଶ୍ରେଣୀ ଗୃହକୁ ଲାଗି ଜଣେ ବ୍ୟକ୍ତି ପାଇଖାନା ଟାଙ୍କି ନିର୍ମାଣ କରୁଛନ୍ତି। ଏ ନେଇ ରିଷିଡା ପୋଲିସରେ ଅଭିଯୋଗ ହୋଇଛି । ଉକ୍ତ ବିଦ୍ୟାଳୟର ସ୍ଥାନରେ ଏହି ଟାଙ୍କି ନିର୍ମାଣ କରାଯାଇଥିବା ଅଭିଯୋଗ କରାଯାଇଛି। ଏଠାରେ ସରକାରୀ ଆଇନର ଉଲ୍ଲଂଘନ କରାଯାଇଥିବା ନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ରିଷିଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି । ଏ ନେଇ ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ତହସିଲଦାରଙ୍କୁ ମଧ୍ୟ ଲିଖିତ ଭାବେ ଅବଗତ କରାଯାଇଛି । ପୋଲିସ ଘଟଣାକୁ ତଦନ୍ତ କରୁଛି ।



### ପଲିଥିନରେ ପୋତି ହୋଇଯାଉଛି ଜଳାଶୟ

ରିଷିଡା,୧୪।୬ (ଡି.ଏନ.ଏ.)- ସମ୍ପ୍ରତି ପଲିଥିନର ବ୍ୟବହାର ଏବଂ ଏହାର କୁପ୍ରଭାବ ପରିବେଶ ଉପରେ ପଡୁଛି। ଏଠାରେ ଥିବା ବିଭିନ୍ନ ଜଳାଶୟରେ ପଲିଥିନ, ସ୍ୟାମ୍ପୁ, ସର୍ଫ, ସାବୁନରେ ବ୍ୟବହାର କରୁଥିବା ପଲିଥିନ ଜଳାଶୟରେ ପୋତି ହୋଇପଡୁଛି। ପଲିଥିନ ପୋତି ହୋଇ ଯାଉଥିବାରୁ ଆଉ ଭୂତଳକୁ ଜଳ ପ୍ରବେଶ କରିପାରୁ ନାହିଁ । ଫଳରେ ଏଠାରେ ଭୂତଳ ଜଳସ୍ତର ହ୍ରାସ ହେବାରେ ଲାଗିଛି। ଦିନକୁଦିନ ଏହାର ବହୁଳ ବ୍ୟବହାର ମଣିଷକୁ ହାନି କରୁଛି ।

# ଶୌଚାଳୟ ନିର୍ମାଣରେ ବ୍ୟାପକ ଦୁର୍ନୀତି

କେସିଙ୍ଗା,୧୪।୬ (ଡି.ଏନ.ଏ.)

**କେସିଙ୍ଗା ବ୍ଲକ**

- ପୁରୁଣା ଶୌଚାଳୟକୁ ରଙ୍ଗ ଦେଇ ଅର୍ଥ ଆତ୍ମସାତ୍
- ୨ବର୍ଷ ହେବ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ମିଳିନି

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକର ୨୬ଟି ଗ୍ରାମପଞ୍ଚାୟତରେ ପାଇଖାନା ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। କେସିଙ୍ଗା ବ୍ଲକ ଆରଡବ୍ଲ୍ୟୁଏସଏସ କନିଷ୍ଠ ଯନ୍ତ୍ରୀ, କ୍ଲଷ୍ଟର ସଂଯୋଜକ, ଦଲାଲମାନଙ୍କ ଜରିଆରେ କାହାଠାରୁ ୧୫ ଶହ, ଦୁଇ ହଜାର ଟଙ୍କା ଉତ୍କୋଚ ନେଇ କାର୍ଯ୍ୟାଦେଶ ଦେଇଥିବା ଜିଲାପାଳଙ୍କ ନିକଟରେ ଅନେକଥର ଅଭିଯୋଗ ହୋଇଛି । ସେହିପରି ହିତାଧିକାରୀଙ୍କୁ ଏଯାଏ ପାଇଖାନା ନିର୍ମାଣ ବାବଦ ଟଙ୍କା ମିଳି ନାହିଁ । ଜିଲା ଜଳ ଓ ପରିମଳ ମିଶନ ପକ୍ଷରୁ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଯୋଜନାରେ ଶୌଚାଳୟ ନିର୍ମାଣ କରିବା ପାଇଁ ପ୍ରତ୍ୟେକ ବିପିଏଲଧାରୀ ହିତାଧିକାରୀଙ୍କୁ ଗୋଟିଏ ପାଇଖାନା ନିର୍ମାଣ ପାଇଁ ୧୨ ହଜାର ଟଙ୍କା ପ୍ରୋତ୍ସାହନ ଅର୍ଥ ବିଭାଗୀୟ ପକ୍ଷରୁ ପ୍ରଦାନ କରାଯାଉଛି। ଏଥି ପାଇଁ କେସିଙ୍ଗା ବ୍ଲକ ଗ୍ରାମ୍ୟ ଜଳ ଓ ପରିମଳ ବିଭାଗକୁ ଦାୟିତ୍ୱ ଦିଆଯାଇଛି। ସମଗ୍ର କେସିଙ୍ଗା ବ୍ଲକକୁ ଦୁଇ ଭାଗରେ ବିଭକ୍ତ କରାଯାଇଛି। ସର୍କଲ- ୧ରେ ୧୩୨୦ ଏବଂ ସର୍କଲ-୨ରେ ୨୭୧୦ ଏହିପରି ୪୦୩୦ ଜଣ ହିତାଧିକାରୀ ଶୌଚଳୟ ନିର୍ମାଣ ପାଇଁ ଆଦେଶନାମା ପ୍ରଦାନ କରାଯାଇଛି । ଗରିବ ଶ୍ରେଣୀର ଲୋକେ ଧାର, କରଜ, ସୁନା, ରୂପା



ଦୁଇଟି ଶୌଚାଳୟରେ ୩ଟି ବାଡ଼ା ଦେଇ ନିର୍ମାଣ କରାଯାଇଥିବା ଶୌଚାଳୟ ।

ବନ୍ଧକ ପକାଇ ଇଟା, ବାଲି, ସିମେଣ୍ଟ, ସିମେଣ୍ଟ ପ୍ଲେଟ ପ୍ରସ୍ତୁତ କରି ଶୌଚାଳୟ ନିର୍ମାଣ କରିଛନ୍ତି । ଆଜକୁ ଦୁଇ ବର୍ଷ ହେବ ହିତାଧିକାରୀମାନେ ଶୌଚାଳୟ ନିର୍ମାଣ ବାବଦକୁ ପ୍ରୋତ୍ସାହନ ଅର୍ଥ ରାଶି ପାଇ ନାହାନ୍ତି। ଦୂରଦୂରାନ୍ତ ଅଞ୍ଚଳରୁ ହିତାଧିକାରୀମାନେ କେସିଙ୍ଗାକୁ ଦୌଡି ଦୌଡି ନିରାଶ ହୋଇ ଫେରି ଯାଉଛନ୍ତି। ବିଭାଗୀୟ କନିଷ୍ଠ ଯନ୍ତ୍ରୀମାନେ ଆକ୍ସନ ପ୍ଲାନରେ ଶୌଚାଳୟ ନିର୍ମାଣ ପାଇଁ ହିତାଧିକାରୀଙ୍କୁ ନିୟମ ଲାଗୁ କରୁଥିଲେ। ଗତ ୨୦୧୬-୧୭ ଆର୍ଥିକ ବର୍ଷରେ କେସିଙ୍ଗା ବ୍ଲକର ଅଧିକାଂଶ ଗ୍ରାମପଞ୍ଚାୟତରେ ଠିକାଦାର ଦ୍ୱାରା ଅତିନିମ୍ନମାନର ଶୌଚାଳୟ ନିର୍ମାଣ କରି ୫ରୁ ୬ ହଜାର ଟଙ୍କା ଖର୍ଚ୍ଚ କରି ୧୨ ହଜାର ଟଙ୍କାର ମିଥ୍ୟା ବିଲ ପ୍ରସ୍ତୁତ କରି ଅର୍ଥ ଆତ୍ମସାତ କରୁଛନ୍ତି। ବହୁ ଲୋକଙ୍କ ପୁରୁଣା ଶୌଚାଳୟ ଉପରେ ରଙ୍ଗ ଦେଇ ସ୍ୱଚ୍ଛ ଭାରତ ମିଶନ ଲେଖି ସମ୍ପୂର୍ଣ୍ଣ ବିଲ କରିଥିବା ମଧ୍ୟ ଅଭିଯୋଗ ହୋଇଛି । ଆଦେଶନାମାରେ ହିତାଧିକାରୀ ନିଜେ ଶୌଚାଳୟ ନିର୍ମାଣ ପରେ ହିତାଧିକରୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ୧୨ ହଜାର ଟଙ୍କା ଜମା ହେବାର କଥା । ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଓ ଉଚ୍ଚକର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ଠିକା ସଂସ୍ଥା ଦ୍ୱାରା ନିମ୍ନମାନର କାମ କରାଇ ସମ୍ପୂର୍ଣ୍ଣ ବିଲ ପ୍ରସ୍ତୁତ କରୁଥିବା ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଯେଉଁମାନଙ୍କ ଗୋଟିଏ ପରିବାରରେ ଦୁଇଟି ଶୌଚାଳୟକୁ ନିର୍ମାଣ ହେବା କଥା । ସେଠାରେ ଏକତ୍ର ସଂଯୋଗ କରିବା ଦ୍ୱାରା ୩ଟି କାନ୍ଥ ଦ୍ୱରା ନିର୍ମାଣ କରାଯାଉଛି । ଯାହାକି ପୃଥକ ଭାବେ ନିର୍ମାଣ କଲେ ୪ଟି କାନ୍ଥ ନିର୍ମାଣ କରିବାକୁ ହେବ। ସେଥିରୁ ଗୋଟିଏ କାନ୍ଥର ବିଲ ସହ ଯୋଡି ଦୁଇଟି ଶୌଚାଳୟର ୨୪ ହଜାର ମିଥ୍ୟା ବିଲ ପ୍ରସ୍ତୁତ କରାଯାଉଛି। ପାଇଖାନା ନିର୍ମାଣ ଦୁର୍ନୀତି ସମ୍ପର୍କରେ ଆରଡବ୍ଲ୍ୟୁଏସଏସର କନିଷ୍ଠ ଯନ୍ତ୍ରୀ ରବିନ୍ଦ୍ର ନାଥ ସେନାପତିଙ୍କୁ ପଚାରିବାରୁ ସେଣ୍ଟ୍ରାଲରୁ ଟଙ୍କା ଆସିନାହିଁ ବୋଲି ପ୍ରକାଶ କରିଥିଲେ। ହିତାଧିକାରୀମାନେ ନିଜେ ଶୌଚାଳୟ ନିର୍ମାଣ ପାଇଁ ଆଦେଶ ନାମାରେ ଆଦେଶ ଥାଇ ସୁଦ୍ଧା ଠିକା ସଂସ୍ଥା ଦ୍ୱାରା କେଉଁ ଉଦ୍ଦେଶ୍ୟରେ ଓ କାହା ସ୍ୱାର୍ଥରେ ନିର୍ମାଣ କରାଯାଉଛି। ତାହା ତଦନ୍ତ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି ।

# ନୂଆଗୁଡ଼ାରେ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ

ଜୁନାଗଡ,୧୪।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଚିଚୈଗୁଡା ପଞ୍ଚାୟତ ନୂଆଗୁଡା ଗ୍ରାମରେ ଶୁକ୍ରବାର ନୂତନ ଜଳ ଯୋଗାଣ ପ୍ରକଳ୍ପର ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜୁନାଗଡ ବିଧାୟକ ତଥା ଶକ୍ତିମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଏହି ଜଳ ଯୋଗାଣ ପ୍ରକଳ୍ପ ଦ୍ୱାରା ନୂଆଗୁଡା ଗ୍ରାମରେ ଜଳ ସମସ୍ୟା ଦୂର ହେବ ବୋଲି ମନ୍ତ୍ରୀ କହିଥିଲେ। ଏହାସହ ମହିଭରଠାରୁ ନୂଆଗୁଡା ରାସ୍ତାର ଉନ୍ନତିକରଣ ଓ ଗ୍ରାମର ବିପିଏଲ ପରିବାରଙ୍କୁ ଶୀଘ୍ର ବିଦ୍ୟୁତ୍ ଯୋଗାଣ କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ମନ୍ତ୍ରୀ ମିଶ୍ର ନୂଆଗୁଡା ଗ୍ରାମର ଆରାଧ୍ୟ ଠାକୁର ପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିଥିଲେ। ଚିଚୈଗୁଡା ସରପଞ୍ଚ ସୁଧିରା ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ମିଶ୍ରଙ୍କ ସହ ଜୁନାଗଡ ବ୍ଲକ ସରପଞ୍ଚ ସଂଘ ସଭାପତି ଅଜୟ କୁମାର ବେହେରା, ସାମାଜିକ କର୍ମୀ ଦୁର୍ଗା ପ୍ରସାଦ ନାଏକ, ନାଏବ ସରପଞ୍ଚ ନବୀନ କୁମାର ମେହେରଙ୍କ ସମେତ ପଞ୍ଚାୟତ ସମସ୍ତ ୱାର୍ଡ ସଦସ୍ୟ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦିଲୀପ କୁମାର ବିଷି ମଞ୍ଚ ପରିଚାଳନା କରିଥିଲେ।



ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ନୂଆଗୁଡ଼ାର ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ କରୁଛନ୍ତି ।

# କଳାହାଣ୍ଡିରେ ସୌଭାଗ୍ୟ ଯୋଜନା ବାଟବଣା

ଭବାନୀପାଟଣା,୧୪।୬ (ଡି.ଏନ.ଏ.)

- ମେ ମାସ ସୁଦ୍ଧା ଶେଷ ହୋଇଛି ମାତ୍ର ୩୦ ପ୍ରତିଶତ କାମ

କଳାହାଣ୍ଡି ଜିଲାରେ କେନ୍ଦ୍ର ସରକାରଙ୍କ ସୌଭାଗ୍ୟ ଯୋଜନା ବାଟବଣା ହୋଇଥିବା ଲକ୍ଷ୍ୟ କରାଯାଇଛି । ଏହି ଯୋଜନାରେ କାମ ଶେଷ କରିବା ଧାର୍ଯ୍ୟ ସମୟ ମାର୍ଚ୍ଚ ରହିଥିଲେ ମଧ୍ୟ ମେ ମାସ ସୁଦ୍ଧା ମାତ୍ର ୩୦ ପ୍ରତିଶତ ଶେଷ ହୋଇଛି । ବିଭାଗ ଅଗ୍ରୀମ ବାବଦରେ ଠିକା ସଂସ୍ଥାକୁ ଟଙ୍କା ପୈଠ ହୋଇ ସାରିଛି। ସୌଭାଗ୍ୟ ଯୋଜନା ଏଲଟି ସମ୍ପ୍ରସାରଣ ପାଇଁ କେନ୍ଦ୍ର ସରକାରଙ୍କ ଅନୁଦାନ ପ୍ରାୟ ୭ କୋଟି ଟଙ୍କାକୁ ମାର୍ଚ୍ଚ ସୁଦ୍ଧା କାମ ଶେଷ ପାଇଁ ଠିକା ସଂସ୍ଥା ରେଡଟେକ୍ସ ସୋଲୁସନ, ବିମଳା ଏଣ୍ଟରପ୍ରାଇଜେସ, ଇଲେକ୍ଟ୍ରିକାଲ ପ୍ରମୁଖ ଚୁକ୍ତି କରିଥିଲେ ବି କାମ ଜୁନ୍ ସୁଦ୍ଧା ମାତ୍ର ୩୦ ପ୍ରତିଶତ ଶେଷ ହୋଇଛି । ଏହି କାମର ଚୁକ୍ତି ବିଭାଗ ମାର୍ଚ୍ଚ ଦର୍ଶାଇଥିଲେ ବି ବହୁ ବିଳମ୍ବରେ ନିର୍ଦ୍ଦିଷ୍ଟ ଠିକାଦାରଙ୍କୁ ଗତ ମେ ମାସ ପ୍ରଦାନ କରାଯାଇଛି ବୋଲି ଅଭିଯୋଗ ହୋଇଛି । ଏପରିକି ସମସ୍ତ ଠିକା ସଂସ୍ଥା ବିଭାଗକୁ ଦେଇଥିବା ସତ୍ୟପାଠ ଷ୍ଟାମ୍ପ ପେପର ଜଣେ ନିର୍ଦ୍ଦିଷ୍ଟ ଭେଣ୍ଡରଙ୍କଠାରୁ କିଣିଥିବା ଏବଂ ତାରିଖ ଏପଟ ସେପଟ ହୋଇଥିବା ଅଭିଯୋଗ ହୋଇଛି । ଏହି ଯୋଜନ ପାଇଁ କରାଯାଇଥିବା ଅଟକଳ ବି ଠିକ୍ ଭାବେ ହୋଇ ନ ଥିବା ଓ କାଗଜପତ୍ରରେ ଯେଉଁମାନଙ୍କ ଦସ୍ତଖତ ରହିବା କଥା ତାହା ମଧ୍ୟ ନ ଥିବା ଜଣେ ଅଧିକାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି । ଏହି ପ୍ରକଳ୍ପର ସମ୍ପୂର୍ଣ୍ଣ ତଦନ୍ତ କରାଗଲେ ଅନେକ ଗୁମର ଫିଟିବ ବୋଲି ମତ ପ୍ରକାଶ ପାଉଛି । ଭାଜପା କିଷାନ ମୋର୍ଚ୍ଚା ସାଧରଣ ସମ୍ପାଦକ ତଥା ଜିଲା ମିଡିଆ ସେଲ ସଦସ୍ୟ ଚିନ୍ମୟ ବେହେରା ଏହି ଯୋଜନାର ଟେଣ୍ଡର ପ୍ରକ୍ରିୟାର ତଦନ୍ତ ଦାବି କରିଛନ୍ତି । ଏ ନେଇ ୱେସ୍କୋ ନିର୍ବାହୀ ଯନ୍ତ୍ରୀ ଆଲୋକ ରଞ୍ଜନ ପଟ୍ଟନାୟକଙ୍କୁ ପଚାରିବାରୁ କାର୍ଯ୍ୟ ସମ୍ପାଦନ ଶେଷ ତାରଖ ମାର୍ଚ୍ଚ ବୋଲି ସ୍ୱୀକାର କରିଥିବା ବେଳେ ବର୍ତ୍ତମାନ ୬୦ ପ୍ରତିଶତ କାମ ସରିଛି ବୋଲି କହିଥିଲେ। ତେବେ କାର୍ଯ୍ୟ ଅନୁଯାୟୀ ସମ୍ପାଦନ ରିପୋର୍ଟ ଚୂଡ଼ାନ୍ତ ନ ଥିବା ତଥା ଠିକା ସଂସ୍ଥା ଚୁକ୍ତି ଖିଲାପ ପରେ କାର୍ଯ୍ୟାନୁଷ୍ଠାନ ବିଭାଗ ପକ୍ଷରୁ ନିଆଯାଇ ଥିବା ସୂଚନା ଦେଇଛନ୍ତି । ଉଚ୍ଚ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଓ ଅବଗତ କରାଯାଇଛି ବୋଲି ସେ କହିଥିଲେ। ମେ ମାସରେ ଟେଣ୍ଡରକୁ ସେ ଖଣ୍ଡନ କରିଥିଲେ।

# ବିଭିନ୍ନ ଅଞ୍ଚଳରେ ଖରଡ଼ି ବୁଣା ପାଇଁ ଚାଷୀ ପ୍ରସ୍ତୁତ

ଭବାନୀପାଟଣା,୧୪।୬(ଡି.ଏନ.ଏ.)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ସହ ବିଭିନ୍ନ ଅଞ୍ଚଳରେ ଖରଡ଼ି ଧାନ ବୁଣା ପାଇଁ ଚାଷୀମାନେ ପ୍ରସ୍ତୁତି ହେଉଥିବା ଦେଖିବାକୁ ମିଳୁଛି । ସୂଚନା ଅନୁସାରେ ଚଳିତ ବର୍ଷ ସ୍ୱାଭାବିକ ବର୍ଷାଠାରୁ କମ ବର୍ଷା ହେବା ନେଇ ପ୍ରଚାରିତ ହେବା ପରେ ଚାଷୀମାନେ ଅଗତୁରା ଚାଷ କଲେ କିଛି ପରିମାଣରେ ମରୁଡି ଦାଉରୁ ରକ୍ଷା ପାଇବା ପାଇଁ ଖରଡି ଧାନ ବୁଣିବା ପାଇଁ ପ୍ରସ୍ତୁତ ହୋଇସାରିଲେଣି । ଅକ୍ଷୟ ତୃତୀୟାଠାରୁ ଖରଡ଼ିଧାନ ବୁଣା କାର୍ଯ୍ୟ ଆରମ୍ଭ ପାଇଁ ଜମିରେ ଜୈବିକ ଖତ ପକାଇ ସାରିଲେଣି । ଗଚ୍ଛିତ ରଖିଥିବା ଧାନବିହନଗୁଡିକ ଗଜା ହେଉଛି କି ନାହିଁ ତାର ପରୀକ୍ଷା କରିସାରିଲେଣି । ପୂର୍ବରୁ ହୋଇ ଆସୁଥିବା ଖରଡ଼ି ଚାଷର ଆକଳନ ଅନୁସାରେ ଖରଡ଼ି ବୁଣା ଧାନ ୧୫ ଦିନ ପୂର୍ବରୁ ଅମଳ ହେଉଥିବାରୁ ଶେଷ ସମୟରେ ପାଣି ଅଭାବ ହେଉଥିବା ବେଳେ ଖରଡ଼ି ଧାନଗୁଡ଼ିକ ପାଚି ସାରିଥିବା ବେଳେ ପାଣିର ଆବଶ୍ୟକ ପଡି ନ ଥାଏ । ଖରଡି ଧାନକୁ ବିଭିନ୍ନ ରୋକପୋକ ଆକ୍ରମଣ କରିପାରୁ ନ ଥିବାରୁ କୀଟନାଶକ ଔଷଧର ବିଶେଷ ଆବଶ୍ୟକ ପଡେନାହିଁ। ରୁଆଧାନଠାରୁ ବୁଣା ଧାନରେ ଚାଷ କାର୍ଯ୍ୟରେ ହେଉଥିବା ଖର୍ଚ୍ଚ କମ ହୋଇଥାଏ । ଅନେକ ଚାଷ ଜମିରେ ରୁଆଧାନଗୁଡିକ ଭଲ ହେଉନଥିଲେ ଖରଡି ଧାନ ସେହି ଜମିର ଭଲ ଅମଳ ହୋଇଥାଏ। ବର୍ତ୍ତମାନ ଅନେକ ଚାଷୀ ସମସ୍ତ କାର୍ଯ୍ୟକୁ ବାଦ ଦେଇ ଏବେ ଖରଡ଼ି ଧାନବୁଣା ପାଇଁ ପ୍ରସ୍ତୁତ ହେଉଥିବାର ଦେଖିବାକୁ ମିଳୁଛି ।

# ଭବାନୀପାଟଣାରେ ଲୋକ କଳା ଦିବସ ପାଳିତ

ଭବାନୀପାଟଣା,୧୪।୬ (ଡି.ଏନ.ଏ.)

ଜିଲା ସଂସ୍କୃତି ପରିଷଦ ତଥା ଜିଲା ପ୍ରଶାସନଙ୍କ ମିଳିତ ସହଯୋଗରେ ସ୍ଥାନୀୟ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପରିସରରେ ଶୁକ୍ରବାର ପ୍ରଥମ ଲୋକ କଳା ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସାଂସ୍କୃତିକ ଶୋଭାଯାତ୍ରାକୁ ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ ପତକା ଦେଖାଇ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ବ୍ରଜମୋହନ ହାଇସ୍କୁଲଠାରେ ପହଞ୍ଚିଥିଲା। ସେଠାରେ ଜିଲା ସଂସ୍କୃତି ଅଧିକାରୀ ଅର୍ପିତା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଅଧ୍ୟାପକ ଶୈଳେନ୍ଦ୍ର ଆଚାର୍ଯ୍ୟ, ଗବେଷକ ଉମାଶଙ୍କର କର, ଡ. ଅଜୟ ମିଶ୍ର, ବ୍ରଜମୋହନ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମିସ୍ ସବିତା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହି ଦିବସର ଲକ୍ଷ ଓ ଉଦ୍ଦେଶ୍ୟ ସମ୍ପର୍କରେ ଉପସ୍ଥିତ କଳାକାର ଓ ଜନସାଧାରଣଙ୍କୁ ଅବଗତ କରିଥିଲେ। ସଭା ଶେଷରେ ସହାୟକ ଜିଲାପାଳ ବାସନ୍ତି ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକନୃତ୍ୟ ଘୁମୁରା, ବଜାସାଲ, ପାଲା ଭଳି ବିଭିନ୍ନ ଅଞ୍ଚଳରୁ ଆସିଥିବା ସାଂସ୍କୃତିକ ଦଳ ସେମାନଙ୍କ କଳା ପ୍ରଦର୍ଶନ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁନିଲ ମହାନନ୍ଦ ସଂଯୋଜନା କରିଥିଲେ। ଗୁରୁ ଭିମଶେନ୍ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଲୋକ କଳା ଦିବସରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ।

# ଜ୍ଞାନ ଆହରଣ କଲେ ନଳକୂଅ ମରାମତି କାରିଗର

କୁଆଁରମୁଣ୍ଡା,୧୪।୬ (ଡି.ଏନ.ଏ.)

ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ଗ୍ରାମାଚଞ୍ଚଳର ନଳକୂଅ ମରାମତି କାରିଗରମାନଙ୍କ ଦକ୍ଷତା ବିକାଶ ନିମନ୍ତେ ଏକ ପ୍ରଶିକ୍ଷଣ ଶିବିର କୁଆଁରମୁଣ୍ଡା ବ୍ଲକ ସଭା ଗୃହରେ ଆୟୋଜିତ ହୋଇଯାଇଛି । ରାଉରକେଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ଖଣ୍ଡର ନିର୍ବାହୀ ଯନ୍ତ୍ରୀ ନିରଞ୍ଜନ ସାହୁ, ସହକାରୀ ନିର୍ବାହୀ ଅଧିକାରୀ ଦୁର୍ଯ୍ୟୋଧନ ମୁଣ୍ଡା ଯୋଗ ଦେଇଥିଲେ। ଉପସ୍ଥିତ ଗ୍ରାମାଚଞ୍ଚ କାରିଗରମାନଙ୍କୁ ନଳକୂଅ ମରାମତି, ସ୍ୱାସ୍ଥ୍ୟ ଉପଯୋଗୀ ଜଳ ପରୀକ୍ଷା ଇତ୍ୟାଦି ସମ୍ପର୍କରେ ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ ବିଷୟରେ ବୁଝାଇଥିଲେ । କୁଆଁରମୁଣ୍ଡା ବିଡିଓ ପିୟୂଷ ଲୋହାର ଉପସ୍ଥିତ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପ୍ରଶିକ୍ଷଣ ଶିବିରରେ କୁଆଁରମୁଣ୍ଡା ଆରଡବ୍ଲ୍ୟୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ବନ୍ଦିତା ପ୍ରିୟଦର୍ଶିନୀ ସାମଲ, ପ୍ରଦୀପ ଖିଲାରଙ୍କ ସହ ଅନ୍ୟ କର୍ମଚାରୀମାନେ ସହାୟତା କରିଥିଲେ ।

# ବିଶ୍ୱ ରକ୍ତଦାତା ଦିବସ, ରକ୍ତଦାତାଙ୍କୁ ସମ୍ବର୍ଦ୍ଧନା

ଭବାନୀପାଟଣା,୧୪।୬ (ଡି.ଏନ.ଏ.)

**୧୧୪ ୟୁନିଟ୍ ରକ୍ତ ସଂଗ୍ରହ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାରରେ ଶୁକ୍ରବାର ବିଶ୍ୱ ରକ୍ତଦାତା ଦିବସ ପାଳିତ ହୋଇଯାଇଛି। ଏହିଅବସରରେ ରକ୍ତ ଦାତାମାନଙ୍କୁ ଓ ରକ୍ତ ଭଣ୍ଡାର କର୍ମକର୍ତ୍ତାବୃନ୍ଦଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । କାର୍ଯ୍ୟକ୍ରମକୁ କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତ କୁମାର ଶ୍ରୀଚନ୍ଦନ ଉଦ୍‌ଘାଟନ କରିଥିଲେ । ଏହି ଶିବିରର ଆବାହକ ତଥା ଆୟୋଜକ ସଚ୍ଚିଦାନନ୍ଦ ମହାଖୁଡ, ପ୍ରୟୋଜକ ମାନସ ମହାପାତ୍ର, ଚିଫ୍ ମୋଟିଭେଟର ସୁନିଲ କୁମାର ଶତପଥୀ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ଶରତ ଶ୍ରୀଚନ୍ଦନ, ସହାୟକ ଜିଲାପାଳ ସୁରେନ୍ଦ୍ର ତ୍ରିପାଠି, ଏଡିଏମଓ ଡ. ଜଗୁ ଅଗ୍ରୱାଲ, ରକ୍ତ ଭଣ୍ଡାର ଅଧିକାରୀ ଡ. ରାଧାକାନ୍ତ ଗନ୍ତାୟତ, କଞ୍ଜୁମର ଫୋରମ ସଭ୍ୟା ଭବାନୀ ପଟ୍ଟନାୟକ, ପେଟ୍ରନ୍ ସଦସ୍ୟ ଆଇଆରସିଏସ୍ ସଚ୍ଚିଦାନନ୍ଦ



ବିଶ୍ୱ ରକ୍ତଦାତା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ମହାଖୁଡ, ସାମାଜିକ କର୍ମୀ ମାନସ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସାବିତ୍ରୀ ମହାରଣା, ସୁଭେନ୍ଦ୍ର ମୁଣ୍ଡ, ସେନାପତୀ ନାଏକ, ସୁନିଲ କୁମାର ଶତ୍‌ପଥୀ, ପ୍ରଦୀପ ଡି.ମାଝି, ଭାନୁପ୍ରକାଶ ରଥ, ସୁମିତ୍ କୁମାର ଶତପଥି, ଅଶୋକ ପଟ୍ଟନାୟକ, ଦୁଃଖିଶ୍ୟାମ ପ୍ରଧାନ, ସୁନୀତା ନାୟକ, ଆଲୋକ ସାହୁଙ୍କ ସମେତ ୨୨ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିବା ବେଳେ ରକ୍ତଭଣ୍ଡାର ଲେବ୍ ଟେକନିସିୟନ୍ ସୁବାଶ ଦାସ, ସରୋଜ କୁମାର ମହନ୍ତ, ହିମାଂଶୁ ଓଝା, ତେଜରାଜ ଦଣ୍ଡସେନା, ଅଜିତ୍ ନାଏକ, ଡମ୍ବରୁଧର ସାହୁ, କୃଷ୍ଣଚନ୍ଦ୍ର ସାହୁ, ସଂଘମିତ୍ରା ସୁନା, ସଞ୍ଜୀବ କୁମାର ମହାଖୁଡଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଶିବିରରେ ଭବାନୀପାଟଣା ରକ୍ତ ଭଣ୍ଡାରରେ ୪୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ଜୁନାଗଡରେ ଆୟୋଜିତ ଶିବିରରେ ୬୯ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି।

# ଶୋଷ ମେଣ୍ଟାଉଛି ଝରଣାପାଣି

ଭବାନୀପାଟଣା,୧୪।୬ (ଡି.ଏନ.ଏ.)

**ପାଣି ପାଇଁ ୪୫ ଆଦିବାସୀ ପରିବାର ହଟହଟା**

ଗାଁରେ ଥିବା ୨୧ଟି ନଳକୂଅ ଅଚଳ ହୋଇପଡିଛି । ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଜଣାଇବା ପରେ ମଧ୍ୟ ବିଭାଗ ତରଫରୁ ଏହାର ମରାମତି ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକେ ପିଇବା, ରୋଷେଇ, ସ୍ନାନ ଓ ଶୌଚ ଆଦି ପାଇଁ ଝରଣା ପାଣି ବ୍ୟବହାର କରୁଛନ୍ତି । ଏଭଳି ଏକ ଗାଁ ହେଉଛି କଳାହାଣ୍ଡି ଜିଲା ଥୁ. ରାମପୁର ବ୍ଲକ ଗୋପାଳପୁର ପଞ୍ଚାୟତ ଅନ୍ତର୍ଗତ ପୋଖରୀଗୁଡାର ମାଝିପଡା। ୪୫ଟି ଆଦିବାସୀ ପରିବାରର ପ୍ରାୟ ୨ ଶହରୁ ଅଧିକ ଜନସଂଖ୍ୟା ଥିବା ଏହି ପଡା ପାଇଁ ୨ଟି ନଳକୂପ ରହିଛି । କିନ୍ତୁ ନିମ୍ନମାନର ସରଞ୍ଜାମ ଯୋଗୁ ନଳକୂପ ଖୋଳିବାର ଅଳ୍ପ ଦିନ ପରେ ଏହା ଅଚଳ ହୋଇପଡିଥିଲା । ମରାମତି କରାଇବା ପାଇଁ ଗ୍ରାମବାସୀ ପଞ୍ଚାୟତ କାର୍ଯ୍ୟାଳୟଠାରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ



ଝରଣାରୁ ସ୍ଥାନୀୟ ମହିଳାମାନେ ପାଣି ସଂଗ୍ରହ କରୁଛନ୍ତି ।

ଦୌଡିଥିଲେ ମଧ୍ୟ କେହି ଅଧିକାରୀ ଶୁଣି ନ ଥିଲେ । ଫଳରେ ଗ୍ରାମବାସୀ ପିଇବା ପାଇଁ ବିଶୁଦ୍ଧ ଜଳ ପରିବର୍ତ୍ତେ ଅପରିଷ୍କାର ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି । ନିକଟରେ ଏହି ଅଞ୍ଚଳରେ ଝାଡାବାନ୍ତି ରୋଗ ବ୍ୟାପିଥିବା ବେଳେ ମୁଖ୍ୟ କାରଣ ବିଶୁଦ୍ଧ ପାନୀୟ ଜଳର ଅଭାବ ବୋଲି ସ୍ୱାସ୍ଥ୍ୟ ବିଭାଗ ତରଫରୁ କୁହାଯାଇଥିଲା । ରାଜ୍ୟ ଓ କେନ୍ଦ୍ର ସରକାର ଆଦିବାସୀ ଓ ଦଳିତଙ୍କ ବିକାଶ ପାଇଁ ବିଭିନ୍ନ ଯୋଜନା ହାତକୁ ନେଇଥିବା ଘୋଷଣା କରୁଛନ୍ତି । ଏଥିପାଇଁ ରାଜ୍ୟ ରାଜକୋଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇ ଚାଲିଛି । କିନ୍ତୁ ଆଦିବାସୀଙ୍କ ବିକାଶ ବିଗତ ଦିନରେ ଯେଉଁଠି ଥିଲା ଆଜି ମଧ୍ୟ ସେଠି ଅଟକି ରହିଛି । ଗାଁରେ ପାନୀୟ ଜଳ ସମସ୍ୟା ନେଇ ବିଡିଓ ନବିନ ଚନ୍ଦ୍ର ନାୟକଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଥିଲେ ପାନୀୟ ଜଳ ଯୋଗାଣ ପାଇଁ ଦାୟିତ୍ୱରେ ଥିବା ପଞ୍ଚାୟତ ମାଧ୍ୟମରେ ଅନୁଦାନ ଯୋଗାଇ ଦିଆଯାଇଛି ଓ ଯଦି କୌଣସି ଅସୁବିଧା ରହିଛି ତେବେ ସମ୍ପୃକ୍ତ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କ ସହିତ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ।